

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.105, Monday, 3 August 2026, Puri, Pages - 26, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୫, ସୋମବାର, ୩ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.105, Monday, 3 August 2026, Puri, Pages - 26, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୫, ସୋମବାର, ୩ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ selfiedunia96@gmail.com କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.105, Monday, 3 August 2026, Puri, Pages - 26, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୫, ସୋମବାର, ୩ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


# ରାଜ୍ୟରେ ସୁଧୁରିଛି ବନ୍ୟା ସ୍ଥିତି

- ଜୁଲାଇରେ ସ୍ୱାଭାବିକଠାରୁ ୩୮ % ଅଧିକ ବର୍ଷା
- ବନ୍ୟାରେ ୨୩ ଜିଲ୍ଲା ପ୍ରଭାବିତ
- ପାଣି ଛାଡ଼ିବାର ୭୨ ଘଣ୍ଟାରେ କ୍ଷୟକ୍ଷତି ଆକଳନ
- କାଠଯୋଡ଼ି ବୁଡ଼ିଗଲେ ୨ ନାବାଳକ, ଜଣେ ମୃତ

ଭୁବନେଶ୍ୱର(ବ୍ୟୁରୋ)

ଆଉ ବନ୍ୟା ଆଶଙ୍କା ନାହିଁ। ମହାନଦୀ ସହ ଅନ୍ୟ ନଦୀ ମାନଙ୍କରେ ବନ୍ୟା ଆଶଙ୍କା ଟଳିଛି । ସ୍ଥିତି ସମୀକ୍ଷା କରି କହିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ । ଏହା ସହିତ କେଉଁ କାରଣ ପାଇଁ ପରିସ୍ଥିତି ହୋଇଥିଲା ସ୍ପଷ୍ଟ କରିଛନ୍ତି ଇଆଇସି । ବନ୍ୟା ସ୍ଥିତିକୁ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି,'' ଜୁନରେ ୪୭ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଜୁଲାଇରେ କିନ୍ତୁ ସ୍ୱାଭାବିକଠାରୁ ୩୮ ପ୍ରତିଶତ ଅଧିକ ବର୍ଷା ହୋଇଛି। କିଛି ସ୍ଥାନରେ କମ୍ ସମୟ ମଧ୍ୟରେ ୨ଶହ ମିମି ବର୍ଷା ହୋଇଥିଲା। ଯେଉଁଥି ପାଇଁ ବନ୍ୟା ହେଲା ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି । ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ରହିଛି । ବୈତରିଣୀରେ କିନ୍ତୁ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ ।'' ବନ୍ୟା ସ୍ଥିତିକୁ ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି, ''ବର୍ତ୍ତମାନ ଆମର ଅଧିକ ଫୋକସ ମହାନଦୀ ଏବଂ ହୀରାକୁଦ ଉପରେ ରହିଛି । ତଳମୁଣ୍ଡରୁ ବନ୍ୟାଜଳ ନିଷ୍କାସନ ହେବା ପରେ ଯେଉଁ ବନ୍ୟାଜଳ ଆମେ ପାଇଥିଲେ, ତେଲ୍ ଏବଂ ହୀରାକୁଦ ଏବଂ ମୁଣ୍ଡଳୀ ଭିତରେ ଯେଉଁ ବର୍ଷା ହୋଇଥିଲା ତାହା କମିବା ପରେ ଆମେ ହୀରାକୁଦରୁ ପାଣି ଛାଡିବା ଆରମ୍ଭ କରିଥିଲୁ । ୨୨ଟି ଗେଟ୍ ଖୋଲା ଯାଇଥିଲା । ଆଜି ୧୨ଟା ସୁଦ୍ଧା ହୀରାକୁଦ ୱାଟର ଲେଭୁଲ୍ କମିଛି । ବର୍ତ୍ତମାନ ତାହା ୬୨୩.୬୯ ଫୁଟରେ ଅଛି । ଏହା ଧୀରେ ଧୀରେ କମୁଛି । ଆକଳନ ସୁଦ୍ଧା ୪ତାରିଖ ଭିତରେ ଏହାକୁ ଆମେ ୬୧୫ ଫୁଟ୍ କମାଇବୁ । ଏବେ ହୀରାକୁଦ ଜଳଭଣ୍ଡାରକୁ ୨ ଲକ୍ଷ ୧୨ ହଜାର



କ୍ୟୁସେକ୍ ଜଳ ପ୍ରବେଶ କରୁଛି । ୩ ଲକ୍ଷ ୮୩ ହଜାର କ୍ୟୁସେକ୍ ଜଳ ଡ୍ୟାମରୁ ନିଷ୍କାସିତ ହେଉଛି । ଯେତିକି ଜଳ ଆମେ ପାଉଛେ ଜଳଭଣ୍ଡାର ଭିତରକୁ ତାର ଦେଢଗୁଣା ଜଳ ଆମେ ନିଷ୍କାସିତ କରୁଛୁ । ତେଣୁ ହୀରାକୁଦ ଜଳ ଧୀରେ ଧୀରେ କମୁଛି । ରାଜ୍ୟରେ ବନ୍ୟା ସ୍ଥିତି ସୁଧୁରିଛି। ଏହି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ■ ପୃଷ୍ଠା-୧୫

## ବନ୍ୟା ଦାନାପାଣି ସବୁ ଛଡ଼ାଇନେଲା

ବନ୍ୟାର ପାଣି ଧୀରେ ଧୀରେ କମୁଛି, ହେଲେ ଲୋକଙ୍କ ଦୁର୍ଦ୍ଦଶା ଏବେ ବି କମିନି। ନଦୀ ସ୍ୱାଭାବିକ ସ୍ରୋତକୁ ଫେରୁଥିବା ବେଳେ, ହଜାର ହଜାର ପରିବାର ଏବେ ଫେରିଛନ୍ତି ଯନ୍ତ୍ରଣାମୟ ବାସ୍ତବତାକୁ। କେଉଁଠି ଘର ଭାଙ୍ଗିଛି, କେଉଁଠି ଫସଲ ଉଜୁଡ଼ିଛି, ଆଉ କେଉଁଠି ବଞ୍ଚିବା ପାଇଁ ଆରମ୍ଭ ହୋଇଛି ନୂଆ ସଂଘର୍ଷ। ବନ୍ୟାର ପ୍ରକୋପ ପରେ କ୍ଷୟକ୍ଷତିର ପ୍ରକୃତ ଚିତ୍ର ଛାତିକୁ ଦୋହଲାଇ ଦେଉଛି। ଘରେ ଏବେ ବି ପାଣି ଜମିଥିବାରୁ ଅନ୍ୟର ଦାଣ୍ଡଘର ଆଶ୍ରୟ ପାଲଟିଛି। ଘରର ଚଟାଣ ଶୁଖିନି ଚୁଲି ଜଳୁନି ଆଉ ଲୁହ-କୋହ ବି ବୋଲ ମାନୁନି। ପାଣି ଛାଡ଼ିଯାଉଛି ସତ, କିନ୍ତୁ ତା ସହ ଛାଡ଼ିଯାଇଛି କାଦୁଅ, କ୍ଷତି ଆଉ ଅସହାୟତା। ବୈତରଣୀ ପଛକୁ ଫେରୁଛି, କିନ୍ତୁ ଦେଇଯାଇଥିବା ଦୁଃଖ ଏବେ ବି ବନ୍ୟାରେ ଭାସୁଛି। ଭଦ୍ରକଠୁ ବାଲେଶ୍ୱର ବନ୍ୟା କେବଳ ଦୁଃଖ ଦେଇନି, ଲୋକଙ୍କ ଆଶା, ଭରସା ଓ ହସକୁ ମଧ୍ୟ ଭସାଇ ନେଇଛି। ଜୀବନ ତ ଜୀବନ ଜୀବିକାକୁ ବି ଛାଡ଼ିନି ଭୟଙ୍କର ବନ୍ୟା। ଦାନାପାଣି ସବୁ ଛଡ଼ାଇନେଇଛି। ଆଠଗଡ଼ରୁ ଯାଜପୁର ପର୍ଯ୍ୟନ୍ତ ଆଉ କିଛି ନାହିଁ । ଇଏ ଯାଜପୁରର ସିମିଳିଆ ଗାଁ। ଏକର ଏକର ଜମିରେ ପରିବା ଚାଷ ପଚିଯାଇଛି। ପୋଟଳଠୁ ଭେଣ୍ଡି, ଅମୃତଭଣ୍ଡା ସବୁ ଶେଷ। ଫସଲ ଉପରେ ପରସ୍ତେ ପଟୁ ବି ମାଡ଼ିଯାଇଛି। ଆଠଗଡ଼ର ଅବସ୍ଥା ନକହିବା ଭଲ ।

# ଆଜିଠାରୁ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

- ଟ୍ୱିନ୍ ସିଟିରେ କଡ଼ା ସୁରକ୍ଷା ବ୍ୟବସ୍ଥା
- କଟକ, ଖୋର୍ଦ୍ଧା ଓ ଗଞ୍ଜାମର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ

ଭୁବନେଶ୍ୱର(ବ୍ୟୁରୋ)



କାଲି ଭୁବନେଶ୍ୱରରେ ପହଞ୍ଚିବେ ରାଷ୍ଟ୍ରପତି । ଅଗଷ୍ଟ ୩ ତାରିଖରୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଦ୍ରୌପଦୀ ମୁର୍ମୁ । ଏହି ଗସ୍ତ ସମୟରେ ସେ କଟକ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ଅଗଷ୍ଟ ୩ରେ ରାଷ୍ଟ୍ରପତି ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବେ । ସେଠାରୁ କଟକ ଜିଲ୍ଲା ଦାମପଡ଼ା ନିକଟ ବାଙ୍ଗାରେ ନବପ୍ରତିଷ୍ଠିତ ଜଗଦ୍ ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କରିବେ। କାର୍ଯ୍ୟକ୍ରମ ପରେ ଭୁବନେଶ୍ୱରକୁ ଫେରି ରାତ୍ରିଯାପନ କରିବେ। ଅଗଷ୍ଟ ୪ରେ ବର୍ଷା ଋତୁକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରେନ୍ ରେ ବ୍ରହ୍ମପୁର ଯିବେ। ସେଠାରୁ ସଡ଼କ ପଥରେ ତପ୍ତପାଣି ନିକଟ ମା' କନ୍ଧୁଣୀ ଦେବୀ ପୀଠକୁ ଯାଇ ପୂଜାର୍ଚ୍ଚନା ଓ ଆରତି କରିବେ। ଏହାସହ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହେବେ। ପରେ ବ୍ରହ୍ମପୁର ନିକଟସ୍ଥ ଢବଳେଶ୍ୱର ମନ୍ଦିର ପରିଦର୍ଶନ କରି ବ୍ରହ୍ମପୁରରେ ରାତ୍ରିଯାପନ କରିବେ। ଅଗଷ୍ଟ ୫ରେ ରାଷ୍ଟ୍ରପତି ଟ୍ରେନ୍ ଯୋଗେ ଭୁବନେଶ୍ୱର ଫେରିବା ପରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ରାଜ୍ୟ ସରକାର ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକରେ ସୁରକ୍ଷା, ପରିଚ୍ଛନ୍ନତା, ବିଦ୍ୟୁତ୍ ଯୋଗାଣ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗଞ୍ଜାମ ଜିଲ୍ଲାରେ ମା' କନ୍ଧୁଣୀ ଦେବୀ ପୀଠ ଆଖପାଖ ଅଞ୍ଚଳରେ ସଫେଇ ଓ ରାସ୍ତା ମରାମତି କାମ ମଧ୍ୟ ଜୋରଦାର ଭାବେ ଚାଲିଛି ।ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ■ ପୃଷ୍ଠା-୧୫

## ବଜ୍ରାଘାତରେ ଦୁଇ ମୃତ

ବଡ଼ଚଣା (ଅମୃତ ମିଡ଼ିଆ)

ବଜ୍ରପାତ ଘଟି ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣଙ୍କର ଅବସ୍ଥା ଗୁରୁତର ହୋଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଖବର ମିଳିଛି। ଘଟଣା ରୁ ପ୍ରକାଶ ଚଣ୍ଡିତଳ ପାଞ୍ଚୟତ କୁମର ମଲ୍ଲିକଙ୍କ ପୁତ୍ର ଚନ୍ଦନ ମଲ୍ଲିକ (୨୮),ସମିଆ ପଂଚାୟତ ବନ୍ଧୁ ପରିଜନଙ୍କ କ୍ଷେତରେ କାମ କରୁଥିବା ସମୟରେ ବଜ୍ରପାତ ହେବାରୁ ସଂଜ୍ଞା ହୀନ ହୋଇ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବନ୍ଦାଳ ପାଞ୍ଚୟତ ର ଜଣେ ଯୁବକ ବିଲରେ କାମ କରୁଥିବା ସମୟରେ ବଜ୍ରପାତ ଘଟି ମୃତ ହୋଇଥିବା ଖବର ମିଳିଛି। ବର୍ତ୍ତମାନ ଅଭିମନ୍ୟୁ ମଲ୍ଲିକ ଓ ଲିପୁନା ମଲ୍ଲିକ ଗୁରୁତ୍ୱର ସହ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଖବର ମିଳିଛି ।ଖବର ପାଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମୃତକ ଙ୍କ ପରିବାରଙ୍କୁ ସ୍ୱାନ୍ତନା ଦେବା ସହ ଶୋକ ବ୍ୟକ୍ତ କରିଥିଲେ।

## କ୍ରୀଡ଼ା ବିକାଶ ଲାଗି ବିହାର-ଓଡ଼ିଶା ଏକାଠି



ଭୁବନେଶ୍ୱର(ବ୍ୟୁରୋ)

ବିହାର ସରକାରଙ୍କ କ୍ରୀଡ଼ା ଓ ଉଦ୍ୟୋଗ ମନ୍ତ୍ରୀ ଶ୍ରେୟସୀ ସିଂହଙ୍କ ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ଓଡ଼ିଶାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ। ଦୁଇ ରାଜ୍ୟ ମଧ୍ୟରେ କ୍ରୀଡ଼ା କ୍ଷେତ୍ରରେ ସହଯୋଗ, ଖେଳାଳିଙ୍କ ଆଦାନପ୍ରଦାନ, କ୍ରୀଡ଼ା ବିଜ୍ଞାନର ବ୍ୟବହାର ଏବଂ ତୃଣମୂଳ ସ୍ତରରୁ ନୂଆ ପ୍ରତିଭା ଖୋଜିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଆଲୋଚନା ସମୟରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-ତଥା-ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ହାଇ-ପରଫରମାନ୍ସ ସେଣ୍ଟରଗୁଡ଼ିକର ପ୍ରଶଂସା କରି ଶ୍ରେୟସୀ ସିଂହ କହିଥିଲେ ଯେ, ବିହାରରେ ମଧ୍ୟ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ବିକାଶ କରାଯାଉଛି। କ୍ରୀଡ଼ାପ୍ରାଙ୍ଗଣଗୁଡ଼ିକର ସଠିକ୍ ବ୍ୟବହାର ଓ ପରିଚାଳନା ପାଇଁ ସେ ଓଡ଼ିଶା ଏବଂ ବିହାର ମଧ୍ୟରେ ବନ୍ଧୁତାପୂର୍ଣ୍ଣ ମ୍ୟାଚ୍ ଓ ଖେଳାଳି ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାସହ ବିହାରର ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଭଲିବଲ୍, ବାସ୍କେଟବଲ୍, କ୍ରିକେଟ୍ ପ୍ରାକ୍ଟିସ୍ ପିଚ୍ ଏବଂ ଫୁଟବଲ୍ ଭଳି ୪ଟି ଖେଳ ପାଇଁ ଭିତ୍ତିଭୂମି ତିଆରି କରାଯାଉଥିବା ସେ ପ୍ରକାଶ କରିଥିଲେ। ଓଡ଼ିଶାର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, 'ସିଏମ୍ ଟ୍ରଫି'ଭଳି ପ୍ରତିଯୋଗିତା ମାଧ୍ୟମରେ ଓଡ଼ିଶାରେ ତୃଣମୂଳ ସ୍ତରରୁ ନୂଆ ଖେଳାଳି ସୃଷ୍ଟି କରାଯାଉଛି। କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଓଡ଼ିଶାର କାର୍ଯ୍ୟଶୈଳୀ ସମ୍ପର୍କରେ ବୁଝାଇ କହିଥିଲେ ଯେ, ଗ୍ରାମାଞ୍ଚଳର ଖେଳାଳି ସୃଷ୍ଟି କରିବା ପାଇଁ ବିଦ୍ୟାଳୟ, କ୍ରୀଡ଼ା ଅନୁଷ୍ଠାନ ଏବଂ ସରକାରୀ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଜରୁରୀ ।

### ଓଡ଼ିଶାରେ ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ

## ସାମିଲ ହେଲେ ୧ କୋଟିରୁ ଉର୍ଦ୍ଧ୍ୱ ଯୁବକଯୁବତୀ

ଭୁବନେଶ୍ୱର(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଦେଶରେ ଯୁବପିଢ଼ିଙ୍କ ମଧ୍ୟରେ ନିଶାମୁକ୍ତି ଅଭିଯାନ - ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି। ଏହି ଅବସରରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଧ୍ୟ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇ ଭାରତ' ଦ୍ୱାରା ପରିଚାଳିତ ଏହି ଜାତୀୟ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଆଭାସୀ ମାଧ୍ୟମରେ ଦେଖିଥିଲେ। ରାଜ୍ୟପାଳ ଡଃ କମ୍ଭମପାଟି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଯୁବ -



ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ। ରାଜ୍ୟପାଳ ନିଜ ଅଭିଭାଷଣରେ, କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କାର ଓ ସମାଜସେବାକୁ ନିଶାଶକ୍ତର ଶ୍ରେଷ୍ଠ ବିକଳ୍ପ ଭାବେ ବାଛିନେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ କ୍ରୀଡ଼ା ଆବୋଡ୍ ଭାବେ ଉଭା ହୋଇଥିବା ବେଳେ ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ନିଶାମୁକ୍ତ ସମାଜ ସମ୍ଭବ ନୁହେଁ; ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷ କରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ 'ଜନ-ଆନ୍ଦୋଳନ'ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ୧୦୦ ସପ୍ତାହ ଅର୍ଥାତ ଦୁଇ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନ-ଆନ୍ଦୋଳନ ।ରାଜ୍ୟରେ ନିଶାଦ୍ରବ୍ୟର ବେଆଇନ୍ କାରବାର ଓ ସିଣ୍ଡିକେଟ୍ ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଓଡ଼ିଶା ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣାଇଛନ୍ତି। ଓଡ଼ିଶା ପୋଲିସର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ, ଜୁଲାଇ ୨୦୨୪ ରୁ ଜୁନ୍ ୨୦୨୬ ମଧ୍ୟରେ ପୋଲିସ ପ୍ରାୟ ୧,୯୧୧ କୋଟି ଟଙ୍କା ମୂଲ୍ୟର ୬୩,୭୨୦ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଛି। ଏହାସହ ୨,୫୭୬ ଟି ମାମଲା ରୁଜୁ କରାଯାଇ ୩,୬୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୨,୧୦୬ କୋଟି ଟଙ୍କାର ୪୩୨ ଟନ୍ ଗଞ୍ଜେଇ ଜବତ କରାଯାଇଛି। କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ନିଶାପୀଡ଼ିତଙ୍କ ପୁନରୁଦ୍ଧାର ଓ ପୁନର୍ବାସ ପାଇଁ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ମଧ୍ୟ ସୁଦୃଢ଼ କରାଯାଉଛି। କୌଣସି ବି ଅଞ୍ଚଳରେ ସନ୍ଦେହଜନକ ନିଶା କାରବାର ନଜରକୁ ଆସିଲେ ତୁରନ୍ତ ■ ପୃଷ୍ଠା-୧୫

### ସେ କହିଲେ...



ଖାଣ୍ଟି ପେଟ୍ରୋଲ ଏବଂ ଇ୨୦ (୨୦% ଇଥାନଲ ମିଶ୍ରିତ ପେଟ୍ରୋଲ) ମଧ୍ୟରୁ ଗ୍ରାହକ ଗୋଟିଏକୁ ବାଛିବା ନିମନ୍ତେ ପେଟ୍ରୋଲ ପମ୍ପଗୁଡ଼ିକରେ ସରକାର ବିକଳ୍ପ ବ୍ୟବସ୍ଥା ରଖାଯାଉ । ଆସନ୍ତା ମଙ୍ଗଳବାର ମଧ୍ୟାହ୍ନରେ ମୁଁ ଲୋକମାନଙ୍କଠାରୁ ଆବେଦନପତ୍ର ସଂଗ୍ରହ କରିବି ଏବଂ ପ୍ରାୟ ୧୦୦ ଜଣ ଲୋକଙ୍କ ନେତୃତ୍ୱ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକ କଲ୍ୟାଣ ମାର୍ଗ ବାସଭବନ ଅଭିମୁଖେ ପଦଯାତ୍ରାରେ ଯିବି। ଗ୍ରାହକମାନଙ୍କୁ ପେଟ୍ରୋଲ ପମ୍ପରେ ଇ୨୦ ଏବଂ ନିୟମିତ ପେଟ୍ରୋଲ ମଧ୍ୟରୁ ଗୋଟିଏକୁ ବାଛିବା ପାଇଁ ଅନୁମତି ଦିଆଯାଉ। ଇ୨୦ ମିଶ୍ରିତ ପେଟ୍ରୋଲ ଦାମ୍ କମ୍ କରାଯାଉ।

**ଅରବିନ୍ଦ କେଜ୍‌ରିୱାଲ**
ଆମ୍ ଆଦ୍‌ମୀ ପାର୍ଟି ରାଷ୍ଟ୍ରୀୟ ଆବାହକ

### ମହିଳା କର୍ମଚାରୀଙ୍କୁ ଆକ୍ଷେପ

# ମନ୍ତ୍ରୀଙ୍କ ଏ କେମିତିକା ବ୍ୟବହାର ?

**ଢେଙ୍କାନାଳ ସଦର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନିୟମିତତା ଅଭିଯୋଗ ଯାଞ୍ଚ ବେଳେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଆଚରଣକୁ ନେଇ ବିବାଦ ସୃଷ୍ଟି ହୋଇଛି। ଯୋଗ୍ୟ ହିତାଧିକାରୀ ଘର ନପାଇବା ନେଇ ମନ୍ତ୍ରୀ ବିଡିଓ ଓ ପିଇଓଙ୍କ ଉପରେ କ୍ଷୋଭ ପ୍ରକାଶ କରିଥିଲେ। ବିଶେଷ କରି ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ସର୍ବସାଧାରଣରେ କଡ଼ା ଭାଷାରେ କହିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜଣେ ଦାୟିତ୍ୱବାନ୍ ମନ୍ତ୍ରୀ ଭାବେ ସରକାରୀ ନିୟମ ଓ ଶିଷ୍ଟାଚାର ବଜାୟ ରଖିବା ପରିବର୍ତ୍ତେ ଜନସାଧାରଣଙ୍କ ସାମ୍ନାରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଏଭଳି ବ୍ୟବହାର କରିବା କଦାପି ଗ୍ରହଣୀୟ ନୁହେଁ। ସମସ୍ୟାର ସମାଧାନ କିମ୍ବା ବିଭାଗୀୟ ତଦନ୍ତ କରିବା ପରିବର୍ତ୍ତେ ମନ୍ତ୍ରୀ ସେଠାରେ ଏଭଳି ଆଚରଣ ଦେଖାଇବା କେତେଦୂର ଗ୍ରହଣୀୟ ତାହା ବିଚାରଯୋଗ୍ୟ।**

ଭୁବନେଶ୍ୱର (ବ୍ୟୁରୋ)

ମନ୍ତ୍ରୀ ପଦରେ ଅଛନ୍ତି ବୋଲି ଇନ୍ଦ୍ରଚନ୍ଦ୍ର ମାନିବେନି କି? ମନ୍ତ୍ରୀ ପଦବୀର କ୍ଷମତା ଦେଖାଇ ମହିଳା ଅଧିକାରୀଙ୍କୁ ନାଲିଆଖି! ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜ ପଦର ଗରମ ଦେଖାଇ ସରକାରୀ କର୍ମଚାରୀଙ୍କ ପ୍ରତି ଯେଉଁ ଆଚରଣ



- ଜନପ୍ରତିନିଧିଙ୍କ କ୍ଷମତାପ୍ରିୟ ମନୋଭାବ
- ବିଡିଓ, ପିଇଓଙ୍କୁ ଦେଖାଇଲେ ନାଲିଆଖି
- ଗାଳିକରିବା ପ୍ରଶାସନିକ ବ୍ୟବସ୍ଥାର ପରିପନ୍ଥୀ
- ଅସୌଜନ୍ୟମୂଳକ ବ୍ୟବହାରକୁ ନେଇ କ୍ଷୋଭ

ଦେଖାଇଛନ୍ତି, ତାହାକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା ହେଉଛି। ୫ ବର୍ଷ ପାଇଁ ଜନତାଙ୍କ ଆଶୀର୍ବାଦରେ ନିର୍ବାଚନ ଜିତି ମନ୍ତ୍ରୀ ହୋଇଛନ୍ତି ବୋଲି ସେ ଯାହା ଇଚ୍ଛା ତାହା କରିବେ ଏବଂ କାହାକୁ ଇନ୍ଦ୍ରଚନ୍ଦ୍ର ମାନିବେ ନାହିଁ କେମିତି ? ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଢେଙ୍କାନାଳ ସଦର ବ୍ଲକରେ। ଆବାସ ଯୋଜନାର ଅନୁଧ୍ୟାନ ନାଁରେ ଗ୍ରାଉଣ୍ଡକୁ ଓହ୍ଲାଇଥିବା ମନ୍ତ୍ରୀ ସରକାରୀ ଶିଷ୍ଟାଚାର ଓ ସୀମା ଟପି ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଆକ୍ଷେପ କରିବା ସହ ସମସ୍ତଙ୍କ ସାମ୍ନାରେ କଡ଼ା ଭାଷାରେ ଗାଳିଗୁଲଜ କରିବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗର ସତ୍ୟାସତ୍ୟ ପରଖିବା ପାଇଁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳ ସଦର ବ୍ଲକ କାଇମାଟି ପଞ୍ଚାୟତର ଗହମଖୁଣ୍ଟି ଗାଁରେ ଅଚାନକ ପହଞ୍ଚିଥିଲେ। ଗାଁରେ ବୁଲି ଲୋକଙ୍କ ସମସ୍ୟା ବୁଝିବା ସମୟରେ କେତେକ ଯୋଗ୍ୟ ହିତାଧିକାରୀ ଘର ପାଇନଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଏହି ସମସ୍ୟାର ସମାଧାନ କିମ୍ବା ବିଭାଗୀୟ ତଦନ୍ତ କରିବା ପରିବର୍ତ୍ତେ ମନ୍ତ୍ରୀ ସେଠାରେ ଉପସ୍ଥିତ ଢେଙ୍କାନାଳ ସଦର ବିଡିଓ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପରେ କ୍ରୋଧାନ୍ୱିତ ହୋଇପଡ଼ିଥିଲେ। କୌଣସି ପ୍ରାଶାସନିକ ଶୃଙ୍ଖଳା ନରଖି ଘଟଣାସ୍ଥଳରେ ହିଁ ଉଭୟ ଅଧିକାରୀଙ୍କୁ ବିଶେଷ କରି ମହିଳା ପିଇଓଙ୍କୁ କଡ଼ା ଓ ଅଶୋଭନୀୟ ଆଚରଣ କରିଥିଲେ।

ଜଣେ ଦାୟିତ୍ୱବାନ୍ ମନ୍ତ୍ରୀ ଭାବେ ସରକାରୀ ନିୟମ ଓ ଶିଷ୍ଟାଚାର ବଜାୟ ରଖିବା ପରିବର୍ତ୍ତେ ଜନସାଧାରଣଙ୍କ ସାମ୍ନାରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଏଭଳି ବ୍ୟବହାର କରିବା କେତେଦୂର ଗ୍ରହଣୀୟ ? କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ଟାର୍ଗେଟ୍ ନାହିଁ ଏବଂ ଯୋଗ୍ୟ ଲୋକଙ୍କୁ ଘର ମିଳିବା ଉଚିତ୍। ଏହି ଦାବି ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ହୋଇପାରେ, କିନ୍ତୁ ସେଥିପାଇଁ କ୍ଷେତ୍ର ସ୍ତରରେ କାର୍ଯ୍ୟରତ ଅଧିକାରୀଙ୍କ ସହ ଏଭଳି ରୁକ୍ଷ ବ୍ୟବହାର କରିବା ଏବଂ ■ ପୃଷ୍ଠା-୧୫




ଏଡ୍ସର ଭୟାବହତା କାଳେ କାଳେ ରହିଆସିଛି। କ୍ରମଶଃ ଏହା ମାନବ ସମାଜକୁ ଗ୍ରାସ କରିବାରେ ଲାଗିଛି। ସାମାନ୍ୟତମ ସାବଧାନତାର ଅଭାବ ଏହି ମହାବିପତ୍ତିକୁ ଡାକିଆଣିପାରେ। କେବଳ ଭାରତ ନୁହେଁ ବିଶ୍ୱର ବିଭିନ୍ନ ଦେଶ ଏହି ରୋଗରେ ଆକ୍ରାନ୍ତ। ହ୍ୟୁମାନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍ (ଏଚ୍ଆଇଭି) କାରଣରୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଯଦି ଆରମ୍ଭରୁ ଏହି ଇନଫେକ୍ସନକୁ ମ୍ୟାନେଜ କରାନଯାଏ, ତାହାଲେ ଏହା ଏଡ୍ସର ରୂପ ନେବା ସ୍ୱାଭାବିକ। ବିଶେଷକରି ଯୁବ ଛାତ୍ରମାନଙ୍କୁ ଏବେ ଏହି ରୋଗ ଗ୍ରାସ କରିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ନିକଟରେ କର୍ଣ୍ଣାଟକରେ ପାଖାପାଖି ୭ ହଜାର କଲେଜ ଛାତ୍ରଛାତ୍ରୀ ଏଚ୍ଆଇଭି ସଂକ୍ରମିତ ବୋଲି ଜଣାପଡ଼ିବା ପରେ ରାଜ୍ୟ ସରକାର ଚିନ୍ତାରେ ପଡ଼ିଯାଇଛନ୍ତି। ଏହାକୁ ରୋକିବାକୁ ସରକାର ଦେଇଛନ୍ତି କଡ଼ା ନିର୍ଦ୍ଦେଶ।

ସୁଶାନ୍ତ କୁମାର ଦାସ

# ମୃତ୍ୟୁଫାଶରେ ଯୁବପିଢ଼ି

ଅନ୍ତର୍ଜାତୀୟ ଯୁବବର୍ଗଙ୍କ ମଧ୍ୟରେ ଏଚ୍ଆଇଭି ଏବଂ ଏଡ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ସମସ୍ୟା ହୋଇ ରହିଛି, ଯାହାକି ସ୍ୱଳ୍ପ ପରୀକ୍ଷଣ ହାର, ଆଞ୍ଚଳିକ ସମ୍ବେଦନଶୀଳତା ଏବଂ ଦୃଢ଼ ସାମାଜିକ କଳଙ୍କ ଦ୍ୱାରା ପ୍ରଭାବିତ ହେଉଛି। ବିଶ୍ୱବ୍ୟାପୀ କୋଟି କୋଟି ଯୁବକଯୁବତୀ ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି, ଯାହା ପାଇଁ ଲକ୍ଷ୍ୟଭିତ୍ତିକ ଶିକ୍ଷା, ଚିକିତ୍ସା ଏବଂ ସହାୟତା ବ୍ୟବସ୍ଥାର ଆବଶ୍ୟକତା ରହିଛି। ୧୫ରୁ ୨୪ ବର୍ଷ ବୟସ୍କ କୋଟି କୋଟି ଯୁବକଯୁବତୀ ବିଶ୍ୱବ୍ୟାପୀ ଏଚ୍ଆଇଭି ସହିତ ବଞ୍ଚୁଛନ୍ତି, ଯାହା ସମୁଦାୟ ସଂକ୍ରମଣର ଏକ ବଡ଼ ଅଂଶ ଅଟେ। ବିଶ୍ୱସ୍ତରରେ ଯୁବବର୍ଗଙ୍କ ମଧ୍ୟରେ ହେଉଥିବା ସମସ୍ତ ନୂତନ ଏଚ୍ଆଇଭି ସଂକ୍ରମଣର ୭୦ ପ୍ରତିଶତରୁ ଅଧିକ ସବ୍‌ସାହାରା ଓ ଆଫ୍ରିକାରେ ଘଟୁଛି। ଯୁବତୀମାନେ ଏହା ଦ୍ୱାରା ଅଧିକ ମାତ୍ରାରେ ପ୍ରଭାବିତ ହେଉଛନ୍ତି। ଯୁବବର୍ଗଙ୍କ ପ୍ରାୟ ୨୧ ପ୍ରତିଶତ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଅଟନ୍ତି।

## ଭାରତରେ ଏହାର ସ୍ଥିତି ଓ ଜଟିଳତା

ଭାରତରେ ଯୁବପିଢ଼ି ଏଚ୍ଆଇଭି/ଏଡ୍ସ ରୋଗରେ ବେଶୀ ପ୍ରଭାବିତ ହେଉଛନ୍ତି। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା ସଂପୂର୍ଣ୍ଣ ଯୌନ ଶିକ୍ଷାର ଅଭାବ, ସାମାଜିକ କଳଙ୍କ ଏବଂ ଅସୁରକ୍ଷିତ ବା ବିପଦପୂର୍ଣ୍ଣ ଆଚରଣ। ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଗଠନ ପରି ସରକାରୀ ସଂସ୍ଥାଗୁଡ଼ିକ ସ୍ୱତନ୍ତ୍ର ପ୍ରତିଷେଧକ ଏବଂ ପରାମର୍ଶ ବ୍ୟବସ୍ଥା ଜରିଆରେ ଏହି ବର୍ଗକୁ ସକ୍ରିୟ ଭାବରେ ଲକ୍ଷ୍ୟ କରୁଛନ୍ତି। ଭାରତରେ ୧୫ରୁ ୨୪ ବର୍ଷ ବୟସ୍କ ଯୁବକଯୁବତୀମାନେ ସମସ୍ତ ରିପୋର୍ଟ ହୋଇଥିବା ଏଡ୍ସ ମାମଲାର ପ୍ରାୟ ୩୫ ପ୍ରତିଶତ ଅଟନ୍ତି। ସାଂସ୍କୃତିକ ନିଷେଧାଦେଶ ଯୋଗୁଁ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସମ୍ପୂର୍ଣ୍ଣ କିମ୍ବା ଭୁଲ ତଥ୍ୟ ବ୍ୟାପକ ଭାବରେ ରହିଛି। ଏଥିସହ ଅସୁରକ୍ଷିତ ଏବଂ ଏକାଧିକ ସାଥୀଙ୍କ ସହିତ ଯୌନ ସମ୍ପର୍କ ଏବଂ ଶିରା ମାଧ୍ୟମରେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ସଂକ୍ରମଣର ବିପଦ ବହୁଗୁଣ ବୃଦ୍ଧି ପାଇଥାଏ।

## ପ୍ରତିଷେଧକ ଏବଂ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ କିଶୋର ଶିକ୍ଷା କାର୍ଯ୍ୟକ୍ରମ ଏବଂ କଲେଜ ସ୍ତରୀୟ ରେଡ୍ ରିବନ୍ କ୍ଲବ୍ ପରି ଲକ୍ଷ୍ୟଭିତ୍ତିକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଇଚ୍ଛାଧୀନ ପରୀକ୍ଷା, ଗୋପନୀୟ ପରାମର୍ଶ ଏବଂ ମାଗଣାରେ ଆଣ୍ଟିରେଟ୍ରୋଭାଇରାଲ୍ ଥେରାପିର ଉପଲବ୍ଧତାକୁ ପ୍ରୋତ୍ସାହିତ କରୁଛନ୍ତି। ସାମାଜିକ ସମର୍ଥନ ଏବଂ ଶୀଘ୍ର ରୋଗ ନିର୍ଣ୍ଣୟକୁ ପ୍ରୋତ୍ସାହିତ କରିବା ପାଇଁ ସଂକ୍ରମଣର ମାଧ୍ୟମ ବିଷୟରେ ଥିବା ଭ୍ରାନ୍ତ ଧାରଣାକୁ ଦୂରକରିବା ଉପରେ ସାର୍ବଜନୀନ ଅଭିଯାନଗୁଡ଼ିକ ଗୁରୁତ୍ୱ ଦେଉଛନ୍ତି। ଏଥିପ୍ରତି ଯୁବବର୍ଗଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇବା ଜରୁରୀ। ସାମାନ୍ୟ ଅସାବଧାନତା ଭୟଙ୍କର ପରିଣତିକୁ ଡାକିଆଣିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ତେଣୁ ଯୁବଛାତ୍ରମାନେ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା, ପରୀକ୍ଷା ନିରୀକ୍ଷା କରିବା ଏକାନ୍ତ ପ୍ରୟୋଜନ।

## କର୍ଣ୍ଣାଟକରେ ସ୍ଥିତି ସଙ୍ଗିନ

ଭାରତର ବିଭିନ୍ନ ରାଜ୍ୟରେ ଏଚ୍ଆଇଭି କାୟାବିସ୍ତାର କରିବାରେ ଲାଗିଛି। ଯୁବଛାତ୍ରମାନେ ଯେତେ ସଚେତନ ହେବେ, ବିପଦର ମାତ୍ରା ସେତେ କମିବ। କର୍ଣ୍ଣାଟକରେ ଏବେ ଏଚ୍ଆଇଭି ମାମଲା ଦ୍ରୁତ ଗତିରେ ବଢ଼ିଚାଲିଛି। ଚିନ୍ତାର ବିଷୟ ହେଉଛି, ରାଜ୍ୟର ଛାତ୍ର ସମାଜ ତଥା ଯୁବ ସମାଜ ମଧ୍ୟରେ ଏଚ୍ଆଇଭି ସଂକ୍ରମଣର ବେଶି। ଯାହା ଯୋଗୁଁ ରାଜ୍ୟ ସରକାରଙ୍କୁ ବି ବଡ଼ ପଦକ୍ଷେପ ନେବାକୁ ପଡ଼ିଛି। ରିପୋର୍ଟ ମୁତାବକ, ରାଜ୍ୟରେ ୨ ଲକ୍ଷ ୬୦ ହଜାର ଲୋକ ଏଚ୍ଆଇଭି ସଂକ୍ରମିତ। ଏଥିରୁ ୫୪ ହଜାର ରୋଗୀଙ୍କୁ ନିଜ ରୋଗ ବାବଦରେ କିଛି ଜଣାନାହିଁ। ଅବହେଳା ଓ ସଚେତନତାର ଅଭାବ ଯୋଗୁଁ ଆଜି ଏଭଳି ପରିସ୍ଥିତି ଉପୁଜିଛି। ରିପୋର୍ଟ ମୁତାବକ, ଏହି ସଂକ୍ରମଣ ୧୮ରୁ ୩୫ ମଧ୍ୟରେ ଥିବା ଯୁବକଙ୍କୁ ସର୍ବାଧିକ। ଯେଉଥିରେ ଛାତ୍ର ବି ସାମିଲ ଅଛନ୍ତି। ୨୦୨୩-୨୪ରେ ୪୪,୫୦୦ ଜଣ ସଂକ୍ରମିତ ହୋଇଥିବା ବେଳେ ୨୦୨୫-୨୬ରେ ୬୬, ୬୦୦ ଯୁବକ ସଂକ୍ରମିତ। ସେମାନଙ୍କ ମଧ୍ୟରେ ୧୮ରୁ ୨୫ ବର୍ଷ ଭିତରେ ୭ ହଜାର ଛାତ୍ରଛାତ୍ରୀ ରହିଛନ୍ତି। ଏହି ରିପୋର୍ଟ ସରକାରଙ୍କ ହସ୍ତଗତ ହେବା ପରେ ଚିନ୍ତା ବଢ଼ିଯାଇଛି।

## କଲେଜ ଛାତ୍ରଙ୍କ ଏଚ୍ଆଇଭି ଟେଷ୍ଟ ଜରୁରୀ

ରାଜ୍ୟ ଷ୍ଟେଟ୍ ଏଡ୍ସ ପ୍ରୋବେସନ୍ ସୋସଇଟି ମୁତାବକ, ରାଜ୍ୟର ସବୁ କଲେଜରେ ଏଚ୍ଆଇଭି ଟେଷ୍ଟିଂ ଆଣ୍ଡ୍ କାଉନସେଲିଂ କ୍ୟାମ୍ପ ହେବ। ଏଥିରେ ଛାତ୍ରଛାତ୍ରୀଙ୍କ ଅନୁମତିରେ ଏଚ୍ଆଇଭି ପରୀକ୍ଷା କରାଯିବ। ଏବେ ଯେଉଁଭଳି ମାତ୍ରାରେ ଏଚ୍ଆଇଭି ସଂକ୍ରମଣ ହେଉଛି, ଏଥିରେ ଯୁବଛାତ୍ରଙ୍କ ସଚେତନତା ଜରୁରୀ। ପ୍ରତ୍ୟେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ପିଲାମାନଙ୍କର ଏଚ୍ଆଇଭି ଟେଷ୍ଟ କରାଯିବା ଉଚିତ। କେଉଁ କେଉଁ ଉପାୟରେ ଏଚ୍ଆଇଭି ସଂକ୍ରମିତ ହେଉଛି, ସେ ସମ୍ପର୍କରେ ପିଲାମାନେ ଜାଣିବା ଓ ସଚେତନ ହେବା ଏକାନ୍ତ ବିଧେୟ। ଖାଲି ସେତିକି ନୁହେଁ, ପ୍ରତି ସନ୍ଦିଗ୍ଧଙ୍କ କ୍ଷେତ୍ରରେ ଏହି ପରୀକ୍ଷା କରାଯିବା ଜରୁରୀ। ଶୂନ୍ୟ ମୃତ୍ୟୁହାର ଲାଗି ଏଭଳି ପରୀକ୍ଷାର ବିଶେଷ ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ସମସ୍ତେ ସହଯୋଗ କଲେ, ଯୁବଛାତ୍ରମାନଙ୍କୁ ଏହି ମହାମାରୀ ରୋଗରୁ ରକ୍ଷା କରାଯାଇ ପାରିବ।



## ପ୍ରାରମ୍ଭିକ ପରୀକ୍ଷା ଓ ସଚେତନତା

ହାର୍ଭାର୍ଡ ଭଳି ବଡ଼ ବଡ଼ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକ ମତରେ ଏଚ୍ଆଇଭି ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ସଚେତନତା ପ୍ରସାର କରିବା ଅତ୍ୟନ୍ତ ଜରୁରୀ। ସଚେତନତା ବୃଦ୍ଧିକରିବା ହେଉଛି ଏହାକୁ ରୋକିବାର ଏକମାତ୍ର ଉପାୟ। ଏଥିରେ ଏଚ୍ଆଇଭି ପରୀକ୍ଷା, ନିରାପଦ ଯୌନ ସମ୍ପର୍କ, ସଂକ୍ରମଣର ଅନ୍ୟାନ୍ୟ କାରଣ ଏବଂ ପ୍ରତିରୋଧ ବିଷୟରେ ଲୋକମାନଙ୍କୁ ଶିକ୍ଷା ଦେବା ଅନ୍ତର୍ଭୁକ୍ତ। ବେଙ୍ଗାଲୁରୁର ଫୋର୍ଟିସ୍ ହସ୍ପିଟାଲର ସ୍ତ୍ରୀ ରୋଗ ବିଶେଷଜ୍ଞ କୁହନ୍ତି, ଯଦିଓ ଅନେକଙ୍କଠାରେ ଏଚ୍ଆଇଭିର କୌଣସି ଲକ୍ଷଣ ଦେଖାଯାଏ ନାହିଁ, ତଥାପି ଆପଣଙ୍କୁ ପରୀକ୍ଷା କରାଇବା ଉଚିତ। କାରଣ ଏହି ସଂକ୍ରମଣର ପ୍ରାରମ୍ଭିକ ପର୍ଯ୍ୟାୟର ଲକ୍ଷଣ ଏହି ସଂକ୍ରମଣ ରୋଗୀଙ୍କଠାରେ ଦେଖାଯାଏ ନାହିଁ। ତେଣୁ ପ୍ରାରମ୍ଭିକ ପରୀକ୍ଷା, ସଚେତନତା ଏବଂ କଳଙ୍କ ଦୂର କରିବା ହେଉଛି ଏହି ରୋଗକୁ ରୋକିବାର ସର୍ବୋତ୍ତମ ଉପାୟ। କଲେଜ ଓ ବିଶ୍ୱବିଦ୍ୟାଳୟସ୍ତରରେ ଏନେଇ କ୍ୟାମ୍ପ, ଡିବେଟ୍ ଓ ବିଭିନ୍ନ ପ୍ରତିଯୋଗିତା କରାଯିବା ମଧ୍ୟ ଜରୁରି। ପରୀକ୍ଷା ଏବଂ ସଚେତନତା ମାଧ୍ୟମରେ ଏଚ୍ଆଇଭିକୁ ରୋକାଯାଇପାରିବ। ଏଥିପାଇଁ ସରକାର କଡ଼ା ପଦକ୍ଷେପ ନେବା ଜରୁରି ମନେହୁଏ। ଏଥିସହ ପିଲାମାନଙ୍କ ବାପା-ମା'ଙ୍କ ଗୁରୁଦାୟିତ୍ୱ ବି ରହିଛି। ଶିକ୍ଷା ଓ ସଚେତନତା ଏନେଇ ବାଟ କାଢ଼ିବ ବୋଲି ଆଶା କରାଯାଏ।

ଭାରତର ଅନ୍ୟ ରାଜ୍ୟ ତୁଳନାରେ ଏଷବ କର୍ଣ୍ଣାଟକରେ ଯୁବଛାତ୍ରଙ୍କ ଏଚ୍ଆଇଭି ସ୍ଥିତି ଚିନ୍ତା ବଢ଼ାଇଛି। କର୍ଣ୍ଣାଟକ ଭାରତରେ ତୃତୀୟ ସର୍ବାଧିକ ଏଚ୍ଆଇଭି ବୋଧ ପରିବହନ କରୁଛି, ଯେଉଁଠାରେ ଆନୁମାନିକ ୨.୬୦ ଲକ୍ଷ ଲୋକ ଏହି ଭୂତାଣୁ ସହିତ ବଞ୍ଚୁଛନ୍ତି ବୋଲି ଆକଳନ କରାଯାଇଛି। ରାଜ୍ୟରେ ଚିହ୍ନଟ ଏବଂ ଚିକିତ୍ସାରେ ଏକ ବ୍ୟବଧାନ ରହିଛି, ଯେଉଁଥିରେ ପ୍ରାୟ ୨.୦୫ ଲକ୍ଷ ବ୍ୟକ୍ତି ଆଣ୍ଟିରେଟ୍ରୋଭାଇରାଲ୍ ଥେରାପି (ଏଆରଟି) ଗ୍ରହଣ କରୁଛନ୍ତି ଏବଂ ଆନୁମାନିକ ୫୬,୦୦୦ ଲୋକ ଏପର୍ଯ୍ୟନ୍ତ ସେମାନଙ୍କର ଏଚ୍ଆଇଭି ସ୍ଥିତି ବିଷୟରେ ଜାଣି ନାହାଁନ୍ତି। ପ୍ରାୟ ୨.୬୦ ଲକ୍ଷ ଲୋକ ଏଚ୍ଆଇଭି ସହିତ ବଞ୍ଚୁଛନ୍ତି। ୨,୦୫,୩୫୦ ଜଣ ବ୍ୟକ୍ତି ମାଗଣା ଆଣ୍ଟିରେଟ୍ରୋଭାଇରାଲ୍ ଥେରାପି (ଏଆରଟି) ପାଉଛନ୍ତି। ଆନୁମାନିକ ୫୬,୪୦୬ ଜଣ ବ୍ୟକ୍ତି ନିଜର ସ୍ଥିତି ବିଷୟରେ ଅଜ୍ଞ ଅଛନ୍ତି। ଯୁବ ସଂକ୍ରମଣ କହିଲେ ୧୫ରୁ ୩୫ ବୟସର ପିଲା ୨୦୨୩-୨୪ ମସିହାରେ ପ୍ରାୟ ୪୯,୦୦୦ ଥିବା ବେଳେ ୨୦୨୫-୨୬ ମସିହାରେ ଏହା ବୃଦ୍ଧି ପାଇ ପ୍ରାୟ ୮୩,୦୦୦ରେ ପହଞ୍ଚିଛି। ଏଥିରୁ ସ୍ପଷ୍ଟ ଅନୁମେୟରେ ଅଧିକରୁ ଅଧିକ ଯୁବଛାତ୍ରମାନେ କର୍ଣ୍ଣାଟକରେ ଏଚ୍ଆଇଭି ଆକ୍ରାନ୍ତ ହେବାରେ ଲାଗିଛନ୍ତି। ତେଣୁ ସରକାର ଏନେଇ ଚିନ୍ତା ପ୍ରକଟ କରିବା ସ୍ୱାଭାବିକ ଘଟଣା। ଏଥିସହ ବିଭିନ୍ନ ସଚେତନତା, ବିଭିନ୍ନ ସ୍ୱାସ୍ଥ୍ୟ କ୍ୟାମ୍ପ କରାଯିବା ନିହାତି ଆବଶ୍ୟକ।








# ବର୍ଷା ବଢ଼ାଇଲା ଭରସା, କୋଳ ଭରୁଛି ଇନ୍ଦ୍ରାବତୀ

## ୩୪ ପ୍ରତିଶତରେ ଜଳଭଣ୍ଡାର
## ଖରିଫ ଚାଷୀଙ୍କ ମନରେ ନୂଆ ଆଶା



**କଳାହାଣ୍ଡି(ଅମୃତ ମିଡିଆ):** ଆଶା ଓ ଆଶଙ୍କା ମଧ୍ୟରେ ଚଳିତ ବର୍ଷ ଇନ୍ଦ୍ରାବତୀ ପ୍ରକଳ୍ପରୁ ଖରିଫ ଜଳସେଚନ ଆରମ୍ଭ ହୋଇଥିବା ବେଳେ ଜୁଲାଇ ମାସର ଶେଷ ଭାଗରେ ହୋଇଥିବା ମଧ୍ୟମ ଧରଣର ବର୍ଷା ଏବେ କଳାହାଣ୍ଡିର ହଜାର ହଜାର ଚାଷୀଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି; କିଛିଦିନ ତଳେ ଜଳଭଣ୍ଡାରର ନିମ୍ନ ଜଳସ୍ତରକୁ ନେଇ ଯେଉଁ ଚିନ୍ତା ଓ ଆଶଙ୍କା ଦେଖାଦେଇଥିଲା, ବର୍ଷା ଓ ଅନ୍ତଃସ୍ରୋତ ବୃଦ୍ଧି ପରେ ସେହି ସ୍ଥିତିରେ ଏବେ ଧୀରେ ଧୀରେ ସୁଧାର ଆସୁଥିବା ଦେଖାଯାଇଛି। ଚଳିତ ଜୁଲାଇ ୧୦ ତାରିଖରୁ ଇନ୍ଦ୍ରାବତୀ ପ୍ରକଳ୍ପରୁ ଖରିଫ ଜଳସେଚନ ଆରମ୍ଭ ହୋଇଥିବା ବେଳେ ସେତେବେଳେ ଜଳଭଣ୍ଡାରର ଜଳସ୍ତର ପ୍ରାୟ ୬୨୮.୫୨ ମିଟର ରହିଥିଲା; କଳାହାଣ୍ଡି ଜିଲ୍ଲାର ପ୍ରାୟ ୧ ଲକ୍ଷ ୧୮ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇବାର ଲକ୍ଷ୍ୟ ରଖିଥିବା ଏହି ବୃହତ୍ ପ୍ରକଳ୍ପ ଉପରେ ହଜାର ହଜାର ଚାଷୀଙ୍କ ଖରିଫ ଚାଷ ନିର୍ଭର କରୁଥିବାରୁ ଜଳଭଣ୍ଡାରର ପ୍ରତିଟି ମିଟର ଜଳସ୍ତର ଚାଷୀଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ବର୍ଷାର ଅନିଶ୍ଚିତତା ଯେତିକି ଚାଷୀଙ୍କୁ ଚିନ୍ତାରେ ପକାଇଥିଲା, ତାହାଠାରୁ ଅଧିକ ଚିନ୍ତା ବଢ଼ାଇଥିଲା ଇନ୍ଦ୍ରାବତୀ ଜଳଭଣ୍ଡାରର ନିମ୍ନ ଜଳସ୍ତର; ଖରିଫ ଚାଷର ଗୁରୁତ୍ୱପୂର୍ଣ୍ଣ ସମୟରେ ଶେଷ ପର୍ଯ୍ୟନ୍ତ କେନାଲରେ ପର୍ଯ୍ୟାପ୍ତ ପାଣି ମିଳିବ କି ନାହିଁ, ଧାନ ଚାଷକୁ ଆବଶ୍ୟକ ଜଳ ଯୋଗାଣ ଜାରି ରହିପାରିବ କି ନାହିଁ—ଏଭଳି ଅନେକ ପ୍ରଶ୍ନ ଚାଷୀଙ୍କୁ ଘାରିଥିଲା; ତେବେ ଜୁଲାଇର ଅନ୍ତିମ ପର୍ଯ୍ୟାୟରେ ହୋଇଥିବା ବର୍ଷା ଏହି ଚିତ୍ରକୁ ବଦଳାଇବା ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ୬୩୨.୧୮୦ ମିଟରରେ ପହଞ୍ଚିଥିବା ବେଳେ ଜଳଧାରଣ ସ୍ଥିତି ପ୍ରାୟ ୩୪ ପ୍ରତିଶତରେ ପହଞ୍ଚିଛି; ଇନ୍ଦ୍ରାବତୀ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ପ୍ରାୟ ୧,୧୮,୫୫୦ ହେକ୍ଟର ମିଟର ରହିଥିବା ବେଳେ ବର୍ତ୍ତମାନ ଜଳଧାରଣ ପରିମାଣ ପ୍ରାୟ ୫୦,୪୪୭ ହେକ୍ଟର ମିଟରରେ ପହଞ୍ଚିଥିବା ସୂଚନା ମିଳିଛି। ଜଳସ୍ତରର ଏହି ବୃଦ୍ଧି କେବଳ ଏକ ପରିସଂଖ୍ୟାନ ହୋଇ ରହିନାହିଁ, ବରଂ ଇନ୍ଦ୍ରାବତୀ କେନାଲ ଜଳ ଉପରେ ନିର୍ଭରଶୀଳ ଚାଷୀଙ୍କ ପାଇଁ ଏହା ଆଶ୍ୱସ୍ତିର ସଙ୍କେତ ଭାବେ ଉଭା ହୋଇଛି। ଅନ୍ୟପଟେ ଚଳିତ ବର୍ଷ ମେ ୧୭ ତାରିଖରୁ ରବି ଜଳସେଚନ ବନ୍ଦ ହେବା ପରେ ଓଡ଼ିଶା ଜଳ ବିଦ୍ୟୁତ ନିଗମ ପକ୍ଷରୁ ବିଦ୍ୟୁତ ଉତ୍ପାଦନ ଜାରି ରହିବା ଫଳରେ ଜଳଭଣ୍ଡାରର ଜଳସ୍ତର ପ୍ରାୟ ତିନି ମିଟର ହ୍ରାସ ପାଇଥିବା ନେଇ ପୂର୍ବରୁ ପ୍ରଶ୍ନ ଉଠିଥିଲା ଏବଂ ଖରିଫ ଜଳସେଚନ ପୂର୍ବରୁ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ ନେଇ ଚାଷୀ ମହଲରେ ଉଦ୍ ?ବେଗ ପ୍ରକାଶ ପାଇଥିଲା; ଜଳସେଚନ ଆରମ୍ଭ ପରେ ମଧ୍ୟ ଜଳଭଣ୍ଡାର ପରିଚାଳନା, ଚାଷ ପାଇଁ ଜଳ ସଂରକ୍ଷଣ ଏବଂ ବିଦ୍ୟୁତ ଉତ୍ପାଦନ ମଧ୍ୟରେ ସଠିକ୍ ସମନ୍ୱୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ବିଦ୍ୟୁତ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ରଖାଯିବା ସହ ଜଳସେଚନକୁ ମଧ୍ୟ ସାମୟିକ ଭାବେ ବନ୍ଦ କରାଯାଇଥିବା ସୂଚନା ମିଳିଥିଲା; ଏହି ସମୟ ମଧ୍ୟରେ ମଧ୍ୟମ ଧରଣର ବର୍ଷା ଏବଂ ଜଳଭଣ୍ଡାରକୁ ବଢ଼ିଥିବା ଅନ୍ତଃସ୍ରୋତ ଜଳସ୍ତର ବୃଦ୍ଧିରେ ସହାୟକ ହୋଇଛି ଏବଂ ଗତ କିଛିଦିନ ମଧ୍ୟରେ ଜଳସ୍ତରରେ ଉଲ୍ଲେଖନୀୟ ବୃଦ୍ଧି ଚାଷୀଙ୍କୁ ଆଶ୍ୱସ୍ତ କରିଛି। ଏଭଳି ପରିସ୍ଥିତିରେ ଖରିଫ ଚାଷ ପାଇଁ ଜଳସେଚନର ଆବଶ୍ୟକତାକୁ ପ୍ରାଥମିକତା ଦେଇ ବିଦ୍ୟୁତ ଉତ୍ପାଦନକୁ ସେହି ଅନୁଯାୟୀ ସ୍ଥିର କରାଯିବ ବୋଲି ଉଚ୍ଚସ୍ତରୀୟ ସମନ୍ୱୟ କମିଟିରେ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି; ଫଳରେ ଆଗାମୀ ଦିନରେ ଇନ୍ଦ୍ରାବତୀର ଉପଲବ୍ଧ ଜଳକୁ କିଭଳି ସୁଚିନ୍ତିତ ଭାବେ ପରିଚାଳନା କରାଯାଉଛି, ଜଳସେଚନକୁ କେତେ ପ୍ରାଥମିକତା ଦିଆଯାଉଛି ଏବଂ ବିଦ୍ୟୁତ ଉତ୍ପାଦନ ସହ କିଭଳି ସମନ୍ୱୟ ରଖାଯାଉଛି, ତାହା ଉପରେ ଚାଷୀଙ୍କ ନଜର ରହିଛି। ଯଦିଓ ୩୪ ପ୍ରତିଶତ ଜଳଧାରଣ ସ୍ଥିତି ଏବେ ଆଶ୍ୱସ୍ତି ଆଣିଛି, ତଥାପି ସମ୍ପୂର୍ଣ୍ଣ ଖରିଫ ଋତୁରେ ପ୍ରାୟ ୧.୧୮ ଲକ୍ଷ ହେକ୍ଟର ଚାଷଜମିକୁ ଆବଶ୍ୟକ ଅନୁସାରେ ପାଣି ଯୋଗାଇବା ପାଇଁ ଆଗାମୀ ଦିନର ବର୍ଷା ଓ ଜଳଭଣ୍ଡାରର ସୁପରିଚାଳନା ନିର୍ଣ୍ଣାୟକ ହେବ; ତେଣୁ ଏବେ କଳାହାଣ୍ଡିର ଚାଷୀଙ୍କ ନଜର ଆକାଶ ଉପରେ, ଆଉ ଭରସା ଇନ୍ଦ୍ରାବତୀ ଉପରେ—ବର୍ଷାର ଧାରା ଅବ୍ୟାହତ ରହିଲେ ଇନ୍ଦ୍ରାବତୀର କୋଳ ଆହୁରି ଭରିବ ଏବଂ ତା'ସହ କଳାହାଣ୍ଡିର ଖରିଫ ଚାଷୀଙ୍କ ଆଶା ମଧ୍ୟ ଆହୁରି ଦୃଢ଼ ହେବ ବୋଲି ଆଶା କରାଯାଉଛି।

# ରାଏବୋଗା ଲ୍ୟାମ୍ପସ ଅଚଳାବସ୍ଥା

**କୁଆଁରମୁଣ୍ଡା(ଅମୃତ ମିଡିଆ):** ଏକଦା ସମଗ୍ର ସୁନ୍ଦରଗଡ଼ ଜିଲାରେ ସୁନାମ ଅର୍ଜନ କରିଥିବା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଏବୋଗା ଲ୍ୟାମ୍ପସରେ ଗତ ଦେଢ଼ ବର୍ଷ ହେଲା ଅଚଳାବସ୍ଥା ଦେଖାଦେଇଛି। ଏହି ଲ୍ୟାମ୍ପସରେ ଏବେ କେହି ପରିଚାଳନା ନିର୍ଦ୍ଦେଶକ ନ ଥିବାରୁ କର୍ମଚାରୀମାନେ ମନୋମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ଚାଷୀମାନେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଉ ନ ଥିଲେ ମଧ୍ୟ କେତେଜଣ ଅସାଧୁ ବ୍ୟକ୍ତିଙ୍କ ଭୟରେ ସେମାନେ ପାଟି କରିବାକୁ ସାହସ କରୁନାହାନ୍ତି। ପରିଚାଳନା ସମିତି ନିର୍ଦ୍ଦେଶକ ପଦ ଖାଲି ପଡ଼ିଥିବା ବେଳେ ସଂପୃକ୍ତ ଅସାଧୁ ବ୍ୟକ୍ତି ଯେଉଁମାନେ କି ଉପରିସ୍ଥ ଅଧିକାରୀଙ୍କୁ ନିଜ କବଜାରେ ରଖିଛନ୍ତି ସେମାନଙ୍କ




ଭୟରେ କେହି ଉକ୍ତ ଦାୟିତ୍ୱ ଗ୍ରହଣ କରିବାକୁ ରାଜି ହେଉନାହାନ୍ତି। ଜିଲା ପ୍ରଶାସନ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ପଦ ପାଇଁ ଦୟାଲ ଏକାଙ୍କୁ ଗତ ଦେଢ଼ ବର୍ଷ ମଧ୍ୟରେ ୫ ଥର ନିର୍ଦ୍ଦେଶ ଦିଆଗଲା ଗଲାଣି ହେଲେ ସେ କୌଣସି କାରଣ ଦର୍ଶାଇ ତାହାକୁ ପ୍ରତ୍ୟାଖାନ କରୁଛନ୍ତି। ଅନ୍ୟପକ୍ଷରେ କର୍ମଚାରୀ ରାହୁଲ କୁମାର ସାହୁ ମଧ୍ୟ ଉକ୍ତ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିବାକୁ ଅଗ୍ରାହ୍ୟ କରିଛନ୍ତି। ଉପରୋକ୍ତ ଅସୁବିଧା ଦୃଷ୍ଟିରୁ ଲ୍ୟାମ୍ପସରେ ଚାଷୀଙ୍କୁ ସାର,ବିହନ ମିଳୁ ନ ଥିବା ବେଳେ ଖରିଫ ଋଣ ଲଗାଣରେ ଗୁରୁତର ବ୍ୟାହତ ସୃଷ୍ଟି ହେଉଛି। ଏ ସବୁ ସତ୍ତ୍ୱେ କର୍ତ୍ତୃପକ୍ଷ କ'ଣ ପାଇଁ ଚୁପ ରହିଛନ୍ତି ତାହା ଜଣାପଡୁନାହିଁ। ଏ ଦିଗରେ ଡିଆରସିଏସ୍ କିମ୍ବା ଏଆରସିଏସ୍ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।

# ପାଗ ପରିବର୍ତ୍ତନ ପରେ ଆରମ୍ଭ ହେଲା ଧାନ ରୁଆ ବେଉଷଣ



**ରିଷିଡ଼ା(ଅମୃତ ମିଡିଆ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସମେତ ରିଷିଡ଼ା, ରାଜପୁର, ପୌରକେଲା, ତେରେସିଂହା, ଗଜବାହଲ, ରେଗଡ଼ା,ରିଞ୍ଜା, ସାପଲହରା, ବୋରପଦର, ସରଗୁଲ ମାଲପଡ଼ା, ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମରେ ଜୋରସୋରରେ ଧାନ ରୁଆ ବେଉଷଣ ସାଙ୍ଗକୁ କପା ଜମିରେ ହୁଡ଼ା ଦିଆ ଆଗେଇ ଚାଲୁଥିବା ଦେଖିବାକୁ ମିଳିଛି। ତେବେ ପାୟ ୮ ଦିନ ହେଲା ଏହି ସବୁ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ହୋଇଥିଲା। କୌଣସି ସ୍ଥାନରେ ବନ୍ୟା ପବନ, ଜମିରେ ଗଛ ଉପୁଡ଼ି ପଡ଼ିଥିବା ପରିସ୍ଥିତି ଦେଖାଯାଇଥିଲା। ତେବେ ପ୍ରବଳ ବର୍ଷା ଯୋଗୁ ଧାନ ତଳି ଓ ବୁଣା ହୋଇଥିବା ଧାନ ଆଂଶିକ କ୍ଷତି ହୋଇଥିବା ଜଣାପଡ଼ିଛି। ତେବେ ୪ ଦିନ ହେଲା ପାଗରେ ପରିବର୍ତ୍ତନ ସାଙ୍ଗକୁ ଖରିଫ ଚାଷ ଆଗେଇ ଚାଲିଛି। ସେହିପରି ଧାନ ରୋଇବା ପାଇଁ କୃଷି ଶ୍ରମିକଙ୍କ ଅଭାବ ଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରିଷିଡ଼ା କର୍ଲାମୁଣ୍ଡା ଅଞ୍ଚଳରେ ପ୍ରାୟ ୭ ଶହ ଏକରରୁ ଉର୍ଦ୍ଧ୍ୱ ଜମିରେ ଧାନ ରୋଇବାକୁ ଥିବା ବେଳେ ଶ୍ରମିକ ଅଭାବ ଥିବାରୁ ଦୂର ଦୂରାନ୍ତ ଗାଁରୁ ଶ୍ରମିକମାନେ ଧାନ ରୋଇବା ପାଇଁ ଅଟୋ ଓ ପିକ୍‌ଅପ୍ ଗାଡ଼ିରେ ଯିବା ଆସିବା କରୁଥିବା ଦେଖିବାକୁ ମିଳୁଛି। ସେହିପରି କୃଷି ବିଭାଗର କଟକଣା ଥିବାରୁ ଚାଷୀମାନେ ଆବଶ୍ୟକ ମୁତାବକ ରାସାୟନିକ ସାର ପାଇପାରୁ ନ ଥିବା ଜଣାପଡ଼ିଛି।

# ପୁଣି ଜନନୀ ଯନ୍ତ୍ରଣା

# ଗାଁକୁ ଗଡ଼ିଲାନି ଆମ୍ବୁଲାନ୍ସ, ଖଟିଆରେ ବୁହାହେଲେ ଗର୍ଭବତୀ

**ଥୁଆମୂଳ ରାମପୁର(ଅମୃତ ମିଡିଆ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ପୁଣି ଏକ ଅଭାବନୀୟ ଜନନୀ ଯନ୍ତ୍ରଣାର ଚିତ୍ର ସାମ୍ନାକୁ ଆସିଛି। ବିକାଶର ଡିଣ୍ଡିମ ପିଟାଯାଉଥିଲେ ବି ଆଜି ବି ଦୁର୍ଗମ ଅଞ୍ଚଳରେ ମୌଳିକ ଭିତ୍ତିଭୂମିର ଅଭାବ ଯୋଗୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଗୋପୀନାଥପୁର ଗ୍ରାମପଞ୍ଚାୟତ ପେର୍ଗୁନିପଡ଼ା ଗ୍ରାମର ଆଦିବାସୀ ପଡ଼ାର ଲଳିତ ମାଝୀଙ୍କ ସ୍ତ୍ରୀ ଅମିତାଙ୍କୁ ରବିବାର ସକାଳୁ ପ୍ରସବ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଓ ୧୦୨ ଜନନୀ ଏକ୍ସପ୍ରେସକୁ ଯୋଗାଯୋଗ କରିଥିଲେ ହେଲେ ଗାଡ଼ି ମିଳି ନ ଥିଲା। ବାଧହୋଇ ପରିବାର ଲୋକେ ଉତ୍କଳ ଆଲୁମିନା କମ୍ପାନୀର ସିଏସ୍ ?ଆର ଆମ୍ବୁଲାନ୍ସକୁ ଡାକିଥିଲେ। ଆଦିବାସୀ ପଡ଼ାକୁ ଯାଇଥିବା ପ୍ରାୟ ୧ କିଲୋମିଟରରୁ ଉର୍ଦ୍ଧ୍ୱ ଘାଟି ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରି ନ ଥିଲା। ରାସ୍ତାରେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଗୋଡ଼ି-ମେଟାଲ ପଡ଼ିରହିଥିବା ବେଳେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଆମ୍ବୁଲାନ୍ସଟି ହରିଜନପଡ଼ା ନିକଟରେ ଦୀର୍ଘ ଏକ ଘଣ୍ଟା ଅଟକି ରହିଥିଲା। ପରିବାର ଲୋକେ ବାଧହୋଇ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଆଦିବାସୀ ପଡ଼ାରୁ ହରିଜନ ପଡ଼ା ପର୍ଯ୍ୟନ୍ତ ୧ କିଲୋମିଟର ଆଣିବା ପରେ, ସେଠାରୁ ଆମ୍ବୁଲାନ୍ସ ଯୋଗେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଛନ୍ତି। ଏନେଇ ଆଶା କର୍ମୀ ସତ୍ୟବତୀ ନାଏକ, ଗର୍ଭବତୀଙ୍କ ସ୍ୱାମୀ ଲଳିତ ମାଝୀ,



ସ୍ଥାନୀୟ ଗ୍ରାମବାସୀ ଜଗଦୀଶ ନାଏକ ଓ ଆମ୍ବୁଲାନ୍ସ ଚାଳକ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହି ଅଞ୍ଚଳରେ ଯୋଗାଯୋଗ ସମସ୍ୟା ଦୀର୍ଘ ଦିନର। ବାଫ୍ଲିମାଳିରେ ଖଣି ଖନନ କରୁଥିବା ଉତ୍କଳ ଆଲୁମିନା କମ୍ପାନୀ କିମ୍ବା ସ୍ଥାନୀୟ ପ୍ରଶାସନ କେହି ବି ରାସ୍ତା ନିର୍ମାଣ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଡିଏମ୍‌ଏଫ୍ ମାଧ୍ୟମରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତା କାମ ଚାଲିଥିଲେ ବି ଘାଟି କାଟାଯାଇ ନାହିଁ, ଯାହାଫଳରେ ବଡ଼ ଗାଡ଼ି ଯିବା ଆସିବା କରିପାରୁନାହିଁ। ଆଜି ବି ଖଣି ପ୍ରଭାବିତ ଅନେକ ଗାଁକୁ ପକ୍କା ରାସ୍ତା ନାହିଁ। ମାତ୍ର ୧ କିଲୋମିଟର ପାଇଁ ଯଦି ଖଟିଆରେ ରୋଗୀ ବୋହିବାକୁ ପଡୁଛି, ତେବେ ଦୁର୍ଗମ ଅଞ୍ଚଳର ବାସ୍ତବ ଚିତ୍ର କ'ଣ ହୋଇଥିବ ବୋଲି ଲୋକଙ୍କ ଦାବି କରୁଛନ୍ତି। କିଛିଦିନ ତଳେ ଥୁଆମୂଳ ରାମପୁର ସଦର ପଞ୍ଚାୟତର ଘୁଟିଗୁଡ଼ା ଗ୍ରାମରେ କାଦୁଅ ରାସ୍ତା ଯୋଗୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଜଣେ ମହିଳା ଘରେ ପ୍ରସବ କରିଥିଲେ। ପୁଣିଥରେ ସେହି ଅଭାବନୀୟ ଚିତ୍ର ସାମ୍ନାକୁ ଆସିବା ପରେ ଜିଲାର ସ୍ୱାସ୍ଥ୍ୟସେବା ଓ ପ୍ରଶାସନିକ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳରେ ତୁରନ୍ତ ସୁଗମ ରାସ୍ତାଘାଟ ନିର୍ମାଣ କରିବାକୁ ଦାବି ହୋଇଛି।

# ବେହେରାରେ 'ନିଶାମୁକ୍ତ ଯୁବ ବିକଶିତ ଭାରତ ସଂକଳ୍ପ ଅଭିଯାନ'

**କଳାହାଣ୍ଡି(ଅମୃତ ମିଡିଆ):**ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦିଲ୍ଲୀଠାରେ ଶୁଭାରମ୍ଭ କରାଯାଇଥିବା ଜାତୀୟ ସ୍ତରୀୟ 'ନଶା ମୁକ୍ତ ଯୁବ ବିକଶିତ ଭାରତ ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମର ସିଧାପ୍ରସାରଣ ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଜନ ଶିକ୍ଷଣ ସଂସ୍ଥାନ, କଳାହାଣ୍ଡି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ ପରଦା ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଶୁଭାରମ୍ଭ ସମାରୋହ ଓ ବାର୍ତ୍ତାକୁ ସ୍ଥାନୀୟ ଜନସାଧାରଣ ସହିତ ସିଲେଇ ତାଲିମ ପ୍ରାପ୍ତ ଶତାଧିକ ଛାତ୍ରୀ ସିଧାସଳଖ ଦେଖିବାର ସୁଯୋଗ ପାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଅଭିଯାନର ସିଧାପ୍ରସାରଣକୁ ନେଇ ସ୍ଥାନୀୟ ଯୁବକ,ସାଧାରଣ ଜନତା ଓ ଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ସମାବେଶରେ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସୁବ୍ରତ ତ୍ରିପାଠୀ ଅଧ୍ୟକ୍ଷତା କରି ସାମ୍ପ୍ରତିକ ସମାଜରେ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ନିଶାସକ୍ତ ଅବସ୍ଥା ସମାଜର ମଙ୍ଗଳ ଓ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଯଦି ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇ ଯୁବପିଢ଼ିକୁ ଆଗକୁ ଅଣାଯାଇପାରିବ, ତେବେ ହିଁ ଦେଶରେ ଏକ 'ନଶା ମୁକ୍ତ ବିକଶିତ ଭାରତ' ଗଠନର ସ୍ୱପ୍ନ ସାକାର ହୋଇପାରିବ। ଅନ୍ୟ ମାନଙ୍କ ମଧ୍ୟରେ ଜନ ଶିକ୍ଷଣ ସଂସ୍ଥାନ ତରଫରୁ ବେହେରା




ଠାରେ ଚାଲିଥିବା ସିଲେଇ କେନ୍ଦ୍ର ପ୍ରଶିକ୍ଷିକା ସାବିତ୍ରୀ ନାଏକ, ଦିପିକା ସାହୁ, ହାରାମଣୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ରଜତ ବଂଶଲ ପରିଚାଳନା କରିଥିଲେ। ଜନ ଶିକ୍ଷଣ ସଂସ୍ଥାନର ଗଙ୍ଗାଧର ନାଏକ, କ୍ଷୀରମଣି କୁମ୍ଭାର, ତୋଫାନ ବାରିକ, ମଧୁସୂଦନ ବାଗ ପ୍ରମୁଖ ସହଯୋଗ କରିଥିବା ବେଳେ କାର୍ଯ୍ୟକ୍ରମରେ ଶତାଧିକ ଯୁବକ, ଜନସାଧାରଣ ଏବଂ ଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବିରେ ଶାନ୍ତିପୂର୍ଣ୍ଣ ପଦଯାତ୍ରା

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ଯୁବ ଛାତ୍ର ସମାଜ ତରଫରୁ ବେକାରି ସମସ୍ୟା ଦିନକୁ ଦିନ ବୃଦ୍ଧିପାଉ ଥିବା ବେଳେ ଯୁବ ସମାଜ ତରଫରୁ ସମୋବାର ଦିନ ଶାନ୍ତି ପୂର୍ଣ୍ଣ ପଦଯାତ୍ରା କରିବା ନେଇ ଜଣାଯାଇଛି। ଯୁବ ଛାତ୍ର ସମାଜ ଉଲ୍ଲେଖ କରିଛି ଯେ ସମୋବାର ଦିନ ୧୧ ଘଣ୍ଟିକା ସମୟରେ ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରିତ ହୋଇ ରାଇଘର ବ୍ଲକ ପର୍ଯ୍ୟନ୍ତ ଶାନ୍ତି ପୂର୍ଣ୍ଣ ପଦଯାତ୍ରା କରିବ । ଜିଲ୍ଲା ଭିତ୍ତିକ ନିଯୁକ୍ତି ଶହ ଆଦିବାସୀ ମାନଙ୍କ ଉପରେ ଅଣ ଆଦିବାସୀ ମାନଙ୍କ ଅନ୍ୟାୟ ଅତ୍ୟାଚାର ବିରୋଧରେ ଆନ୍ଦୋଳନ କରାଯିବ ବୋଲି ଉଲ୍ଲେଖ କରିଛନ୍ତି।




# ଯୁବକଙ୍କ ଗଳାକାଟି ହତ୍ୟା ଉଦ୍ୟମ

**ନାକଟିଦେଉଳ(ଅମୃତ ମିଡିଆ):** ସମ୍ବଲପୁରଜିଲ୍ଲା ନାକଟିଦେଉଳ ଥାନା ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ଗ୍ରାମରେ ଜଣେ ଯୁବକର ଗଳାକାଟି ହତ୍ୟା ଉଦ୍ୟମ କରାଯାଇଥିବା ଜଣାପଡିଛି । ଗୁରୁତର ଆହତ ଯୁବକ ଜଣଙ୍କ ସରାପାଲି ପଂଚାୟତ ମାରଓ୍ୱାଡିମୁଣ୍ଡା ଗ୍ରାମର ଟୁନା ମାହାର, ଆନୁମାନିକ ବୟସ ୩୦ବର୍ଷ । ସୂଚନା ଅନୁସାରେ ଟୁନା ମାହାର କିଛିଦିନ ହେବ ଅଞ୍ଚଳରେ ଘରକାମ କରୁଥିବା ବଙ୍ଗାଳି (ମୁସଲମାନ)ମିସ୍ତ୍ରୀଙ୍କ ପାଖରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଏ ଘଟଣା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ପହଞ୍ଚି ଡାକ୍ତରଖାନାରେ ଭର୍ତି କରିଥିଲେକ୍ଷ ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଂଗେ ସଂଗେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ଏକାପାଖେ ଭଡାରେ ରହୁଥିବା ୬ରୁ ୭ଜଣ ବଙ୍ଗାଳି ମିସ୍ତ୍ରୀଙ୍କୁ ତଦନ୍ତ ପାଇଁ ପୁଲିସ ଥାନାରେ ଅଟକ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଘଟଣା ଜଣାପଡିବା ପରେ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି ।

# ଶବକୁ ମିଳିଲାନି ସମ୍ମାନ

# ବ୍ୟବଚ୍ଛେଦ ପାଇଁ ୩ ହସ୍ପିଟାଲ ବୁଲିଲେ ପରିବାର

**କଳାହାଣ୍ଡି(ଅମୃତ ମିଡିଆ):** ମୃତ୍ୟୁ ପରେ ମଧ୍ୟ ଜଣେ ନାବାଳିକାଙ୍କ ମୃତଦେହକୁ ଉଚିତ ସମ୍ମାନ ମିଳିଲା ନାହିଁ। ଏକ ସାଧାରଣ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଗୋଟିଏ ହସ୍ପିଟାଲରୁ ଅନ୍ୟ ହସ୍ପିଟାଲକୁ ବୁଲାଇବା ଘଟଣା କଳାହାଣ୍ଡି ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା କେବଳ ମୃତକଙ୍କ ପରିବାରକୁ ମାନସିକ ଭାବେ ମର୍ମାହତ କରିନାହିଁ, ବରଂ ଦୁର୍ଗମ ଆଦିବାସୀ ଅଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ମଧ୍ୟ ସାମ୍ନାକୁ ଆଣିଛି। ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଧୀନ ସିନ୍ଧିପଦର ପଞ୍ଚାୟତର ବାର୍ଷିକୋନା ଗ୍ରାମର କାଳିଆ ମାଝୀଙ୍କ ୧୬ ବର୍ଷୀୟା ଝିଅ ମାଧୁରୀ ମାଝୀ ଗୁରୁବାର ବିଳମ୍ବିତ ରାତିରେ ନିଜର ୬ଜଣ ସାଙ୍ଗଙ୍କ ସହ ଶୋଇଥିବାବେଳେ ଏକ ବିଷାକ୍ତ ସାପ କାମୁଡ଼ାର ଶିକାର ହୋଇଥିଲେ। ଶୁକ୍ରବାର ସକାଳେ ତାଙ୍କ




ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ କଲମପୁର କର୍ତ୍ତ୍ୟବରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥୁଆମୂଳ ରାମପୁର ପୁଲିସ ହସ୍ପିଟାଲରେ ପହଞ୍ଚି ଆଇନଗତ ପ୍ରକ୍ରିୟା ଆରମ୍ଭକରିବା ସହ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା, କିନ୍ତୁ ସେଠାରେ ଶବ ବ୍ୟବଚ୍ଛେଦ ସମ୍ଭବ ହୋଇ ନ ଥିବାରୁ ମୃତଦେହକୁ ପୁଣି କଲମପୁର ଓ ଶେଷରେ ଜୟପାଟଣା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପ୍ରାୟ ୩୬ ଘଣ୍ଟା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଜଣେ ଗରିବ ଆଦିବାସୀ ପରିବାରକୁ ଦୀର୍ଘ ୩୬ ଘଣ୍ଟା ଧରି ହସ୍ପିଟାଲରୁ ହସ୍ପିଟାଲ ଘୂରିବାକୁ ପଡ଼ିଥିଲା। ଶୋକ ସମୟରେ ଏଭଳି କଷ୍ଟ ସହିବାକୁ ପଡ଼ିବା ସାଧାରଣ ଲୋକଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି। ଥୁଆମୂଳ ରାମପୁର ଭଳି ଅନଗ୍ରସର ବ୍ଲକରେ ଏଭଳି ଘଟଣାରେ ପ୍ରାୟତଃ ସାଧାରଣ ଲୋକଙ୍କୁ ନାହିଁ ନ ଥିବା କଷ୍ଟ ସହିବାକୁ ପଡୁଛି। ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ସ୍ୱତନ୍ତ୍ର ନିୟମିତ ଚତୁର୍ଥ ଶ୍ରେଣୀ କର୍ମଚାରୀ ନ ଥିବାରୁ ବାହାର ବ୍ୟକ୍ତିଙ୍କ ଉପରେ ନିର୍ଭର କରିବାକୁ ପଡୁଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ଶବ ବ୍ୟବଚ୍ଛେଦ ପାଇଁ ମନଇଚ୍ଛା ପାଉଣା ଦାବି ହେଉଥିବାରୁ ଗରିବ ପରିବାର ଉପରେ ଦୁଃଖ ଉପରେ ଅତିରିକ୍ତ ଆର୍ଥିକ ବୋଝ ମଧ୍ୟ ପଡୁଛି। ଶବ ବ୍ୟବଚ୍ଛେଦ ପାଇଁ ତିନୋଟି ହସ୍ପିଟାଲ ବୁଲିବାକୁ ପଡ଼ିବା ଏବଂ ଶୋକାକୁଳ ପରିବାରକୁ ୩୬ ଘଣ୍ଟା ଅପେକ୍ଷା କରିବାକୁ ବାଧ୍ୟ ହେବା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତାକୁ ସ୍ପଷ୍ଟ କରୁଛି। ଏହି ଘଟଣାରେ ସ୍ୱାସ୍ଥ୍ୟ ବିଭାଗର ଅବହେଳା, ପ୍ରଶାସନିକ ସମନ୍ୱୟର ଅଭାବ ନା ଅନ୍ୟ କୌଣସି କାରଣ ରହିଛି, ତା'ର ନିରପେକ୍ଷ ତଦନ୍ତ କରି ଦାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେହିପରି, ଭବିଷ୍ୟତରେ ଏଭଳି ସମସ୍ୟାର ପୁନରାବୃତ୍ତି ରୋକିବା ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ସ୍ୱତନ୍ତ୍ର ନିୟମିତ କର୍ମଚାରୀ ନିଯୁକ୍ତି କରିବାକୁ ସାଧାରଣରେ ଜୋରଦାର ଦାବି ଉଠିଛି।

# ପାଟ୍ରୋଲିଂରେ ଯାଉଥିବାବେଳେ ଦୁର୍ଘଟଣା

# ଚାଲିଗଲା କର୍ତ୍ତବ୍ୟରତ କନଷ୍ଟେବଲଙ୍କ ଜୀବନ

**ଲାଞ୍ଜିଗଡ଼(ଅମୃତ ମିଡିଆ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନାରେ କାର୍ଯ୍ୟରତ କନଷ୍ଟେବଲ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତ କନଷ୍ଟେବଲ ଜଣକ କେଗାଁ ଥାନା ଅନ୍ତର୍ଗତ ଫଟାମୁଣ୍ଡଓ ଗ୍ରାମର ଭବାନୀ ଶଙ୍କର ସା (୩୪)। ସୂଚନାନୁସାରେ, ବିଶ୍ୱନାଥପୁର ଥାନାରେ କାର୍ଯ୍ୟରତ କନଷ୍ଟେବଲ ଭବାନୀ ଶଙ୍କର ସା ଶନିବାର ରାତିରେ ବାଇକ୍ ଯୋଗେ ପାଟ୍ରେଲିଂ ପାଇଁ ଯାଉଥିବା ବେଳେ ବକଟପୁର ନିକଟରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଡକାଇ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତରଖାନାରେ ଚିକିତ୍ସା ପରେ ଡାକ୍ତର ଭବାନୀଙ୍କୁ ମୃତ ଘୋଷଣା କରିଥିଲେ ଏବଂ ବିଶ୍ୱନାଥପୁର ଥାନା ପୋଲିସକୁ ଖବର ଦେଇଥିଲେ। ଖବରପାଇ ବିଶ୍ୱନାଥପୁର ଥାନାଧିକାରୀ କଳ୍ପନା ବେହେରା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଦେଖିଲା ପରେ ବିଶ୍ୱନାଥପୁର ଥାନାର କନଷ୍ଟେବଲ ବୋଲି ଚିହ୍ନଟ କରିଥିଲେ ଏବଂ ମୃତଦେହ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼ ପଠାଇଥିଲେ। ଶନିବାର ରାତି ହୋଇଯାଇଥିବାରୁ ବ୍ୟବଚ୍ଛେଦ ହୋଇପାରିଲା ନାହିଁ। ତେବେ ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବିଶ୍ୱନାଥପୁର ଥାନାଧିକାରୀ କଳ୍ପନା ବେହେରାଙ୍କୁ ପଚାରିବାରୁ ସେ ଆମ ଥାନାର କନଷ୍ଟେବଲ ଅଟନ୍ତି। ସେ ପୁରୀରୁ ରଥଯାତ୍ରା ଡିଉଟି ସାରି ଫେରିଥିଲେ। ଶନିବାର ରାତିରେ ବାଇକ୍ ପାଟ୍ରୋଲିଂ ପାଇଁ ଯିବାବେଳେ ଦୁର୍ଘଟଣା ହୋଇଥିଲା। ଡାକ୍ତରଖାନାରୁ ଖବର ଆସିଲା ପରେ ମୁଁ ଯାଇ ଚିହ୍ନଟ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼ ପଠାଇଥିଲି ଓ ଏ ନେଇ ବିଶ୍ୱନାଥପୁର ଥାନା କେସ୍ ନଂ ୬୨/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ରବିବାର ସକାଳେ କେସିଙ୍ଗା ଏସ୍‌ଡ଼ିପିଓ ସନ୍ଦୀପ ମାଝୀ, ଲାଞ୍ଜିଗଡ ଥାନାଧିକାରୀ ଯଶବନ୍ତ ହିଆଲ ଏବଂ ମୁଁ ଉପସ୍ଥିତ ରହି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା କହିଛନ୍ତି।

ସମ୍ପାଦକୀୟ...

# ସ୍ଥାୟୀ ରାସ୍ତାରେ ବଡ଼ କଣ୍ଟା

ଜେନେଭା ଠାରେ ଲିଗ୍ ଅଫ୍ ନେସନ୍ ନାମରେ ଯେଉଁ ସଙ୍ଗଠନ ଗଠନ କରାଯାଇଥିଲା, ଯାହା ପଛରେ ବିଶ୍ୱ ଶାନ୍ତି ସ୍ଥାପନ ଥିଲା ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ । ପରେ ପରେ ଜାତିସଙ୍ଘ ଭଳି ଗୋଟାଏ ଅନ୍ତର୍ଜାତୀୟ ସଙ୍ଗଠନ ଯାହାକି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁନର୍ଗଠନ କରାଯାଇଥିଲା ଅକ୍ଟୋବର ୧୯୪୫ରେ। ସେହି ସମାନ ଉଦ୍ଦେଶ୍ୟ ବି ଥିଲା ସଙ୍ଗଠନର .... ବିଶ୍ୱ ଶାନ୍ତି ପ୍ରତିଷ୍ଠା। ଭାରତ ମଧ୍ୟ ପରେ ପରେ ସେହି ସଙ୍ଗଠନରେ ଏକ ସଦସ୍ୟ ରାଷ୍ଟ୍ର ଭାବରେ ଆରମ୍ଭ କରିଥିଲା ତା'ର ବିଜୟ ଅଭିଯାନ। ସେବେଠାରୁ ଆଜି ପର୍ଯ୍ୟନ୍ତ ଭାରତ ଏକ ସଦସ୍ୟ ରାଷ୍ଟ୍ର ଭାବରେ ବିଭିନ୍ନ ସମୟରେ ଜାତିସଙ୍ଘର ବିଭିନ୍ନ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଆସିଛି। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତର ଭୂମିକାକୁ ସୁନିଶ୍ଚିତ କରିବା ସଙ୍ଗେ ସଙ୍ଗେ ସାରା ବିଶ୍ୱର ନଜର ସେ ଦିଗରେ ନିଜ ଆଡ଼କୁ ଆକର୍ଷିତ କରିବାରେ ସଫଳ ମଧ୍ୟ ହୋପାରେଛି। ଏଣୁ ଏକଥା ନିଶ୍ଚିତ ଯେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ଜାତିସଙ୍ଘର ନାନାଦି ପ୍ରକାର ଉଦ୍ୟମରେ ଭାରତ ମଧ୍ୟ ତା'ର ଅତି ଉତ୍ତମ ଏବଂ ସକ୍ରିୟ ଯୋଗଦାନ ଦେଇଛି ଏବଂ ସେହି ପ୍ରକ୍ରିୟା ଏଯାବତ ଜାରି ରହିଛି। ହେଲେ ଲାଗୁଛି ସତେ ଅବା ସଙ୍ଘ ଲାଚାର, ସଙ୍ଘ ବେକାର। କଥା ବି କିଛି ଭୁଲ୍ ନୁହେଁ କାରଣ ସଙ୍ଘ ଏବେ କେବଳ ନାମକୁ ମାତ୍ର କହିଲେ କିଛି ଭୁଲ୍ ହେବନାହିଁ। ଏବେ ଆମେରିକା ହେଉଛି ସର୍ବେସର୍ବା। ଭାରତ ପୃଥିବୀର ପ୍ରଥମ ଦେଶ ହିସାବରେ ଜାତିସଙ୍ଘର କାର୍ଯ୍ୟଧାରାକୁ ଦୃଢ଼ ବିରୋଧ କରିଆସିଛି। ପ୍ରାୟ ୨୨ଥର ଜାତିସଙ୍ଘର ସ୍ଥାୟୀ ପରିଷଦରେ ଅସ୍ଥାୟୀ ସଭ୍ୟ ଭାବରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପରେ ମଧ୍ୟ ସ୍ଥାୟୀ ସଭ୍ୟର ମର୍ଯ୍ୟାଦା ହାସଲ କରିପାରିନାହିଁ । ଯାହାକୁ ନେଇ ଭାରତ ସମେତ ବିଶ୍ୱର ଏକାଧିକ ଦେଶ ଜାତିସଙ୍ଘର ବିଭିନ୍ନ ଅଧିବେଶନରେ ଏହି କଥାକୁ ଉଠାଇଛନ୍ତି। ହେଲେ ଫଳ ଶୂନ। ଏପରିକି ଜାତିସଙ୍ଘର ଅନ୍ୟତମ ପ୍ରମୁଖ ସଦସ୍ୟ, ପ୍ରଭାବଶାଳୀ ସଦସ୍ୟ ଯେପରି ରୁଷିଆ, ଆମେରିକା, ଫ୍ରାନ୍ସ ମଧ୍ୟ ଭାରତ ସପକ୍ଷରେ ମତ ଦେଇଛନ୍ତି ଅନେକ ଥର। ତଥାପି ବିଶେଷ କିଛି ଲାଭ ହେଉନି । ଫଳଶୂନ୍ୟ ଲାଗୁଛି, ପ୍ରଭାବହୀନ ହେଉଛି ପରିସ୍ଥିତି। ଯାହା ପଛର ମୁଖ୍ୟ କାରଣ ହେଉଛି ପ୍ରଥମତଃ ଯୁକ୍ତରାଷ୍ଟ୍ର ଆମେରିକାର କାରନାମା ଏବଂ ଚାଇନାର ଚାଲ୍‌ବାଜୀ ଯାହା କାରଣରୁ ଭାରତର ସ୍ଥାୟୀ ସଦସ୍ୟତାର ଧାରା ଆଗକୁ ଯାଉ ଯାଉ ପୁଣି ଅଧାବାଟରେ ଅଟକିଯାଉଛି। ଏଥିରୁ ଗୋଟାଏ କଥା ସ୍ପଷ୍ଟ ଯେ ଆମେରିକା ଏବଂ ଚାଇନା ହେଉଛି ଭାରତର ସ୍ଥାୟୀ ସଦସ୍ୟତା ରାସ୍ତା ପଥରେ ବହୁତ ବଡ଼ ପ୍ରତିବନ୍ଧକ ଯାହାକୁ ଆମେ ବଡ଼କଣ୍ଟା ବୋଲି କହିପାରିବା। ପ୍ରଥମ କଣ୍ଟା ହେଉଛି ଆମେରିକା ଏବଂ ଦ୍ୱିତୀୟ କଣ୍ଟା ହେଉଛି ଚାଇନା । ଜାତିସଙ୍ଘର ଏହି ଦୁଇ ସଦସ୍ୟ ହେଲେ ଭାରତ ପଥରେ ମୁଖ୍ୟ ପ୍ରତିବନ୍ଧକ। ଭାରତ ଭଳି ଗୋଟାଏ ଶାନ୍ତିପ୍ରିୟ ତଥା ଧର୍ମନିରପେକ୍ଷ ଦେଶ ପକ୍ଷରେ ହୁଏତ ତାହା ଏତେ ସହଜ ନୁହେଁ ଯେ ଭାରତ ସେମାନଙ୍କ ସହିତ ସିଧାସଳଖ ମୁକାବିଲା କରିପାରିବ ତଥାପି ଭାରତ ଜାତିସଙ୍ଘରେ ନିଜର ସ୍ଥାୟୀ ସଦସ୍ୟତା ପାଇଁ ତା'ର ଉଦ୍ୟମ ଜାରି ରଖିଛି। ତେବେ ଭାରତ ନିଜର ଦୀର୍ଘବର୍ଷର ଉଦ୍ୟମରେ ଜାତିସଙ୍ଘରେ ସ୍ଥାୟୀ ସଦସ୍ୟତା ପାଇବା ପାଇଁ ମୁଖ୍ୟତଃ ଯେଉଁ ଦୁଇଟି ଦେଶ ଯେମିତି କି ଆମେରିକା ଏବଂ ଚାଇନା ପ୍ରତିବନ୍ଧକ ସାଜିବା ପଛର କାରଣ ପ୍ରଥମେ ଆମେରିକାର ଦୋମୁହାଁ ନୀତିକୁ ଦାୟୀ କରାଯାଇପାରେ। ଗୋଟାଏ ପଟେ ଭାରତକୁ ସମର୍ଥନ କରୁଥିବା ସମୟରେ ଅନ୍ୟପଟେ ଚାଇନାକୁ ସମର୍ଥନ କରୁଛି। ଗୋଟାଏ ପଟେ ଚାଇନା ସପକ୍ଷରେ କହୁଥିବା ବେଳେ ଅପରପକ୍ଷରେ ଭାରତ ବିପକ୍ଷରେ କହୁଛି। ତେବେ ଚାଇନା ଏସିଆ ମହାଦେଶରେ ନିଜର ଆଧିପତ୍ୟ ବିସ୍ତାର କରିବା ଉଦ୍ଦେଶ୍ୟରେ ଭାରତର ଜାତିସଙ୍ଘରେ ସ୍ଥାୟୀ ସଦସ୍ୟତାକୁ ସର୍ବଦା ବିରୋଧ କରିଆସିଛି । ଆମେରିକାର ସେହି ଏକା ଉଦ୍ଦେଶ୍ୟ। ଏସିଆରେ ଦୁଇ ମହାଶକ୍ତିଙ୍କୁ ଏତେ ସହଜରେ ଗ୍ରହଣ କରିପାରୁନି ଆମେରିକା। ସେଇଥିପାଇଁ ଆମେରିକା ବି ବିରୋଧ କରୁଛି। ତେବେ ଆଗାମୀ ସମୟରେ ବିଶ୍ୱର ଅନ୍ୟାନ୍ୟ ଅଗ୍ରଣୀ ରାଷ୍ଟ୍ରଙ୍କ ସହାୟତାରେ ଭାରତ ତା'ର ସ୍ଥାୟୀ ସଦସ୍ୟତା ପ୍ରାପ୍ତ କରିପାରିବ ।

# ବାସ୍ତୁଶାସ୍ତ୍ର ଅନୁସାରେ 'ଷୋଡ଼ଶ ଦ୍ୱାର ପଦ'



ଡ. ସସ୍ମିତା ମିଶ୍ର

ବାସ୍ତୁ ଶାସ୍ତ୍ର ଅନୁସାରେ ଗୃହ ମଧ୍ୟକୁ ପ୍ରବେଶ କରିବାର ପଥକୁ ପ୍ରବେଶ ଦ୍ୱାର ବୋଲି କୁହାଯାଏ। ଗୃହର ଚାରି ପାଖରେ ଏହି ପ୍ରବେଶ ଦ୍ୱାର ସାଧାରଣତଃ ଷୋହଳ ପ୍ରକାରର। ଯାହାକୁ ବାସ୍ତୁ ଶାସ୍ତ୍ରରେ ଷୋଡ଼ଶ ଦ୍ୱାର ପଦ କୁହାଯାଏ ।ଏଇ ଷୋହଳଟି ପଦରୁ କେଉଁ ପଦରେ ଗୃହର ମୁଖ୍ୟ ଦ୍ୱାର କଲେ ଗୃହ କର୍ତ୍ତା ତଥା ସେହି ଗୃହରେ ବାସ କରୁଥିବା ବ୍ୟକ୍ତି ବିଶେଷଙ୍କ କି ପ୍ରକାର ଭାଗ୍ୟ ଫଳ ଭୋଗ କରିବେ ତାହା ନିମ୍ନରେ ବର୍ଣ୍ଣନା କରାଯାଇଛି ।

ଗୃହର ମଧ୍ୟଭାଗକୁ ବ୍ରହ୍ମସ୍ଥାନ କୁହାଯାଏ ।ବ୍ରହ୍ମସ୍ଥାନରୁ ଚାରିଦିଗକୁ ଚାରି ଭାଗ କରି ଗଣନା କରାଯାଏ।

ପ୍ରଥମତଃ ପୂର୍ବ ଦିଗରେ ଚାରୋଟି ଦ୍ୱାର।

ଯଥା ଈଶାନ୍ୟ,ପରିଜନ୍ୟ ଜୟନ୍ତ ଓ ଇନ୍ଦ୍ର।

ଉତ୍ତର ଦିଗରେ ଚାରୋଟି ଦ୍ୱାର ସୂର୍ଯ୍ୟ, ସତ୍ୟ ଭୃଷ ଓ ଆକାଶ। ପଶ୍ଚିମ ଦିଗରେ ଚାରୋଟି ଦ୍ୱାର ବରୁଣ ଗୃହ କ୍ଷତ ଯମ ଓ ବରୁଣ ଦକ୍ଷିଣ ଦିଗରେ ଚାରୋଟି ଦ୍ୱାର ଭୃଙ୍ଗରାଜ ମୃଗ ପିତୃ ଓ ଦୌବାରିକ। କେଉଁ ଦିଗର କେଉଁ ପଦରେ ଗୃହ କର୍ତ୍ତା ପ୍ରବେଶ ଦ୍ୱାର କ୍ୱିଆରି କଲେ କି ପ୍ରକାର ଶୁଭ ବା ଅଶୁଭ ହୋଇଥାଏ ଆସନ୍ତୁ ଜାଣିବା।

୧ :ଈଶାନ୍ୟ-- ପୂର୍ବ ଦିଗର ପ୍ରଥମ ପଦ। ଏହି ଦିଗରେ ଗୃହର ମୁଖ୍ୟ ଦ୍ୱାର ରହିଲେ ଅତି ଶୁଭ। ଯାହାକି ପରିବାରକୁ ଜ୍ଞାନ, ସନ୍ତାନ ସୁଖ ଶାନ୍ତି ଦେଇଥାଏ।

୨ ପରିଜନ୍ୟ-- ପୂର୍ବ ଦିଗର ଦ୍ୱିତୀୟ ପଦ ଏହା ମଧ୍ୟ ଶୁଭ। ଏହି ଦିଗରେ ଗୃହର ମୁଖ୍ୟ ଦ୍ୱାର ରହିଲେ ପରିବାରର ସ୍ୱାସ୍ଥ୍ୟ ଉତ୍ତମ ରହିବା ସହିତ ଆର୍ଥିକ କ୍ଷେତ୍ରରେ ଉନ୍ନତି ହେବ।

୩: ଜୟନ୍ତ -- ପୂର୍ବ ଦିଗର ତୃତୀୟ ପଦ। ଏହି ପଦରେ ଗୃହର ପ୍ରବେଶ ଦ୍ୱାର କଲେ ଅତି ଶୁଭ ଫଳ ମିଳିଥାଏ ।ନାମ ଯଶ ସରକାରୀ ସହାୟତା ଲାଭ ହୁଏ।

୪: ଇନ୍ଦ୍ର -- ପୂର୍ବ ଦିଗର ଚତୁର୍ଥ ପଦ। ଏହି ପଦରେ ଗୃହର ମୁଖ୍ୟ ଦ୍ୱାର ରହିଲେ ଶୁଭ ହୋଇଥାଏ ପରିବାରର ସମୃଦ୍ଧି ସହିତ ନେତୃତ୍ୱରେ ବୃଦ୍ଧି ପାଏ।

ଉତ୍ତର ଦିଗରେ ଚାରୋଟି ଦ୍ୱାର । ଏହା କୁବେର ଓ ବୁଧଙ୍କ ଦିଗ। ଆର୍ଥିକ ସ୍ଥିତି ବ୍ୟବସାୟ ପାଇଁ ଭଲ।

୫. ସୂର୍ଯ୍ୟ -ଉତ୍ତର ଦିଗର ପ୍ରଥମ ପଦ। ଏହି ଦିଗରେ ଗୃହର ମୁଖ୍ୟ ଦ୍ୱାର ରହିଲେ ଶୁଭ। ସ୍ୱାସ୍ଥ୍ୟ, ସରକାରୀ ଲାଭ ହେବ।

୬. ସତ୍ୟ - ଉତ୍ତର ଦିଗରର ଦ୍ୱିତୀୟ ପଦ। ଏହି ଦିଗରେ ଗୃହର ମୁଖ୍ୟ ଦ୍ୱାର ରହିଲେ ଶୁଭ। ସତ୍ୟତା, ଧର୍ମ, ଶିକ୍ଷା କ୍ଷେତ୍ରରେ ଉନ୍ନତି ହେବ।

୭. ଭୃଶ -ଉତ୍ତର ଦିଗର ତୃତୀୟ ପଦ। ଏହି ଦିଗରେ ଗୃହର ମୁଖ୍ୟ ଦ୍ୱାର ରହିଲେ ଶୁଭ। ଟଙ୍କା ବୃଦ୍ଧି, ବ୍ୟବସାୟ ବୃଦ୍ଧି ପାଇବ।

୮. ଆକାଶ - ଚତୁର୍ଥ ପଦ। ମଧ୍ୟମ ଫଳ ମିଳେ। ନୂଆ ସୁଯୋଗ ଆସେ।

୩. ପଶ୍ଚିମ ଦିଗ - ୪ଟି ଦ୍ୱାର
ଶନି + ରାହୁଙ୍କ ଦିଗ। ସାବଧାନରେ ଦ୍ୱାର କରିବା।

୯. ବରୁଣ - ପ୍ରଥମ ପଦ। ଶୁଭ। ଜଳ + ବିଦେଶ ଲାଭ, ବ୍ୟବସାୟ।

୧୦. ଗୃହ କ୍ଷତ - ଦ୍ୱିତୀୟ ପଦ। ଅଶୁଭ। ରୋଗ, କଳହ, ଚୋରି ଭୟ।

୧୧. ଯମ - ତୃତୀୟ ପଦ। ଅଶୁଭ। ଆୟୁକ୍ଷୟ, ଦୁର୍ଘଟନା, ମୋକଦ୍ଦମା।

୧୨. ଗନ୍ଧର୍ବ - ଚତୁର୍ଥ ପଦ। ମଧ୍ୟମ। କଳା, ସଙ୍ଗୀତ, କିନ୍ତୁ ଖର୍ଚ୍ଚ ଅଧିକ।

୪. ଦକ୍ଷିଣ ଦିଗ - ୪ଟି ଦ୍ୱାର
ମଙ୍ଗଳ + ପିତୃଙ୍କ ଦିଗ। ଖୁବ୍ ସାବଧାନ।

୧୩. ଭୃଙ୍ଗରାଜ - ପ୍ରଥମ ପଦ। ମଧ୍ୟମ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।

୧୪. ମୃଗ- ଦ୍ୱିତୀୟ ପଦ। ଅଶୁଭ। ଟଙ୍କା ନଷ୍ଟ, ମାନସିକ ଚାପ।

୧୫. ପିତୃ - ତୃତୀୟ ପଦ। ଅଶୁଭ। ପିତୃ ଦୋଷ, ପରିବାର କଳହ।

୧୬. ଦୌବାରିକ - ଚତୁର୍ଥ ପଦ। ଅତି ଅଶୁଭ। ଅକସ୍ମାତ୍ ହାନି, ଅପମାନ।

ଷୋଡ଼ଶ ପ୍ରବେଶ ଦ୍ୱାର ମଧ୍ୟରେ ସବୁଠୁ ଶୁଭ ଦ୍ୱାର ହେଉଛି: ପୂର୍ବର - ଈଶାନ୍ୟ, ଜୟନ୍ତ, ଇନ୍ଦ୍ର ତାପରେ: ଉତ୍ତର - ସତ୍ୟ, ଭୃଶ ,ତାପରେ: ପଶ୍ଚିମ - ବରୁଣ

କେବେ ବି କରନ୍ତୁ ନାହିଁ: ଦକ୍ଷିଣର ଶେଷ ୩ଟି ଏବଂ ପଶ୍ଚିମର ଯମ ପଦରେ ଗୃହର ମୁଖ୍ୟ ଦ୍ୱାର। ଏଇଠି ଦ୍ୱାର ଥିଲେ ରୋଗ, ଋଣ, ଅକାଳ ମୃତ୍ୟୁ ଭୟ।

ପ୍ରବେଶ ଦ୍ୱାରର ଗୁରୁତ୍ୱପୂର୍ଣ୍ଣ ୩ଟି ନିୟମ !!

୧. ପ୍ରଥମତଃ କୋଣରେ ଦ୍ୱାର କରନ୍ତୁ ନାହିଁ: ଈଶାନ୍ୟ କୋଣ, ଅଗ୍ନି କୋଣ, ବାୟବ୍ୟ କୋଣ, ନୈଋତ୍ୟ କୋଣ - ଏଇ ୪ କୋଣରେ ମୁଖ୍ୟ ଦ୍ୱାର ହେଲେ ବହୁତ ଦୋଷ ହୋଇଥାଏ। ଦ୍ୱାର ସବୁବେଳେ ପଦର ମଝିରେ ହେବା ଦରକାର।

୨. ଦ୍ୱିତୀୟତଃ ଦୁଇଟି ଦ୍ୱାର ସାମ୍ନା ସାମ୍ନି ହେବା ନିଷେଧ: ଏହାକୁ 'ଦ୍ୱାରବେଧ' କୁହାଯାଏ। ଦ୍ୱାର ବେଧ ଦୋଷ ଥିବା ଘରେ ଶାନ୍ତି ରହେ ନାହିଁ।

୩. ଦ୍ୱାରର ମାପ: ଉଚ୍ଚତା, ଚଉଡ଼ା। ଦ୍ୱାର ଖୋଲିଲା ବେଳେ ଶବ୍ଦ ହେବ ନାହିଁ, ଭିତରକୁ ଖୋଲିବା ଦରକାର।

ଯଦି ପ୍ରବେଶ ଦ୍ୱାର ତିଆରିରେ ଭୁଲ୍ ଦ୍ୱାର ହୋଇସାରିଛି ତେବେ ତା ପାଇଁ କିଛି ଉପାୟ ।

୧. ଦ୍ୱାର ଉପରେ ସ୍ୱସ୍ତିକ ସହିତ ଓଁ ଲଗାନ୍ତୁ

୨. ଦ୍ୱାରର ଉଭୟ ପାର୍ଶ୍ୱରେ ପିତ୍ତଳର ଘଣ୍ଟି ସହିତ ଆମ୍ବ ପତ୍ରର ତୋରଣ ଲଗାନ୍ତୁ

୩. ଅଶୁଭ ଦ୍ୱାର ହେଲେ ସେଇଟାକୁ ବନ୍ଦ ରଖି ଅନ୍ୟ ଶୁଭ ଦିଗରେ ନୂତନ ଦ୍ୱାର କରନ୍ତୁ ।

**ଜୟ ଶ୍ରୀଜଗନ୍ନାଥ**
**ପ୍ରତିଷ୍ଠାତା ଧ୍ରୁବ ଜ୍ୟୋତିଷ ଗବେଷଣା ପ୍ରତିଷ୍ଠାନ, ପୁରୀ।**
**୮୨୪୯୫୩୩୬୮୫**

# ବୋଲ୍‌ବମ ଯାତ୍ରା : ନିଷ୍ଠା ସହ ସୁରକ୍ଷା ଜରୁରୀ



ପ୍ରଦୋଷ କୁମାର ଦାସ

ବର୍ଷା ଋତୁ ର ପ୍ରଥମ ମାସ ପରବର୍ତ୍ତୀ ତଥା ଦ୍ୱିତୀୟ ମାସ ହେଉଛି ଶ୍ରାବଣ ମାସ। ଦେବ ଦେବ ମହାଦେବ ଙ୍କ ପ୍ରିୟ ମାସ ହେଉଛି ଏହି ଶ୍ରାବଣ ମାସ। ଶ୍ରାବଣ ସୋମବାର ଦିନ ଭଗବାନ ଶିବଙ୍କୁ ଜଳାଭିଷେକ ପାଇଁ ମାନସିକଧାରୀ ଭକ୍ତ ଶ୍ରଦ୍ଧାଳୁ କାଉଡିଆ/ ବୋଲବମ ଭକ୍ତ ଚଳଚଞ୍ଚଳ ହୋଇପଡେ। ଯେହେତୁ ଧର୍ମ ଓ ଆଧ୍ୟାତ୍ମିକତାକୁ ନେଇ ଆମ ଦେଶ , ସର୍ବୋପରି ଆମ ରାଜ୍ୟ ଓଡ଼ିଶାର ଜନ ଜୀବନ ତଥା ଲୋକ ସଂସ୍କୃତି ପରିପୃଷ୍ଟ। ପୁରାଣ ଶାସ୍ତ୍ରରେ ଉଲ୍ଲେଖ ଅଛି, ଶ୍ରାବଣ ବ୍ରତ ପାଳନ କରିବା ସହିତ ଏହି ଶ୍ରାବଣରେ ଭୋଳାନାଥ ଶଙ୍କରଙ୍କୁ ଜଳଲାଗି କଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଏଣୁ ଶିବାଳୟ/ ଶୈବପୀଠ ମାନଙ୍କରେ ଶ୍ରାବଣ ମାସ ରେ ପଡୁଥିବା ପ୍ରତି ସୋମବାର ଦିନ କାଉଡ଼ିଆଙ୍କର ଭିଡ଼ ଲାଗିଯାଏ।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଭକ୍ତଙ୍କର ଆପଣା ଭଗବତ୍ ନିଷ୍ଠା/ ଆଧ୍ୟାତ୍ମିକତା ସହିତ ଆପଣା ସୁରକ୍ଷା ପାଇଁ ସଚେତନ ହେବାକୁ ପଡ଼ିବ। ଭଗବତ୍ ବିଶ୍ୱାସ ଓ ପରମ୍ପରା ଅନୁସାରେ

କାଉଡ଼ିଆ ଶ୍ରାବଣ ସୋମବାର ଦିନ ଭଗବାନ ଶିବଙ୍କ ଲିଙ୍ଗରେ ଜଳ ଅର୍ପଣ ପାଇଁ ମାନସିକ ଅନୁଯାୟୀ ଆଖପାଖ ତଥା ଦୂରଦୂରାନ୍ତର ନଦ ନଦୀ, ବିଭିନ୍ନ ଜଳ ଉତ୍ସ, ପବିତ୍ର ପୁଷ୍କରିଣୀ ,ଝରଣାର ଜଳକୁ ଦୁଇ ଡାଳ ସଂଗ୍ରହ କରି ସୁରକ୍ଷିତ ଭାବେ ନାରିକେଳ,ଗୁଆ ସହିତ ସାଲୁକନାରେ ବାନ୍ଧି ତାକୁ କାନ୍ଧ ରେ ଭାରକରି ବୋହି ଆଣି ମୁକୁଳା ପାଦରେ ଚାଲି ଚାଲି ଆସିଥାଏ ତାର ପ୍ରିୟ ଶୈବପୀଠ କୁ।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ୧୯୮୦ ମସିହା ପର ଠାରୁ ଶିବଲିଙ୍ଗ ରେ ଜଳଲାଗି କରିବା ପାଇଁ କାଉଡିଆ ଙ୍କର ଏହି ବୋଲବମ୍ ଯାତ୍ରା ସୁଦୂର ପ୍ରସାରୀ ତଥା ବହୁଳ ଅନୁକରଣୀୟ ପ୍ରଥା ପାଲଟିଯାଇଛି। ଅଧୁନା ପରିସ୍ଥିତି ଏପରି ହେଲାଣିଯେ ଆଧ୍ୟାତ୍ମିକତା ସହ ଅନ୍ୟକୁ ଅନୁକରଣ କରି ଅନ୍ଧ ଭାବରେ ଆପଣା ମଜା ମଜଲିଶ ମଧ୍ୟ ପାଲଟିଛି। ଶିବଙ୍କୁ ଶ୍ରାବଣ ମାସରେ ଜଳ ଲାଗି କଲେ ପୁଣ୍ୟ ପ୍ରାପ୍ତି ତଥା ମାନସିକ ପୁରଣ ପାଇଁ ବିଶ୍ୱାସ ରଖି ବଡ଼ଙ୍କ ସହିତ କୁନି ପିଲା, ଏପରିକି ପୁରୁଷଙ୍କ ସହିତ ଘରର ମହିଳା, ବାଡୁଅ ଝିଅ ମଧ୍ୟ କାଉଡ଼ିଆ ସାଜି ବୋଲବମ ଯାତ୍ରା ରେ ଘରୁ ବାହାରି ପଡୁଛନ୍ତି। ଜଳାଶୟ,ଜଳ ଉତ୍ସ ମାନଙ୍କରୁ ବୁଡ଼ ପକାଇ ପବିତ୍ର ଜଳ ସଂଗ୍ରହ କରିବା ପାଇଁ ଆଧ୍ୟାତ୍ମିକ ବଶବର୍ତ୍ତୀ ହୋଇ ଗଭୀର ଜଳକୁ ପ୍ରବେଶ କରିବା ପୂର୍ବରୁ ସତର୍କତା ଅବଲମ୍ବନ କରୁନାହାନ୍ତି। ବହୁ ଭକ୍ତଙ୍କ ସମାବେଶ କୁ ଏଡାଇ ଜଳ ସଂଗ୍ରହ ପାଇଁ ବିକଳ ବ୍ୟସ୍ତ ହୋଇ ନଦୀର ପ୍ରଖର ସ୍ରୋତକୁ ଲମ୍ଫ ମାରିବା, ପହଁରା ନଶିଖି ପାଣିରେ ଚଗଲା ହୋଇ ପ୍ରବେଶ କରିବା, ଉପସ୍ଥିତ ଅନ୍ୟ ର ସହଯୋଗ ନନେଇ ଜଳାଶୟ ମଧ୍ୟରେ ପ୍ରବେଶ କରିବା ପୂର୍ବରୁ ଆବଶ୍ୟକ ସତର୍କତା ମୂଳକ ପଦକ୍ଷେପ ନେବାକୁ ହେୟ ଜ୍ଞାନ କରିବା ଆଦୋ ? ସମୀଚିନ ନୁହେଁ। ବର୍ଷା ଦିନେ ବର୍ଷା ବିଜୁଳି ଘଡଘଡି କୁ ନଜର ଅନ୍ଦାଜ ନକରି ଅନୁକୂଳ ବାତାବରଣ ମଧ୍ୟରେ ସୁରକ୍ଷିତ ପଠା, ନଦୀ କୂଳରୁ ସମ୍ପର୍କରେ ଜଳ ସଂଗ୍ରହ କରିବା ନିହାତି ଜରୁରୀ। କର ସ୍ରୋତ ଥିବା ନଦୀ ଜଳରେ ପ୍ରବେଶ ନକରିବା ନିହାତି ଜରୁରୀ। କାନ୍ଧରେ ଓଜନ ସମ୍ଭାଳି ପାରିଲା ଭଳି କଳସ ପୂର୍ଣ୍ଣ ଜଳ ସଂଗ୍ରହ କରିବା ଆବଶ୍ୟକ। ଏଥି ସହିତ ନଡ଼ଆ ଗୁଆ, ଫୁଲ ଧରି ତାକୁ କାନ୍ଧରେ ବାହୁଙ୍ଗି ଧରି ବୋହି ନେଇ ମୁକୁଳା ପାଦରେ ଥିବା ପୂର୍ବରୁ ପ୍ରଥମେ ଆପଣା ସୁରକ୍ଷା କୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବିବାକୁ ପଡ଼ିବ। ସଡ଼କ ପଥରେ ଆପଣା ଆରାଧ୍ୟ ଠାକୁର ଙ୍କ ଶୈବପୀଠ ଅଭିମୁଖେ ବୋଲବମ ଯାତ୍ରା କରିବା ପାଇଁ ସମୁଚିତ ପଥ ନିର୍ଣ୍ଣୟ ଜରୁରୀ ଅଟେ। ବୋଲବମ ଯାତ୍ରା ରେ ସ୍ଥିରିଙ୍କ ନିଷ୍ଠା ରହୁ, ହେଲେ ଆପଣା ଭାବପ୍ରବଣତାକୁ ମଧ୍ୟ ନିୟନ୍ତ୍ରିତ କରିବା ଆବଶ୍ୟକ। ବୋଲବମ ଯାତ୍ରା ରେ ଅନ୍ୟ ଦ୍ୱାରା ଅନ୍ଧ ଭାବରେ ଅଯଥା ପ୍ରଭାବିତ ନହୋଇ କେବଳ ଆପଣା ସମର୍ଥ ଅନୁସାରେ ଦୂର ଯାତ୍ରା ନିର୍ଣ୍ଣୟ କଲେ ଆପଣା ସୁରକ୍ଷା ସହିତ ମନୋବାଞ୍ଛା ପୂରଣ ପାଇଁ ଉତ୍ତମ ପରିବେଶ ସୃଷ୍ଟି ହୋଇପାରିବ।

ଆପଣା ଭାବପ୍ରବଣତା ରେ ଏହି ବୋଲବମ୍ ଯାତ୍ରା ରେ କୁନି ପିଲା, ମହିଳା , ଅବିବାହିତା, ଶରୀର ଅସୁସ୍ଥ ଙ୍କୁ ସାମିଲ କରିବା ପୂର୍ବରୁ ସେମାନଙ୍କ ସୁରକ୍ଷା ପାଇଁ ଶହେଥର ଚିନ୍ତା କରି ଆବଶ୍ୟକ ବ୍ୟବସ୍ଥା କରିବା ବିଧେୟ। ଅଜଣା ସ୍ଥାନକୁ ଯିବା ପୂର୍ବରୁ ସେହି ସ୍ଥାନ ରେ ରହିଥିବା ସୁବିଧା ସୁଯୋଗ , ସୁରକ୍ଷାପାଇଁ ସଠିକ୍ ମାର୍ଗ ଏବଂ ପରିବେଶ ରହିଛି, ନାଁ ନାହିଁ ବୋଲି ଆଗୁଆ ବୁଝି ନେବାକୁ ହେବ। ରାସ୍ତାରେ ବାହୁଙ୍ଗି ଧରି ଗଲାବେଳେ ଏହାକୁ ବେକ ପଛରେ ଓସାରିଆ ପଟ ନଧରି ବାମ/ଡାହାଣ କାନ୍ଧରେ ଏକପାଖିଆ ଧରି ଗଲେ ରାସ୍ତାରେ ଯାନବାହାନ ସହିତ ଧକ୍କା ଖାଇବ ନାହିଁ। ଏହା ମଧ୍ୟ ଯାତାୟାତ କରୁଥିବା ଅନ୍ୟ ସହଯାତ୍ରୀମାନଙ୍କ ପାଇଁ ଅବରୋଧ ସୃଷ୍ଟି ହେବନାହିଁ। ଆପଣା ସୁରକ୍ଷା ପାଇଁ ପୋଷାକ/ ବାହୁଙ୍ଗି/ ଆପଣା ପଛରେ ରେଡିଅମ ପଟି ଲଗାଇଲେ ରାତ୍ରି କାଳୀନ ସଡ଼କ ପଥରେ ସୁରକ୍ଷିତ ବୋଲବମ ଯାତ୍ରା ଚିହ୍ନଟ କରିବା ପାଇଁ ସତର୍କତା ମୂଳକ ପଦକ୍ଷେପ ମିଳିପାରିବ। ଦୂର ଯାତ୍ରା ରହିଥିଲେ ରାତିରେ ବୋଲବମ ଯାତ୍ରା ବିନିଦ୍ର ରଜନୀ ଅବିଶ୍ରାନ୍ତ ପାଦଚଲା ଏଡାଇବା ଜରୁରୀ। ନିଜର ସମର୍ଥ ଅନୁସାରେ ଭାବ ରହିବା ମଧ୍ୟ ବିଚାରଣୀୟ ଅଟେ।

ପାଗ ପରିବେଶ ସୁରକ୍ଷା କୁ ଧ୍ୟାନ ଦେଇ ବୋଲବମ ଯାତ୍ରା ସୁଖଦ , ଆଧ୍ୟାତ୍ମିକ ଭ୍ରମଣ ଭାବେ ଉପଭୋଗ୍ୟ ଅଟେ। ଏଥିରେ ଭୋଳାବାବା ଗଞ୍ଜେଇ ଆଖ୍ୟାନ କୁ ପରଶୁଣା କଥାରେ ଭଳି ନଯାଇ ଉପବାସ ରେ ପ୍ରସାଦ ଭାବେ ବିଡି ଗଞ୍ଜେଇ ଟାଣିବା ଭଳି ନିଶାପାନ ରୁ ବିରତ ରହିବା ଜରୁରୀ। ଆପଣା ଆପଣା ମଜାମଜଲିଶ ତଥା ଖିଆଲି ଢଙ୍ଗରେ ପଥ ଅତିକ୍ରମ କଲାବେଳେ ଭଗବାନଙ୍କ ନାମ ସଂକୀର୍ତ୍ତନ ରେ ଅଭଦ୍ରୋଚିତ ଉଚ୍ଚାରଣ ଓ ଆଚରଣ କୁ ଏଡାଇ ଆପଣା ଭକ୍ତି ଓ ଶକ୍ତି କୁ ନିରବରେ ସଂଚାଳନ କରି ସଂଯମୀ ଭାବେ ବୋଲବମ ଯାତ୍ରା କୁ ପ୍ରେରଣାଦାୟୀ କରିବାକୁ ଚେଷ୍ଟା କରିବା ଜରୁରୀ ଅଟେ ।ଜଳଲାଗି କରିବା ସମୟରେ ମନ୍ଦିର ପରିବେଶ ଅନୁକୂଳ ଆପଣା ବ୍ୟବହାର ଓ ଶୃଙ୍ଖଳା ରକ୍ଷା କରିବା ପାଇଁ ସହଯୋଗ କରିବା ମଧ୍ୟ ଜରୁରୀ। ଜଳ ଉଠାଉଥିବା ନଦୀ ଘାଟରେ ପରିଷ୍କାର ପରିଚ୍ଛନ୍ନତାକୁ ନିଷ୍ଠାର ସହିତ ଅବଲମ୍ବନ କରିବା ଉଚିତ।

ବଡ଼ି ଭୋରରୁ/ ରାତିରୁ ଅଜଣା ଅଶୁଣା ଘାଟ ଅଞ୍ଚଳ, କୁମ୍ଭୀର/ ସରୀସୃପ ଆଶଙ୍କା ରହିଥିବା ଜଳାଶୟ ତଥା ଏହାର ଆଖପାଖ ସ୍ୱାପଦଶଙ୍କୁଳ ସମ୍ଭାବନା ରହିଥିବା ପରିବେଶ ମଧ୍ୟକୁ ଏକଲା ପ୍ରବେଶ ନକରିବା ସମୀଚିନ ଅଟେ। ଘରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଯାନବାହାନରେ ଯିବାପାଇଁ ଶୃଙ୍ଖଳା ରକ୍ଷା ଜରୁରୀ। ନିଷ୍ଠା ଓ ଭକ୍ତି ରେ ନିରାପଦରେ ବୋଲବମ ଯାତ୍ରା, ଶ୍ରାବଣ ବ୍ରତ ପାଳନ, ଓ ଶୃଙ୍ଖଳିତ ବ୍ୟବହାର ପ୍ରଦର୍ଶନ କରିବାରେ ମଧ୍ୟ ଅଶେଷ ପୂଣ୍ୟ ଅର୍ଜନର ମାର୍ଗ ଉନ୍ମୁକ୍ତ ହୋଇଥାଏ।

ଆଧ୍ୟାତ୍ମିକ ପଥରେ ବୋଲବମ୍ ଯାତ୍ରା ଅବସରରେ ଅଯଥା କୋଳାହଳକୁ ଏଡାଇ ପାରସ୍ପରିକ ସଦଭାବନା ରକ୍ଷାକରି ସମସ୍ତଙ୍କର ଏଥିରେ ନିରନ୍ତର ନିଷ୍ଠା ରହୁ। ଭକ୍ତି ମାର୍ଗ ରେ ରହି ସଭିଙ୍କର ଏହି ଆଧ୍ୟାତ୍ମିକ ଯାତ୍ରା ନିରାପଦରେ ସମ୍ପର୍ଣ୍ଣ ହେଉ। ବସୁଧୈବ କୁଟୁମ୍ବକମ ନୀତିରେ ସମସ୍ତେ ସମସ୍ତଙ୍କୁ ନିଃସ୍ୱାର୍ଥପର ସେବାରେ ବ୍ରତୀ ରୁହନ୍ତୁ। ଆପଣା ପରିବାର ଆପଣଙ୍କୁ ବୋଲବମ ଯାତ୍ରା ସମ୍ପର୍ଣ୍ଣ ଉପରାନ୍ତେ ଘରେ ନିଶ୍ଚିତ ଅପେକ୍ଷାମାଣ ରହିଥିବେ ବୋଲି ଯେପରି ଭୁଲି ନଯାଆନ୍ତୁ। ଜୟ ବୋଲବମ ଭକ୍ତ ଓ ପ୍ରଭୁ ଶ୍ରୀ ଭୋଳାନାଥ ଶ୍ୱିଶମ୍ଭୁ ! ଶ୍ରାବଣ ବ୍ରତ ପାଳନ ଓ ସୁରକ୍ଷିତ,ସୁଖଦ ବୋଲବମ ଯାତ୍ରା ପାଇଁ ସ୍ଥିରିଙ୍କୁ ମୋର ଅଶେଷ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।

**ସ୍ତମ୍ଭକାର ନାଟୁଣୀ ଖୋର୍ଦ୍ଧା**
**ପିନ୍ କୋଡ:-୭୫୨୦୩୪**
**ଫୋନ୍:-୬୩୭୦୪୯୫୯୪୪**
**mailpariprakas @gmail.com**

## ଜ୍ଞାନାମୃତ

# ବିଶ୍ୱାସ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ପ୍ରୀତ ହୋଇ ମହିଳାଙ୍କୁ ତାଙ୍କର ସମସ୍ୟା ସମାଧାନର ରାସ୍ତା ଦେଖାଇଲେ।

# ରାହୁ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଯେତେ ଅଘଟଣ, ଦଙ୍ଗା ସବୁ ମୂଳରେ ଏକ ଛାୟା ଶକ୍ତି କାମ କରିଥାଏ। ତାକୁ ଅନ୍ୟ ମତରେ କଣ କଣ ଧାରା ଗଲେ ବି ଜ୍ୟୋତିଷ ମତରେ ଛାୟା ଗ୍ରହ ବିପରୀତ ମାର୍ଗୀ ପଛପଟୁ ଲୁଚି ଛିଦ୍ର ଅନ୍ୱେଷଣ କରି ଏକ ସ୍ଥିର ଚରିତ୍ର, ସ୍ଥିର ପରମ୍ପରା ସ୍ଥିର ଶାସନକୁ ଦୋହଲାଇ ଦିଏ। ରାଶି ଚକ୍ରରେ ୧୨ ରାଶି, ପୁଣି ଚର, ସ୍ଥିର, ଦ୍ୱାତ୍ମିକ ୩ ଧାରାଚକ୍ର ଓ ପୁଣି ଅଗ୍ନୀ, ପୃଥ୍ୱୀ, ବାୟୁ, ଜଳ ଏପରି ଚାରି ଧାରା ଚକ୍ରରେ ଆସନ୍ତି। ଆହୁରି ଏକ ଦ୍ୱିଧା ଦକ୍ଷିଣାୟନ ଓ ଉତ୍ତରାୟନ ବିଭାଗ ରହିଛି। ଦିନରାତି ଅହର୍ନିଶ ଏ ଚକ୍ର ସ୍ଥିରତାରେ ଗ୍ରହ ଏହା ଉପରେ ଗୋଚର ଗତି କରୁଛନ୍ତି ଏହା ଉପରେ ସୂର୍ଯ୍ୟ, ଚନ୍ଦ୍ରଙ୍କ ଆଲୋକ ଦାନାର ପକ୍ରିୟାରେ ଛିଦ୍ର ଉଣ୍ଡି ଲୁଚି ଛପି ଛାୟା ପୁରୁଷ ରାହୁ କାୟା ବିସ୍ତାର କରୁଛନ୍ତି। ଏକ ପୁଷ୍କରିଣୀରେ ଜାଲୁଆମାନେ ଏକ କଡ଼ରୁ ଭିନ୍ନ କଡ଼ରେ ରହି ଜାଲ ଜଳ ଉପରେ ଓଜଳର ତଳ ଯାଏ ଟାଣି ଟାଣି ନେବା ବେଳେ ମାଛ ମାନେ ଜାଲ କଣା ଦୃଷ୍ଟେ ଛୋଟ ବଡ଼ କ୍ରମରେ ବାଛି ହୋଇ ଧରା ପଡ଼ନ୍ତି। ଲୋକେ ଚ୍ୟୁମାରୀ ଓ ବୃହତ ମାରି ଦୁଇ ପ୍ରକାର ଜାଲ ବ୍ୟବହାର କରନ୍ତି। ରାହୁ ଓ କେତୁ ପରସ୍ପର ଛଅ ରାଶି ବା ୧୮୦୦ ଦୂରରେ ରହିବା ସଦା ଦୃଶ୍ୟ। ମେଷ-ତୁଳା, ବୃଷ-ବିଛା, ମିଥୁନ-ଧନୁ, କର୍କଟ-ମକର, ସିଂହ-କୁମ୍ଭ, କନ୍ୟା-ମୀନ ଏହି କ୍ରମରେ ଛଅ। ଛଅ ରାଶି ବ୍ୟବଧାନରେ ରାହୁକେତୁ ସଦା ପାଞ୍ଚ ତାରାଗ୍ରହ ଓ ଖାଲି ଆଖିରେ ଦେଖାଯିବ ଦୁଇ ଜ୍ୟୋତିସ୍ମାନ ସୂର୍ଯ୍ୟ, ଚନ୍ଦ୍ରଙ୍କ ଭ୍ରମଣ କରିବା ବିପରୀତ ଦିଗରେ ଗତି କରନ୍ତି। ସୂର୍ଯ୍ୟ ଠାରୁ ବିପରୀତ ଛଅ ରାଶିରେ ସଦା ପୃଥିବୀ ରହନ୍ତି। ଚନ୍ଦ୍ର, ପୃଥିବୀର ଅତିନିକଟ ହେଲେ ପୂର୍ଣ୍ଣମା। ସୂର୍ଯ୍ୟଙ୍କ ଅତି ନିକଟତର ହୋଇ ପୃଥିବୀ ଠାରୁ ୧୮୦୦ ବା ଛଅ ରାଶି ଦୂରାଗତ ହେଲେ ପୂର୍ଣ୍ଣିମା ସାରଶ ଚକ୍ର ଅନୁଯାୟୀ ପ୍ରତି ୧୮ ବର୍ଷ ବ୍ୟବଧାନରେ ଯେବେ ଗ୍ରହଣ ବା ପରାଗ ହେଉଛି ପୁଣି ଥରେ ସେ ରାଶିରେ ହେଉଛି। ୧୮ବର୍ଷର ଅଧା ୯ବର୍ଷ, ପ୍ରତି ୯ ବର୍ଷରେ ରାହୁ ଓ କେତୁ ପରସ୍ପର ଅଧିକାର ରାଶିରୁ ୭ମ ରାଶକୁ ଆସନ୍ତି। ମନୁଷ୍ୟର ପୂର୍ଣ୍ଣ ଆୟୁକୁ ୧୦୮ ବର୍ଷ ଧରିଲେ ୯ଥର ଜନ୍ମ କାଳ ସ୍ଥାନକୁ ଆସୁଥିବେ ଏହାପରେ ପ୍ରତି ପ୍ରାୟ ଦେଢ଼ ବର୍ଷେ କ୍ରମରେ ୧୨ରାଶି କ୍ରମରେ ମେଷରୁ ମୀନ କ୍ରମରେ ପୁନଃ ବୃଷ ଦେଇ ଆସୁଥିବାରୁ ୩ ବର୍ଷରେ ଦୁଇ ଦୁଇ ରାଶି ଭୋଗ କରନ୍ତି। ରାଶି ଚକ୍ରରେ ବନ୍ଧାଯିବା ନିୟମ ଗୁଡ଼ିକ ଅନୁସାରେ ଋତୁ ପରିବର୍ତ୍ତନ ପରି ଧ୍ରୁବ, ଅଧ୍ରୁବ, ଏକ ଏକ ଧାରାସହ ଏହାର ଯୋଡ଼ି ଦ୍ୱୈତ ସମ୍ବନ୍ଧ ବି ହୁଏ। ଏହି ଯୋଡ଼ି ସମ୍ବନ୍ଧକ୍ଷ ସ୍ଥିରରୁ ଚରକୁ ଓ ସ୍ଥିରରୁ ଚରକୁ କେତୁ ଆସିଲା ବେଳେ ଅୟନ ପ୍ରବେଶ କାଳକୁ ବିଶେଷ ଦେଖାଯାଏ। କୁମ୍ଭ ସ୍ଥିର ବାୟୁ ରାଶି ଏ ସମୟରେ ରାହୁ । ଏ ରାଶିରୁ ୨୩ ନକ୍ଷତ୍ରର ଅର୍ଦ୍ଧଭୋଗ କରି ମକର ପୃଥ୍ୱୀ ରାଶିରେ ପ୍ରବେଶ କରିବେ ବାୟୁ ସଦା ଚଞ୍ଚଳକୁ ପୃଥ୍ୱୀ ସଦାସ୍ଥିର ଏଣେ ଏକ ଭଗ୍ନପାଦ ନକ୍ଷତ୍ର ଯାହା ବ୍ୟବସ୍ଥା ସ୍ଥିରକୁ ଭାଙ୍ଗେ। ତେଣେ କେତୁ ଏ ମଘା ୧୦ ନକ୍ଷତ୍ରରୁ ଅଶ୍ଳେଷା ୯ ନକ୍ଷତ୍ରକୁ ଯିବାକୁ ପାଦ ବଢ଼ାଉଛନ୍ତି, ଯାହା ଗଣ୍ଡ ସ୍ଥାନ ଅଗ୍ନୀ ଆଉ ଜଳର ସନ୍ନିବେଶ ସ୍ଥାନ। ସିଂହ ସ୍ଥିର ଅଗ୍ନୀ ସହ ରାଜକୀୟ ଧାରା ରାଶି ସ୍ଥିର ରାଜ କାନୁନ ପ୍ରକଟ ମାନର ରାଶି। କେତୁ ନିଆଁ ସ୍ରଷ୍ଟା ଗ୍ରହକୁ ରାଜଙ୍କ ଦଣ୍ଡନୀତି ଏହି ଦେଢ଼ ବର୍ଷ ଦୁନିଆରେ ଖାଲି ଯୁଦ୍ଧ ଆଉ ଯୁଦ୍ଧ। ଏହା ମଧ୍ୟରେ ସାଗର ଜଳ ହିଁ ସମସ୍ୟା ଏହାର କାରଣ କର୍କଟ ଜଳ ରାଶିକୁ ମୀନର ଜଳରାଶି। ମୀନରୁ ମେଷକୁ ଶନି ସେହିପରି ଦୁଇ ଗଣ୍ଡ ନକ୍ଷତ୍ର ଦେଇ ଆସିବେ। କଠୋର ରାଜଆଜ୍ଞାରେ ସଂସାରରେ ହଇଚଇ କର୍କଟର ଜଳକୁ ମିଥୁନର ବାୟୁ ଠେଲୁଛି। ଜଳର ତରଙ୍ଗ ମାଡ଼ ସିଂହ ଆରମ୍ଭ ସୀମାରେ ଅଗ୍ନୀ ଉପରେ ମାଡ଼ ଦେଉଛି। ଏହି ସମୟରେ ରାହୁ ଯେ ବିଦେଶୀ ବିଚ୍ଛିନ୍ନ ପନ୍ଥୀଶକ୍ତି ସ୍ଥାୟୀ ଶାସନ ଧାରାକୁ ଅନ୍ଧାଗ୍ରହ କେତୁ ଉପରେ ଦୃଷ୍ଟି ଦେଇ ବିପ୍ଳବ ଲଗାଇ ଛୋଟ ପ୍ରସଙ୍ଗକୁ ବଡ଼ କରି ଅନର୍ଥ ଲଗାଇ ଜନବିପ୍ଳବ ସୃଷ୍ଟି କରାଉଛି। ରାହୁ ମୁଣ୍ଡ କେତୁଗଣ୍ଡି। ଗଣ୍ଡିରେ ହାତଗୋଡ଼ କାର୍ଯ୍ୟକାରୀ ଇନ୍ଦ୍ରିୟ ରହିଲାବେଳେ ମୁଣ୍ଡର ଆଦେଶ ଦେବା କ୍ଷମତା ରହିଛି। ରାହୁ ବାୟୁ ରାଶି ରହି ଅଗ୍ନୀ ରାଶିରେ ତାର ପ୍ରତିନିଧି ରାହୁର ଆଦେଶକୁ କେବଳ କାର୍ଯ୍ୟକାରୀ ଏ ସମୟରେ ଅନୁଭବ ହେଉଛି। ଯେପରି ତିନି ପ୍ରକାର ଆଗ୍ନେୟ ଗିରି ରହିଛି ସେହି ପ୍ରକାର ରାଶିଚକ୍ରରେ ଏ ପ୍ରକାର ଅଗ୍ନିରାଶି ରହିଛି। ମୃତ, ସୁପ୍ତ ମଧ୍ୟରେ ଜୀବନ୍ତ। ଦିନେ ଅଗ୍ନୀ ଉଦଗୀରଣ ହେଉଥିଲା ଏବେ ନାହିଁ କିନ୍ତୁ ସମ୍ଭାବନା ଯାଇ ନାହିଁ ଏ ରାଶି ସିଂହ ରାଶିରେ ବେଶୀ ଅନୁଭୂତ। ବିପ୍ଳବରୁ ଗଣତନ୍ତ୍ର ଜନ୍ମ ଏହାର ସ୍ଥାୟୀ ପ୍ରଶାସନ ପାଇଁ ସ୍ଥିର ସମ୍ବିଧାନ ରହିଛି ମାତ୍ର ସମୟକୁ ପୁନଃ ବିପ୍ଳବ ଆସେ ଏହାକୁ ଦମନ କରାଯାଏ ଯଦି ଆହୁରି କୁହୁଳେ, ରାଜ କାନୁନ ସଂସ୍କାର କରି ପୁଣି ସ୍ଥାୟୀ ନିୟମ କାର୍ଯ୍ୟକାରୀ ହୁଏ। ପ୍ରଶାସନ ଅଗୋଚରେ ବିପ୍ଳବର ଦାନା ବାନ୍ଧେ ଏହା ରାହୁର ଲୀଳା। ଯାହା ଏକ ସ୍ଥାୟୀ ବ୍ୟବସ୍ଥାକୁ ବିଦେଶୀଙ୍କ ଗୁପ୍ତ ରଣନୀତି ଆକ୍ରମଣ କରୁଛି। ଏହା କୋକୁଅ, ସୁସ୍ଥ କୃଷ୍ଣ ବଳରାମଙ୍କ ଦ୍ୱାରିକା ପ୍ରଶାସନକୁ ବି ଭାଙ୍ଗି ଦେଇଥିଲା।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩**

# ଦଶମଶ୍ରେଣୀ ଛାତ୍ରହତ୍ୟା ମାମଲା, ୨ ଗିରଫ




**ଜୟପୁର (ଅମୃତ ମିଡିଆ) :** ଗତ ୩୧ ତାରିଖରେ ମଧ୍ୟାନ ଭୋଜନ ଛୁଟି ସମୟ ରେ ବାରିଣୀପୁଟ ଛାତ୍ର କୁ ହତ୍ୟା ଘଟଣା ରେ ଆଜି ଜୟପୁର ସଦର ପୋଲିସ ହତ୍ୟା ଘଟଣା ରେ ସମ୍ପୃକ୍ତ ଥିବା ଦୁଇ ଅପରାଧି ଙ୍କୁ ଗିରଫ କରିଛି. ଗିରଫ ହୋଇଥିବା ବ୍ୟକ୍ତି ଜଣକଙ୍କ ଭିତରୁ ଜଣେ ହେଉଛନ୍ତି ଅଫତାବ ହିଆଲ ଅନ୍ୟ ଜଣେ ନ୍ବାଳକ ବୋଲି ପୋଲିସ ତରଫରୁ ସାମ୍ବାଦିକ ସମିଳନୀ କରି ସୂଚନା ଦିଆଯାଇଛି. ଘଟଣା ରେ ସମ୍ପୃକ୍ତ ଥିବା ଦୁଇ ଜଣ ଙ୍କ ଭିତରୁ ଯୁବକ ଜଣଙ୍କୁ କୋର୍ଟ ଓ ନାବାଳକ ଜଣ ଙ୍କୁ ଜୁବେନାଲ ଜଷ୍ଟିଶ କୋର୍ଟ କରାଯାଇଛି ଚାଲାଣ. ପୋଲିସ ସୂଚନା ମୁତାବକ ଗତ ୩୧ ତାରିଖରେ ବାରିଣୀପୁଟ ଯୋଜନା ଉଚ୍ଚ ବିଦ୍ୟାଳୟ ରେ ମଧ୍ୟାନ୍ନ ଭୋଜନ ଛୁଟି ସମୟ ରେ ସ୍କୁଲ ବାହାରେ କିଛି ଛାତ୍ର ଓ ଅଣ ଛାତ୍ର ଙ୍କ ଭିତରେ ବଚଷା ହୋଇଥିଲା ଓ ଏହି ବଚସା ସମୟ ରେ ବଚଶା ରେ ପୁର୍ଣ ଛେଦ ପକାଇବା ପାଇଁ ମଧ୍ୟସ୍ଥି କରିବାକୁ ଉଦ୍ୟମ କରିଥିବା ଛାତ୍ର କୁ ଅନ୍ୟ ଗୋଷ୍ଠୀ ର ଦୁଇ ଜଣ ଙ୍କ ଭିତରୁ ଜଣେ ତାଙ୍କୁ କାବୁ କରି ଧରିଥିଲା ଓ ଅନ୍ୟଜଣ ଯୁବକ ତାଙ୍କ ପେଟକୁ ଧାରୁଆ ଛୁରୀ ରେ ଆକ୍ରମଣ କରିଥିଲା. ଗୁରୁତର ଅବସ୍ଥାରେ ଛାତ୍ର ଜଣଙ୍କୁ ଏକ ଘରୋଇ ହସ୍ପିଟାଲ କୁ ଚିକିତ୍ସା ପାଇଁ ନିଆଯାଇଥିଲା ସେଠି ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ. ହତ୍ୟା ରେ ବ୍ୟବହୃତ ହୋଇଥିବା ଧାରୁଆ ଛୁରୀ କୁ ବି ପୋଲିସ ଜବତ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟ ଠାରେ ଦଶମ ଶ୍ରେଣି ଛାତ୍ର ମହେଶ ବାଘ ହତ୍ୟା ମାମଲାର ପ୍ରଦାଫାସ କରିଛି ପୋଲିସ । ଏନେଇ ଜୟପୁର ସଦର ଥାନା ରେ ଏସଡିପିଓ ଅଜିତା ମିଓଲ ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି । ହତ୍ୟା ମାମଲାରେ ବାରିଣିପୁଟର ଯୁକ୍ତ ଦୁଇ ଛାତ୍ର ଅବତାବ ହିଆଲ (୧୮) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଏକ ନାବାଳକ (୧୪) ଅଭିଯୁକ୍ତକୁ ଜୁଭେଲାଇନ ଜଷ୍ଟିସ ବୋର୍ଡ ଙ୍କ ନିକଟରେ ହାଜର କରାଯାଇଛି । ପୋଲିସ ସୁଚନା ଅନୁଯାଇ ଗତ ୩୧ ତାରିଖ କେ ମଧ୍ୟାହ୍ନ ଭୋଜନ ଛୁଟି ସମୟରେ ମହେଶ ବାଘ ଙ୍କ ସହ ୫ ଜଣ ବିସ୍କୁଟ କିଣିବାକୁ ବାହାରିଥିଲେ । ନାବାଳକ ଅଭିଯୁକ୍ତ ମଧ ଉକ୍ତ ବିଦ୍ୟାଳୟରେ ୯ ମ ଶ୍ରେଣି ପଢୁଛନ୍ତି । ନାବାଳାକ ଅଭିଯୁକ୍ତ ସହ ତାଙ୍କ ଶ୍ରେଣିର ଅନ୍ୟ ସହପାଠୀ ଛାତ୍ର ସହ ବିବାଦ ରହିଥିଲା । ଉକ୍ତ ଛାତ୍ର ମଧ ମୃତ ମହେଶ ଙ୍କ ସହ ଥିବା ୫ ଜଣ ଙ୍କ ମଧ୍ୟରୁ ସେ ଥିଲେ । ବିଦ୍ୟାଳୟ ବାହାରେ ଛାତ୍ର ଓ ଅଣ ଛାତ୍ର ଙ୍କ ଭିତରେ ବଚଶା ହୋଇଥିଲା । ଅଭିଯୁକ୍ତ ନାବାଳକ ଜଣକ ତାଙ୍କ ବଡ ଭାଇ କୁ ଖବର ଦେଲେ । ଅଭିଯୁକ୍ତ ବଡ ଭାଇ ଏକ ଛୁରି ଆଣି ଉକ୍ତ ନବମ ଶ୍ରେଣି ଛାତ୍ର କୁ ଆକ୍ରମଣ କରୁଥିବା ବେଳେ ମୃତ ମହେଶ ମଧସ୍ଥି କରିଥିଲେ । ଅନ୍ୟ ଗୋଷ୍ଠିର ୨ ଜଣ ଭିତରୁ ଜଣେ ତାଙ୍କୁ କାବୁ କରିଥିଲେ । ଅନ୍ୟ ଜଣେ ଯୁବକ ତାଙ୍କ ପେଟକୁ ଛୁରିରେ ଆକ୍ରମଣ କରିଥିଲେ । ଗୁରୁ ତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଜୟପୁର ସଦର ପୋଲିସ ଅଭିଯୋଗ ପାଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସାଇଣ୍ଟିଫିଟ ଟିମ ସହ ପୋଲିସ ତଦନ୍ତ କରିଥିଲା । ହତ୍ୟାରେ ବ୍ୟବହୃତ ଛୁରିକୁ ମଧ ଜବତ କରିଛି । ହତ୍ୟା କାଣ୍ଡ ଘଟାଇ ଅଭିଯୁକ୍ତ ମାନେ ଚମ୍ପଟ ମାରିଥିବା ବେଳେ ଆଜି ସେ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସାମ୍ବାଦିକ ସମ୍ମାଳନିରେ ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ଅଭିଯୁକ୍ତ କୁ ଗିରଫ କରିବା ଦାବିରେ ବାରିଣିପୁଟ ଫାଣ୍ଡି ନିକଟରେ ଦୁଇ ଦିନ ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ଉଭୟ ପଟେ ଶହ ଶହ ଗାଡି ଅଟକି ରହିବା ସହ ସାଧାରଣ ଜୀବନ ଯାପନରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଏନେଇ ଜୟପୁର ସଦର ପୋଲିସ ୧୫ ରୁ ଉର୍ଦ୍ଧ ଜଣଙ୍କ ନାମରେ ୨ଟି ମାମଲା ରୁଜୁ କରିଥିବା ବିଷୟ ଏସଡିପିଓ ମିଓଲ ସୁଚନା ଦେଇଛନ୍ତି ।

# ଓଲାଶୁଣୀ ପାରା ସଂଘର ପାରାଉଡ଼ା ପ୍ରତିଯୋଗିତା



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡ଼ଚଣା ବ୍ଲକ ବାଲିପଡିଆ ଠାରେ ଓଲାଶୁଣୀ ପାରା ସଂଘ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ପାରା ଉଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗସିଂହପୁର ପ୍ରଭୃତି ଜିଲ୍ଲା ରୁ ୨୦ରୁ ଉର୍ଦ୍ଧ୍ୱ ପାରା ଉଡାଳି ଯୋଗଦେଇଥିଲେ, ବାଲିପଡିଆ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାଲେପୁର ପାରା ସଙ୍ଗର ସଭାପତି ନାରାୟଣ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତାଭାବେ ଆଦର୍ଶ ଶିକ୍ଷକ ବିନୋଦ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଅଜିତ କୁମାର ପ୍ରଧାନ ଯୋଗଦେଇ ପାରା ରଖିବାର ପରମ୍ପରା ଓ ଆଭିମୁଖ୍ୟ ଉପରେ ମତପୋଷଣ କରିଥିଲେ, ଅନ୍ୟତମ ଅତିଥି ଭାବେ ଉପେନ୍ଦ୍ର କୁମାର ତ୍ରିପାଠୀ, ନୂର ଖାଁ, ଉପେନ୍ଦ୍ର ମଲିକ , ଶିବପ୍ରସାଦ ସିଂହ ପ୍ରମୁଖ ଯୋଗ ଦେଇ ଏହି ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଅଞ୍ଚଳ ସହ ଭାଇଚାରା ର ସମ୍ପର୍କ ଦୃଢୀଭୂତ ହୁଏ ବୋଲି ମତ ରଖିଥିଲେ, ପ୍ରତିଯୋଗିତା ରେ ଯାଜପୁର ଜିଲ୍ଲା ବାଲିପଡିଆ ଗ୍ରାମର ଆକାଶ କୁମାର ମଲିକ ତାଙ୍କର ୪ଗୋଟି ପାରା ୨୨ଘଣ୍ଟା ଧରି ଅକାଶରେ ଉଡାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ପଞ୍ଚୁପାଣ୍ଡବ ଗ୍ରାମର ନୂରଖାଁ ୧୩ଘଣ୍ଟା ୨୩ମିନିଟ ପାରା ଉଡାଇ ଦ୍ୱିତୀୟ ସ୍ଥାନ ଅଧିକାର, କେନ୍ଦ୍ରାପଡା ଜିଲ୍ଲା ଘଣ୍ଟପଦା ଗ୍ରାମର ଟୁଟୁନି ଦାସ ୯ଘଣ୍ଟା ୧୯ମିନିଟ୍ ପାରା ଉଡାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପ୍ରତିଯୋଗୀତା ରେ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ମଞ୍ଚାସୀନ ଅତିଥି ମାନେ ମାନପତ୍ର ଉତ୍ତରୀୟ, ଫୁଲତୋଡ଼ା, ସିଲ୍ କପ ଓ ନଗଦ ଅର୍ଥରାଶି ଦେଇ ସମ୍ମାନିତ କରିଥିଲେ, ଗଗନ ବିହାରୀ ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିଥିଲା ବେଳେ ହରପ୍ରସାଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ଏହି କାର୍ଯ୍ୟକ୍ରମରେ ଦିଲୀପ କୁମାର ସେଠୀ, ଭଜହରି ମଲିକ , ବିବେକ ଭୋଇ, ରାଜା ମଲିକ ପ୍ରମୁଖ ସହଯୋଗ କରିଥିଲେ ।

## ସ୍କୁଲ୍ ପରିସରରୁ ଷଷ୍ଠଶ୍ରେଣୀ ଛାତ୍ରୀଙ୍କ ସାଇକେଲ ଚୋରି

# ଅଭିଭାବକଙ୍କ ଅଭିଯୋଗକୁ ପ୍ରଧାନଶିକ୍ଷକଙ୍କ ଖଣ୍ଡନ

**ଦଶପଲ୍ଲା (ଅମୃତ ମିଡିଆ) :** ଥାନା ଅନ୍ତର୍ଗତ ଜାନିସାହି ଗ୍ରାମର ଜଣେ ସ୍କୁଲ୍ ଛାତ୍ରୀଙ୍କ ପ୍ରାୟ ୨୮ ହଜାର ଟଙ୍କା ମୂଲ୍ୟର ସାଇକେଲ ସ୍କୁଲ୍ ପରିସରରୁ ଚୋରି ହେବା ଘଟଣା ଏବେ ଏକ ନୂଆ ମୋଡ଼ ନେଇଛି । ଅଭିଭାବକଙ୍କ ଦ୍ୱାରା କରାଯାଇଥିବା ଅସହଯୋଗ ଅଭିଯୋଗକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିବା ସହ ସ୍କୁଲ୍ ପ୍ରଶାସନ ତରଫରୁ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରାଯାଉଥିବା ସ୍ପଷ୍ଟ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଦଶପଲ୍ଲା ଥାନା ଅନ୍ତର୍ଗତ ଜାନିସାହି ଗ୍ରାମର ବାସିନ୍ଦା ଚିତ୍ତରଞ୍ଜନ ପ୍ରଧାନଙ୍କ ଝିଅ ଆଦ୍ୟାଶା ପ୍ରିୟଦର୍ଶିନୀ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢ଼ନ୍ତି । ଗତ ୩୦/୦୭/୨୦୨୬ ରିଖ ଦିନ ସେ ସାଇକେଲ ଯୋଗେ ସ୍କୁଲ୍‌କୁ ପାଠ ପଢ଼ିବା ପାଇଁ ଯାଇଥିଲେ । ସ୍କୁଲ୍‌ରେ ପହଞ୍ଚିବା ପରେ ଭୁବନେଶ୍ୱରରେ 'ଫ୍ୟାନ୍ସି ସାଇକେଲ୍ ଷ୍ଟୋର୍‌ରୁ ୨୮,୦୦୦ ଟଙ୍କାରେ କ୍ରୟ କରାଯାଇଥିବା ତାଙ୍କର ସାଇକେଲ୍‌ଟିକୁ ସ୍କୁଲ୍‌ର ନିର୍ଦ୍ଦିଷ୍ଟ ଷ୍ଟାଣ୍ଡରେ ରଖି ଶ୍ରେଣୀ ଗୃହକୁ ଯାଇଥିଲେ । ମାତ୍ର ସ୍କୁଲ୍ ଛୁଟି ହେବା ପରେ ସେ ନିଜ ସାଇକେଲ ନେବାକୁ ଆସିବା ବେଳକୁ ସେଠାରେ ସାଇକେଲଟି ନଥିବା ଦେଖିବାକୁ ପାଇଥିଲେ । ପୂର୍ବରୁ ଅଭିଭାବକଙ୍କ ପକ୍ଷରୁ ପ୍ରଧାନଶିକ୍ଷକଙ୍କ ଅସହଯୋଗ ଏବଂ ସିସିଟିଭି ଅଚଳ ଥିବା ନେଇ ଅଭିଯୋଗ ହୋଇଥିଲା । ମାତ୍ର ଏହି ସମସ୍ତ ଅଭିଯୋଗକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୃଢ଼ତାର ସହ ଖଣ୍ଡନ କରିଛନ୍ତି । ପ୍ରଧାନଶିକ୍ଷକ କହିଛନ୍ତି ଯେ, ସ୍କୁଲ୍ କର୍ତ୍ତୃପକ୍ଷ ଏହି ସମ୍ବେଦନଶୀଳ ମାମଲାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି । ଛାତ୍ରୀଙ୍କ ସାଇକେଲ ଚୋରି ହେବା ଜାଣିବା ପରେ ସ୍କୁଲ୍ ତରଫରୁ ମଧ୍ୟ ତୁରନ୍ତ ସ୍ଥାନୀୟ ଥାନାରେ ଏକ ଲିଖିତ ଏଫ୍‌ଆଇଆର୍ ଦାୟର କରାଯାଇଛି । ପ୍ରଧାନଶିକ୍ଷକ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ସ୍କୁଲ୍ ପ୍ରଶାସନ ପୋଲିସର ତଦନ୍ତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ସାହାଯ୍ୟ ଓ ସହଯୋଗ କରୁଛି । ଚୋରକୁ ଧରିବା ଏବଂ ଛାତ୍ରୀଙ୍କ ମୂଲ୍ୟବାନ ସାଇକେଲ୍‌କୁ ଉଦ୍ଧାର କରିବା ପାଇଁ ପୋଲିସ ଯେଉଁସବୁ ତଥ୍ୟ ମାଗୁଛି, ସ୍କୁଲ୍ ପକ୍ଷରୁ ତାହା ତୁରନ୍ତ ଯୋଗାଇ ଦିଆଯାଉଛି । ଛାତ୍ରୀଙ୍କ ପିତା ଚିତ୍ତରଞ୍ଜନ ପ୍ରଧାନଙ୍କ ପକ୍ଷରୁ ମଧ୍ୟଖଣ୍ଡି ଫାଣ୍ଡିରେ ସାଇକେଲ କ୍ରୟର ଅସଲି ଜିଏସଟି ବିଲ୍ ଏବଂ ଫ୍ରେମ୍ ନମ୍ବର ସହ ଅଭିଯୋଗ କରାଯାଇଛି । ବର୍ତ୍ତମାନ ଉଭୟ ପରିବାର ଏବଂ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ସହଯୋଗରେ ପୋଲିସ ଏହି ମାମଲାର ଛାନଭିନ କରୁଛି । ଷଷ୍ଠ ଶ୍ରେଣୀର ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀଙ୍କ ସାଇକେଲ୍‌ଟିକୁ ଯଥାଶୀଘ୍ର ଉଦ୍ଧାର କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଓ ଅଭିଭାବକ ମହଲ ଦାବି ।

# ସ୍ୱଚ୍ଛତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ - ପୌରାଧକ୍ଷ ବସନ୍ତ ବିଶ୍ୱାଳ




**ପାରାଦୀପ (ଅମୃତ ମିଡିଆ) :** ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବ୍ୟାପକ ବୃକ୍ଷରୋପଣ ର ଆବଶ୍ୟକତା ରହିଥିବା ବେଳେ ପାରିପାର୍ଶ୍ୱିକ ସ୍ୱଚ୍ଛତା ନିମନ୍ତେ ପୌରପାଳିକା ନେତୃତ୍ୱରେ ବିଭିନ୍ନ ଏନଜିଓ ସହାୟତାରେ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ତ୍ୱରାନ୍ୱିତ କରାଯିବ । ଏହି ପରିପ୍ରେକ୍ଷୀରେ ରବିବାର ଦିନ ପୌର ପ୍ରଶାସନ ଭାବନର ସମ୍ମିଳନୀ କକ୍ଷରେ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ପାରିଷଦ ସୁବ୍ରତ ପ୍ରଧାନ ଯୋଗଦେଇ ଆସନ୍ତା ଅଗଷ୍ଟ ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ପାରାଦୀପ ପୌରାଞ୍ଚଳରେ ବ୍ୟାପକ ବୃକ୍ଷ ରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା । ଏତଦବ୍ୟତୀତ ଚଳିତ ବର୍ଷା ଦିନେ ଡେଙ୍ଗୁ ଓ ଅନ୍ୟାନ୍ୟ ରୋଗ ସମ୍ପର୍କରେ ସଚେତନତା, ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ସମୟରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଇତ୍ୟାଦି ଉପରେ ପୌର କର୍ମଚାରୀ ଙ୍କ ସମେତ ଏନଜିଓ ସଦସ୍ୟ ମାନେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ଓ ନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡା ଏକକ ପ୍ଲାଷ୍ଟିକ ବ୍ୟବହାର ଏବଂ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଥିଲେ । ତେବେ ପ୍ରାଥମିକ ଭାବେ ୧୭, ୧୮ ଓ ୧୯ ନମ୍ବର ୱାର୍ଡରେ ମେଗା ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପୌରାଧକ୍ଷ ବସନ୍ତ ବିଶ୍ୱାଳ ସୂଚନା ଦେଇଥିଲେ । ପାରାଦୀପ ସହରକୁ ସବୁଜ ସୁନ୍ଦର ଓ ସ୍ୱଚ୍ଛ ରଖିବା ଏବଂ ବିଭିନ୍ନ ୱାର୍ଡରେ ନିୟମିତ ସ୍ୱଚ୍ଛତା କାର୍ଯ୍ୟରେ ସହଯୋଗ ପାଇଁ ଉପସ୍ଥିତ ବିଭିନ୍ନ ସ୍ୱେଚ୍ଛାସେବୀ ଓ ଏନଜିଓ ସଂଗଠନର ପ୍ରତିନିଧି ମାନେ ଆଲୋଚନା କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଗ୍ରୀନ ପାରାଦୀପ ଟ୍ରଷ୍ଟ, ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ, ଏନସିସି ଆଲୁମୁନି ଆସୋସିଏସନ, ଅସହାୟ କଲ୍ୟାଣ ସମିତି, ଆହ୍ୱାନ ଫାଉଣ୍ଡେସନ, ଏନଭାଇରନମେଣ୍ଟ ପ୍ରୋଟେକ୍ସନ ଟ୍ରଷ୍ଟ, ପାରାଦୀପ ରୋଟାରୀ କ୍ଲବ, ପାରାଦୀପ ଲାଫିଙ୍ଗ କ୍ଲବ, ଏମସିସି, ସତଭିକ ସୋଲ ଫାଉଣ୍ଡେସନ, ବିବେକାନନ୍ଦ ଯୁଥ କ୍ଲବ, ନୀଳାଚଳ ଯୁଥ କ୍ଲବ, ଆଖଣ୍ଡଳମଣି ଯୁଥ କ୍ଲବ, ଆଦର୍ଶ ପ୍ରୟାସ, ବଜରଙ୍ଗ ଦଳ, ବାଲିଝରା ଯୁଥ ୱେଲଫେୟାର ଟ୍ରଷ୍ଟ, ଉର୍ମିଳା ଦେବୀ ଚାରିଟେବୁଲ ଟ୍ରଷ୍ଟ, ମହିଳା କଲ୍ୟାଣ ଟ୍ରଷ୍ଟ ପ୍ରମୁଖର କର୍ମକର୍ତ୍ତା ମାନଙ୍କ ସମେତ ବହୁ ପାରିଷଦ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗ କରିବାର ପ୍ରତିଶୃତି ଦେଇଥିଲେ । ଶେଷରେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସମସ୍ତଙ୍କ ଉପସ୍ଥିତି ଓ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଟ ପ୍ରଶ୍ନପତ୍ର ଲିକ ଘଟଣା

# ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ କଂଗ୍ରେସର ଦୀପଦାନ



**ଆଠମଲ୍ଲିକ (ଅମୃତ ମିଡିଆ) :** ନିଟ ପ୍ରଶ୍ନପତ୍ର ଲିକ ଘଟଣାରେ ମର୍ମାହତ ହୋଇ ଆତ୍ମ ହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ କଂଗ୍ରେସ ପକ୍ଷରୁ ଦୀପଦାନ କରା ଯାଇଥିଲା । ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା ମାହେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ନଗର କଂଗ୍ରେସ ସଭାପତି ଇଂ କମଳାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ ସମର୍ଥକ ଏକତ୍ରିତ ହୋଇ ଦୀପଦାନ ଓ ନିରବ ପ୍ରାର୍ଥନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଟ୍ଟ, ରାଜ୍ୟ ସାଧାରଣ ସମ୍ପାଦକ ବିଜୟାନନ୍ଦ ଚାଉଳିଆ, ଗତ ସାଧାରଣ ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଚାଉଳିଆ, ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସ ସାଧାରଣ ସମ୍ପାଦକ ଟିକନ ବେହେରା, ଆଠମଲ୍ଲିକ ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର ସାହୁ, କିଶୋରନଗର ବ୍ଲକ କଂଗ୍ରେସ ସଭାପତି ଆଲୋକ ପ୍ରଧାନ, କଂଗ୍ରେସ ନେତା ଅନାମ ଚରଣ ସ୍ୱାଇଁ,ରାମାନନ୍ଦ ପାଣିଗ୍ରାହୀ,ସରୋଜ ମହାକୁଡ଼, ପ୍ରଦୀପ କୁମାର ପ୍ରଧାନ, କୁନା ଚରଣ ରଥ,ସ୍ୱଦେଶ ରଥ,ଆଇନଜୀବୀ ଅଜିତ କୁମାର ମହାନ୍ତି, ସୁନୀଲ ପ୍ରଧାନ,ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଜୋନ ସଭାପତି ଉପସ୍ଥିତ ଥିଲେ ।

# ବନ୍ୟାଞ୍ଚଳରେ ମା ବୁଢ଼ୀସାରି ଫାଉଣ୍ଡେସନ ପକ୍ଷରୁ ସୁଖିଲା ଖାଦ୍ୟ ବଣ୍ଟନ



କୁଜଙ୍ଗ (ଅମୃତ ମିଡିଆ) : ଲଘୁଚାପଜନିତ ବର୍ଷାରେ ସାରା ଓଡିଶା ପ୍ରଭାବିତ ହୋଇଥିବା ବେଳେ ସେହିଭଳି ଜଗତସିଂହପୁର ଜିଲ୍ଲା ମଧ ପ୍ରଭାବିତ ହୋଇଛି ,ଗତ ୨୬ ତାରିଖ ରୁ ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି । ଏପରି ପରିସ୍ଥିତିରେ ଅଞ୍ଚଳରେ ମହାନଦୀ ରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇ ଥିବା ବେଳେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜିଲ୍ଲାନାସୀ ପଞ୍ଚାୟତ ର ଶାହାରାଡ଼ିଆ , କୁଦୁମାଳ , ତେନ୍ତୁଳିଆଖମାର, ମଧୁପୁର,ଜୟସଙ୍ଗପୁର, ବ୍ରିଜ ନିକଟରେ ବନ୍ୟା ପ୍ରଭାବିତ ହୋଇଛି ।ଜଳବନ୍ଦୀ ଅବସ୍ଥାରେ ଥିବା ଲୋକଙ୍କୁ ମା ବୁଢ଼ୀସାରି ଫାଉଣ୍ଡେସନ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି, ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କ ନିକଟରେ ଆବଶ୍ୟକୀୟ ସୁବିଧା ଦିଆଯାଉଥିଲେ ମଧ ଫାଉଣ୍ଡେସନ ର କର୍ମକର୍ତ୍ତା ଲୋକଙ୍କ ପାଖରେ ପହଞ୍ଚି ସହଯୋଗ କରିଛନ୍ତି । ପାଣି ଯୋଗୁଁ ସେମାନେ ରୋଷେଇ କରି ଖାଇପରୁ ନଥିବା ବେଳେ ସେମାନଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ, କ୍ୟାଣ୍ଡେଲ, ଦିଆସିଲ, ପାଣି ବୋତଲ ପ୍ରଭୃତି ସାମଗ୍ରୀ ବନ୍ୟା ପ୍ରଭାବିତ ଙ୍କ ପରିବାରଙ୍କୁ ଦିଆଯାଇଥିଲା । ଯଦି ଖୁବ୍ ଶୀଘ୍ର ପରିସ୍ଥିତିରେ ସୁଧାର ନ ଆସେ, ତେବେ ମା ବୁଢ଼ୀସାରି ଫାଉଣ୍ଡେସନ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ଫାଉଣ୍ଡେସନର ଅଧକ୍ଷା ସ୍ନେହା ପ୍ରିୟଦର୍ଶନୀ ବେହେରା ଓ ଉପଦେଷ୍ଟା ପ୍ରଳୟ ମହାପାତ୍ର ପ୍ରକାଶ କହିଛନ୍ତି । ଏଥିରେ ଫାଉଣ୍ଡେସନ୍ ର କର୍ମକର୍ତ୍ତା ତଥା ଉପଦେଷ୍ଟା ପ୍ରସନ୍ନ କୁମାର ସେଠୀ, ଉମାକାନ୍ତ ବେହେରା, ସମ୍ପାଦିକା ଚନ୍ଦ୍ରମା ବେହେରା, କୋଷାଧକ୍ଷା କାଦମ୍ବିନି ସାହାଣୀ , ସଭାପତି ଭାଗ୍ୟବତୀ ପ୍ରଧାନ,ଉପସଭାପତି ମଧୁସ୍ମିତା ସ୍ୱାଇଁ ସଭ୍ୟା ରଶ୍ମୀତା ବେହେରା, ରୁନୀୟା ଦାସ, ରାଜାଶ୍ରୀ ମୋହନ୍ତି, ପୁଷ୍ପ ବେହେରା ପ୍ରମୁଖ ଉପସ୍ଥିତ ରହି ବାଣ୍ଟିବାରେ ସହଯୋଗ କରିଥିଲେ ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଆଠମଲ୍ଲିକ (ଅମୃତ ମିଡିଆ) :** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନଅଗାଁ ପଞ୍ଚାୟତ କୁଟେଶ୍ୱର ରେ ଥିବା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ ର ଅବସର ଗ୍ରହଣ କରିଥିବା ମୁଖ୍ୟ ଚପରାଶି କପିଳ ବେହେରା ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ପୁରାତନ ଛାତ୍ର ସଂସଦ ର ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା ରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ପ୍ରାଣବନ୍ଧୁ ଭୁରଭୁରି, ସଂମ୍ମାନିତ ଅତିଥି ଭାବରେ କୃପାସିନ୍ଧୁ ଭୁରଭୁରି, ସଦାଶିବ ସାହୁ ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ଗ୍ରହଣ କରିଥିବା କପିଳ ବେହେରା ସ୍କୁଲ ଆରମ୍ଭ ରୁ ବର୍ତମାନ ପର୍ଯ୍ୟନ୍ତ ସ୍କୁଲ ପାଇଁ ଥିବା ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସ୍କୁଲ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରା ଯାଇଥିଲା କ୍ଷ ଶିକ୍ଷକ ଶ୍ରୀକାନ୍ତ ମେହେର ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ କୁ ପୁରାତନ ଛାତ୍ର ସଂସଦ ର ସଭାପତି ସୁରଥ କ୍ଷେତି, ସମ୍ପାଦକ ଦେବେନ୍ଦ୍ର ନାଏକ, କୋଷାଧକ୍ଷ ମନ୍ମଥ ମେହେର ସଭ୍ୟ ଦୟାନିଧି ସାହୁ, ପ୍ରଦୀପ ବେହେରା, ବିଶ୍ୱରଞ୍ଜନ ଦେହୁରୀ, ରୋହିତ ଅଦା ବର, ନବୀନ ବେହେରା ମାଳି, ଚିତ୍ତ ରଞ୍ଜନ ବେହେରା, କାଶୀନାଥ ସାହୁ, ଉତ୍ତମ ଗାଇଗରିଆ ଙ୍କ ସମେତ ପୁରାତନ ଛାତ୍ର ସଂସଦ ର କର୍ମକର୍ତା, ସଭ୍ୟ, ସଭ୍ୟା,ଶିକ୍ଷକ ରୁଦ୍ରପ୍ରସାଦ ମିଶ୍ର, ଦେବେନ୍ଦ୍ର ପତି, ପ୍ରଭାକର ସାହୁ, ସୁଧୀର ବେହେରା ମାଳି, ଶିକ୍ଷୟତ୍ରୀ ନିରୁପମା ରଣା, ମଞ୍ଜୁଲତା ସାହୁ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ । ଶେଷରେ କପିଳ ବେହେରା ଙ୍କୁ ପୁରାତନ ଛାତ୍ର ସଂସଦ ତରଫରୁ ଅତିଥି ମାନଙ୍କ ଦ୍ୱାରା ଉପହାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ସ୍କୁଲ ର ପ୍ରଧାନ ଶିକ୍ଷକ ବାଞ୍ଛାନିଧି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃକ୍ଷରୋପଣରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ୫୩ ନମ୍ବର ଜାତୀୟ ରାଜପଥ ଓଲାଶୁଣୀ ଛକ ନିକଟରେ ଥିବା ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସ୍ମୃତିଉଦ୍ୟାନ ଠାରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ସ୍ୱର୍ଗତଃ ବିମ୍ବାଧର ମୁଦୁଲିଙ୍କ ସ୍ମୃତିରେ ବୃକ୍ଷରୋପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ପୂର୍ବତନ ବିଧାୟକ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ପୁରୁଷୋତ୍ତମ ନାୟକ, ପୂର୍ବତନ ସାଂସଦ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟନାୟକଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଙ୍କ ଦ୍ୱାରା ଗଠିତ ଏହି ସ୍ମୃତି ଉଦ୍ୟାନ ଠାରେ ସଂଗ୍ରାମୀ ଏକାଡେମୀ ବନ୍ଦରେଶ୍ୱର ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦ ଓ ଜଗନ୍ନାଥ ମାନଧାତା ସ୍ମୃତି ପରିଷଦ ର ସଦସ୍ୟ ମାନେ ଏକତ୍ରିତହୋଇ ପ୍ରଥମେ ସ୍ୱର୍ଗତଃ ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ପରଲୋକରେ ଦୁଇ ମିନିଟ ନିରବ ପାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମୁଖ୍ୟ ଅତିଥି ଭାବେ ସଂଗ୍ରାମୀ ଙ୍କ ଦାୟାଦ ଅବସର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଜ୍ଞାନେନ୍ଦ୍ର ତ୍ରିପାଠୀ ସମାଜସେବୀ ପ୍ରଫୁଲ୍ଲ ଦାସ, ନଗେନ ସାମଲ, ପ୍ରମୁଖ ବୃକ୍ଷ ରୋପଣ କରି ସ୍ୱର୍ଗତ ସଂଗ୍ରାମୀ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅନୁଷ୍ଠାନ ର ଏହି କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ । ଏକାଡେମୀ ର ମୁଖ୍ୟ ସଂଯୋଜକ ନରେଶ ପ୍ରଧାନ ଙ୍କ ଦ୍ୱାରା ସଂଚାଳିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଉମେଶ ସାମଲ, ତପନ ସେଠି, ଜୀବନଜ୍ୟୋତି, ଜଗନ୍ନାଥ, ପଙ୍କଜ , ଆଶୁତୋଷ , ଖଗେଶ୍ୱର, ଜଗନ, ସୌମ୍ୟରଞ୍ଜନ , ଜଗଦୀଶ, ସତ୍ୟନାରାୟଣ, ବି ଏସ ଏଫ ଯବାନ ମେହେରାଜ ଆଲାମ ଖାନ ବୃକ୍ଷ ରୋପଣ କରିଥିଲେ । ପରିଶେଷରେ ସଂଗ୍ରାମୀ ଯୁବ ସାମୁଖ୍ୟର ଶ୍ରୀକାନ୍ତ ସାମଲ ଯୁବକ ମାନଙ୍କର ଏହି ମହାନ କାର୍ଯ୍ୟକ୍ରମ ପାଇଁ ସାଧୁବାଦ ଜଣାଇଥିଲେ ।



# ପଶ୍ଚିମ ଓଡ଼ିଶା



ଅମୃତ ଦୁନିଆ
୩ ଅଗଷ୍ଟ ୨୦୨୬

# ଖଟିଆରେ ବୁହାହେଲେ ଗର୍ଭବତୀ

## ରାସ୍ତାର ଦୁର୍ଦ୍ଦଶା, କଷ୍ଟ ପାଉଛନ୍ତି ଗାଁ ଲୋକେ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଗୋଟିଏ ପଟେ ବଫଲାମାଳିର ଖଣିଜ ସମ୍ପଦ, ଅନ୍ୟପଟେ ସେହି ଖଣି ପ୍ରଭାବିତ ଅଞ୍ଚଳର ଗାଁକୁ ଆମ୍ବୁଲାନ୍ସ ପହଞ୍ଚିବା ପାଇଁ ସୁଗମ ରାସ୍ତାଟିଏ ନାହିଁ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ପେର୍ଗୁନିପଡ଼ା ଗାଁରୁ ପୁଣି ସାମ୍ନାକୁ ଆସିଛି ଜନନୀ ଯନ୍ତ୍ରଣାର ଏକ କରୁଣ ଚିତ୍ର। ଗୋପୀନାଥପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ପେର୍ଗୁନିପଡ଼ା ଗ୍ରାମର ଆଦିବାସୀ ପଡ଼ାର ଲଳିତ ମାଝୀଙ୍କ ସ୍ତ୍ରୀ ଅମିତାଙ୍କୁ ରବିବାର ସକାଳେ ପ୍ରସବ ବେଦନା ହେବା ପରେ ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଓ ୧୦୨ ଜନନୀ ଏକ୍ସପ୍ରେସ ସେବା ସହ ଯୋଗାଯୋଗ କରିଥିବା କହିଛନ୍ତି; ତେବେ ଗାଡ଼ି ଉପଲବ୍ଧ ନହେବାରୁ ଶେଷରେ ଉତ୍କଳ ଆଲୁମିନାର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନରେ ଥିବା ଆମ୍ବୁଲାନ୍ସକୁ ଡକାଯାଇଥିଲା। କିନ୍ତୁ ଆଦିବାସୀ ପଡ଼ାକୁ ସଂଯୋଗ କରୁଥିବା ଘାଟି ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ଆମ୍ବୁଲାନ୍ସ ଗାଁ ଭିତରକୁ ପହଞ୍ଚିପାରି ନଥିଲା। ରାସ୍ତାରେ ଗୋଡ଼ି ଓ ମେଟାଲ ପଡ଼ିରହିବା ସହ ଗାଡ଼ି ଚଳାଚଳ ଉପଯୋଗୀ ବ୍ୟବସ୍ଥା ନଥିବାରୁ ଆମ୍ବୁଲାନ୍ସ ହରିଜନପଡ଼ା ନିକଟରେ ପ୍ରାୟ ଏକ ଘଣ୍ଟା ଅଟକି ରହିଥିବା ଅଭିଯୋଗ ହୋଇଛି। ଏପଟେ ପ୍ରସବ ବେଦନାରେ ଛଟପଟ ହେଉଥିବା ଗର୍ଭବତୀଙ୍କୁ ଡାକ୍ତରଖାନା ପହଞ୍ଚାଇବା ଜରୁରୀ ହୋଇପଡ଼ିବାରୁ ପରିବାର ଓ ଗ୍ରାମବାସୀଙ୍କ ପାଖରେ ଆଉ କୌଣସି ବିକଳ୍ପ ରହିନଥିଲା; ବାଧହୋଇ ସେମାନେ ଅମିତାଙ୍କୁ ଖଟିଆରେ ବୋହି ପ୍ରାୟ ୪୦୦ ମିଟର ଦୂର ଆଦିବାସୀ ପଡ଼ାରୁ ହରିଜନପଡ଼ା ପର୍ଯ୍ୟନ୍ତ ଆଣିଥିଲେ, ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏହି ଘଟଣା କେବଳ ଜଣେ ଗର୍ଭବତୀଙ୍କ ଦୁର୍ଦ୍ଦଶାର ଚିତ୍ର ନୁହେଁ, ବରଂ ଖଣିଜ ସମ୍ପଦରେ ସମୃଦ୍ଧ ଅଞ୍ଚଳରେ ମୌଳିକ ଯୋଗାଯୋଗ ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ନେଇ ବଡ଼ ପ୍ରଶ୍ନ ଉଠାଇଛି। ସ୍ଥାନୀୟ ଅଭିଯୋଗ ଅନୁସାରେ ବଫଲାମାଳି ଖଣି ଅଞ୍ଚଳ ନିକଟରେ ରହିଥିଲେ ମଧ୍ୟ ଏବେ ବି ଅନେକ ଗାଁକୁ ସବୁଦିନିଆ ପକ୍କା ରାସ୍ତା ନାହିଁ। ଡିଏମ୍‌ଏଫ୍ ଅର୍ଥରେ ରାସ୍ତା କାମ ଚାଲିଥିବା କୁହାଯାଉଥିଲେ ମଧ୍ୟ ଘାଟି ଅଞ୍ଚଳକୁ ଯଥାପ୍ରକାର ସୁଗମ କରାଯାଇନଥିବାରୁ ବଡ଼ ଯାନବାହନ ଓ ଜରୁରୀକାଳୀନ ଆମ୍ବୁଲାନ୍ସ ଚଳାଚଳରେ ସମସ୍ୟା ହେଉଥିବା ଗ୍ରାମବାସୀଙ୍କ ଅଭିଯୋଗ। ରାସ୍ତା କାମରେ ଠିକାଦାର ଓ ସମ୍ପୃକ୍ତ ବିଭାଗର ଦାୟିତ୍ୱହୀନତା ଥିବା ନେଇ ମଧ୍ୟ ସ୍ଥାନୀୟ ସ୍ତରରେ ଅଭିଯୋଗ ଉଠୁଥିବାବେଳେ ଏହାର ବିଭାଗୀୟ ଯାଞ୍ଚ ହେବା ଆବଶ୍ୟକ। ପ୍ରଶ୍ନ ଉଠୁଛି—ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଡିଏମ୍‌ଏଫ୍ ଭଳି ପାଣ୍ଠିରୁ ଅର୍ଥ ବ୍ୟୟ ହେଉଥିବାବେଳେ ଜଣେ ଗର୍ଭବତୀଙ୍କୁ ମାତ୍ର କିଛି ଶହ ମିଟର ଦୂର ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଯଦି ଖଟିଆ ହିଁ ଭରସା, ତେବେ ବିକାଶର ଲାଭ ତୃଣମୂଳସ୍ତରରେ କେତେ ପହଞ୍ଚିଛି ? ଏହା ପ୍ରଥମ ଘଟଣା ମଧ୍ୟ ନୁହେଁ। କିଛିଦିନ ପୂର୍ବରୁ ଥୁଆମୂଳ ରାମପୁର ସଦର ପଞ୍ଚାୟତର ଘୁଟିଗୁଡ଼ା ଗ୍ରାମରେ କାଦୁଅ ରାସ୍ତା ଯୋଗୁ ଆମ୍ବୁଲାନ୍ସ ପହଞ୍ଚିପାରି ନଥିବା ଏବଂ ଜଣେ ମହିଳାଙ୍କୁ ଘରେ ପ୍ରସବ କରିବାକୁ ପଡ଼ିଥିବା ଅଭିଯୋଗ ସାମ୍ନାକୁ ଆସିଥିଲା। ଏହାର କିଛିଦିନ ପରେ ପେର୍ଗୁନିପଡ଼ାରେ ପୁଣି ସମାନ ଚିତ୍ର ଦେଖାଦେବା ଦୁର୍ଗମ ଅଞ୍ଚଳର ମାତୃ ସ୍ୱାସ୍ଥ୍ୟସେବା, ଜରୁରୀକାଳୀନ ପରିବହନ ଓ ରାସ୍ତା ଭିତ୍ତିଭୂମିକୁ ନେଇ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି। ଖଣିରୁ ସମ୍ପଦ ବାହାରୁଥିବା ଅଞ୍ଚଳରେ ଯଦି ଜଣେ ଜନନୀଙ୍କୁ ଡାକ୍ତରଖାନା ପହଞ୍ଚିବା ପାଇଁ ଖଟିଆରେ ବୁହାହେବାକୁ ପଡ଼େ, ତେବେ ଏହା କେବଳ ରାସ୍ତାର ଦୁରବସ୍ଥା ନୁହେଁ, ବରଂ ବିକାଶର ପ୍ରାଥମିକତାକୁ ନେଇ ମଧ୍ୟ ଏକ ବଡ଼ ପ୍ରଶ୍ନ। ସ୍ଥାନୀୟ ଲୋକେ ଅଞ୍ଚଳର ରାସ୍ତାକୁ ତୁରନ୍ତ ଆମ୍ବୁଲାନ୍ସ ସମେତ ସମସ୍ତ ଯାନବାହନ ଚଳାଚଳ ଉପଯୋଗୀ କରିବା ସହ ଚାଲିଥିବା କାମର ଗୁଣବତ୍ତା ଓ ବିଳମ୍ବର କାରଣ ଯାଞ୍ଚ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଜମିକୁ କେନ୍ଦ୍ରକରି ହଣାକଟା

## ଦୁଇ ଗୁରୁତର, ଅଭିଯୁକ୍ତ ଗିରଫ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅନ୍ତର୍ଗତ ଖଲିଆଭଟା ଗ୍ରାମରେ ଦୀର୍ଘଦିନର ଜମିବାଡ଼ି ବିବାଦ ଶେଷରେ ରକ୍ତାକ୍ତ ସଂଘର୍ଷର ରୂପ ନେଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଜମିକୁ କେନ୍ଦ୍ର କରି ପ୍ରଥମେ ବଚସା ଏବଂ ପରେ ଟାଙ୍ଗିଆରେ ଆକ୍ରମଣ ହେବାରୁ ଗ୍ରାମର ଦୁଇଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଖଲିଆଭଟା ଗ୍ରାମର ଶଶିଭୂଷଣ ଶବର ଓ କୌଶିକ ଶବରଙ୍କ ସହ ସେହି ଗ୍ରାମର ଗବରସିଂ ଶବରଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗିରହିଥିଲା। ଶନିବାର ପୁଣି ଏହି ବିବାଦକୁ କେନ୍ଦ୍ର କରି ଉଭୟ ପକ୍ଷ ମଧ୍ୟରେ ପ୍ରଥମେ କଥାକଟାକଟି ଓ ବଚସା ହୋଇଥିବାବେଳେ ପରବର୍ତ୍ତୀ ସମୟରେ ପରିସ୍ଥିତି ଉଗ୍ର ରୂପ ନେଇଥିଲା। ଅଭିଯୋଗ ଅନୁସାରେ, ଉତ୍ତ୍ୟକ୍ତ ହୋଇ ଗବରସିଂ ଏକ ଟାଙ୍ଗିଆରେ ଶଶିଭୂଷଣ ଓ କୌଶିକଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିବା କୁହାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇଜଣଙ୍କୁ ଉଦ୍ଧାର କରି ପ୍ରଥମେ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଆଘାତର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଘଟଣାକୁ ନେଇ ଲିଖିତ ଅଭିଯୋଗ ମିଳିବା ପରେ କଳମପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରି ଘଟଣାସ୍ଥଳରୁ ଆକ୍ରମଣରେ ବ୍ୟବହୃତ ହୋଇଥିବା କୁହାଯାଉଥିବା ଟାଙ୍ଗିଆ ସହ ରକ୍ତଭିଜା ପୋଷାକ ଜବତ କରିଛି। ଏନେଇ କଳମପୁର ଥାନାରେ କେସ୍ ନମ୍ବର ୧୧୨/୨୦୨୬ ରୁଜୁ ହୋଇଥିବାବେଳେ ବିଏନ୍‌ଏସ୍‌ର ଧାରା ୨୯୬, ୧୧୮(୧), ୧୦୯(୧) ଓ ୩୫୧(୩) ଅନୁଯାୟୀ ପୋଲିସ ମାମଲାର ତଦନ୍ତ କରୁଛି। ଅଭିଯୁକ୍ତ ଗବରସିଂ ଶବରଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନାରୁ ଜଣାପଡ଼ିଛି। ତେବେ ଦୀର୍ଘଦିନ ଧରି ଚାଲିଥିବା ଜମିବାଡ଼ି ବିବାଦର ପ୍ରକୃତ କାରଣ କ'ଣ, ଘଟଣା ଦିନ ବିବାଦ କେଉଁ ପରିସ୍ଥିତିରେ ଉଗ୍ର ରୂପ ନେଲା, ଘଟଣା ସମୟରେ ଆଉ କେହି ଉପସ୍ଥିତ ଥିଲେ କି ନାହିଁ ଏବଂ ଜବତ ସାମଗ୍ରୀ ସହ ଘଟଣାର ସମ୍ପର୍କ ଏସବୁ ଦିଗକୁ ନେଇ ପୋଲିସର ଅଧିକ ତଦନ୍ତ ଜାରି ରହିଛି। ଏକ ଜମିବାଡ଼ି ବିବାଦ କିପରି ମରଣାନ୍ତକ ଆକ୍ରମଣ ପର୍ଯ୍ୟନ୍ତ ପହଞ୍ଚିଲା, ତାହା ଏବେ ଖଲିଆଭଟା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଦିବ୍ୟାଙ୍ଗ ପ୍ରେମଶିଳାର ଦୁଃଖ ପ୍ରତି ନଜର ଦେବେ କି ପ୍ରଶାସନ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ବରାଡ଼ଙ୍ଗା ପଞ୍ଚାୟତ କେନ୍ଦୁଡୁଙ୍ଗୁରି ଗ୍ରାମର ଲଳିତ ନାଏକଙ୍କ ଦିବ୍ୟାଙ୍ଗ ଝିଅ ପ୍ରେମଶିଳା। ୯୦ ପ୍ରତିଶତ ଦିବ୍ୟାଙ୍ଗ ହୋଇ ବି ସେ ଆବାସ ଗୃହ ଓ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ। ତାଙ୍କ ବୃଦ୍ଧ ପିତା ଲଳିତ ନାଏକ ଓ ମାତା ମାଗୁଣି ନାଏକ ଗରିବ ଶ୍ରେଣୀର ଅଟନ୍ତି ।ବହୁ କଷ୍ଟରେ ତାଙ୍କର ପରିବାର ଚଳିଆସୁଛି। ତାଙ୍କ ଝିଅ ପ୍ରେମଶିଳା ମାନସିକ ସହିତ ଶାରିରୀକ ଦିବ୍ୟାଙ୍ଗ ।ଝିଅ ପାଇଁ ପଞ୍ଚାୟତ ପ୍ରଶାସନ ନିକଟରେ ବାସଗୃହ ପାଇଁ ନେହୁରା ହୋଇଥିଲେ ହେଁ ପ୍ରଶାସନ ଏଥିପ୍ରତି କୌଣସି ଗୁରୁତ୍ୱ ଦେଉ ନଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ପଞ୍ଚାୟତ ପକ୍ଷରୁ ସଦ୍ୟ ପ୍ରକାଶିତ ଆବାସ ଯୋଜନା ତାଲିକାରେ ମଧ୍ୟ ପ୍ରେମଶିଳାଙ୍କ ନାମ ବାଦ୍ ପଡ଼ିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଯାହାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଦିବ୍ୟାଙ୍ଗ ପ୍ରେମଶିଳା ମାତ୍ର ୧୨୦୦ ଟଙ୍କା ପାଉଛନ୍ତି। ସରକାରଙ୍କ ପକ୍ଷରୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ମିଳୁ ନାହିଁ। ଏ ସଂକ୍ରାନ୍ତରେ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି ହୋଇଛି। ପ୍ରକାଶ ଯେ, କୋକସରା ବ୍ଲକ୍‌ର ବରାଡ଼ଙ୍ଗା ପଞ୍ଚାୟତର ଅନେକ ଗ୍ରାମରେ ଯୋଗ୍ୟ ହିତାଧିକାରୀ ବର୍ଦ୍ଧିତ ଭତ୍ତା ଟଙ୍କା ଏବଂ ଆବାସ ଗୃହ ଯୋଜନାରୁ ବଞ୍ଚିତ ରହି ଅତ୍ୟନ୍ତ ଶୋଚନୀୟ ଭାବେ ଜୀବନଯାପନ କରୁଥିବା ଜଣାପଡ଼ିଛି। ପଞ୍ଚାୟତ ତଥା ବ୍ଲକ୍ ପ୍ରଶାସନ ଏଦିଗରେ ପଦକ୍ଷେପ ନେବାକୁ ପରିବାର ସମେତ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ମହିଳା ମହାବିଦ୍ୟାଳୟରେ ଗୁରୁ ଶିଷ୍ୟ ପରଂପରା ଆଲୋଚନାଚକ୍ର



**ବଲାଙ୍ଗିର (ଅମୃତ ମିଡିଆ) :** ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ବଲାଙ୍ଗିର ଶାଖା ତରଫରୁ ବଲାଙ୍ଗିର ମହିଳା ମହାବିଦ୍ୟାଳୟରେ ଆମ ସଂସ୍କୃତିରେ ଗୁରୁ ଶିଷ୍ୟ ପରଂପରା ଓ ବ୍ୟାସଦେବ ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପରିଷଦର ସଭାପତି ଡ. ଭବାନୀ ଶଙ୍କର ପଟେଲ ଓ ସଂପାଦକ ରାମଚନ୍ଦ୍ର ପଟେଲଙ୍କ ଦ୍ୱାରା ସଭା ଆୟୋଜନ ହୋଇଥିଲେ । ସଭାରେ ଅତିଥି ଭାବରେ କିଶୋର କୁମାର ରଥ, ବକ୍ତା ଭାବରେ ଅଜିତ କୁମାର ପଣ୍ଡା ସଂସ୍କୃତ ଅଧାପକ, ନିଜ ନିଜ ବକ୍ତବ୍ୟ ରଖିଥିଲେ । ମଂଚ ପରିଚାଳନା କରିଥିଲେ ଚୁମକୀ ଦାଶ । ଅତିଥି ଆମ ଭାରତୀୟ ସଂସ୍କୃତି ଓ ପାଶ୍ଚାତ୍ୟର ସଂସ୍କୃତିର ତୁଳନା କରି ସେ ୧୧୪ ଦେଶର ପାଶ୍ଚାତ୍ୟର ସଂସ୍କୃତିର ତୁଳନା କରି ସେ ୧୧୪ ଦେଶର ପରଂପରା ସହ ଆମ ଭାରତକୁ ଶ୍ରେଷ୍ଠ ବୋଲି ବିବେଚନା କରିଥିଲେ । ଶ୍ରୀ ପଣ୍ଡା ଆମ ଅତୀର ସଂସ୍କୃତିକୁ ନେଇ ଏବଂ ବ୍ୟାସଦେବଙ୍କର ଚରିତ୍ରର ଭୁୟୋସି ବର୍ଣ୍ଣନା କରିଥିଲେ । ସଂପାଦକ ମହାଦନ ଗୀତାକୁ କେନ୍ଦ୍ର କରି କୃଷ୍ଣ ଏବଂ ଅର୍ଜୁନଙ୍କର ଗୁରୁ ଶିଷ୍ୟର କେନ୍ଦ୍ର କରି କୃଷ୍ଣ ଏବଂ ଅର୍ଜୁନଙ୍କ ଗୁରୁ ଶିଷ୍ୟର ସୁନ୍ଦର ଆଲୋଚନା କରିଥିଲେ । ଛାତ୍ରୀ ସୃଷ୍ଟିଶ୍ରୀ ପ୍ରଧାନ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଆଲୋଚନାଚକ୍ରରେ ଅଂଗ୍ରହଣ କରିଥିଲେ ଯସ୍ମିନ ଖମାରୀ ଓ ରିସ୍ମା ରଣା । ଧନ୍ୟବାଦ ପ୍ରଦାନ କରିଥିଲେ ସଂଯୋଜିକା ଚୁମକୀ ଦାଶ । ଏହି କାର୍ଯ୍ୟକ୍ରମରେ ରନ୍ମୟ ତ୍ରିପାଠି, ତରଣୀ ସେନ ପଟେଲ, ସଂପାଦକ ସରସ୍ୱତୀ ଶିଶୁ ମନ୍ଦିର ବଲାଙ୍ଗିର କଦମପଡା, ବିଭୁତି ମିଶ୍ର ଉପସ୍ଥିତ ଥିଲେ ।

# ସନ୍ଥ ଶିରୋମଣି ଗୁରୁ ରବିଦାସ ଜୀଙ୍କ ୬୫୦ତମ ଜୟନ୍ତୀ



ବଲାଙ୍ଗୀର (ଅମୃତ ମିଡିଆ) ସନ୍ଥ ଶିରୋମଣି ଗୁରୁ ରବୀଦାସ ଜି ଙ୍କ ୬୫୦ତମ ଜନ୍ମ ଜୟନ୍ତୀ ଅବସରରେ ସମରସତା ସଙ୍କଳ୍ପ ଅଭିଯାନ ଜିଲ୍ଲା କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ. ଆଜି ବିଜେପି ବଲାଙ୍ଗୀର ଜିଲ୍ଲା ତରଫରୁ ସନ୍ଥ ଶିରୋମଣି ଗୁରୁ ରବିଦାସ ଜୀଙ୍କ ୬୫୦ ତମ ଜୟନ୍ତୀ ଜିଲ୍ଲା ବିଜେପି କାର୍ଯ୍ୟାଳୟ ପଥରଚେପା ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଓ ମହିଳା କାଯ୍ୟକର୍ତ୍ତା ଓ ପଧାଧିକାରୀ ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା. ପ୍ରଥମେ ରାଷ୍ଟ୍ରୀୟ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଜେପି ଜିଲ୍ଲା ସଭାପତି ଶ୍ରୀବସ୍ତ ବେହେରାଙ୍କ ନେତୃତ୍ୱ ରେ ହୋଇଥିଲା। ମଞ୍ଚରେ ଉପସ୍ଥିତ ଥିଲେ ଜିଲ୍ଲା ସଭାପତି ଶ୍ରୀବସ୍ତ ବେହେରା ମୁଖ୍ୟ ଅତିଥି ବଲାଙ୍ଗୀର ଜିଲ୍ଲା ବିଜେପି ପ୍ରଭାରୀ ପର୍ଶୁରାମ ମାଝୀ, ବରିଷ୍ଠ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ. ଏଚ.ଡ଼ି.ସି. ଚୈରମେନ ବଲ୍ଲଭ ଧରୁଆ, ସାଧାରଣ ସମ୍ପାଦକ କୁନୁ ମୁଣ୍ଡା, ସନ୍ଥ ଶିରୋମଣି ରବୀଦାଶ କାର୍ଯ୍ୟକ୍ରମ ସଂଯୋଜକ ବିକ୍ରମ ତାଣ୍ଡି, ଜିଲ୍ଲା ଉପସଭାପତି ସୁଶାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଶାନ୍ତ ଷଡ଼ଙ୍ଗୀ, ଉପସ୍ଥିତ ଥିଲେ। ବକ୍ତାମାନେ ଗୁରୁ ରବୀଦାସ ଜୀଙ୍କ ଜୀବନୀ ବିଷୟରେ କହିଥିଲେ। ସନ୍ଥ ଶିରୋମଣି ଗୁରୁ ରବୀଦାସ ଜୀଙ୍କ ଜନ୍ମ ୧୩୭୭ ଇସ୍ୱି ମାଘ ପୂର୍ଣ୍ଣିମା ରେ ଉତ୍ତର ପ୍ରଦେଶ ରାଜ୍ୟର ବାରଣାସୀ ପାଖରେ ସର ଗୋବର୍ଦ୍ଧନ ପୁର ଗାଁ ରେ ହୋଇଥିଲା। ଗୁରୁ ରବୀଦାସ ଚମାର ଜାତିରେ ଜନ୍ମ ଗ୍ରହଣ କରିଥିଲେ. ତାଙ୍କ ମାଙ୍କ ନାମ କର୍ମା ଦେବୀ ଓ ବାପାଙ୍କ ନାମ ସନ୍ତୋଖ ଦାସ ଥିଲା.ଗୁରୁ ରବୀଦାସ ନିଜେ ଚମଡା ରେ ତିଆରି ଜୁତା ଚପଲ ତିଆରି କରୁଥିଲେ। ସେ ମହାନ ଭକ୍ତି କବି ଓ ମହାନ ସନ୍ଥ ଥିଲେ। ଭାରତୀୟ ଜନତା ପାର୍ଟି ତରଫରୁ ଗୁରୁ ରବୀଦାସଙ୍କ ଜନ୍ମ ମାଟିରୁ ତାଙ୍କ ପବିତ୍ର ମାଟି ଅଣାଯାଇ ଓଡ଼ିଶାର ସମସ୍ତ ଜିଲ୍ଲାକୁ ଅଣାଯିବାର କାର୍ଯ୍ୟକ୍ରମ ଅଛି ବୋଲି ଜିଲ୍ଲା ସଭାପତି ଶ୍ରୀବସ୍ତ ବେହେରା ସୂଚନା ଦେଇଛନ୍ତି।

# ଚାଷକାମରେ ବଦଳୁଛି ଢାଞ୍ଚା : ଶୁଭୁନି ହୁଳହୁଳି ଓ ହଳିଆ ଗୀତ



**କଳାହାଣ୍ଡି (ପ୍ୟାରିଲାଲ ଦୁର୍ଗା) :** କଥାରେ ଅଛି, ଚାଷ କାମ ଯାହାର, କି ଆନନ୍ଦ ତାହାର, ସିଏ ପରା ଯୋଗାଉଛି ଦୁନିଆକୁ ଆହର। ଏହି କାର୍ଯ୍ୟ ପାଇଁ ଚାଷୀ ସଭିଙ୍କ ପାଖରେ ଆଦର ପାଉଥିଲା। ଦିନ ଥିଲା ଗ୍ରାମାଞ୍ଚଳ ଲୋକେ ଅନ୍ୟ କାର୍ଯ୍ୟ ଅପେକ୍ଷା ଚାଷ କାର୍ଯ୍ୟ କରିବା ପାଇଁ ଆଗଭର ହେଉଥିଲେ। ବିଭିନ୍ନ କାରଣରୁ ଧିରେ ଧିରେ ଏବେ ଚାଷ କାମ ବନ୍ଦ ହେବାକୁ ବସିଛି। ପୂର୍ବରୁ ଚାଷ କରୁଥିବା ପ୍ରଣାଳୀ ବଦଳାଇ ନୂତନ ପଦ୍ଧତିରେ ଚାଷ କରି ଅଧିକ ଉପାର୍ଜନ ପାଇଁ ଉଦ୍ୟମ ଆରମ୍ଭ ହେଉଥିବା ବେଳେ ଏହା ଏବେ ପୋଥି ବାଇଗଣ ପାଲଟିଯିବ ଏହି ଆଶଙ୍କା ପ୍ରକାଶ ପାଉଛି। ଧର୍ମଗଡ ଅଞ୍ଚଳର ଚାଷୀ ମୁଖ୍ୟତଃ ଖରିଫ ଓ ରବି ଋତୁରେ ଧାନ ଚାଷ କରିଥାନ୍ତି। ଏବେ ଚାଷ କାମ ବାଟବଣା ହେଉଥିବା ବେଳେ ଚାଷର ଉପାୟ ବଦଳିବାରେ ଲାଗିଛି। ହଳରେ ଏବେ ଆଉ ପ୍ରାୟ କେହି ଚାଷ କରୁନଥିବା ବେଳେ ଚାଷୀ ହୁଳହୁଳି, ହଳିଆ ଗୀତ ପୂର୍ବଭଳି ଆଉ ରୁଆ, ବୁଣା ବେଳେ ଶୁଣିବାକୁ ମୁଳୁନାହିଁ। ପୂର୍ବରୁ ଚାଷୀ ଜମିରେ ଚାଷ ପାଇଁ ହଳ, ଲଙ୍ଗଳ ବ୍ୟବ ?ହାର କରୁଥିଲେ। ଏବେ ଚାଷ ପାଇଁ ଟ୍ରାକ୍ଟର, ପାଓ୍ୱର ଟିଲର୍ ବ୍ୟବହାର ହେଉଛି। ମାସ ମାସ ଧରି ଚାଲୁଥିବା ଚାଷ କାମ ଏବେ କମ୍ ଦିନରେ ଶେଷ ହେଉଛି। ପ୍ରତିଗାଁରେ ପୂର୍ବେ ଘରେ ଘରେ ଜମି ଚାଷ ପାଇଁ ବଳଦ, ପୋଢ ପାଳନ କରାଯାଉଥିଲା। ଏପରିକି କିଛି ଧନୀ ଚାଷୀ ମଧ୍ୟ ଗାଈ ବଳଦଙ୍କ ପାଇଁ ହଳିଆ ମଧ୍ଯ ରଖୁଥିଲେ। ଘର ଆଗରେ ଗୁହାଳ ଦେଖି ବାକୁ ମିଳୁଥିଲା। ହଳପାଇଁ ଚାଷୀ କୁସୁମ, ଫାଶୀ, ବାବୁଲ, ଗୁହାରିଆ ପ୍ରଭୃତି, କାଠର ଲଙ୍ଗଲ,ଢାମଣ, ଇଷ ତଥା ଅନ୍ୟାନ୍ୟ ଉପକରଣ ରଖାଯାଉଥିଲା। କିଛି ଚାଷୀ ମାମୁଁ ଭଣଜା ବଳଦକୁ ଏକାଠି କରି ହଳ କାର୍ଯ୍ୟରେ ଲଗାଉଥିଲେ। ପ୍ରତିବର୍ଷ ପ୍ରଥମ ବର୍ଷା ପରେ ଚାଷୀମାନେ ବଳଦ ବିକାକିଣା କରିବା ସହିତ ଅନ୍ୟଗ୍ରାମରୁ ବଳଦ କିଣି ଆଣୁଥିଲେ। ମହାଲକ୍ଷ୍ମୀ ସ୍ନାନ ଦିନ ଭୋର ସମୟରେ ତଳିଘଣା ପରେ ପୂଜାର୍ଚ୍ଚନା କରି ରୁଆ କାର୍ଯ୍ୟ ଆରମ୍ଭ କରୁଥିଲା। ହଳ ଧରି ବିଭିନ୍ନ ଢଙ୍ଗରେ ମଧୁର କଣ୍ଠରେ ଗୀତ ଗାଇ ହଳ କରୁଥିବା ଦେଖାଯାଉଥିଲା। ମହିଳାମାନେ ହୁଳହୁଳି ସହ ମିଳିତ ଭାବେ ଗୀତ ଗାଉଥିଲେ। ଦୂରରୁ ଗୀତ ଶୁଭିଲେ ଚାଷ କାମ ଚାଲିଥିବା ସଂକେତ ମିଳୁଥିଲା । ଗୋଟିଏ ଜମିରେ ମହିଳା ଗୀତ ଗାଇବା ଆରମ୍ଭ କଲେ ଅନ୍ୟ ଜମିର ମହିଳା ତାହା ଅନୁସରଣ କରୁଥିଲେ । ରାମ ଯେ ଲଇଖଣ ଗଲେ ମୃଗମାରି ଓ ଅନ୍ୟ ଗୀତ ଆଉ ଶୁଣାଯାଉନାହିଁ । ବିଭିନ୍ନ କାରଣରୁ ଏବେ ହଳ ରଖିବା ବନ୍ଦ ହୋଇଯାଉଥିବା ବେଳେ ଗ୍ରାମାଞ୍ଚଳରେ ପଶୁସମ୍ପଦ ବିଶେଷ ଭାବେ ହ୍ରାସ ପାଇଛି। ଚାଷ ଜମିରେ ଘର ନିର୍ମାଣ ସହ ବର୍ଷ ବର୍ଷ ଧରି ଜମି ପଡିଆ ରଖାଯାଉଛି। ଉର୍ବର ଜମି ମଧ୍ୟ ଏଥିରୁ ବାଦ ପଡୁନି। ପୂର୍ବରୁ ଶ୍ରମିକଙ୍କୁ ବର୍ଷକିଆ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦିଆଯାଇ ଧାନ, ମାଣ୍ଡିଆ, ସୁଆଁ ପ୍ରଭୃତି ଭାବେ ଦିଆଯାଉଥିଲ। ଶସ୍ୟ ମାପିବ ବା ପାଇଁ ନଉତି, ଅଡା ଆଦି ବ୍ୟବହାର କରାଯାଉଥିବା ବେଳେ ଏବେ ସବୁ ଟଙ୍କାରେ ହେଉଛି। ଟ୍ରାକ୍ଟରରେ ଜମି ଚାଷ ହେଉଛି। ସମୟ କ୍ରମେ ଅନେକ ପରିବର୍ତ୍ତନ ଘଟିଛି। ଚାଷ କାମର ଶୈଳୀ ପରିବର୍ତ୍ତନ ଯୋଗୁଁ ହଳ, ହୁଳହୁଳି, ହଳିଆ ଗୀତ ଏବେ ହଜିଯିବାକୁ ବସିଲାଣି ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଥିବା ଲକ୍ଷ୍ୟ କରାଯାଉଛି।



## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପେନସନ ମେଳା

# ୨୩ ଜଣଙ୍କୁ ବିଦାୟ ସମ୍ବର୍ଦ୍ଧନା, ୯ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନସନ



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠିଙ୍କ ସଭାପତିତ୍ୱରେ ଫେବୃଆରୀ ମାସରେ ଅବସର ଗ୍ରହଣ କରିଥିବା ୨୩ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ସମସ୍ତ ସରକାରୀ, ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଏହି କର୍ମଚାରୀମାନେ ଅବସର ଗ୍ରହଣ କରିଛନ୍ତି। ଜିଲ୍ଲାସ୍ତରୀୟ ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ସେକ୍ସନ ଅଫିସର ସୁଦୀପ୍ତ କୁମାର ମୋଲିକ, ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ ପିନାକୀ ବେରା, କନିଷ୍ଠ ସହାୟକ କ୍ଷେତ୍ର ମୋହନ ବେହେରା ପ୍ରମୁଖଙ୍କ ଉପସ୍ଥିତରେ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ ଅବସର ଗ୍ରହଣ କରୁଥିବା ସାନଖଲାଡ଼ି ସଂସ୍କୃତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକଶ୍ୱର ପଣ୍ଡା, ସରକାରୀ ଯୁଜି ଉଚ୍ଚ ବିଦ୍ୟାଳୟ ଝୁମୁକାକୁଦରର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ, ଏସ.ଏମ. ସରକାରୀ ଉଚ୍ଚ ବିଦ୍ୟାଳୟ ଆମ୍ବଯୋଡ଼ାର ପ୍ରଧାନ ଶିକ୍ଷକ ଅରୁଣ କୁମାର ଶତପଥୀ, ଜୀବନଦୀପ ଉଚ୍ଚ ବିଦ୍ୟାଳୟ ଗାଲୁସାହିର ପ୍ରଧାନ ଶିକ୍ଷକ ତ୍ରିଲୋଚନ ମହାନ୍ତ, ସରକାରୀ ଉଚ୍ଚ ବିଦ୍ୟାଳୟ ଚିତ୍ରଡ଼ାର ପ୍ରଧାନ ଶିକ୍ଷକ ମୀନାକ୍ଷୀ ନନ୍ଦୀ, ନୃସିଂହ ଚରଣ ମହାନ୍ତି, ହରି ନାରାୟଣ ଦାସ, ଜୟନ୍ତ କୁମାର ମହାନ୍ତ, ବିନୋଦ ପାଣ୍ଡେ, ବିଜୟ କୁମାର ଦାସ, ଅଶୋକ କୁମାର ପାଲ, ସୂର୍ଯ୍ୟମଣୀ ବେହେରା, ସଂଜିତ କୁମାର ଜେନା, ନନ୍ଦ କିଶୋର ବର୍ଦ୍ଦା, ସୋମନାଥ ସିଂହ, ପ୍ରଭାକର ବେହେରା, ସୋମନାଥ ବେହେରା, ମହେଶ୍ୱର ପୃଷ୍ଟି, ପ୍ରଦୀପ କୁମାର ନାୟକ, ଭଗବାନ ତୁଙ୍ଗ, ଶ୍ରୀପର୍ଣ୍ଣା ସାହୁ,ପଙ୍କଜିନୀ ମହାନ୍ତ ପ୍ରମୁଖଙ୍କୁ ସମସ୍ତ କାଗଜପତ୍ର ସହ ଉତ୍ତରୀୟ ପ୍ରଦାନ କରିବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏଥିରେ ୯ଜଣଙ୍କୁ ପୂର୍ଣ୍ଣାଙ୍ଗ ଅବସର କାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିଲା ।

## ସହକାରୀ ବ୍ଲକ ଶିକ୍ଷା ଅଧିକାରିଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାରିପଦା /ସାହାରପଡ଼ା(ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା, ସାହାରପଡା ବ୍ଲକର ସହକାରୀ ବ୍ଲକ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ଭାରତୀ ରାମ ପହି ଜୁଲାଇ ୩୧ ତାରିଖରେ ଦୀର୍ଘ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଥିଲେ। ଏହି ଅବସରରେ ସାହାରପଡା ବ୍ଲକ ଶିକ୍ଷା ଅଧିକାରୀ ବିଇଓ କାର୍ଯ୍ୟାଳୟ ପରିସରରେ ଏକ ଭାବଗମ୍ଭୀର ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା।




ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଆରସି ଦୟାନିଧି ପାତ୍ର, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସେଠୀଙ୍କ ସମେତ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ସମସ୍ତେ ଶ୍ରୀମତୀ ଭାରତୀ ରାମ ପହିଙ୍କ ଦୀର୍ଘଦିନର ସଫଳ ସେବା, କର୍ତ୍ତବ୍ୟନିଷ୍ଠା ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ତାଙ୍କୁ ବିଭିନ୍ନ ଉପହାର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ବିଦାୟ ମୁହୂର୍ତ୍ତ ଅନେକଙ୍କ ପାଇଁ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା।କାର୍ଯ୍ୟକ୍ରମ ଶେଷରେ ସହକର୍ମୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବିଭିନ୍ନ ବାଦ୍ୟଯନ୍ତ୍ରର ତାଳେ ଓ ପାରମ୍ପରିକ ନୃତ୍ୟ ସହ ତାଙ୍କୁ ନିଜ ଜନ୍ମଗ୍ରାମ ଉଦୟପୁର ପର୍ଯ୍ୟନ୍ତ ବିଦାୟ ଦେଇଥିଲେ। ଉଦୟପୁର ଗ୍ରାମରେ ମଧ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଗ୍ରାମବାସୀ ଓ ଶୁଭେଚ୍ଛୁମାନେ ତାଙ୍କୁ ଫୁଲମାଳ ଓ ଶୁଭେଚ୍ଛା ଜଣାଇ ତାଙ୍କ ସୁସ୍ଥ, ସୁଖମୟ ଅବସର ଜୀବନ କାମନା କରିଥିଲେ।

## ବାରିପଦା ଆରଏମ୍‌ସିରେ ବିଦାୟ ସମ୍ବର୍ଦ୍ଧନା

**ବାରିପଦା(ଅମୃତମିଡିଆ):** ବାରିପଦା ନିୟନ୍ତ୍ରିତ ବଜାର କମିଟି (ଆରଏମସି)ରେ ଏକ ଅବସର କାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବାରିପଦା ଆରଏମସି ର ତିନିଜଣ କର୍ମଚାରୀ, ବରିଷ୍ଠ ଏକାଉଣ୍ଟଟେଣ୍ଟ ଶଶାଙ୍କ ଶେଖର ବେହେରା ଓ ଦୁଇ ଜଣ ୟାର୍ଡ଼ ମେନ ନିଖିଲ ରଞ୍ଜନ ଦାସ ଓ କାର୍ତ୍ତିକ ବାରିକ ଇତି ମଧ୍ୟରେ ଅବସର ଗ୍ରହଣ କରିଥିବାରୁ ଆରଏମସି କର୍ମଚାରୀ ବୃନ୍ଦଙ୍କ ପକ୍ଷରୁ ଆରଏମସି ବାରିପଦାର ସଂପାଦକ ବିଜୟ ହେମ୍ବ୍ରମଙ୍କ ସଭାପତିତ୍ୱରେ ଏକ ଅବସର କାଳିନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ସଭାରେ ମୂଖ୍ୟ ଅତିଥି ଭାବେ ଆରଏମସି ବାରିପଦାର ଭାଇସ ଚେୟାରମେନ ମଳୟ କୁମାର ଜେନା ଯୋଗ ଦେଇ ଏହି ତିନିଜଣ କର୍ମଚାରୀଙ୍କ ନିଷ୍ଠାପର କର୍ମ ପାଇଁ ପ୍ରଶଂସା କରିବା ସହ ତାଙ୍କର ନିଷ୍ଠାପର କର୍ମ ଓ ଅନୁଷ୍ଠାନ ପ୍ରତି ସମର୍ପଣ ମନୋଭାବ ଆରଏମସି ର ଅନ୍ୟ କର୍ମଚାରୀ ମାଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି କହିଥିଲେ । ଏହି ଅବସର ରେ ତିନିଜଣ ଅବସର ପ୍ରାପ୍ତ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଉତ୍ତମ ସ୍ୱସ୍ଥ୍ୟ ଓ ନିରାମୟ ଜୀବନ କାମନା କରିଥିଲେ ।



## କରଞ୍ଜିଆ ପ୍ରେସ କ୍ଲବରେ ଦିବଂଗତ ସାମ୍ବାଦିକ ସରୋଜ ବେହେରାଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆର କଳିଙ୍ଗ ଟିଭି ପ୍ରତିନିଧି ସ୍ୱର୍ଗତ ସରୋଜ ବେହେରାଙ୍କ ଅକାଳ ବିୟୋଗରେ ସମଗ୍ର କରଞ୍ଜିଆ ଉପଖଣ୍ଡର ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି। ଜଣେ ନିଷ୍ଠାବାନ, କର୍ତ୍ତବ୍ୟନିଷ୍ଠ ଓ ମୃଦୁଭାଷୀ ସାମ୍ବାଦିକ ଭାବେ ସେ ସାମ୍ବାଦିକତା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଅକାଳ ବିୟୋଗ କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ କରଞ୍ଜିଆ ଅଞ୍ଚଳର ସମଗ୍ର ସାମ୍ବାଦିକ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି। ସ୍ୱର୍ଗତ ବେହେରାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟା ୫ ଘଟିକା ସମୟରେ ସ୍ଥାନୀୟ କରଞ୍ଜିଆ ପ୍ରେସ୍ କ୍ଲବ ପରିସରରେ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା। ସଭାରେ ସ୍ୱର୍ଗତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ତାଙ୍କ ଦିବଙ୍ଗତ ଆତ୍ମାର ଚିର ଶାନ୍ତି କାମନା କରାଯାଇଥିଲା। ଏଥିରେ କରଞ୍ଜିଆ ପ୍ରେସ କ୍ଲବର ସଭାପତି ଧରଣୀଧର ପ୍ରଧାନ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ଗୌରୀଶଙ୍କର ସିଂହ, ସାଧାରଣ ସମ୍ପାଦକ କର୍ଣ୍ଣାର୍ଜୁନ ସାହାଙ୍କ ସମେତ ଭାଗବତ ଚନ୍ଦ୍ର ଦାସ, ପାର୍ଥପ୍ରସନ୍ନ ମିଶ୍ର, ତନ୍ମୟ କୁମାର ଦାସ, ସତ୍ୟବ୍ରତ ବେହେରା, ଦୀପକ ମହାନ୍ତ, କବିତା ମହାନ୍ତ, ଜୟବ୍ରତ ମେହେର, ଅନ୍ୟମାନଙ୍କ ମଧ୍ୟରେ ବିନ୍ଦୁସାର ଦାସ, ସୁମନ୍ତ ପାତ୍ର ଏବଂ ପ୍ରେସ କ୍ଲବର ଅନ୍ୟାନ୍ୟ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ରହି ସ୍ୱର୍ଗତ ସରୋଜ ବେହେରାଙ୍କ ସହ ବିତାଇଥିବା ସ୍ମୃତିକୁ ସ୍ମରଣ କରିଥିଲେ। ବକ୍ତାମାନେ କହିଥିଲେ ଯେ, ସରୋଜ ବେହେରା ଜଣେ ନିର୍ଭୀକ, ନିଷ୍ଠାବାନ ଓ ସମାଜପ୍ରତି ଦାୟିତ୍ୱବୋଧ ସମ୍ପନ୍ନ ସାମ୍ବାଦିକ ଥିଲେ। ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ପ୍ରତି ତାଙ୍କର ଅବଦାନ ସଦା ସ୍ମରଣୀୟ ହୋଇ ରହିବ। ତାଙ୍କ ସରଳ ବ୍ୟକ୍ତିତ୍ୱ, ସହଯୋଗୀ ମନୋଭାବ ଓ କର୍ମନିଷ୍ଠା ସମସ୍ତଙ୍କ ହୃଦୟରେ ସବୁଦିନ ପାଇଁ ଅମ୍ଳାନ ରହିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଶେଷରେ ସମସ୍ତ ଉପସ୍ଥିତ ସାମ୍ବାଦିକ ସ୍ୱର୍ଗତ ସରୋଜ ବେହେରାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ ଏବଂ ପରମପିତା ପରମେଶ୍ୱରଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।



# ସାହାରପଡ଼ା ଫାଣ୍ଡିକୁ କେବେ ମିଳିବ ଥାନାର ମାନ୍ୟତା




**ସାହାରପଡ଼ା(ଅମୃତମିଡିଆ):** କେନ୍ଦୁଝର ଜିଲ୍ଲାର ଅନ୍ୟତମ ବୃହତ୍ ଓ ଆଦିବାସୀ ଅଧ୍ୟୁଷିତ ସାହାରପଡା ବ୍ଲକରେ ଦିନକୁ ଦିନ ବଢୁଥିବା ଜନସଂଖ୍ୟା, ସରକାରୀ କାର୍ଯ୍ୟାଳୟର ସଂଖ୍ୟା ଏବଂ ଆଇନଶୃଙ୍ଖଳା ସମ୍ବନ୍ଧୀୟ ଚ୍ୟାଲେଞ୍ଜ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ଥାନା ସ୍ଥାପନ ହୋଇନଥିବା ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ପାଟଣା ଥାନା ଅଧୀନରେ ଥିବା ସାହାରପଡା ଫାଣ୍ଡି ଉପରେ ୨୦ଟି ଗ୍ରାମ ପଞ୍ଚାୟତର ଆଇନଶୃଙ୍ଖଳା ଦାୟିତ୍ୱ ରହିଥିବାରୁ ପ୍ରତିଦିନ ବିଭିନ୍ନ ସମସ୍ୟା ଦେଖାଦେଉ ଥିବାର ଭଅଭିଯୋଗ ହେଉଛି। ସାହାରପଡା କେବଳ ଏକ ବ୍ଲକ ମୁଖ୍ୟାଳୟ ନୁହେଁ, ବରଂ ସମଗ୍ର ଅଞ୍ଚଳର ପ୍ରଶାସନିକ ଓ ଆର୍ଥିକ କେନ୍ଦ୍ରବିନ୍ଦୁ। ଏଠାରେ ବ୍ଲକ କାର୍ଯ୍ୟାଳୟ, ତହସିଲ, ବ୍ୟାଙ୍କ, ଡାକଘର, କୃଷି ବିଭାଗ, ଶିକ୍ଷା ବିଭାଗ, ସିଡିପିଓ କାର୍ଯ୍ୟାଳୟ, ମିଶନ ଶକ୍ତି କେନ୍ଦ୍ର, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା କାର୍ଯ୍ୟ କରୁଛି। ପ୍ରତିଦିନ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସୁଥିଲେ ମଧ ସେହି ଅନୁପାତରେ ପୋଲିସ ବ୍ୟବସ୍ଥାର ସମ୍ପ୍ରସାରଣ ହୋଇନାହିଁ। ଆଦିବାସୀ ବହୁଳ ଏହି ଅଞ୍ଚଳରେ ସମୟ ସମୟରେ ଚୋରି, ଡକାୟତି, ମାରପିଟ, ସଡ଼କ ଦୁର୍ଘଟଣା ଓ ଅନ୍ୟାନ୍ୟ ଅପରାଧିକ ଘଟଣା ସାମ୍ନାକୁ ଆସୁଛି। କିନ୍ତୁ ସାହାରପଡା ଫାଣ୍ଡିରେ କର୍ମଚାରୀ ସଂଖ୍ୟା ସୀମିତ ଥିବାରୁ ପ୍ରତ୍ୟେକ ଘଟଣାରେ ତୁରନ୍ତ ପଦକ୍ଷେପ ନେବା ସମ୍ଭବ ହେଉନଥିବା କଥା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସବୁଠାରୁ ବଡ଼ ସମସ୍ୟା ହେଉଛି ଦୂରତା। ପାଟଣା ଥାନା ସାହାରପଡା ଠାରୁ ପ୍ରାୟ ୧୫ରୁ ୨୦ କିଲୋମିଟର ଦୂରରେ ଥିବାରୁ କୌଣସି ଜରୁରୀ ଘଟଣା ଘଟିଲେ ପୋଲିସ ପହଞ୍ଚିବାରେ ବିଳମ୍ବ ହେଉଛି। ଏହି ବିଳମ୍ବ ଅନେକ ସମୟରେ ପରିସ୍ଥିତିକୁ ଆହୁରି ଜଟିଳ କରିଦେଉଛି। ଏପରି ସ୍ଥିତିରେ ସାହାରପଡାରେ ସ୍ୱତନ୍ତ୍ର ଥାନା ଏବଂ ମାଛଗଡ଼ରେ ଏକ ଫାଣ୍ଡି ସ୍ଥାପନ କରାଗଲେ ସମଗ୍ର ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି। ଏହା ସହ ସାହାରପଡା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ଅଞ୍ଚଳର ସୁରକ୍ଷା ଦୃଷ୍ଟିରୁ ମଧ ଥାନାର ଆବଶ୍ୟକତାକୁ ଅଧିକ ଗୁରୁତ୍ୱ ଦେଇଛି। ବର୍ତ୍ତମାନ ଏହି ଜାତୀୟ ରାଜପଥ କଡ଼ରେ କେବଳ ସାହାରପଡା ଫାଣ୍ଡି ରହିଛି। ସ୍ଥାନୀୟ ଲୋକଙ୍କ ମତରେ, ଫାଣ୍ଡିକୁ ଥାନା ମାନ୍ୟତା ମିଳିଲେ ରାଜପଥରେ ଘଟୁଥିବା ଲୁଟ, ଛିନତାଇ ଓ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ ଉପରେ ଅଧିକ ପ୍ରଭାବଶାଳୀ ନଜରଦାରି ସମ୍ଭବ ହେବ। ଜରୁରୀ ପରିସ୍ଥିତିରେ ପୋଲିସ ଶୀଘ୍ର ଘଟଣାସ୍ଥଳରେ ପହଞ୍ଚି ଆଇନଶୃଙ୍ଖଳା ରକ୍ଷା କରିପାରିବ। ସ୍ଥାନୀୟ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସାଧାରଣ ଲୋକଙ୍କ କହିବା କଥା, ବର୍ତ୍ତମାନ ସମୟରେ ସାହାରପଡାକୁ ଥାନା ମାନ୍ୟତା ଦେବା କୌଣସି ବିଳାସପୂର୍ଣ୍ଣ ଦାବି ନୁହେଁ, ବରଂ ସମୟର ଆବଶ୍ୟକତା। ଯଦି ସରକାର ଏବଂ ଜିଲ୍ଲା ପ୍ରଶାସନ ଏହି ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତି, ତେବେ ୨୦ ପଞ୍ଚାୟତର ହଜାର ହଜାର ଲୋକ ସୁରକ୍ଷାର ନୂଆ ଭରସା ପାଇବେ ଏବଂ ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ। ଏହି ପ୍ରସଙ୍ଗରେ ଏକ ସକାରାତ୍ମକ ଦିଗ ମଧ ଲକ୍ଷ୍ୟ କରାଯାଉଛି। ସାହାରପଡାର ବିଭିନ୍ନ ଜନସମସ୍ୟା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ଅନେକ କ୍ଷେତ୍ରରେ ତତ୍ପରତା ପ୍ରକାଶ କରି ସମାଧାନ ଦିଗରେ ପଦକ୍ଷେପ ନେଇଥିବା ଦେଖାଯାଇଛି। ସେହିପରି ସାହାରପଡା ଫାଣ୍ଡିକୁ ଥାନା ମାନ୍ୟତା ଦେବା ଦାବିକୁ ମଧ ସରକାର ଓ ପ୍ରଶାସନ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରୁଛନ୍ତି। ଏବେ ପ୍ରଶ୍ନ ଉଠୁଛି ୨୦ ପଞ୍ଚାୟତର ହଜାର ହଜାର ଲୋକଙ୍କ ସୁରକ୍ଷା, ପ୍ରଶାସନିକ ସୁବିଧା ଓ ୨୨୦ ନମ୍ବର ଜାତୀୟ ରାଜପଥର ସୁରକ୍ଷାକୁ ଦୃଷ୍ଟିରେ ରଖି ସାହାରପଡା ଫାଣ୍ଡିକୁ କେବେ ଥାନା ମାନ୍ୟତା ମିଳିବ? ଏହି ବହୁ ପୁରୁଣା ଦାବି ଉପରେ ସରକାର କେବେ ନିଷ୍ପତ୍ତି ନେବେ? ଏହାକୁ ନେଇ ସମଗ୍ର ଅଞ୍ଚଳବାସୀଙ୍କ ନଜର ବର୍ତ୍ତମାନ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି।

## କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀଙ୍କୁ ଭେଟିଲେ ବରିଷ୍ଠ ବିଜେପି ନେତା ଜୀବନ ସାହୁ

# ବାଦାମପାହାଡ଼ ଓ ଗୋରୁମହିଷାଣୀ ଖଣି ଅଞ୍ଚଳର ବିକାଶ ନେଇ କଲେ ଆଲୋଚନା



**ବାରିପଦା(ଅମୃତମିଡିଆ):** କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶାନ ରେଡ୍ଡୀଙ୍କ ସହ ନୂଆଦିଲ୍ଲୀର ଅଶୋକ ରୋଡସ୍ଥିତ ତାଙ୍କ ବାସଭବନରେ ମୟୁରଭଞ୍ଜର ବରିଷ୍ଠ ବିଜେପି ନେତା ତଥା ସୁପ୍ରିମକୋର୍ଟ ଓକିଲ ଜୀବନ ସାହୁ ସାକ୍ଷାତ କରି ଓଡ଼ିଶାର କୋଇଲା ଓ ଖଣି କ୍ଷେତ୍ର ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି । ବିଶେଷକରି ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼ ଓ ଗୋରୁମହିଷାଣୀ ଖଣି ଅଞ୍ଚଳର ବିକାଶ, ଖଣି କାର୍ଯ୍ୟକଳାପର ଉନ୍ନତି ଏବଂ ସ୍ଥାନୀୟ ଲୋକଙ୍କ ରୋଜଗାର ସୁଯୋଗ ବୃଦ୍ଧି ଭଳି ବିଷୟ ରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଲୋଚନା ପରେ କେନ୍ଦ୍ର ମନ୍ତ୍ରୀ ଉକ୍ତ ପ୍ରସଙ୍ଗଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରାଯିବ ବୋଲି ଆଶ୍ୱାସନ ଦେବା ସହ ଖୁବ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏହି ସାକ୍ଷାତକାର ମୟୂରଭଞ୍ଜ ଜିଲ୍ଲାର ଖଣି ଓ ଶିଳ୍ପ ବିକାଶ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

# ଅଟୋକୁ ଧକ୍କା ଦେଲା ବାଇକ୍; ଦୁଇ ଗୁରୁତର





**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ମୋରଡା ଥାନା ଅନ୍ତର୍ଗତ ମୋରଡା ଦରଖୋଲି ଠାରେ ଅଟୋ କୁ ଧକ୍କା ଦେଲା ବାଇକ । ଦୃତଗାମୀ ବାଇକ ର ଧକ୍କା ରେ ଅଟୋ ଟି ତିନି ଫେରା ଓଲଟି ପଡିଥିଲା । ଉକ୍ତ ଦୁର୍ଘଟଣା ରେ ବାଇକ ଚାଳକ ର ଗୋଡ଼ ଚାରି ଖଣ୍ଡ ହୋଇ ଥିବା ବେଳେ ହାତର ହାଡ଼ ରାସ୍ତା ଉପରେ ପଡିଥିବାର ଦେଖିବାକୁ ମିଳିଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ ର ଚକ ବାହାରି ଯାଇଥିବା ବେଳେ ଅଟୋ ଓଲଟି ପଡିଥିଲା । ବାଇକ ଚାଳକ ରାଜୁ ସିଂ ବୋଲି ଜଣାପଡିଛି । ସେହିପରି ଅଟୋ ରେ ବସିଥିବା ଦୁଇ ଜଣ ଙ୍କ ହାତ ଭାଙ୍ଗିଥିବା ର ଜଣାପଡିଛି । ଅଟୋ ରେ ଥିବା ଦୁଇ ଜଣ ହେଲେ ସୁବାଷ ଚନ୍ଦ୍ର ଜେନା ଓ ରଞ୍ଜନ ମାଇତି । ଦୁର୍ଘଟଣାଗ୍ରସ୍ତ ସମସ୍ତଙ୍କୁ ନିକଟସ୍ଥ ଅଗ୍ନଶମ ବିଭାଗ ଓ ପୋଲିସ୍ ଉଦ୍ଧାର କରି କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଥିଲେ । ଗୁରୁତର ବାଇକ ଚାଳକ ର ରକ୍ତସ୍ରାବ ବନ୍ଦ ନ ହେବା ରୁ ସଙ୍ଗେ ସଙ୍ଗେ ବାରିପଦା ମେଡିକାଲ କୁ ପଠାଯାଇଥିବା ଜଣାପଡିଛି ।

## ମୁନିଲାଲ ଉଚ୍ଚ ବିଦ୍ୟାଳୟର କନିଷ୍ଠ ସହକାରୀ ବିଜୟ କୁମାର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା,ବୈଶିଙ୍ଗା ସ୍ଥିତ ମୁନିଲାଲ ଉଚ୍ଚ ବିଦ୍ୟାଳୟର କନିଷ୍ଠ ସହକାରୀ ବିଜୟ କୁମାର ଦାସ ଜୁଲାଇ–୨୦୨୬ରେ ଅବସର ଗ୍ରହଣ ଅବସରରେ ଶନିବାର ବିଦ୍ୟାଳୟ ପରିସରରେ ଏକ ଭାବବିହ୍ୱଳ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଥିଲା। ମୁନିଲାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ମୁର୍ମୁଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଶଧର ବାରିକ, ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ସାହୁ, ବିଜୟ କୁମାର ରାଉତ ଓ ବ୍ରହ୍ମାନନ୍ଦ ମହାପାତ୍ର ଯୋଗଦେଇ ବିଜୟ କୁମାର ଦାସଙ୍କ ଦୀର୍ଘ କର୍ମମୟ ଜୀବନ, ସଚ୍ଚୋଟତା ଓ ନିଷ୍ଠାପର ସେବାର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ମେର୍ଦ୍ଦା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାଳତୀ ହେମ୍ବ୍ରମ, ପାଟଳିପୁରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ବାରିକ ଏବଂ ଅବସରପ୍ରାପ୍ତ କର୍ମଚାରୀ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ଉତ୍ସର୍ଗୀକୃତ ସେବାର ପ୍ରଶଂସା କରିବା ସହ ତାଙ୍କର ସୁସ୍ଥ ଓ ସୁଖମୟ ଅବସର ଜୀବନ କାମନା କରିଥିଲେ।ବକ୍ତାମାନେ କହିଥିଲେ ଯେ, ବିଜୟ କୁମାର ଦାସ ନିଜର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସରଳତା ଓ ନମ୍ର ବ୍ୟବହାର ଦ୍ୱାରା ବିଦ୍ୟାଳୟ ପରିବାରର ଜଣେ ଆଦର୍ଶ କର୍ମଚାରୀ ଭାବେ ପରିଚିତ ଥିଲେ। ଏହି ଅବସରରେ ବିଜୟ କୁମାର ଦାସଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଓ ସ୍ମାରକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ନିଜର ଅଭିଭାଷଣରେ ସେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକର୍ମୀ, ଶିକ୍ଷକ, କର୍ମଚାରୀ ଓ ଅଭିଭାବକମାନଙ୍କ ସ୍ନେହ, ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ। ପରିଶେଷରେ ବିଦ୍ୟାଳୟର ଶିକ୍ଷକ କଳ୍ପନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ, କର୍ମଚାରୀ, ପୂର୍ବତନ ଛାତ୍ରଛାତ୍ରୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବିଲରୁ ହଜିଯାଉଛି ଧଳା ଚାଦର

# କୀଟନାଶକ ଓ ଶିକାରୀଙ୍କ କବଳରେ ବିଲୁପ୍ତିମୁହାଁ ବଗପକ୍ଷୀ ବଂଶ



**ବାରିପଦା /ସାହାରପଡ଼ା(ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା, ସାହାରପଡା ଏବଂ ପାଟଣା ବ୍ଲକ ଅଞ୍ଚଳରେ ବର୍ଷା ଋତୁ ଆସିଲେ ସବୁଜ ଧାନ ବିଲ ଉପରେ ଉଡୁଥିବା ଶହ ଶହ ଧଳା ବଗ ପକ୍ଷୀଙ୍କ ଝୁଣ୍ଡ ଗ୍ରାମୀଣ ଓଡ଼ିଶାର ଏକ ମନୋରମ ଦୃଶ୍ୟ ସୃଷ୍ଟି କରୁଥିଲା। ଦୂରରୁ ଦେଖିଲେ ମନେ ହେଉଥିଲା, ସବୁଜ ବିଲ ଉପରେ ଯେପରି ଧଳା ଚାଦର ବିଛାଇ ଦିଆଯାଇଛି। ହଳ ଚାଷ ସମୟରେ ମାଟିରୁ ବାହାରୁଥିବା କୀଟପତଙ୍ଗ ଖାଇବା ପାଇଁ ବଗ ପକ୍ଷୀମାନେ ଚାଷୀଙ୍କ ପଛେ ପଛେ ଉଡୁଥିଲେ। କିନ୍ତୁ ବଦଳୁଥିବା ପରିବେଶ ଓ ମଣିଷର କାର୍ଯ୍ୟକଳାପ ଯୋଗୁଁ ସେହି ଦୃଶ୍ୟ ଏବେ ଧୀରେ ଧୀରେ ଇତିହାସ ପାଲଟିବାକୁ ବସିଛି।ସ୍ଥାନୀୟ ଅଞ୍ଚଳରେ ପୂର୍ବଭଳି ବଗ ପକ୍ଷୀଙ୍କ ଝୁଣ୍ଡ ଆଉ ଦେଖିବାକୁ ମିଳୁନାହିଁ। ଯେଉଁ ବିଲରେ ଶହ ଶହ ବଗ ଖାଦ୍ୟ ସଂଗ୍ରହ କରୁଥିଲେ, ଆଜି ସେଠାରେ କେବଳ ହାତଗଣା କିଛି ବଗ ପକ୍ଷୀ ଦେଖାଯାଉଛନ୍ତି। ଏହି ପରିସ୍ଥିତି ପରିବେଶପ୍ରେମୀ ଓ ପ୍ରକୃତିପ୍ରେମୀଙ୍କ ମଧ୍ୟରେ ଗଭୀର ଚିନ୍ତା ସୃଷ୍ଟି କରିଛି। ପରିବେଶବିଦ୍ ?ଙ୍କ ମତରେ କୃଷି କ୍ଷେତ୍ରରେ ଅତ୍ୟଧିକ ରାସାୟନିକ କୀଟନାଶକ ବ୍ୟବହାର ବଗ ପକ୍ଷୀଙ୍କ ସଂଖ୍ୟା ହ୍ରାସର ଅନ୍ୟତମ ପ୍ରମୁଖ କାରଣ। କୀଟପତଙ୍ଗ କମିଯାଉଥିବାରୁ ସେମାନଙ୍କ ସ୍ୱାଭାବିକ ଖାଦ୍ୟ ମଧ ହ୍ରାସ ପାଇଛି। ଏହା ସହିତ କିଛି ଅସାଧୁ ଶିକାରୀଙ୍କ ଅବୈଧ ଶିକାର ଓ ଗ୍ରାମାଞ୍ଚଳର ବଡ଼ ବଡ଼ ଗଛ କାଟିଦିଆଯିବା ଫଳରେ ସେମାନଙ୍କ ବାସସ୍ଥାନ ମଧ ନଷ୍ଟ ହେଉଛି। ଏକ ସମୟରେ ଗ୍ରାମର ବିରାଟ ବରଗଛ, ଗମ୍ଭାରୀ ଗଛ , ତେନ୍ତୁଳି ଗଛ,ପିପଳ ଗଛ ଓ ଅନ୍ୟାନ୍ୟ ବଡ଼ ଗଛରେ ସନ୍ଧ୍ୟା ହେଲେ ଶହ ଶହ ବଗ ପକ୍ଷୀ ରାତ୍ରିଯାପନ କରୁଥିଲେ। ସେମାନଙ୍କ କଳରବରେ ପରିବେଶ ପ୍ରାଣବନ୍ତ ହୋଇଉଠୁଥିଲା। ଆଜି ସେହି ଗଛଗୁଡ଼ିକ ଅନେକ ସ୍ଥାନରେ ନାହିଁ, ଆଉ ବଗ ପକ୍ଷୀଙ୍କ କଳରବ ମଧ ପ୍ରାୟ ଶୁଣିବାକୁ ମିଳୁନାହିଁ। ବିଶେଷଜ୍ଞ ମାନଙ୍କ କହିବା ଅନୁସାରେ ବଗ ପକ୍ଷୀ କେବଳ ପ୍ରକୃତିର ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ, ବରଂ କୃଷକଙ୍କ ନିରବ ସହଯୋଗୀ। କ୍ଷେତର କ୍ଷତିକାରକ କୀଟପତଙ୍ଗ ଖାଇ ସେମାନେ ପ୍ରାକୃତିକ ଉପାୟରେ ଫସଲର ସୁରକ୍ଷା କରିଥାନ୍ତି। ସେମାନଙ୍କ ସଂଖ୍ୟା ହ୍ରାସ ପରିବେଶର ଅସନ୍ତୁଳନର ଏକ ସତର୍କ ସଙ୍କେତ ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରୁଛନ୍ତି। ସଚେତନ ମହଲର ଦାବି ହେଉଛି, ରାସାୟନିକ କୀଟନାଶକର ଅତ୍ୟଧିକ ବ୍ୟବହାର ଉପରେ ନିୟନ୍ତ୍ରଣ, ଅବୈଧ ଶିକାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ବଡ଼ ଗଛର ସଂରକ୍ଷଣ ଓ ବ୍ୟାପକ ବୃକ୍ଷରୋପଣ ସହ ପକ୍ଷୀ ସଂରକ୍ଷଣ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରାଯିବା ଆବଶ୍ୟକ। ନଚେତ୍ ଆଗାମୀ ପିଢ଼ି କେବଳ ବହିର ପୃଷ୍ଠାରେ କିମ୍ବା ପୁରୁଣା ସ୍ମୃତିରେ ‘ବିଲ ଉପରେ ବିଛାଇଥିବା ଧଳା ଚାଦର’ର କାହାଣୀ ପଢ଼ିବେ, କିନ୍ତୁ ବାସ୍ତବରେ ଆଉ ଦେଖିପାରିବେ ନାହିଁ।

### ।।। ୧୨୪ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା ।।।

## ପୁରୀବାସୀଙ୍କ ନ୍ୟାୟସଙ୍ଗତ ଦାବିକୁ ଜାଣିଶୁଣି ଅଣଦେଖା ଅଭିଯୋଗ





**ପୁରୀ (ବ୍ୟୁରୋ):** ପୁରୀବାସୀଙ୍କ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଧିକାର ପୁନଃସ୍ଥାପନ ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ପଦଯାତ୍ରା ଆଜି କ୍ରମାଗତ ୧୨୪ ଦିନରେ ପହଞ୍ଚିଛି। ଦୀର୍ଘ ୧୨୪ ଦିନ ଧରି ପୁରୀବାସୀ ଶାନ୍ତିପୂର୍ଣ୍ଣ, ଅହିଂସାପୂର୍ଣ୍ଣ ଓ ସାମ୍ବିଧାନିକ ପଥରେ ନିଜର ଦାବି ଉପସ୍ଥାପନ କରୁଥିଲେ ମଧ୍ୟ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ ପାଇଁ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇ ନାହିଁ। ଏହି ନୀରବତା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ପୁରୀବାସୀଙ୍କ ଭାବାବେଗ, ପରମ୍ପରା ଓ ନ୍ୟାୟସଙ୍ଗତ ଅଧିକାର ପ୍ରତି ଅବହେଳାର ଏକ ସ୍ପଷ୍ଟ ପରିଚୟ ବୋଲି ସତ୍ୟାଗ୍ରହୀମାନେ ମତ ପ୍ରକାଶ କରିଛନ୍ତି। ସତ୍ୟାଗ୍ରହୀମାନଙ୍କ କହିବା ଅନୁସାରେ, ଲୋକଙ୍କ ସ୍ୱର ଶୁଣିବାକୁ ଦାବି କରୁଥିବା ସରକାର ଯଦି ୧୨୪ ଦିନ ଧରି ଚାଲିଥିବା ଏକ ସମ୍ପୂର୍ଣ୍ଣ ଅହିଂସାପୂର୍ଣ୍ଣ ଆନ୍ଦୋଳନକୁ ମଧ୍ୟ ଅଣଦେଖା କରନ୍ତି, ତେବେ ତାହା ଗଣତନ୍ତ୍ରର ମୂଳ ଆତ୍ମା ପ୍ରତି ଅସମ୍ମାନ। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ପୁରୀବାସୀଙ୍କ ଦୀର୍ଘଦିନର ପରମ୍ପରାଗତ ଦର୍ଶନ ବ୍ୟବସ୍ଥା ପୁନଃସ୍ଥାପନ ପାଇଁ ଆନ୍ତରିକତାର ସହିତ କୌଣସି ସଂଳାପ କିମ୍ବା ସମାଧାନର ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ। ଆଜି ସତ୍ୟାଗ୍ରହୀମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରି କହିଥିଲେ, 'ହେ କାଳିଆ ସାଆନ୍ତ ! ଆମର ସଂଗ୍ରାମ କୌଣସି ବ୍ୟକ୍ତି ବିରୋଧରେ ନୁହେଁ, ଅନ୍ୟାୟ, ଅବହେଳା ଓ ଅଧିକାର ହରଣ ବିରୋଧରେ। ସତ୍ୟ ଓ ନ୍ୟାୟର ବିଜୟ ହେଉ, ପୁରୀବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ଶୀଘ୍ର ପୁନଃସ୍ଥାପିତ ହେଉ।' ଆଜିର ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ଲିଙ୍ଗରାଜ ସାହୁ, ଯାଦବାନନ୍ଦ ରାୟ, ସନ୍ଧ୍ୟାରାଣୀ ମିଶ୍ର, ମମତା ସ୍ୱାଇଁ, ପ୍ରକାଶ ଚନ୍ଦ୍ର ନାୟକ, ମନୋରଞ୍ଜନ ରଣସିଂହ, ଅଭିମନ୍ୟୁ ରାୟଗୁରୁ, ଶିଶିରକାନ୍ତ ଶତପଥୀ, ଗଦାଧର ମହାରଣା, ସନ୍ତୋଷ ସେନାପତି, ପ୍ରଦୀପ୍ତ କୁମାର ମହାନ୍ତି, ସୁବାଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜର ସମର୍ଥନ ଜଣାଇଥିଲେ। ପଦଯାତ୍ରାର ଆବାହକ ଶ୍ରୀ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, '୧୨୪ ଦିନର ଅହିଂସାପୂର୍ଣ୍ଣ ସତ୍ୟାଗ୍ରହ ପରେ ମଧ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନର ନୀରବତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପୁରୀବାସୀଙ୍କ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ଅଧିକାର କୌଣସି ଦୟା କିମ୍ବା ଅନୁଗ୍ରହ ନୁହେଁ; ଏହା ସେମାନଙ୍କ ଐତିହାସିକ, ପରମ୍ପରାଗତ ଓ ନ୍ୟାୟସଙ୍ଗତ ଅଧିକାର।

## ୪,୮୭୪ ନିଖୋଜଙ୍କୁ ଫେରାଇଲା 'ଅପରେସନ୍ ଅନ୍ୱେଷଣ'




**ପୁରୀ (ବ୍ୟୁରୋ):** ପୁରୀ ପୋଲିସର ଅପରେସନ୍ ଅନ୍ୱେଷଣକୁ ମିଳିଛି ବଡ଼ ସଫଳତା । ପରିବାର ଠାରୁ ବିଚ୍ଛିନ୍ନ ହୋଇ ନିଖୋଜ ହୋଇଥିବା ମହିଳା ଓ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ପରିବାର ସହ ପୁନଃମିଳନ କରାଇବାରେ ପୁରୀ ପୋଲିସ ଏକ ଐତିହାସିକ ସଫଳତା ହାସଲ କରିଛି । ଗତ ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ୧୧୬୧ ଜଣ ଶିଶୁ ଓ ୩୭୧୩ ଜଣ ମହିଳାଙ୍କୁ ଉଦ୍ଧାର କରି ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି । ଏନେଇ ଏସପି ପ୍ରତୀକ ସିଂ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ନିରନ୍ତର କାର୍ଯ୍ୟ କରୁଥିବା ପୁରୀ ପୋଲିସ, ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ସମୁଦାୟ ୪୮୭୪ ଜଣ ନିଖୋଜ ବ୍ୟକ୍ତିଙ୍କୁ ସଫଳତାର ସହ ଉଦ୍ଧାର କରି ପରିବାର ସହ ପୁନଃମିଳନ କରାଇଛି । ଏଥିମଧ୍ୟରେ ୧୧୬୧ ଜଣ ନିଖୋଜ ଶିଶୁ ଏବଂ ୩୭୧୩ ଜଣ ନିଖୋଜ ମହିଳା ଅନ୍ତର୍ଭୁକ୍ତ । ଏହି ସଫଳତା କେବଳ ଏକ ନମ୍ବର ନୁହେଁ, ବରଂ ୪୮୭୪ଟି ପରିବାରର ଆଖିରୁ ଲୁହ ପୋଛି ସେମାନଙ୍କ ଜୀବନରେ ପୁଣି ଥରେ ଖୁସି, ଆଶା ଓ ଆତ୍ମବିଶ୍ୱାସ ଫେରାଇ ଆଣିବାର ଏକ ମାନବିକ ପ୍ରୟାସର ସଫଳ ପରିଣାମ ।ପ୍ରତ୍ୟେକ ଉଦ୍ଧାର ପଛରେ ରହିଛି ଜଣେ ମା'ର ଆଖିର ଲୁହ ପୋଛିବାର ସନ୍ତୋଷ, ଜଣେ ବାପାଙ୍କ ଅପେକ୍ଷାର ଅନ୍ତ, ଜଣେ ଶିଶୁର ନିଜ ପରିବାରକୁ ଫେରିବାର ଖୁସି ଏବଂ ଜଣେ ପରିବାରର ଜୀବନରେ ପୁଣିଥରେ ଆଲୋକ ଫେରି ଆସିବାର ଆନନ୍ଦ । ନିଖୋଜ ମହିଳା ଓ ଶିଶୁଙ୍କୁ ଖୋଜି ବାହାର କରିବା ପାଇଁ ମହିଳା ଓ ଶିଶୁ ସୁରକ୍ଷା ଶାଖା ପକ୍ଷରୁ ନିୟମିତ ଭାବେ 'ଅପରେସନ୍ ଅନ୍ୱେଷଣ' ନାମକ ସ୍ୱତନ୍ତ୍ର ଅଭିଯାନ ପରିଚାଳନା କରାଯାଉଛି। ଏହି ଅଭିଯାନରେ ପୁରୀ ପୋଲିସର ବିଭିନ୍ନ ଥାନା, ମହିଳା ଓ ଶିଶୁ ସୁରକ୍ଷା ଶାଖା ଏବଂ ଅନ୍ୟାନ୍ୟ ଜିଲ୍ଲା ପୋଲିସ ସହ ସମନ୍ୱୟ ରକ୍ଷା କରି ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ କାର୍ଯ୍ୟକୁ ଅଧିକ ଫଳପ୍ରଦ କରାଯାଉଛି । ପୁରୀ ପୋଲିସର ଏହି ସଫଳତା ପଛରେ ରହିଛି ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠା, ପରିଶ୍ରମ, ସମ୍ବେଦନଶୀଳତା ଏବଂ କର୍ତ୍ତବ୍ୟନିଷ୍ଠା । ନିଖୋଜ ବ୍ୟକ୍ତିଙ୍କୁ ଖୋଜି ବାହାର କରିବା କେବଳ ଏକ ପ୍ରଶାସନିକ ଦାୟିତ୍ୱ ନୁହେଁ, ବରଂ ଏକ ମାନବିକ କର୍ତ୍ତବ୍ୟ । ପ୍ରତ୍ୟେକ ସଫଳ ଉଦ୍ଧାର ଏକ ପରିବାରର ଜୀବନରେ ନୂଆ ଆଶା ସଞ୍ଚାର କରିଥାଏ । ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିଛି । ଆଗାମୀ ଦିନରେ ମଧ୍ୟ 'ଅପରେସନ୍ ଅନ୍ୱେଷଣ' ଭଳି ସ୍ୱତନ୍ତ୍ର ଅଭିଯାନକୁ ଆହୁରି ବ୍ୟାପକ, ପ୍ରଭାବଶାଳୀ ଏବଂ ଜୋରଦାର ଭାବେ ଜାରି ରଖାଯିବ, ଯାହାଦ୍ୱାରା ଅଧିକରୁ ଅଧିକ ନିଖୋଜ ମହିଳା ଓ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ପରିବାର ସହ ପୁନଃମିଳନ କରାଯାଇପାରିବ । ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ପୋଲିସର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ଏହି ଉଲ୍ଲେଖନୀୟ ସଫଳତା ସମ୍ଭବ ହୋଇପାରିଛି । ପୁରୀ ପୋଲିସ ଆଗାମୀ ଦିନରେ ମଧ୍ୟ ସାଧାରଣ ଜନତାଙ୍କ ସୁରକ୍ଷା, ମହିଳା ଓ ଶିଶୁଙ୍କ ସୁରକ୍ଷା ଏବଂ ଜନସେବା ପ୍ରତି ସମାନ ନିଷ୍ଠା ଓ ଅଙ୍ଗୀକାର ସହ କାର୍ଯ୍ୟ କରିଚାଲିବ । 'ସେବା, ସୁରକ୍ଷା ଓ ସମର୍ପଣ'ର ଆଦର୍ଶକୁ ପାଥେୟ କରି ପୁରୀ ପୋଲିସ ସର୍ବଦା ଜନସାଧାରଣଙ୍କ ବିଶ୍ୱାସ ଓ ଭରସାକୁ ଅତୁଟ ରଖିବା ପାଇଁ ପ୍ରତିବଦ୍ଧ । ଏନେଇ ପୁରୀ ଏସ୍‌ପି ପ୍ରତୀକ ସିଂ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

## ସନ୍ଦେହଘେରରେ ଶ୍ରୀଜଗନ୍ନାଥ ଡିଜିଟାଲ ହୁଣ୍ଡି !

### ଟଙ୍କା ଡିପୋଜିଟ୍ କଲେ ରସିଦ୍ ଆସୁନି




**ପୁରୀ (ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଗୋଟିଏ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ଶ୍ରୀମନ୍ଦିର ଡିଜିଟାଲ ହୁଣ୍ଡି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। କିନ୍ତୁ ଏବେ ଏହି ଡିଜିଟାଲ ହୁଣ୍ଡିକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ । ପୁରୀର ଜଣେ ଚାର୍ଟାର୍ଡ ଆକାଉଣ୍ଟ ସୁଧାଂଶୁ ରଞ୍ଜନ ପ୍ରଧାନ ଗତ ସୁନାବେଶ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ତାଙ୍କ ବାପାଙ୍କ ନାମରେ ଡିଜିଟାଲ ହୁଣ୍ଡି ଆପ ଡାଉନଲୋଡ କରି ୧୦୦୦୦ ଟଙ୍କା ଜମା କରିଥିଲେ ।ଏହି ଟଙ୍କା ସେ ଫୋନ୍ ପେ ମାଧ୍ୟମରେ ପୈଠ କରିଥିଲେ ।କିନ୍ତୁ ଏହା ପ୍ରତି ବଦଳରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ଟଙ୍କା ପ୍ରାପ୍ତି ରସିଦ ଏଯାବତ୍ ପ୍ରଦାନ କରାଯାଇନାହିଁ ।କେବଳ ତାଙ୍କ ଆକାଉଣ୍ଟରୁ ୧୦,୦୦୦ ଟଙ୍କା କଟିଥିବା ମେସେଜ ଆସିଛି ।କିନ୍ତୁ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦେଇଥିବା ଟଙ୍କା ପ୍ରକୃତରେ ଶ୍ରୀମନ୍ଦିର ପ୍ରଶାସନ ଆକାଉଣ୍ଟକୁ ଯାଇଛି ନାଁ ନାହିଁ ତାହା ସ୍ପଷ୍ଟ ହୋଇନାହିଁ ।ତେଣୁ ପ୍ରକୃତରେ ଏହି ଆପ ଅସଲି କି କେହି ଦୁର୍ବୃତ୍ତ ଏହାକୁ ଫେକ କରି ଚଳାଉଛନ୍ତି ତାହା ସ୍ପଷ୍ଟ ହୋଇନାହିଁ ।କାରଣ ପୂର୍ବରୁ ଶ୍ରୀମନ୍ଦିର ଓ ଶ୍ରୀମନ୍ଦିର ପ୍ରଶାସନ ନାମରେ ବିଭିନ୍ନ ନକଲି ୱେବ୍ ସାଇଟ୍ ଖୋଲି ଭକ୍ତ ଓ ପର୍ଯ୍ୟଟକଙ୍କୁ ଶୋଷଣ ଓ ଠକେଇ କରାଯାଇଥିବାର ଅନେକ ନଜିର ରହିଛି। ଏହି ଘଟଣା ସମ୍ପର୍କରେ ସେ ଫେସବୁକ୍ ମାଧ୍ୟମରେ ଆଇନ ମନ୍ତ୍ରୀ ଓ ଏକ୍ସ ମାଧ୍ୟମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ। ଏଣୁ ରାଜ୍ୟ ସରକାରଙ୍କ ଆଇନ ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଡିଜିଟାଲ ହୁଣ୍ଡି ସମର୍ପଣ ଆପ ର ପ୍ରକୃତ ବ୍ୟବହାର ,ସୁରକ୍ଷା ଓ ଡିଜିଟାଲ ହୁଣ୍ଡି ମାଧ୍ୟମରେ ଦାନ ଦେଉଥିବା ଶ୍ରଦ୍ଧାଳୁଙ୍କୁ ତତ୍ କ୍ଷଣାତ ଏକ ପ୍ରାପ୍ତି ପତ୍ର ଦେବା ସହ ଏହି ଅଭିଯୋଗରେ ତ୍ୱରିତ ସମାଧାନ କରିବା ଆବଶ୍ୟକ ।ମହାପ୍ରଭୁଙ୍କ ହୁଣ୍ଡି ଆୟ ବୃଦ୍ଧି ପାଇଁ ଡିଜିଟାଲ ହୁଣ୍ଡି ବ୍ୟବସ୍ଥା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।କିନ୍ତୁ ଏଥିପାଇଁ ଏକ ପଲିସି ରହିବା ଆବଶ୍ୟକ ।ମହାପ୍ରଭୁଙ୍କ ହୁଣ୍ଡି ଆୟ ବୃଦ୍ଧି ପାଇଁ ଡିଜିଟାଲ ହୁଣ୍ଡି ପଲିସି ବ୍ୟବସ୍ଥା ନେଇ ସେ ଏକ ୨୨ ସୁତ୍ରି ପରାମର୍ଶ ଦେଇଛନ୍ତି। ଭାରତର ଅନ୍ୟ ପ୍ରମୁଖ ତୀର୍ଥ ଓ ଦେବସ୍ଥଳୀ ଯଥା ତିରୁପତି,ଶିରିଡ଼ି ସାଇ ମନ୍ଦିର , ବୈଷ୍ଣୋ ଦେବୀ ମନ୍ଦିର ,ମିନାକ୍ଷୀ ମନ୍ଦିର ରେ ପ୍ରତିଦିନ କୋଟି କୋଟି ଟଙ୍କା ଆୟ ହେଉଥିବବେଳେ ପୁରୀ ଶ୍ରୀମନ୍ଦିରକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସୁଥିଲେ ମଧ୍ୟ ହୁଣ୍ଡି ଆୟ ଦୈନିକ ୨ ଲକ୍ଷ ମଧ୍ୟରେ ସୀମିତ ରହୁଛି ।ଡିଜିଟାଲ ହୁଣ୍ଡିକୁ ବିଶ୍ୱ ବ୍ୟାପୀ କରିବା ସହ ଡିଜିଟାଲ ହୁଣ୍ଡି ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ପଲିସି କରିବାକୁ ପୁରୀ ୟୁଥ୍ ହଷ୍ଟେଲରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଦଶକୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ



**ପୁରୀ (ବ୍ୟୁରୋ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସାଧନା କେନ୍ଦ୍ର ବଳିଆ ପଣ୍ଡା ପୁରୀ ଠାରେ ଦଶ କୋଟି ନିଶା ମୁକ୍ତି ପ୍ରତିଜ୍ଞା ମହାଅଭିଯାନର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ନିଶା ମୁକ୍ତ ଭାରତ ଅଭିଯାନର ଏକ ଅଂଶ ରୂପେ ଏହି ଅଭିଯାନ ଅଗଷ୍ଟ ୬ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ସାରା ଭାରତ ବର୍ଷର ଶିକ୍ଷାନୁଷ୍ଠାନ ରେ ଥିବା ଛାତ୍ର ଛାତ୍ରୀ ଏବଂ ବିଭିନ୍ନ ସଂଗଠନ ର ସଦସ୍ୟ /ସଦସ୍ୟା ଗଣ ଯୁବ ବର୍ଗ ଓ ସର୍ବୋପରି ଜନ ମାନସ ରେ ନିଶା ସେବନ ପ୍ରତି ନକାରାତ୍ମକ ମନୋଭାବ ସୃଷ୍ଟି କରିବା ପାଇଁ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଏହା ଏକ ସେବା ଧର୍ମୀ ପ୍ରୟାସ ଜାରି ରଖିଛି ।ଏହି ମହା ଅଭିଯାନର ଶୁଭାରମ୍ଭ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁରୀ ଲୋକ ଅଦାଲତ ର ଅଧକ୍ଷା ସୁଶ୍ରୀ ପ୍ରତିମା ପଣ୍ଡା ଯୋଗଦାନ କରି କହିଥିଲେ ନିଶା- ରାକ୍ଷସ ପରି ସାରା ସମାଜକୁ କବଳିତ କରି ରଖିଛି ।ନିଶା ଗ୍ରସ୍ତ ବ୍ୟକ୍ତି ନିଜ କୁ ନିଜ ପରିବାର କୁ ଏବଂ ସମାଜ କୁ କ୍ଷତି ପହଞ୍ଚାଇ ଥାଏ। ଯଦି ବ୍ୟକ୍ତି ନିଜେ ସଚେତନ ନୁହଁନ୍ତି ତେବେ ଆଇନ କାନୁନ ବା ନିଦାନ ତାଙ୍କୁ ସେଥିରୁ ମୁକ୍ତ କରି ପାରିବ ନାହିଁ। ସେଥିରୁ ମୁକ୍ତ ହେବା ପାଇଁ ଧ୍ୟାନ ଧାରଣା ଆସନ ପ୍ରାଣାୟାମ ସର୍ବୋପରି ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ରେ ଶିକ୍ଷା ଦିଆଯାଉଥିବା ରାଜଯୋଗ ଏବଂ ଅଧ୍ୟାତ୍ମିକ ଜ୍ଞାନ ହିଁ ସେଥିରୁ ନିବୃତ୍ତ କରି ପାରିବ। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଓଡିଶା ସରକାର ଙ୍କ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ନାଥ ମହାନ୍ତି ନିଶା ସେବନର କୁ ପରିଣାମ ତଥା ସେଥିରୁ ମୁକ୍ତ ହେବା ପାଇଁ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜ ଯୋଗ ଅଭ୍ୟାସ ଓ ଆଧ୍ୟାତ୍ମିକ ଜ୍ଞାନ କିପରି ମହୋଷଧି ରୂପେ କାମ କରୁଛି ତାହା ବିଭିନ୍ନ ଉଦାହରଣ ମାଧ୍ୟମରେ ଅବତାରଣା କରିଥିଲେ। ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ର ନିର୍ଦ୍ଦେଶିକା ରାଜ ଯୋଗିନୀ ବ୍ରହ୍ମା କୁମାରୀ ଡକ୍ଟର ନିରୁପମା ଈଶ୍ୱରୀୟ ଆଶୀର୍ବଚନ ପ୍ରଦାନ କରିଥିଲେ। ସାଧନା କେନ୍ଦ୍ରର ଅତିରିକ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରତିମା ରାଜ ଯୋଗ ଅଭ୍ୟାସ କରାଇବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଭ୍ରାତା ବ୍ରହ୍ମା କୁମାର ଡକ୍ଟର ସତ୍ୟାନନ୍ଦ ମଞ୍ଚ ସଂଯୋଜନା କରିଥିଲେ। ଏଥିରେ ପୁରୀ ଜିଲ୍ଲା ତଥା ଆଖପାଖ ଅଞ୍ଚଳର ବହୁ ସେବା ଧର୍ମୀ ଜନ ସାଧାରଣ ଓ ବ୍ରହ୍ମା କୁମାରୀ ସଂସ୍ଥା ର ଭାଇ ଭଉଣୀ ମାନେ ଯୋଗଦାନ କରିଥିଲେ।

## କଳାଗ୍ରାମ ବାଟ ଓଗାଳିଛି ଜଳାର୍ଣ୍ଣବ ଅଣ୍ଡରପାସ୍ ରାସ୍ତା




**ପୁରୀ (ବ୍ୟୁରୋ):** କଳାଗ୍ରାମ ବାଟ ଓଗାଳିଛି ଜଳାର୍ଣ୍ଣବ ଅଣ୍ଡରପାସ ରାସ୍ତା। କଳାଗ୍ରାମକୁ ବିନା ବାଧାରେ ଯିବା ପାଇଁ ସରକାର ରେଳ ଫାଟକ ଝିନ୍‌ଝଟରୁ ମୁକ୍ତି ଦେଇ ଅଣ୍ଡରପାସ୍‌ର ବ୍ୟବସ୍ଥା କରାଇଲେ । ମାତ୍ର ଚତୁର୍ମାସ୍ୟା ହେଲେ, ଅବା ନିକଟ ଭାର୍ଗବୀ ନଈରେ ବନ୍ୟା ପାଣି ଆସିଲେ ଅଣ୍ଡରପାସ୍ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଥିବାରୁ ଯାତାୟତ ବାଟ ବନ୍ଦ ହୋଇଯାଉଛି। ଖରା ହେଲେ ମଧ୍ୟ ବନ୍ୟା ଜଳ ଭାର୍ଗବୀ ନଦୀରେ ଆସୁଥିବାରୁ ଝର ଫିଟି ଅଣ୍ଡର ପାସ ଖାଲୁଆ ସ୍ଥାନ ଜଳମଗ୍ନ ରହୁଛି। ଫଳରେ କଳାଗ୍ରାମକୁ ଯାତାୟାତ କରୁଥିବା ପର୍ଯ୍ୟଟକଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ବହୁ ପର୍ଯ୍ୟଟକ ବାଇକରେ ଯିବା ବେଳେ ଇଂଜିନରେ ପାଣି ପଶିଯାଉଥିବାରୁ ଗାଡ଼ି ଅଚଳ ହୋଇଯାଉଛି। ସବୁଠୁ ବେଶି ଦହଗଞ୍ଜ ହେଉଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ମୁଖ୍ୟତଃ ଚାଳିଶିବାଟିଆ, ଗଙ୍ଗାନାରାୟଣପୁର ଓ ବାଲିପୁଟ ପଞ୍ଚାୟତର ମଧ୍ୟ ବହୁ ଗ୍ରାମବାସୀ ଯାତାୟତ ପାଇଁ ଏହି ରାସ୍ତାର ସହାୟତା ନିଅନ୍ତି । ଦୈନିକ କଳାଗ୍ରାମ ରଘୁରାଜପୁର, ନାୟକପାଟଣା ଓ ଖାସପୋଷା ଆଦି ଅଞ୍ଚଳକୁ ପର୍ଯ୍ୟଟକମାନେ ପଟ୍ଟଚିତ୍ର, ପୋଥିଚିତ୍ର, ଗୋବର କଣ୍ଢେଇ, କାଠ କାରିଗରୀ ଆଦି କିଣିବାକୁ ଆସନ୍ତି। ଅଧିକାଂଶ ପର୍ଯ୍ୟଟକ ପୁରୀ ରହଣି ସମୟରେ ଏଠାରୁ ବାଇକ ଭଡ଼ାରେ ନେଇ ବିଭିନ୍ନ ଅଞ୍ଚଳକୁ ଯିବାବେଳେ ଏହି ଗ୍ରାମମାନଙ୍କୁ ଯାଇ କିଣାକିଣି କରନ୍ତି। ମାତ୍ର ଚତୁର୍ମାସ୍ୟା ବେଳେ ଦହଗଞ୍ଜ ହେବାକୁ ପଡୁଛି। ଭାର୍ଗବୀ ନଦୀରେ ବଢ଼ି ପାଣି ଆସିଲେ ସ୍ଥାନୀୟ ଅଞ୍ଚଳର ଖାଲୁଆ ସ୍ଥାନରେ ପାଣି ଝରାଏ। ଯେପର୍ଯ୍ୟନ୍ତ ନଦୀରୁ ପାଣି ନ ଶୁଖିଛି, ସେପର୍ଯ୍ୟନ୍ତ ଖାଲୁଆ ସ୍ଥାନରୁ ପାଣି ଶୁଖେନାହିଁ। ତେଣୁ ଚନ୍ଦନପୁର ବଜାରରୁ ରଘୁରାଜପୁରକୁ ଯାଇଥିବା ଅଣ୍ଡରପାସ୍ ରାସ୍ତା ଖାଲୁଆ ଯୋଗୁଁ ଏଠାରେ ମଧ୍ୟ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଅସରାଏ ଲଗାଣ ବର୍ଷା ହେଲେ ମଧ୍ୟ ଏଠାରେ ପାଣି ଜମିବା ଏକ ସାଧାରଣ ଘଟଣା। ଫଳରେ ଖାସପୋଷା, ଦାଣ୍ଡସାହି, ନାୟକପାଟଣା, ରଘୁରାଜପୁର, କପ୍ତେଶ୍ୱର, ଜାନକାଦେଇପୁର, ବାସୁଦେଇପୁର ଆଦି ଗ୍ରାମବାସୀ ପ୍ରତିଦିନ ବଜାରକୁ ଯିବା ଆସିବାରେ ସମସ୍ୟା ଭୋଗନ୍ତି। ସ୍ଥାନୀୟ ଗ୍ରାମବାସୀ ବାଇକ, ସାଇକେଲ କିମ୍ବା ଚାଲିଚାଲି ବଜାର ପର୍ଯ୍ୟନ୍ତ ଯାତାୟାତ କରନ୍ତି। ତେଣୁ ପାଣିରେ ପଶି ଯିବାକୁ ବାଧ ହୁଅନ୍ତି, ନଚେତ ପାଣିରେ ପଶି ଯିବା ପରେ ବାଇକରେ ସମସ୍ୟା ଭୋଗନ୍ତି । ଏନେଇ ନାୟକପାଟଣାର ପୋଥିଚିତ୍ର ଶିଳ୍ପୀ ପ୍ରସନ୍ନ ନାୟକ କହିଛନ୍ତି, ପୂର୍ବରୁ ରେଳ ଫାଟକ ଥିଲା। ଏଠାରେ ରେଳ ଫାଟକ ପଡୁଥିଲେ ହେଁ ଲୋକେ କିଛି ସମୟ ଅପେକ୍ଷା କରିବା ପରେ ସୁଗମ ଯାତାୟତ କରୁଥିଲେ। ମାତ୍ର ଯେବେଠୁ ଅଣ୍ଡରପାସ ହୋଇଛି ଚତୁର୍ମାସ୍ୟାରେ ଅସରାଏ ଲଗାଣ ବର୍ଷା ହେଲେ ପାଣିରେ ଅଣ୍ଡରପାସ ଅତିକ୍ରମ କରିବାକୁ ପଡୁଛି। ନଈରେ ବଢ଼ି ପାଣି ଆସିଲେ ପାଣି ଝର ଫିଟି ଆଣ୍ଠୁ ଉପରକୁ ଛୁଉଁଛି । ଚନ୍ଦନପୁରରୁ ହିଁ ଅଧିକାଂଶ ପର୍ଯ୍ୟଟକ ପ୍ରବେଶ କରୁଥିବାରୁ ଏହି ମାର୍ଗକୁ ସବୁଦିନ ପାଇଁ ଯାତାୟତ ଅନୁକୂଳ କରିବା ପରିବର୍ତ୍ତେ ଆଉ ଏକ ରାସ୍ତାର ପରିକଳ୍ପନା କେତେ ସହାୟକ ହେବ ତାହା ସମୟ କହିବ । ଅନ୍ତତଃ ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ଅଣ୍ଡରପାସ୍‌କୁ ଚତୁର୍ମାସ୍ୟାରେ ମଧ୍ୟ ଯାତାୟାତ ଅନୁକୂଳ କରିବାକୁ ସେ ଦାବି କରିଛନ୍ତି।

## ମହାପ୍ରଭୁଙ୍କ ଆନିମେସନ୍ ଚଳଚ୍ଚିତ୍ରକୁ ନେଇ ତୀବ୍ର ପ୍ରତିକ୍ରିୟା

**ପୁରୀ (ବ୍ୟୁରୋ):** ଆନିମେସନ୍ ଫିଚର ଫିଲ୍ମ 'ମହାପ୍ରଭୁ ଜଗନ୍ନାଥ' ମୁକ୍ତିଲାଭ କରିବାକୁ ସୁପ୍ରିମକୋର୍ଟର ଅନୁମତି ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସୁପ୍ରିମକୋର୍ଟଙ୍କ ଏହି ଫିଲ୍ମ ମୁକ୍ତିଲାଭ ସଂକ୍ରାନ୍ତ ରାୟକୁ ନେଇ କ୍ଷୋଭ ଜାହିର କରିଛନ୍ତି। ମହାପ୍ରଭୁଙ୍କୁ ନେଇ ସ୍ୱତନ୍ତ୍ର କିଂବଦନ୍ତୀ ଥିବା ସତ୍ତ୍ୱେ ମନଗଢ଼ା କଥାକୁ କାର୍ଟୁନ ମାଧ୍ୟମରେ ଚଳଚ୍ଚିତ୍ରରେ ଉପସ୍ଥାପନା କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରେମୀ କହିଛନ୍ତି । ଭୁବନେଶ୍ୱରର ଏଲି ଆନିମେସନ୍ ପ୍ରାଇଭେଟ ଲିମିଟେଡ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ କପୋଳକଳ୍ପିତ କଥା ଥିବାରୁ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ଓଡ଼ିଶା ହାଇକୋର୍ଟ ମାମଲାକୁ ବିଚାର କରି ଫିଲ୍ମ ରିଲିଜ୍‌ରେ କଟକଣା ଲଗାଇଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଚଳଚ୍ଚିତ୍ର ନିର୍ମାତା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ରହିତାଦେଶ ଦିଆଯାଇଥିଲା। ସୁପ୍ରିମକୋର୍ଟ ଜୁଲାଇ ୨୮ କିମ୍ବା ପରେ ଫିଲ୍ମ ରିଲିଜ ପାଇଁ ଅନୁମତି ଦେଇଛନ୍ତି। ଜଷ୍ଟିସ ଭିଭି ନାଗରତ୍ନା ଓ ଜଷ୍ଟିସ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ରଥଯାତ୍ରା ଚାଲିଥିବାରୁ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଫିଲ୍ମ ମୁକ୍ତିଲାଭ ଉପରେ ସାମୟିକ ରହିତାଦେଶ ଦେଇଥିଲେ । ଖଣ୍ଡପୀଠ କହିଥିଲେ, ନ୍ୟାୟପାଳିକା କଳା ଓ ସୃଜନଶୀଳତା ଉପରେ ନିଷ୍ପତ୍ତି ନେଇପାରିବେ ନାହିଁ। କିଛି ଗୋଷ୍ଠୀଙ୍କର ଆପତ୍ତି ଯୋଗୁଁ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୀମିତ କରାଯାଇପାରିବ ନାହିଁ । ଆଜିକାଲିର ପିଲାମାନଙ୍କୁ ସଂସ୍କୃତି ଓ ପୌରାଣିକ କାହାଣୀ ସହ ପରିଚିତ କରାଇବାକୁ ଆନିମେସନ ଏକ ପ୍ରଭାବଶାଳୀ ମାଧ୍ୟମ ଏଣେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ କେବଳ ମୁକ୍ତିଲାଭର ସମୟସୀମାକୁ ନେଇ ରହିଥିଲା। ମାତ୍ର ଚଳଚ୍ଚିତ୍ରର ବିଷୟବସ୍ତୁ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଉଥିବାରୁ ଏହାର ପ୍ରମାଣପତ୍ର ରଦ୍ଦ ପାଇଁ ହାଇକୋର୍ଟ ଏବଂ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ (ସିବିଏଫ୍‌ସି)ରେ ହୋଇଥିବା ମାମଲା ବିଚାରାଧୀନ ଅଛି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହେଶ ସାହୁ କହିଛନ୍ତି, ଉକ୍ତ ଚଳଚ୍ଚିତ୍ରରେ ମହାପ୍ରଭୁଙ୍କ ସଂକ୍ରାନ୍ତରେ କାଳ୍ପନିକ କଥା ରହିଛି। ଏହାକୁ ଛୋଟ ପିଲା ଦେଖି ମହାପ୍ରଭୁଙ୍କ ସମ୍ପର୍କିତ ଭୁଲ କଥା ଜାଣିବେ । ପିଲାଙ୍କ କୋମଳ ମନସ୍ତତ୍ତ୍ୱ ଯୋଗୁଁ ଭୁଲ କଥାରେ ପ୍ରଭାବିତ ହେବେ ଏହା ଏକ ଆଧ୍ୟାତ୍ମିକ ଓ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଗଜପତି ମହାରାଜ ଓ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନିଆଯିବାର ଥିଲା, କିନ୍ତୁ ଏହା କଲେ ନାହିଁ। ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ତଥା ବିଶିଷ୍ଟ ବାଲୁକା କଳା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି, ମହାପ୍ରଭୁ ଆମର ଜୀବନ୍ତ ଠାକୁର ଜଗନ୍ନାଥଙ୍କ ରୀତିନୀତି କେବେ ବି କ୍ଷୁଣ୍ଣ ହେବାକୁ ଦେବୁନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଅନ୍ୟ କାହା ସହ ତୁଳନୀୟ ନୁହନ୍ତି । ତେଣୁ ମହାପ୍ରଭୁଙ୍କୁ କାର୍ଟୁନ ରୂପରେ ଉପସ୍ଥାପନା କରିବା ମଧ୍ୟ ଉଚିତ ନୁହେଁ ଏହା ବ୍ୟତୀତ ଉକ୍ତ ଆନିମେସନ ଚଳଚ୍ଚିତ୍ରରେ ପୁରାଣ ଶାସ୍ତ୍ରର କଥାବସ୍ତୁକୁ ଅନୁକରଣ କରାଯାଇନାହିଁ। ପିଲାମାନଙ୍କ ନିକଟରେ ଭୁଲ କଥା ଉପସ୍ଥାପନ କରି ଆମ ଭବିଷ୍ୟତକୁ ଭ୍ରମିତ କରିବାର ଅଧିକାର ଆମର ନାହିଁ ବୋଲି ସେ କହିଛନ୍ତି।

## ଜିଲ୍ଲାପାଳଙ୍କ ଜଳପ୍ଲାବିତ ଅଞ୍ଚଳ ପରିଦର୍ଶନ ଓ ପ୍ରଭାବିତଙ୍କ ସହ ଆଲୋଚନା



**ପୁରୀ ଜିଲ୍ଲା ୧୪ ପଞ୍ଚାୟତର ୧୯ ଗ୍ରାମ ବନ୍ୟା ପ୍ରଭାବିତ**

**ପୁରୀ (ବ୍ୟୁରୋ):** ଚଳିତ ବନ୍ୟାରେ ପୁରୀ ଜିଲ୍ଲାର ନିମାପଡା, ପିପିଲି, ଡେଲାଙ୍ଗ, ପୁରୀ ସଦର ଓ କଣାସ ବ୍ଲକର ମୋଟ ୧୪ଟି ପଞ୍ଚାୟତର ୧୯ ଟି ଗ୍ରାମ ପ୍ରଭାବିତ ହୋଇଛି। ଏଥିରେ ମୋଟ ୧୭୨୨୧ ଜଣ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି ବୋଲି ଜିଲ୍ଲା ଜରୁରୀ ବିଭାଗ ସୂଚନା ଦେଇଛନ୍ତି। ଏଯାବତ ୩୪୫ ଜଣଙ୍କୁ ଉଦ୍ଧାର କରାଯାଇ ଆଶ୍ରୟସ୍ଥଳୀରେ ରଖାଯାଇଛି ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି ଓ କଣାସ ଦୋକନ୍ଦା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ୩୦୦, ପିପିଲି ବ୍ଲକ କଣ୍ଟି ଆଶ୍ରୟସ୍ଥଳୀରେ ୩୦ ଏବଂ ନିମାପଡା ବ୍ଲକରେ କନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫ ଜଣଙ୍କୁ ସୁରକ୍ଷିତ ଭାବରେ ରଖାଯାଇଛି ଓଏତଦ ବ୍ୟତୀତ ଆଜି କଣାସ ବ୍ଲକରେ ୧୦ ହଜାର ପାଣି ବୋତଲ ବଣ୍ଟନ କରାଯାଇଛି । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଆଜି ପୂର୍ବାହ୍ନ ରେ ଉପ ଜିଲ୍ଲାପାଳ ରାଜକିଶୋର ଜେନାଙ୍କ ସହ କଣାସର ବନ୍ୟା କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିଥିଲେ ଏବଂ ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲ୍ଲା ଜରୁରୀ ବିଭାଗର ତଥ୍ୟ ଅନୁସାରେ ନିମାପଡା ବ୍ଲକର ଶଗଡା ପଞ୍ଚାୟତ, ପିପିଲି ବ୍ଲକର ପୁବା ଶାସନ, କଣ୍ଟି,ପୋପରଙ୍ଗା ଓ ଭାରତୀପୁର ପଞ୍ଚାୟତ, କଣାସ ବ୍ଲକର ବଡାଶ, ଦୋକନ୍ଦା, ପାଣ୍ଡିଆକେରା ଓ ଗଡ ବଳଭଦ୍ରପୁର ପଞ୍ଚାୟତ ଏବଂ ଡେଲାଙ୍ଗ ବ୍ଲକର ସିଂହବରହମପୁର ପଞ୍ଚାୟତ ଓ ପୁରୀ ସଦର ବ୍ଲକର ଗୋପୀନାଥପୁର, କାସିହରେକୃଷ୍ଣପୁର, ଶାସନଦା ମୋଦରପୁର, କାସିହରିପୁର ଗ୍ରାମ ପଂଚାୟତ ପ୍ରଭାବିତ ହୋଇଛି । ପ୍ରଭାବିତ ମାନଙ୍କ ମଧ୍ୟରେ ୪୬ କ୍ୟୁଣ୍ଟାଲ ଚୁଡା ଓ ୫.୩ କ୍ୟୁଣ୍ଟାଲ ଗୁଡ ବଣ୍ଟନ କରାଯାଇଛି। କୃଷି ବିଭାଗର ପ୍ରାଥମିକ ରିପୋର୍ଟ ଅନୁସାରେ ପ୍ରାୟ ୩୨୯୯ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି ।ଚିକିତ୍ସା ସୁବିଧା ପାଇଁ କଣାସ, ପୁରୀ ସଦର, ପିପିଲି ବ୍ଲକରେ ଗୋଟିଏ ଲେଖାଏଁ ମେଡ଼ିକାଲ ଟିମ ମୁତୟନ କରାଯାଇଛି। ବନ୍ୟାର ମୁକାବିଲା ପାଇଁ ପୂର୍ବରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏକ ଆଭାସୀ ବୈଠକ ମାଧ୍ୟମରେ ସମସ୍ତ ବିଡ଼ିଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଆବଶ୍ୟକ ସ୍ଥଳେ ଖାଲୁଆ ଅଞ୍ଚଳ ରୁ ଲୋକ ମାନଙ୍କୁ ଉଦ୍ଧାର କରି ନିରାପଦ ଆଶ୍ରୟ ସ୍ଥଳରେ ରଖିବା, ଖାଦ୍ୟ,ପାନୀୟ ଜଳ, ଚିକିତ୍ସା ପ୍ରଦାନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥଲେ। ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରେ ରହିଛି ।ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଓ ବନ୍ୟାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ସୂଚନା ଦେବା ସହ ଅଯଥା ଭୟଭୀତ ନ ହେବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ ଜଳସ୍ତର ହ୍ରାସ ପାଉଛି ବୋଲି ଜଳସେଚନ ବିଭାଗ ସୂଚନା ଦେଇଛନ୍ତି।

## ବଡ଼ଦାଣ୍ଡ ସେବା ପକ୍ଷରୁ 'ଶଙ୍ଖଧ୍ୱନି ଦିବସ' ପାଳିତ

**ପୁରୀ (ବ୍ୟୁରୋ):** ବଡ଼ଦାଣ୍ଡ ସେବା ପକ୍ଷରୁ ବଡ଼ଦାଣ୍ଡରେ 'ଶଙ୍ଖଧ୍ୱନି ଦିବସ' ଅତ୍ୟନ୍ତ ଉତ୍ସାହ ଓ ଭକ୍ତିମୟ ପରିବେଶରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଡ଼ଦାଣ୍ଡରେ ଏକାଠି ମହାପ୍ରଭୁଙ୍କୁ ଦୀପ ପ୍ରଜ୍ୱଳନ ଓ ଶଙ୍ଖ ପୂଜନ ହୋଇ ଅନେକ ଶଙ୍ଖାଳିଙ୍କ ସମେତ ସ୍ଥାନୀୟ ଜନସାଧାରଣ ଏକସାଙ୍ଗରେ ଶଙ୍ଖ ବଜାଇଥିଲେ। ଫଳରେ ସମଗ୍ର ବଡ଼ଦାଣ୍ଡ ଏକ ଆଧ୍ୟାତ୍ମିକ ଓ ପ୍ରକମ୍ପିତ ପରିବେଶରେ ପୂର୍ଣ୍ଣ ହୋଇଯାଇଥିଲା। ଏହି ସେବା ୨୦୨୩ ଅଗଷ୍ଟ ୧ରେ 'ବଡ଼ଦାଣ୍ଡ ସେବା' ପକ୍ଷରୁ ଆରମ୍ଭ ହୋଇଥିଲା। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ଏବଂ ବିଶ୍ୱଶାନ୍ତି ଓ କଲ୍ୟାଣ କାମନା କରି ଏହି ଅନନ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବଡ଼ଦାଣ୍ଡ ସେବାର ଏପରି ପ୍ରୟାସକୁ ସହରବାସୀ ଏବଂ ବିଭିନ୍ନ ବର୍ଗର ଲୋକେ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଷ୍ଣୁଦତ୍ତ ଦାସ ଯୋଗଦେଇଥିଲେ। 'ବଡ଼ଦାଣ୍ଡ ସେବା' ପକ୍ଷରୁ ଅତିଥିଙ୍କ ଦ୍ୱାରା ସମାଜସେବୀ ବିପ୍ଳବ କୁମାର ଦାସଙ୍କୁ ଶଙ୍ଖଧ୍ୱନି ଦିବସରେ ଶଙ୍ଖ ପ୍ରଦାନ କରାଯାଇଥିଲା। ଅଶୋକ ବେହେରା, ବିନାୟକ ରାୟ ସିଂ, ରାମଚନ୍ଦ୍ର ହାଲ୍‌ଦାର, ଦିବାକର ବେହେରା, ଜଗନ୍ନାଥ ସୁବୁଦ୍ଧି, ସୂର୍ଯ୍ୟକାନ୍ତ ନାୟକ, ପିଙ୍କି କିନ୍ନର, ସୁନୀଲ ମହାପାତ୍ର, ରୁଦ୍ର ନାରାୟଣ ସାହୁ, ମନୋଜ ସାହୁ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜଗନ୍ନାଥ ପାଢ଼ୀ ପରିଚାଳନା କରିଥିଲେ।





# ବୋଲବମ୍ ପରମ୍ପରା: ଭାରତୀୟ ସଂସ୍କୃତି ଓ ଧର୍ମଧାରାର ଅନନ୍ୟ ପ୍ରତୀକ



ଉମା ଶଙ୍କର ପ୍ରସାଦ

ଭାରତୀୟ ସଂସ୍କୃତି ଓ ସନାତନ ଧର୍ମ ପରମ୍ପରାରେ ଶ୍ରାବଣ ମାସର ମାହାତ୍ମ୍ୟ ଅତ୍ୟନ୍ତ ଆଧାତ୍ମିକ ଏବଂ ପବିତ୍ର। ଏହି ଶ୍ରାବଣ ମାସରେ ଦେଶସାରା ଅନୁଷ୍ଠିତ ହେଉଥିବା ବିଭିନ୍ନ ଧାର୍ମିକ ପର୍ବପର୍ବାଣି ମଧ୍ୟରୁ 'ବୋଲ ବମ' ବା 'କାଉଡ଼ିଆ ପରମ୍ପରା' ଅନ୍ୟତମ। ଭଗବାନ ଶିବଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ତ୍ୟାଗ ଏବଂ କଠୋର ତପସ୍ୟାର ଏହା ଏକ ଜୀବନ୍ତ ପ୍ରତୀକ। 'ବୋଲ ବମ, ହର ହର ବମ' ଏବଂ 'ବାବା ନାଗେଶ୍ୱର, ବାବା ଧବଳେଶ୍ୱର, ବାବା ବିଶ୍ୱନାଥ ପାର କରିବେ ' ଭଳି ମନ୍ତ୍ର ଉଚ୍ଚାରଣ କରି ଲକ୍ଷ ଲକ୍ଷ କାଉଡ଼ିଆ ଭକ୍ତ ପବିତ୍ର ନଦୀରୁ ଜଳ ଆଣି ଶିବଲିଙ୍ଗରେ ଅର୍ପଣ କରିଥାନ୍ତି। ଏହି ପରମ୍ପରା କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ ବରଂ ଏହା ଭାରତୀୟ ସଂସ୍କୃତିର ଏକତା, ଅହିଂସା ଏବଂ ସମର୍ପଣ ଭାବର ଏକ ନିଦର୍ଶନ। ଏହି 'ବୋଲ ବମ୍ ପରମ୍ପରାର' ଐତିହାସିକ ଓ ପୌରାଣିକ ପୃଷ୍ଠଭୂମି:-ବୋଲ ବମ ପରମ୍ପରାର ମୂଳ ଭଗବାନ ଶିବଙ୍କ ପୌରାଣିକ ଆଖ୍ୟାୟିକା ସହିତ ଜଡ଼ିତ। ପୁରାଣ ଅନୁସାରେ, ଦେବତା ଓ ଦାନବମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ ସମୟରେ ଅତ୍ୟନ୍ତ ଭୟାନକ 'କାଳକୂଟ' (ହଳାହଳ) ବିଷ ବାହାରିଥିଲା। ଏହି ବିଷର ଉତ୍ତାପରେ ସମଗ୍ର ବ୍ରହ୍ମାଣ୍ଡ ଦଗ୍ଧ ହେବାକୁ ଲାଗିଲା। ସଂସାରକୁ ରକ୍ଷା କରିବା ପାଇଁ ଭଗବାନ ଶିବ ସେହି ବିଷକୁ ନିଜ କଣ୍ଠରେ ଧାରଣ କଲେ, ଯାହାଦ୍ୱାରା ସେ 'ନୀଳକଣ୍ଠ' ନାମରେ ପରିଚିତ ହେଲେ। ବିଷର ଭୟଙ୍କର ଦାହଜ୍ୱାଳାକୁ ଶାନ୍ତ କରିବା ପାଇଁ ଦେବତାମାନେ ପବିତ୍ର ଗଙ୍ଗାଜଳ ଆଣି ଶିବଙ୍କ ଶିରରେ ଅର୍ପଣ କରିଥିଲେ। ସେହିଦିନଠାରୁ ଶ୍ରାବଣ ମାସରେ ଶିବଲିଙ୍ଗରେ ଜଳାଭିଷେକ କରିବାର ପରମ୍ପରା ଆରମ୍ଭ ହୋଇଥିଲା। ଶ୍ରୀରାମଙ୍କ କାଉଡ଼ି ଯାତ୍ରା: ଅନ୍ୟ ଏକ ଲୋକକଥା ଅନୁସାରେ, ତ୍ରେତାୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ବିହାରର ସୁଲତାନଗଞ୍ଜରୁ ପବିତ୍ର ଗଙ୍ଗାଜଳ ନେଇ ଦେବଘରସ୍ଥିତ ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଅର୍ପଣ କରିଥିଲେ। ପ୍ରଥମ କାଉଡ଼ିଆ ଭାବେ ଶ୍ରୀରାମଙ୍କ ଏହି ଯାତ୍ରା ପରବର୍ତ୍ତୀ ସମୟରେ ଏକ ମହାନ୍ ପରମ୍ପରାର ରୂପ ନେଇଥିଲା। 'କାଉଡ଼ି'ର ବୈଶିଷ୍ଟ୍ୟ ଓ ନିୟମ:--କାଉଡ଼ିଆ ଭକ୍ତମାନେ ବ୍ୟବହାର କରୁଥିବା 'ବାଉଁଶ ଭାର' ବା 'କାଉଡ଼ି' ଏହି ଯାତ୍ରାର ମୁଖ୍ୟ ପ୍ରତୀକ। କାଉଡ଼ିଆମାନେ ସାଧାରଣତଃ ଗେରୁଆ ବା କେଶରୀ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ଗେରୁଆ ରଙ୍ଗ ହେଉଛି ତ୍ୟାଗ, ସନ୍ନ୍ୟାସ ଏବଂ ପବିତ୍ରତାର ପ୍ରତୀକ। ଏହି ଯାତ୍ରାରେ ଭକ୍ତମାନଙ୍କ ସଂଯମ ଓ କଠୋରତା:- ଜଳ ବୋହିବା ଆରମ୍ଭ କରିବା ପୂର୍ବରୁ ଓ ଯାତ୍ରା ସମୟରେ ଭକ୍ତମାନଙ୍କୁ ସମ୍ପୂର୍ଣ୍ଣ ସାତ୍ତ୍ୱିକ ଜୀବନଯାପନ କରିବାକୁ ପଡ଼ିଥାଏ। ସେମାନେ ଖାଲି ପାଦରେ ଶହ ଶହ କିଲୋମିଟର ପଥ ଅତିକ୍ରମ କରନ୍ତି। ଯାତ୍ରା ସମୟରେ ଜଳପୂର୍ଣ୍ଣ କାଉଡ଼ିକୁ ସିଧାସଳଖ ଭୂମିରେ ରଖିବା ନିଷେଧ। ଏହାକୁ ସ୍ୱତନ୍ତ୍ର ଷ୍ଟାଣ୍ଡ୍ ବା ବୃକ୍ଷ ଡାଳରେ ଝୁଲାଇ ରଖାଯାଏ । ଏହା ଭକ୍ତଙ୍କର ଶ୍ରଦ୍ଧା ଓ ଶୁଚିତାର ଏକ ପରୀକ୍ଷା। ଭାରତୀୟ ସଂସ୍କୃତି ଓ ଆଧାତ୍ମିକତାରେ ଏହାର ମହତ୍ତ୍ୱ... ୧.ଏହା ସମତା ଓ ଭାଇଚାରାର ପ୍ରତୀକ ବୋଲ ବମ ଯାତ୍ରାରେ କୌଣସି ଜାତି, ଧର୍ମ, ବର୍ଣ୍ଣ, ଧନୀ ବା ଗରିବର ଭେଦଭାବ ନଥାଏ। ଗେରୁଆ ବସ୍ତ୍ର ପିନ୍ଧିବା ପରେ ସମସ୍ତେ କେବଳ 'ଜଗତର ପିତା' ଶିବଙ୍କର ସନ୍ତାନ ଏବଂ ସମସ୍ତଙ୍କୁ 'ବମ' ବା 'ଭାଇ' ବୋଲି ସମ୍ବୋଧନ କରାଯାଏ। ଏହା ସମାଜରେ ସମାନତା ଏବଂ ଆତ୍ମୀୟତା ସୃଷ୍ଟିକରେ ।



୨. ତ୍ୟାଗ, ସହନଶୀଳତା ଓ ମାନସିକ ଦୃଢ଼ତା ବର୍ଷା, କାଦୁଅ, ପାଦର ଫୋଟକା ଏବଂ ଶାରୀରିକ କଷ୍ଟକୁ ଭୁଲି 'ବୋଲ ବମ' ଧ୍ୱନିରେ ଆଗେଇ ଚାଲିବା ଦ୍ୱାରା ମାନସିକ ଏକାଗ୍ରତା ଓ ସହନଶୀଳତା ବୃଦ୍ଧି ପାଏ। ଏହା ମାନବ ମନକୁ ଅହଂକାରମୁକ୍ତ କରି ଈଶ୍ୱରପ୍ରେମରେ ନିମଗ୍ନ କରାଏ। ୩. ପ୍ରକୃତି ଓ ନଦୀ ସଂସ୍କୃତିର ପୂଜନ--ଭାରତୀୟ ସଂସ୍କୃତିରେ ନଦୀମାନଙ୍କୁ ମାତା ରୂପେ ପୂଜା କରାଯାଏ। ବୋଲ ବମ ପରମ୍ପରାରେ ଗଙ୍ଗା, ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଭଳି ପବିତ୍ର ନଦୀରୁ ଜଳ ଆଣି ଶିବଙ୍କୁ ଅର୍ପଣ କରାଯାଏ। ଏହା ମାନବସମାଜକୁ ପ୍ରକୃତି, ଜଳ ଓ ପରିବେଶର ସୁରକ୍ଷା ଏବଂ ପବିତ୍ରତା ରକ୍ଷା କରିବାର ବାର୍ତ୍ତା ଦେଇଥାଏ। ଓଡ଼ିଶାରେ ବୋଲ ବମ ପରମ୍ପରା:--ଓଡ଼ିଶାର ଧାର୍ମିକ ପରମ୍ପରାରେ ବୋଲ ବମର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଶ୍ରାବଣ ମାସର ପ୍ରତ୍ୟେକ ସୋମବାରରେ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠଗୁଡ଼ିକ କାଉଡ଼ିଆଙ୍କ ଗହଳିରେ ଉତ୍ସବମୁଖର ହୋଇଉଠେ। ଭୁବନେଶ୍ୱରର--ଶ୍ରୀ ଲିଙ୍ଗରାଜ, କଟକର



ଧବଳେଶ୍ୱର, ପୁରୀର ଲୋକନାଥ, ଭଦ୍ରକର ଆଖଣ୍ଡଳମଣି, କପିଳାସର ଚନ୍ଦ୍ରଶେଖର ଏବଂ ସମ୍ବଲପୁର ଓ ହୁମା ଭଳି ପୀଠଗୁଡ଼ିକରେ ଲକ୍ଷ ଲକ୍ଷ ଭକ୍ତ ଶ୍ରଦ୍ଧାର ସହ ଜଳାଭିଷେକ କରନ୍ତି। ଆବାଳବୃଦ୍ଧବନିତା ସମସ୍ତେ ଗଦ୍‌ଗଦ୍ ହୃଦୟରେ ଜଳନେଇ ନିଜର ଓ ପରିବାରର କଲ୍ୟାଣ ତଥା ଜଗତର ମଙ୍ଗଳ ମନାସନ୍ତି। ନୀତିଶିକ୍ଷା ଓ ଆଧୁନିକ ଦୃଷ୍ଟିକୋଣକୁ ଅନୁଧ୍ୟାନ କଲେ ଆଜିର ଆଧୁନିକ ଓ ବ୍ୟସ୍ତବହୁଳ ଯୁଗରେ ବୋଲ ବମ ପରମ୍ପରା ଯୁବପିଢ଼ିକୁ ନିଜର ସଂସ୍କୃତି ଓ ମୂଲ୍ୟବୋଧ ସହ ଯୋଡ଼ି ରଖିବାରେ ଏକ ବଡ଼ ଭୂମିକା ଗ୍ରହଣ କରିଛି। ଏହା କେବଳ ଏକ ଅନ୍ଧବିଶ୍ୱାସ ନୁହେଁ ବରଂ ନିଜର ଆତ୍ମଶୁଦ୍ଧି ଏବଂ ଈଶ୍ୱରଙ୍କ ପ୍ରତି ପୂର୍ଣ୍ଣ ସମର୍ପଣର ମାଧ୍ୟମ। ତେବେ ଏହି ପରମ୍ପରାର ପବିତ୍ରତା ରକ୍ଷା କରିବା ପାଇଁ ଶାନ୍ତି, ଅହିଂସା, ପରିବେଶ ସ୍ୱଚ୍ଛତା ଏବଂ ଶୃଙ୍ଖଳା ପ୍ରତି ଧ୍ୟାନ ଦେବା ଭକ୍ତମାନଙ୍କର ପ୍ରାଥମିକ କର୍ତ୍ତବ୍ୟ। ସଂକ୍ଷେପରେ କହିବାକୁ ଗଲେ, 'ବୋଲ ବମ' ପରମ୍ପରା ହେଉଛି ଭାରତୀୟ ଆଧାତ୍ମିକତାର ଏକ ମହାନ ସଂସ୍କୃତି, ଯାହା ଶ୍ରଦ୍ଧା, ତପସ୍ୟା ଏବଂ ସମ୍ପ୍ରୀତିର ସୂତ୍ରରେ ସମଗ୍ର ଦେଶକୁ ବାନ୍ଧି ରଖିଛି। ଭଗବାନ ଶିବଙ୍କ ଅସୀମ କୃପା ଲାଭ କରିବା ସହ ନିଜ ଆତ୍ମାକୁ ଶୁଦ୍ଧ କରିବାର ଏହା ଏକ ପବିତ୍ର ମାର୍ଗ। ଏହି ପରମ୍ପରା ଯୁଗ ଯୁଗ ଧରି ଭାରତୀୟ ସଂସ୍କୃତିର ଆତ୍ମାକୁ ଜୀବନ୍ତ ଓ ରଶ୍ମିମୟ କରି ରଖିବ, ଏଥିରେ କୌଣସି ସନ୍ଦେହ ନାହିଁ।

*ସମ୍ପାଦକ ମାର୍ଗଦର୍ଶୀ*
*ଖୋର୍ଦ୍ଧା-ମୋ-୬୩୭୦୬୭୫୫୬୨*



# ଶ୍ରାବଣ ମାସରେ ବୋଲବମ୍ ଯାତ୍ରା



ଲଳିତ ମୋହନ ମିଶ୍ର

ବୋଲବମ୍ କେବଳ ଏକ ଧାର୍ମିକ ଆଚାର, ଶ୍ରାବଣ ମାସର ପରମ୍ପରା କିମ୍ବା ଶ୍ରଦ୍ଧାଳୁଙ୍କର ଗାଁରୁ ମନ୍ଦିର ପର୍ଯ୍ୟନ୍ତ ଏକ ପଦଯାତ୍ରା ନୁହେଁ । ଏହା ମାନବ ଆତ୍ମାର ପରମାତ୍ମାଙ୍କ ସହିତ ମିଳନର ଏକ ଗଭୀର ଦାର୍ଶନିକ ଆଲେଖ୍ୟ । ଜୀବାତ୍ମା କିପରି ସଂସାରର ମାୟା, ମୋହ, କାମ, କ୍ରୋଧ ଏବଂ ଅହଂକାରକୁ ପଛରେ ପକାଇ ସତ୍ୟ, ଶିବ ଓ ସୁନ୍ଦରର ଅଭିମୁଖୀ ହୁଏ - ତାର ଶ୍ରେଷ୍ଠ ନିଦର୍ଶନ ହେଉଛି ବୋଲବମ୍ । ବୋଲ୍ ବମ୍ ଶବ୍ଦଦ୍ୱୟ ଆପାତତଃ ସରଳ ଶୁଣାଯାଉଥିଲେ ହେଁ, ଏହାର ଗୂଢ଼ାର୍ଥବ୍ୟାପକ। ବୋଲ୍ ଅର୍ଥାତ ଉଚ୍ଚାରଣ କରିବା ବା ସ୍ମରଣ କରିବା । ବମ୍ ହେଉଛି 'ବମ୍ ବମ୍ ଭୋଲେନାଥ କିମ୍ବା ବ୍ରହ୍ମନାଦର ସଙ୍କେତ। ବମ୍ ଶବ୍ଦ ଅନନ୍ତ ଆକାଶ ଓ ଅନାହତ ନାଦର ପ୍ରତୀକ। ବାରମ୍ବାର ବୋଲ୍ ବମ୍ ଧ୍ୱନି ପ୍ରକମ୍ପିତ କରିବା ଦ୍ୱାରା ସାଧକର ଚିତ୍ତ ଶୁଦ୍ଧ ହୋଇଥାଏ । ଏହା କେବଳ ଜିହ୍ୱାର ଆବାହନ ନୁହେଁ, ବରଂ ମାନବିକ ଅହଂକୁ ବିସର୍ଜନ କରି ସାର୍ବଜନୀନ ଚୈତନ୍ୟ (ଶିବ) ସହ ଏକୀଭୂତ ହେବାର ଏକ ମାନସିକ ସଂକଳ୍ପ । ଶ୍ରାବଣ ମାସରେ ବୋଲବମ୍ ଯାତ୍ରା ହୁଏ ଯାହାକୁ ଉତ୍ତର ଭାରତରେ କାଉଡ଼ିଆ୍ ଯାତ୍ରା ବି କୁହନ୍ତି । ବାରାଣସୀର କେତେକ ସାଧୁ ଓ ଶିବଭକ୍ତ ସବୁ ବର୍ଷ ଶ୍ରାବଣମାସେର ଗଙ୍ଗାନଦୀରୁ କାଉଡ଼ିରେ ପାଣି ଆଣି ଶିବଙ୍କର ଜଳାଭିଷେକ କରୁଥିଲେ । ୧୯୬୦ରୁ ୧୯୮୦ ପର୍ଯ୍ୟନ୍ତ ଏହା କେବଳ ଉତ୍ତର ପ୍ରଦେଶର ଏହି କ୍ଷୁଦ୍ର ଅଞ୍ଚଳ ମଧ୍ୟରେ ସୀମିତ ଥିଲା କିନ୍ତୁ ୧୯୮୦ ପରେ ବଲିଉଡ୍ ତଥା ଦୂରଦର୍ଶନ ମାଧ୍ୟମରେ ଏହି କାଉଡ଼ିଆ ଯାତ୍ରା ଅନ୍ୟ ଅଞ୍ଚଳରେ ମଧ୍ୟ ଲୋକପ୍ରିୟ ହେଲା । ଅଧୁନା ଗୁଜରାଟଠାରୁ ଓଡ଼ିଶା ଯାଏଁ , ମହାରାଷ୍ଟ୍ରଠାରୁ ବଙ୍ଗ ପର୍ଯ୍ୟନ୍ତ ଲୋକେ କାଉଡ଼ିଆ ଯାତ୍ରା କରୁଛନ୍ତି ଓ ନିଜ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠକୁ ଜଳ ନେଇ ଭଗବାନ ଶିବଙ୍କର ଜଳାଭିଷେକ କରୁଛନ୍ତି । ହିନ୍ଦିରେ ଯାହାକୁ କାଉଁଡ଼୍ କୁହାଯାଏ ଓଡ଼ିଶାରେ ତାକୁ କାଉଡ଼ି କୁହାଯାଏ ତେଣୁ ଓଡ଼ିଶାରେ କାଉଡ଼ିଯାତ୍ରାକୁ କାଉଡ଼ି ଯାତ୍ରା ବି କୁହାଯାଇଥାଏ । ଏ ଶବ୍ଦର ବ୍ୟୁତ୍ପତ୍ତିକୁ ନେଇ ନାନା ମତ ପ୍ରଚଳିତ । କେହି କେହି କୁହନ୍ତି ସ୍କନ୍ଦଭାରରୁ କାଁଉଡି଼ ହୋଇଛି । ପୂର୍ଣ୍ଣଚନ୍ଦ୍ର ଭାଷାକୋଷରୁ ଜଣାଯାଏ ଯେ ଆମ ଓଡ଼ିଆ ଭାଷାରେ ଗଉଡ଼ମାନଙ୍କ ଦ୍ୱାରା ବ୍ୟବହୃତ ଏକପ୍ରକାର ବାଡ଼ିକୁ କାଉଁରି କୁହାଯାଉଥିଲା ଯାହା ସ୍କନ୍ଦ ଭାରରୁ ସୃଷ୍ଟି ହୋଇଛି । ଆଉ କେତେକଙ୍କ ମତରେ ଏହି କାଁଉଡ଼ି ଶବ୍ଦଟି ଏକ ଆଷ୍ଟ୍ରୋଏସୀୟ ଶବ୍ଦର ଆଧୁନିକ ରୂପ କିନ୍ତୁ ଆଗେ କାର୍ପଟିକ ବୋଲି ଏକ ଶବ୍ଦ ବି ପ୍ରଚଳିତ ଥିଲା । ଯେଉଁ ବ୍ୟକ୍ତି ତୀର୍ଥରୁ ଜଳ ବୋହିନେଇ ଅନ୍ୟ ସ୍ଥାନରେ ତାହା ବିକ୍ରୟ କରିଥିଲା ତାକୁ ଲୋକେ କାର୍ପଟିକ କହୁଥିଲେ,ତୀର୍ଥଯାତ୍ରୀଙ୍କ ଦଳ ଓ ଯାତ୍ରୀଙ୍କୁ ମଧ କାର୍ପଟିକ କୁହାଯାଉଥିଲା । କିଛି ଲୋକଙ୍କ ଅନୁସାରେ ଏହି କାର୍ପଟିକ ଶବ୍ଦଟି ବଦଳିଯାଇ କାଉଁଡ଼ି ହୋଇଅଛି । କାର୍ପଟିକ ଶବ୍ଦଟି କର୍ପଟ ଶବ୍ଦ ଆଧାରରେ ସୃଷ୍ଟି ହୋଇଛି । କୌପୁନୀ,କାଛିଆ ଓ ଚିରାକନାକୁ କର୍ପଟ କୁହାଯାଏ । କାର୍ପଟିକମାନେ କୌପୁନୀ ପିନ୍ଧି ତୀର୍ଥସ୍ଥଳୀରେ ଜଳ ଯୋଗାଉଥିଲେ। ତେଣୁ ସେମାନଙ୍କର ନାମକରଣ କାର୍ପଟି ହୋଇଥିଲା । ତେବେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ କାଉଡ଼ି ଶବ୍ଦ ସ୍ଥାନ ପାଇନାହିଁ। ଓଡ଼ିଶାରେ କାଉଁଡ଼ି ଯାତ୍ରାକୁ ବୋଲବମ୍ ଯାତ୍ରା ବି କୁହାଯାଏ। ବୋଲ୍ ଓ ବମ୍ ଶବ୍ଦକୁ ନେଇ ବୋଲବମ୍ ଶବ୍ଦର ସୃଷ୍ଟି ଏହା ମୂଳତଃ ଏକ ହିନ୍ଦୀ ପଦ। ଅବଶ୍ୟ ବୋଲ ଓ ବମ୍ ଶବ୍ଦଦ୍ୱୟ ସର୍ବଭାରତୀୟ ସଂସ୍କୃତ ଶବ୍ଦ । ଭାରତରେ ଆଗେ ଗାଲବାଦକୁ ବମ୍ କୁହାଯାଉଥିଲା ଯାହାର ହିନ୍ଦୀ ହଳନ୍ତ୍ ଉଚ୍ଚାରଣ ହେଉଛି ବମ୍ । ପୁଣି ଡମ୍ବରୁ ଧ୍ୱନିକୁ ବି ବମ୍ କୁହାଯାଉଥିଲା । ମହାଦେବଙ୍କୁ ସ୍ତବକରି ପୂର୍ବ ବମ୍, ବମ୍ ବମ୍, ବମ୍ ଭୋଳା ଓ ବମ୍ ଭୋଳାନାଥ ଆଦି ପଦ ଉଚ୍ଚାରଣ କରାଯାଏ। ଶିବ ଉପାସକଙ୍କ ମଧ୍ୟରେ ଲୋକବିଶ୍ୱାସ ପ୍ରଚଳିତ ଯେ ବମ୍ ବମ୍ ଉଚ୍ଚାରଣ କଲେ ଶିବ ପ୍ରସନ୍ନ ହୁଅନ୍ତି । କୁହାଯାଏ ଯେ ଯେତେବେଳେ ଭଗବାନ ଶିବ କ୍ରୋଧିତ ହୋଇ ଦକ୍ଷଙ୍କର ମୁଣ୍ଡ କାଟିଦେଲେ, ସେତେବେଳେ ତାଙ୍କର ଗୋଟିଏ ଛେଳିର ମୁଣ୍ଡ ଲାଗିଥିଲା, ଏହି କାରଣରୁ ଲୋକମାନେ ଗାଲ ବଜାଇ ବମ୍ ବମ୍ ୍ କୁହନ୍ତି ଏବଂ ଏଭଳି କହିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହୁଅନ୍ତି ବୋଲି ବିଶ୍ୱାସ କରନ୍ତି । ଭୂମିରେ ନ ରଖିବାର ନିୟମ - ସଙ୍କଳ୍ପବଦ୍ଧ ଜଳକୁ ମାର୍ଗରେ ଭୂମିସ୍ପର୍ଶ କରା ନଯିବାର ନିୟମ ସାଧନାର ଅବିଚଳତା ଓ ନିରନ୍ତରତାକୁ ଦର୍ଶାଏ । ଥରେ ସାଧନାର ପଥରେ ଅଗ୍ରସର ହେଲା ପରେ ମାୟାର ପ୍ରଭାବରେ ପୁନର୍ବାର ନିମ୍ନଗାମୀ ନ ହେବା ଏହାର ଶିକ୍ଷା । ନିରାକାର ଜଳ ଓ ସାକାର ଲିଙ୍ଗ ... ଜୀବାତ୍ମା-ପରମାତ୍ମା ମିଳନ - ନଦୀରୁ ଜଳ ସଂଗ୍ରହ କରି ଶିବଲିଙ୍ଗରେ ଅର୍ପଣ କରିବା ଏକ ବୈଦାନ୍ତିକ ରୂପକ । ନଦୀରେ ପ୍ରବାହିତ ଜଳ ହେଉଛି ନିରାକାର, ଗତିଶୀଳ ଓ ନିର୍ମଳ ଜୀବାତ୍ମାର ପ୍ରତୀକ । ଶିବଲିଙ୍ଗ ହେଉଛନ୍ତି ସୃଷ୍ଟିର ଆଦି ଓ ଅନ୍ତର ସଙ୍କେତ, ପରମସତ୍ୟ। ପବିତ୍ର ଜଳକୁ ଶିବଙ୍କ ମସ୍ତକରେ ଢାଳିବା ଅର୍ଥ ହେଉଛି - ଆପଣାର ସମସ୍ତ ବିଚାର, କର୍ମ ଏବଂ ଭାବନାକୁ ପରମାତ୍ମାଙ୍କ ଚରଣରେ ସମର୍ପଣ କରିବା। ଜଳ ଯେପରି ସମୁଦ୍ରରୁ ମେଘ ହୋଇ, ବର୍ଷି, ନଦୀ ରରୂପେ ବହି ଶେଷରେ ସମୁଦ୍ରରେ ମିଶିଯାଏ; ଜୀବାତ୍ମା ମଧ୍ୟ ସେହିପରି ସଂସାର ଭ୍ରମଣ ଶେଷରେ ଶିବତତ୍ତ୍ୱରେ ବିଲୀନ ହୁଏ । ବୋଲବମ୍ ଯାତ୍ରାରେ ଶୁଦ୍ଧି, ପାଦଶୂନ୍ୟ ଭ୍ରମଣ, ସାତ୍ତ୍ୱିକ ଆହାର, ଏବଂ ମୁଖରେ ନିରନ୍ତର ଶିବନାମ ଜପ -ଏସବୁ କାୟିକ ଓ ମାନସିକ ତପସ୍ୟା । ଗ୍ରୀଷ୍ମ, ବର୍ଷା, ପାଦର କ୍ଷତ କିମ୍ବା କ୍ଲାନ୍ତିକୁ ସହିଯିବା ଶରୀର ଓ ମନକୁ ଅତୀତ କରିବାର ଏକ ସାଧନା। ମୁଁ ଶରୀର ନୁହେଁ, ମୁଁ ଆତ୍ମା (ଶିବୋହମ୍) - ଏହି ବ୍ରହ୍ମଜ୍ଞାନର ଅନୁଭୂତି କଷ୍ଟସାଧ ପଦଯାତ୍ରା ମାଧ୍ୟମରେ ସାଧକ ଭିତରେ ଜାଗ୍ରତ ହୁଏ। ବୋଲବମ୍ କେବଳ ବାହ୍ୟ ପୋଷାକ କିମ୍ବା ଆଡ଼ମ୍ବର ନୁହେଁ, ଏହା ହେଉଛି ଅନ୍ତରର ଶୁଦ୍ଧିକରଣ ଯାତ୍ରା। ଜୀବ ଯେତେବେଳେ ସ୍ୱାର୍ଥ ଓ ଅହଂକାର ଭୁଲି 'ସର୍ବଂ ଶିବମୟମ୍' ଭାବନା ନେଇ ପଥଚାଲିବା ଆରମ୍ଭ କରେ, ସେତେବେଳେ ତାର ପ୍ରତିଟି ପାଦପାତ ଏକ ଅନୁଷ୍ଠାନ ଏବଂ ପ୍ରତିଟି ନିଶ୍ୱାସ ବୋଲବମ୍' ମନ୍ତ୍ରରେ ପରିଣତ ହୁଏ । ଏହା ହିଁ ବୋଲବମ୍‌ର ଗୂଢ଼ ଦାର୍ଶନିକ ସତ୍ୟ ।

*ଅରବିନ୍ଦ ନଗର, ନୟାଗଡ,*
*ମୋ: ୯୪୩୭୯୮୫୮୬୬*



# ଷ୍ଟାଫ ନର୍ସଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ !

## ଅଭିଯୁକ୍ତକୁ ବାନ୍ଧିଲା ଲିଙ୍ଗରାଜ ଥାନା ପୋଲିସ



**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀରେ ଷ୍ଟାପ ନର୍ସଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଅଭିଯୋଗ । ବାଲିପାଟଣା ଥାନାରେ ଜିରୋ ଋଜ ପରେ ଅଭିଯୁକ୍ତ ପ୍ରେମିକକୁ ବାନ୍ଧିଲା ଲିଙ୍ଗରାଜ ଥାନା ପୁଲିସ । ଗିରଫ ଅଭିଯୁକ୍ତ ଜଣକ, ବାଲିପାଟଣା ଥାନା ଅଞ୍ଚଳର ଭବତୋଷ ମହାନ୍ତି । ପୁଲିସ ସୂଚନା ଅନୁଯାୟୀ ଷ୍ଟାପ ନର୍ସ ଜଣଙ୍କ ଗତ ୯ବର୍ଷ ତଳେ ବିବାହ କରିଥିଲେ । ତାଙ୍କର ୯ବର୍ଷର ପୁଅ ଅଛି । ସ୍ୱାମୀଙ୍କ ସହ କୌଣସି କଥାକୁ ନେଇ ଝଗଡା ହେବାରୁ ସେ ପୁଅକୁ ଧରି ଭୁବନେଶ୍ୱର ପଳାଇ ଆସିଥିଲେ । ଏଠାରେ ଷ୍ଟାପ ନର୍ସ ଭାବରେ କାମ କରୁଥିଲେ । ଜଣେ ସାଙ୍ଗର ଜନ୍ମ ଦିନ ପାର୍ଟିରେ ଭ୍ବତୋଷ ମହାନ୍ତିଙ୍କ ସହ ପରିଚୟ ହୋଇଥିଲା । ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଉଭୟ ମଧ୍ୟ ବର୍ଷେ ହେବ ଲିଭ ଇନ୍ ରେ ରହୁଥିଲେ । ଷ୍ଟାପ ନର୍ସ ଜଣଙ୍କ ଭବତୋଷକୁ ବିବାହ କରିବାକୁ କହିବା ପରେ ଭ୍ବତୋଷ ନିଜ ଗାଁ ବାଲିପାଟଣା ପଳାଇ ଯାଇଥିଲେ । ମୋବାଇଲ ନମ୍ବର ବଦଳାଇଥିଲେ । ଷ୍ଟାପ ନର୍ସ ଜଣଙ୍କ ତାଙ୍କ ଘରକୁ ଯାଇ ଭବତୋଷଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ତେବେ ସେଠାରେ ଭବଙ୍କ ବାପା, ଭାଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏହାପରେ ଷ୍ଟାପ ନର୍ସ ଜଣଙ୍କ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ । ଘଟଣା ଯେହେତୁ ଭୁବନେଶ୍ୱର ଓଲଡ୍ ଟାଉନ ଅଞ୍ଚଳରେ ଘଟିଛି ସେଥିପାଇଁ ଜିରୋ ଏଫଆୟାର ଗ୍ରହଣ କରି ଲିଙ୍ଗରାଜ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଖୁବ୍‌ଶୀଘ୍ର ଏକାମ୍ର ରେସିଡେନ୍ସୀ ଆବାସିକ ପ୍ରକଳ୍ପର ଶୁଭାରମ୍ଭ

**ଭୁବନେଶ୍ୱର(ବ୍ୟୁରୋ):** ବିଡିଏର ବହୁ ପ୍ରତୀକ୍ଷିତ ସୁବୁଦ୍ଧିପୁର ଏକାମ୍ର ରେସିଡେନ୍ସି ଆବାସିକ ପ୍ରକଳ୍ପର ଶୁଭାରମ୍ଭ ହେବ। କର୍ତ୍ତୃପକ୍ଷ ଗୃହଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ଏକାମ୍ର କାନନ ଛକରୁ ହାତିଆସୁଣି ପର୍ଯ୍ୟନ୍ତ ଛାୟାପ୍ରଦ ସାଇକେଲ ଟ୍ରାକ୍ ନିର୍ମାଣ, ବାଣିବିହାରଠାରେ ୧୦ କେଏଲ୍‌ଡି ସିୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣକୁ ବିଡିଏ କର୍ତ୍ତୃପକ୍ଷ ଅନୁମୋଦନ କରିଛନ୍ତି। ଆଜି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଡିଏର ୧୫୨ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଆର୍ଥିକ ସ୍ଥିତି ଓ କ୍ରୟ କ୍ଷମତାକୁ ଦୃଷ୍ଟିରେ ରଖି ଏକାମ୍ର ରେସିଡେନ୍ସି ଆବାସିକ ପ୍ରକଳ୍ପର ଘରର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ଏହି ପ୍ରକଳ୍ପ ରାଜଧାନୀର ଅନେକ ପରିବାର ପାଇଁ ନିଜସ୍ୱ ଘରର ସ୍ୱପ୍ନ ସାକାର କରିବାରେ ସହାୟକ ହେବ। ୭.୩୬ ଏକର ଜାଗାରେ ଏକାମ୍ର ରେସିଡେନ୍ସି ପ୍ରକଳ୍ପ ନିର୍ମାଣ ହୋଇଛି। ଏଠାରେ ୩ଟି ଟାୱାର(ବି+ଜି+୧୨



ମହଲା)ରେ ୪୧୬ଟି ଦୁଇ ଶୟନକକ୍ଷ ବିଶିଷ୍ଟ ଗୃହ (୨ବିଏଚ୍‌କେ) ଓ ୨୮୮ଟି ତିନି ଶୟନକକ୍ଷ(୩ ବିଏଚ୍‌କେ) ବିଶିଷ୍ଟ ଫ୍ଲାଟ୍ ରହିଛି। ଏହାକୁ ବିଶ୍ୱସ୍ତରୀୟ ସୁବିଧା ସହିତ ଏକ ଆଧୁନିକ ଓ ସ୍ଥାୟୀ ଜୀବନଯାପନ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ଯେଉଁଥିରେ ଭୂମିକମ୍ପ-ପ୍ରତିରୋଧୀ ବ୍ୟବସ୍ଥା, କମ୍ୟୁନିଟି ହଲ୍, ସୁଇମିଂ ପୁଲ୍,ୱାକିଂ ଟ୍ରାକ୍, ବାଣିଜ୍ୟିକ ଅଞ୍ଚଳ, ଶିଶୁ ଖେଳପଡ଼ିଆ, ଫିଟ୍‌ନେସ୍ ସେଣ୍ଟର, ଖୋଲା ଜାଗା, ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ, ୱାଟର ରିଚାର୍ଜ ବ୍ୟବସ୍ଥା, ପାୱାର ବ୍ୟାକ୍ ଅପ୍, ସିସିଟିଭି ନିରୀକ୍ଷଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ସହାୟକ ଭିତ୍ତିଭୂମିର ବ୍ୟବସ୍ଥା କରାଯାଇଛି। ଗୃହ ପ୍ରକଳ୍ପ ବ୍ୟତୀତ, କର୍ତ୍ତୃପକ୍ଷ ଅନେକ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ବିକାଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏଥିରେ ଏକାମ୍ର କାନନ ଛକରୁ ହାତିଆସୁଣି ପର୍ଯ୍ୟନ୍ତ ବାମ ସମାନ୍ତରାଳ ରାସ୍ତା ସହିତ ଏକ ଛାୟାପ୍ରଦ ସାଇକେଲ ଟ୍ରାକ୍ ଓ ପାଦଚଲା ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ଜ୍ୟଜଳ ପରିଚାଳନା ଓ ପରିବେଶଗତ ସ୍ଥାୟିତ୍ୱରେ ଉନ୍ନତି ଆଣିବା ପାଇଁ ବାଣୀବିହାର ନିକଟସ୍ଥ ୪ ନମ୍ବର ଡ୍ରେନ୍‌ଠାରେ ପାଇଲଟ୍ ପ୍ରକଳ୍ପ ଭାବେ ଏକ ୧୦ କେଏଲ୍‌ଡି କ୍ଷମତା ବିଶିଷ୍ଟ ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଏସ୍‌ଟିପି) ନିର୍ମାଣକୁ ଅନୁମୋଦନ ମିଳିଛି। ବୈଠକରେ ବିଡିଏ ଦ୍ୱାରା ନିର୍ମିତ ସହରର ଅନ୍ୟତମ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ସିଆରପି ଛକସ୍ଥିତ ପ୍ରିୟଦର୍ଶିନୀ ମାର୍କେଟ୍ କମ୍ପ୍ଲେକ୍ସର ପୁନଃବିକାଶ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ଏହି ମାର୍କେଟ୍ କମ୍ପ୍ଲେକ୍ସର ଆଧୁନିକୀକରଣ କରାଯିବ। ମଳିପଡ଼ା ଓ ଦାସପୁର ଗ୍ରାମକୁ ଅନ୍ତର୍ଭୁକ୍ତ କରୁଥିବା ଟିପି ସ୍କିମ୍(ସହର ପରିକଳ୍ପନା ଯୋଜନା) ନଂ ୫, ୬ ଓ ୭ ଏବଂ ବିଜିପୁର, ବାଲିଆପଡ଼ା, କାଶୀପୁର, ଭଗବାନପୁର ଓ ପାତ୍ରପଡ଼ା ଗ୍ରାମକୁ ଅନ୍ତର୍ଭୁକ୍ତ କରୁଥିବା ଟିପି ସ୍କିମ୍ ନଂ ୪୨, ୪୩, ୪୪ ଓ ୪୫ ପାଇଁ ଉଦ୍ଦେଶ୍ୟ ଘୋଷଣା (ଡିକ୍ଲେୟାରେସନ୍ ଅଫ୍ ଇଣ୍ଟେନ୍‌ସନ୍)କୁ କର୍ତ୍ତୃପକ୍ଷ ଅନୁମୋଦନ କରିଛନ୍ତି। କର୍ତ୍ତୃପକ୍ଷ ପ୍ରସ୍ତାବିତ ନ୍ୟୁ ସିଟି ଓ ଭୁବନେଶ୍ୱର ଟାଉନ୍ ସେଣ୍ଟର ପ୍ରକଳ୍ପର ଅଗ୍ରଗତିର ମଧ୍ୟ ସମୀକ୍ଷା କରିଥିଲେ। ବୈଠକରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଜଟଣୀ ପୌରପାଳିକା ଅଧ୍ୟକ୍ଷ ଅନନ୍ତ ବେହେରା, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟା ପରେ ବଢୁଛି ସାପ ଭୟ



**ଭୁବନେଶ୍ୱର(ବ୍ୟୁରୋ):** ବନ୍ୟା ପରେ ବଢୁଛି ସାପ ଭୟ । ବୁଡିଯାଉଛି ପ୍ରାକୃତିକ ବାସସ୍ଥାନ । ବନ୍ୟା ପାଣିରେ ସାପଙ୍କ ଗାତ, ଉଈ ଢିବି, ଗଛ କୋରଡ଼ ଓ ବିଲ ପାଣିରେ ବୁଡ଼ିଯାଉଛି । ଜୀବନ ବଞ୍ଚାଇବା ପାଇଁ ସାପ ଉଚ୍ଚ ଓ ଶୁଖିଲା ସ୍ଥାନ ଖୋଜି ଘର ଭିତରକୁ ପଶୁଛନ୍ତି । ଫଳରେ ଘରର ଖଟ, ଛାତ, ମେଜ, ଆଲମିରା, ଗୋଦାମ ଓ ଉଚ୍ଚ ସ୍ଥାନ ସାପଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ପାଲଟୁଛି । ବନ୍ୟାରେ ମୂଷା, ବେଙ୍ଗ ଓ ଅନ୍ୟ ଛୋଟ ପ୍ରାଣୀ ଘର ଭିତରକୁ ପଳାଇ ଆସୁଛନ୍ତି । ଏହି ଶିକାରକୁ ଧରିବା ପାଇଁ ସାପ ମଧ୍ୟ ଘର ଭିତରେ ପ୍ରବେଶ କରୁଛନ୍ତି । ପ୍ରବଳ ସ୍ରୋତରେ ସାପ ଜଙ୍ଗଲ, ନଦୀପଠା ଓ ଚାଷଜମିରୁ ଭାସି ଆସି ଗାଁରେ ପହଞ୍ଚୁଛନ୍ତି । ଭାସୁଥିବା କାଠ, ଆସବାବପତ୍ର କିମ୍ବା ଘରର ଦୁଆରରେ ଆଶ୍ରୟ ନେଉଛନ୍ତି । ଘୋଳା ପାଣି ଓ ପ୍ରବଳ ସ୍ରୋତରେ ସାପ ଦିଗ ହରାଇ ନିକଟସ୍ଥ ସ୍ଥିର ସ୍ଥାନକୁ ଚାଲି ଆସୁଛନ୍ତି, ଯାହା ପ୍ରାୟତଃ ଘର ଭିତରେ ଥାଏ। ବନ୍ୟା ପରେ ସାପ କାମୁଡ଼ା ବିପଦ ଅଧିକ ବଢୁଛି ? ବିଦ୍ୟୁତ୍ ନଥିବାରୁ ଅନ୍ଧାରରେ ଚାଲିବା କିମ୍ବା ପାଣି ଭିତରେ ଚାଲିବା ବେଳେ ଅଜାଣତରେ ସାପ ଉପରେ ପାଦ ପଡ଼ିଯାଉଛି । ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ାରେ ନାଗ ସାପ, କମନ୍ କ୍ରାଇଟ୍ ଓ ରସେଲ୍‌ସ ଭାଇପର୍ ଭଳି ବିଷଧର ସାପ ଅଧିକ ଦେଖାଯାଏ । ରାସ୍ତା ଓ ପୋଲ ଭାଙ୍ଗିଯିବାରୁ ସାପ କାମୁଡ଼ା ରୋଗୀଙ୍କୁ ଶୀଘ୍ର ହସ୍ପିଟାଲ ପହଞ୍ଚାଇବା କଷ୍ଟକର ହେଉଛି । ସରକାରୀ ହସ୍ପିଟାଲରେ ଆଣ୍ଟି ସ୍ନେକ୍ ଭେନମ୍ ଥିଲେ ମଧ୍ୟ ବିଦ୍ୟୁତ୍ ବିଚ୍ଛିନ୍ନ ହେବାରୁ ଶୀତଳୀକରଣ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ରହୁଛି । ବନ୍ୟା ସମୟରେ ସାପଠାରୁ ସୁରକ୍ଷିତ ରହିବାକୁ ହେଲେ ରାତିରେ କିମ୍ବା ବିଦ୍ୟୁତ୍ ନଥିଲେ ଟର୍ଚ୍ଚ ଜଳାଇ ଚାଲନ୍ତୁ।ଶୋଇବା ପୂର୍ବରୁ ବିଛଣା, ଚାଦର, ଖଟ ତଳ ଓ ଆସବାବପତ୍ର ଯାଞ୍ଚ କରନ୍ତୁ । ସିଧାସଳଖ ମାଟିରେ ଶୁଅନ୍ତୁ ନାହିଁ । ଖାଲି ହାତରେ ଆବର୍ଜନା ସଫା କରନ୍ତୁ ନାହିଁ । ପ୍ରଥମେ ଲମ୍ବା ବାଡ଼ି କିମ୍ବା ବାଉଁଶରେ ଯାଞ୍ଚ କରନ୍ତୁ । ସାପକୁ ଧରିବା କିମ୍ବା ମାରିବାକୁ ଚେଷ୍ଟା କରନ୍ତୁ ନାହିଁ । ଦୂରରେ ରୁହନ୍ତୁ ଏବଂ ବନ ବିଭାଗ, ଅଗ୍ନିଶମ ବାହିନୀ କିମ୍ବା ସ୍ଥାନୀୟ ସାପ ଉଦ୍ଧାରକାରୀଙ୍କୁ ଖବର ଦିଅନ୍ତୁ।

# ବନ୍ୟା ପାଇଁ କଲବଲ ହାତୀପଲ



**ଭୁବନେଶ୍ୱର/(ବ୍ୟୁରୋ):** ବନ୍ୟାବିପ୍ରାତ ଯୋଗୁ କେବଳ ଗୃହପାଳିତ ଜୀବଜନ୍ତୁ ନୁହନ୍ତି, ଜଙ୍ଗଲୀ ଜୀବଜନ୍ତୁ ମଧ୍ୟ କଲବଲ ହେଉଛନ୍ତି। ମହାନଦୀରେ ବନ୍ୟାପାଣିର ପ୍ରଖର ସ୍ରୋତକୁ ଡରି ପ୍ରାୟ ୧୦ଟିକିଆ ହାତୀପଲ ବର୍ତ୍ତମାନ ସମୟରେ ଜନବସତିମୁହାଁ ହୋଇଛନ୍ତି। ରାଜଧାନୀ ଉପକଣ୍ଠ ଜାମୁଝରି ନିକଟରେ ଏହି ହାତୀପଲଙ୍କୁ ଆଜି ଦେଖିବାକୁ ମିଳିଥିଲା। ଏହି ପଲରେ ୨ଟି ଦନ୍ତା, ତିନିଟି ମାଈ ଓ ୫ଟି ଛୁଆହାତୀ ରହିଥିବା ଦେଖିବାକୁ ମିଳିଛି। ହାତୀପଲ ଜନବସତି ନିକଟକୁ ଆସିବା କଥା ପ୍ରଚାର ହେବା ମାତ୍ରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଛୁଆ ହାତୀଙ୍କ ସୁରକ୍ଷା ପାଇଁ ଦନ୍ତାହାତୀ ଉଗ୍ର ହେଉଥିବା ଦେଖିବାକୁ ମିଳିଥିଲା। ଏନେଇ ଗ୍ରାମବାସୀ ଜଙ୍ଗଲ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ ଚନ୍ଦକା ଓ ଡମପଡ଼ା ଜଙ୍ଗଲକୁ ହାତୀମାନଙ୍କର ନିୟମିତ ଚଳପ୍ରଚଳ ଲାଗିରୁହେ। ବର୍ତ୍ତମାନ ଉପରମୁଣ୍ଡରୁ ପାଣି ଛଡ଼ାଯିବା ପରେ ମହାନଦୀ ଫୁଲିବାକୁ ଲାଗିଛି। ଏନେଇ ଖାଦ୍ୟ ଅନ୍ୱେଷଣରେ ଚନ୍ଦକା ଅଭିମୁଖେ ଆସିଥିବା ଏକ ହାତୀପଲ ନିତିଦିନିଆ ରାସ୍ତାରେ ଚଳପ୍ରଚଳ ହୋଇପାରୁନାହାନ୍ତି। ନଦୀ ପାରିହେବା ବେଳେ ସମସ୍ୟାରେ ପଡୁଛନ୍ତି। ସେମାନେ ଆଜି ସକାଳେ ନଦୀ ନିକଟକୁ ଯାଇ ସେଠାରୁ ପୁଣି ଫେରି ଚନ୍ଦକାମୁହାଁ ହୋଇଛନ୍ତି। ଆଜି ଏହି ହାତୀପଲ ଜାମୁଝରି ନିକଟ ବିଜୁପଟ୍ଟନାୟକ ମୁକ୍ତାକାଶ ଆଶ୍ରମର ପାଚେରି ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ତେବେ ବିଶେଷ କିଛି କ୍ଷୟକ୍ଷତି ହୋଇ ନଥିବା ବେଳେ ଅଞ୍ଚଳର ବିଭିନ୍ନ ଗଛ ଭଙ୍ଗାରୁଜା କରିଥିଲେ। ଏହି ହାତୀପଲକୁ ଦେଖି ଲୋକେ ବିଚଳିତ ହୋଇପଡ଼ିଥିଲେ। ଖବର ପାଇ ଜଙ୍ଗଲ କର୍ମଚାରୀମାନେ ସେଠାରେ ପହଞ୍ଚି ହାତୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ହାତୀପଲ ଏବେ ଜଙ୍ଗଲର ମଧ୍ୟ ଭାଗରେ ଅବସ୍ଥାନ କରିଥିବା ସୂଚନା ମିଳିଛି। ବନ୍ୟା ଛାଡ଼ିବା ପରେ ହାତୀମାନଙ୍କ ଚଳାଚଳ ସ୍ୱାଭାବିକ ହେବ ବୋଲି ଗାଁର ପୁରୁଖାମାନେ କହିଛନ୍ତି।

## ଜଳଫୁଆରାରେ ପଡ଼ି ଡିଏମ୍ ଛାତ୍ରୀ ମୃତ୍ୟୁ, ସିକ୍ୟୁରିଟି ଗାର୍ଡ ଗିରଫ

**ଭୁବନେଶ୍ୱର(ବ୍ୟୁରୋ):** ଡେମୋନ୍‌ଷ୍ଟ୍ରେସନ୍ ମଲ୍ଟିପର୍ପୋଜ୍(ଡିଏମ୍) ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ପାଇଁ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଶ୍ରୀୟଂଶି ସିଂହ(୭)ଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ଶନିବାର ସହିଦନଗର ଥାନା ପୁଲିସ୍ ସ୍କୁଲ୍‌ର ସିକ୍ୟୁରିଟି ଗାର୍ଡ ବୁଧିଆ ପଲେଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ମାସ ୨୯ ତାରିଖ ଅପରାହ୍ଣରେ ସାଢ଼େ ୧ଟା ବେଳେ ଖାଇବା ଛୁଟି ହୋଇଥିଲା । ଶ୍ରୀୟଂଶି ଶ୍ରେଣୀ କକ୍ଷରେ ବ୍ୟାଗ ରଖି ନି ଟିଫିନ୍ ଧରି ସ୍କୁଲ୍‌ର ମୁଖ୍ୟ ଫାଟକରୁ ବାହାରି ଆସିଥିଲେ । ତା'ପରେ ଚାଲି ଚାଲି ସାଇନ୍ସ ପାର୍କ ରାସ୍ତା ଦେଇ ପହଞ୍ଚିଥିଲେ ପୁଲିସ୍ ବାରାକ୍‌ରେ । ବାରକ ଭିତରେ ଥିବା ଶିଶୁ ପାର୍କରେ ବସି ନିଜ ଟିଫିନ୍ ଖାଇଥିଲେ। ତା'ପରେ ସେ ହାତ ଧୋଇବା ପାଇଁ ପାଣି ଖୋଜି ପହଞ୍ଚିଥିଲେ ପାର୍କରେ ଥିବା ଜଳଫୁଆରା ନିକଟରେ । ତା' ଭିତରେ ପଡ଼ି ବୁଡି ଯାଇଥିଲେ । ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ପାଇଁ ଏମିତି ଘଟଣା ଘଟିଲା ବୋଲି ଶ୍ରୀୟଂଶିଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ। ପୁଲିସ୍ ମାମଲା ରୁଜୁ କରିଥିଲା । ହେଲେ କିଛି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା । ଶତାଧିକ ଅଭିଭାବକମାନେ ଡିଏମ୍ ସ୍କୁଲ୍‌କୁ ଯାଇ ଧାରଣ ଦେବା ସହ ପ୍ରିନ୍ସପାଲ୍‌ଙ୍କୁ ଘେରିଥିଲେ। ଗତକାଲି ଏନ୍‌ଏଚ୍‌ଆରସିରେ ଅଭିଯୋଗ ହୋଇଥିଲା। ଏନ୍‌ଏଚ୍‌ଆରସିରେ ଅଭିଯୋଗ ପରେ ସହିଦ୍‌ନଗର ଥାନା ପୁଲିସ୍ ତରବର ଭାବେ ସିକ୍ୟୁରିଟି ଗାର୍ଡ ଗିରଫ କରିଥିଲା । ହେଲେ ସ୍କୁଲ୍‌ର କୌଣସି ଅଧିକାରୀଙ୍କ ବିରୋଧରେ ଏପର୍ଯ୍ୟନ୍ତ ପୁଲିସ୍ କାର୍ଯ୍ୟାନୁଷ୍ଠାନ ନେଲା ନାହିଁ ।

# ଖସୁଛି ସବୁ ନଦୀର ଜଳସ୍ତର, ପାଣି ଘେରରେ ତଳିଆ ଅଞ୍ଚଳ



**ଭୁବନେଶ୍ୱର(ବ୍ୟୁରୋ) :** ବଡ଼ ବିପଦ ଆଣିଛି ବଢ଼ି ପାଣି । କେଉଁଠି ବୁଡ଼ାଇଛି ତ କେଉଁଠି ଭସାଇଛି । ସବୁ ଉଜାଡ଼ି ଦେଇଛି ବନ୍ୟା । ପାଣିରେ ଭାସି ଯାଇଛି ଖାଦ୍ୟ ପଦାର୍ଥ, ଆସବାବପତ୍ର ନଷ୍ଟ ହୋଇ ଯାଇଛି। ଚାରିଆଡ଼େ ହାହାକାର ସ୍ଥିତି । ଅନେକ ସ୍ଥାନରେ ପହଞ୍ଚି ନାହିଁ ପ୍ରଶାସନ । ଏଯାଏଁ କିଛି ବି ସହାୟତା ମିଳିନଥିବା ଏକାଧିକ ଅଞ୍ଚଳରୁ ଆସିଛି ଅଭିଯୋଗ । ଯାଜପୁର, ଭଦ୍ରକ, ବାଲେଶ୍ୱର ଆଉ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଃଖ ବଢ଼ି ଯାଇଛି । ନଈ ଛିଡ଼ିବା ସହ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଛି । ଯେଉଁଠି ପାଣି କମିଛି, ଲୋକେ ଘରକୁ ଫେରିବା ଆରମ୍ଭ କରିଛନ୍ତି । ବୈତରଣୀ, ଶାଳନ୍ଦୀ, ବୁଢ଼ାବଳଙ୍ଗ, ଜଳକାରେ ପାଣି କମୁଛି । ହେଲେ ଆନେକ ଅଞ୍ଚଳ ଏବେ ମଧ୍ୟ ବନ୍ୟା ଘେରରେ। ତଳିଆ ଅଞ୍ଚଳରେ ଶତାଧିକ ଗାଁ ବୁଡ଼ି ରହିଛି। ହଜାର ହଜାର ଲୋକ ଜଳବନ୍ଦି। ଘରୁ ବାହାରିବାର ଚାରା ନାହିଁ। ଗାଁ ଦାଣ୍ଡରେ ଡଙ୍ଗା ଚାଲିଛି। କିଏ ଛାତରେ ତ କିଏ କାନ୍ଥରେ। ଏବେ ବି ଚାଲିଛି ରେସକ୍ୟୁ ଅପରେସନ୍। ସେହିପରି ବୈତରଣୀ ଓ ସାଳନ୍ଦୀ ରେ କମିଛି ବନ୍ୟା ପାଣି । ବିଭିନ୍ନ ମୁଖ୍ୟ ରାସ୍ତା ତଳକୁ ଖସିଛି ପାଣି ହେଲେ ଏବେ ବି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ୧୧ଟି ପଞ୍ଚାୟତର ଗାଁ ରାସ୍ତା ବୁଡି ରହିଛି। ଜଳବନ୍ଦୀ ହୋଇ ରହିଛନ୍ତି ଶହ ଶହ ଲୋକ। ବନ୍ୟା ବିପନ୍ନ ମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ସରକାରଙ୍କ ତରଫରୁ ଗୋଖାଦ୍ୟ ମୂଳିନଥିବାରୁ ଭୋକ ଓପାସ ରେ ଗୃହପାଳିତ ପଶୁ। ଅନେକ ଲୋକଙ୍କ ଘରେ ପାଣି ପଶିଯାଇଥିବାରୁ ବ୍ୟାପକ କ୍ଷତି ହୋଇଛି। ଏବେ ବି ଚାଷ ଜମିମାନଙ୍କରେ ଚାଲୁଛି ଡଙ୍ଗା। ଯାଜପୁରରେ ବୈତରଣୀ ନଦୀର ଜଳସ୍ତର ବିପଦ ସଙ୍କେତ ତଳକୁ ଖସିଥିଲେ ମଧ୍ୟ ବନ୍ୟାର ଦୁଃଖ ଏବେ ବି ଟଳିନାହିଁ । ବୈତରଣୀ ବନ୍ୟା ଫଳରେ ଯାଜପୁର ବ୍ଲକ ଓ ଦଶରଥପୁର ବ୍ଲକରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଦୁଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ଆଜି ବି ବନ୍ୟା ବିପନ୍ନ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ବନ୍ୟା ଜଳ କମିବା ପରେ ଭାଙ୍ଗିପଡ଼ିଛି କଚ୍ଚା ଘର, ଉଜୁଡ଼ି ଯାଇଛି ଚାଷଜମି । ସହାୟତା ଓ ପୁନର୍ବାସକୁ ଚାହିଁ ବସିଛନ୍ତି ବିପନ୍ନଙ୍କ ପରିବାର। ବନ୍ୟା ଜଳ ହ୍ରାସ ପାଇଥିଲେ ମଧ୍ୟ ଅନେକ ପରିବାର ଏବେ ବି ଦୁର୍ଦ୍ଦଶା ମଧ୍ୟରେ ଜୀବନ କାଟୁଛନ୍ତି । ପ୍ରବଳ ସ୍ରୋତରେ ଅନେକ କଚ୍ଚା ଘର ଭୁଶୁଡ଼ି ପଡ଼ିଛି। ଘରେ ଥିବା ଆସବାବପତ୍ର, ଖାଦ୍ୟଶସ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଏବେ ବି କିଛି ପରିବାର ଖୋଲା ଆକାଶ ତଳେ କିମ୍ବା ଅସ୍ଥାୟୀ ଆଶ୍ରୟରେ ଦିନ କାଟୁଛନ୍ତି। କେବଳ ଘରଦ୍ୱାର ନୁହେଁ, ବନ୍ୟାରେ ଚାଷଜମି ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବାରୁ ଚାଷୀମାନେ ବଡ଼ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି।

# ବନ୍ୟାପ୍ରଭାବିତ ଅଞ୍ଚଳରେ ୨୪ ଘଣ୍ଟିଆ ତଦାରଖ ଜାରି

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଭାବିତ ଗ୍ରାମାଞ୍ଚଳରେ ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପଦକ୍ଷେପକୁ ଆହୁରି ତ୍ୱରାନ୍ୱିତ କରାଯାଇଛି। ପ୍ରଭାବିତ ପାନୀୟ ଜଳ ଉତ୍ସଗୁଡ଼ିକର ବିଶୋଧନ, ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ଏବଂ ସ୍ୱାଭାବିକ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ସ୍ଥାନରେ ବିକଳ୍ପ ପାନୀୟ ଜଳ ଯୋଗାଣ ପାଇଁ କ୍ଷେତ୍ରସ୍ତରୀୟ ଟିମ୍‌ଗୁଡ଼ିକୁ ନିୟୋଜିତ କରାଯାଇଛି। ୩୧ ଜୁଲାଇ ୨୦୨୬ ସୁଦ୍ଧା ପ୍ରାପ୍ତ ତଥ୍ୟ ଅନୁଯାୟୀ, ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ରିପୋର୍ଟ ହୋଇଥିବା ମୋଟ ୧୩,୬୬୨ଟି ନଳକୂପ ମଧ୍ୟରୁ ୬,୪୯୧ଟି ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ୨,୭୧୦ଟି ନଳକୂପକୁ ଇତିମଧ୍ୟରେ ବିଶୋଧନ କାର୍ଯ୍ୟ ସରିଛି। ସେହିପରି ମୋଟ ୬୪୨ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୫୭ଟି ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ୧୦୧ଟି ପ୍ରକଳ୍ପର ପୁନରୁଦ୍ଧାର କିମ୍ବା ବିଶୋଧନ କାର୍ଯ୍ୟ ସମ୍ପନ୍ନ




ହୋଇଛି। ପ୍ରଭାବିତ ଅଞ୍ଚଳରେ ବିଶୋଧନ ଓ ପୁନରୁଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଜାରି ରଖାଯାଇଛି। ଗ୍ରାମୀଣ ପାନୀୟ ଜଳ ଭିତ୍ତିଭୂମି ଉପରେ ଅଧିକ ପ୍ରଭାବ ପଡ଼ିଥିବା ଭଦ୍ରକ, ବାଲେଶ୍ୱର ଓ ଯାଜପୁରଜିଲ୍ଲା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଭଦ୍ରକ ଜିଲ୍ଲାରେ ୩,୪୧୧ଟି ନଳକୂପ ପ୍ରଭାବିତ ହୋଇଥିବାବେଳେ ସେଥିମଧ୍ୟରୁ ୧,୩୧୧ଟିକୁ ବିଶୋଧନ କରାଯାଇଛି। ବାଲେଶ୍ୱରରେ ୨,୧୯୧ଟି ନଳକୂପ ପ୍ରଭାବିତ ହୋଇଛି ଏବଂ ୫୪୫ଟିର ବିଶୋଧନ କାର୍ଯ୍ୟ ସରିଛି। ଏଥିସହିତ ଏଠାରେ ୭୫ଟି ପ୍ରଭାବିତ ଚଡଝ ପ୍ରକଳ୍ପର ପୁନରୁଦ୍ଧାର କିମ୍ବା ବିଶୋଧନ କରାଯାଇଛି। ଯାଜପୁର ଜିଲ୍ଲାରେ ୫୧୧ଟି ନଳକୂପ ପ୍ରଭାବିତ ହୋଇଥିବାବେଳେ ୧୨୨ଟିକୁ ବିଶୋଧନ କରାସରିଛି। ବନ୍ୟାଜଳ ହ୍ରାସ ପାଇବା ସହ ଜଳମଗ୍ନ ଥିବା ପାନୀୟ ଜଳ ଉତ୍ସଗୁଡ଼ିକ ପହଞ୍ଚଯୋଗ୍ୟ ହେଉଛି ଏବଂ କ୍ଷେତ୍ରସ୍ତରୀୟ ଟିମ୍‌ଗୁଡ଼ିକ ତୁରନ୍ତ ସେଗୁଡ଼ିକର ବିଶୋଧନ ଓ ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି। ପୁନରୁଦ୍ଧାର ଅବଧିରେ ନିରବଚ୍ଛିନ୍ନ ଭାବେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା ପାଇଁ ଏକାଧିକ ବିକଳ୍ପ ବ୍ୟବସ୍ଥା କରାଯାଇଛି। ପାନୀୟ ଜଳ ଯୋଗାଣ ବଜାୟ ରଖିବା ପାଇଁ ୪୭ଟି ଡିଜି ସେଟ୍ ନିୟୋଜିତ କରାଯାଇଥିବାବେଳେ ବିଶୁଦ୍ଧ ଜଳ ଯୋଗାଣ ପାଇଁ ୧୦ଟି ମୋବାଇଲ୍ ୱାଟର ଟ୍ରିଟମେଣ୍ଟ ୟୁନିଟ୍ ନିୟୋଜିତ ହୋଇଛି। ଏହାବ୍ୟତୀତ ୩୭ଟି ପାଣି ଟ୍ୟାଙ୍କର ଏବଂ ସିନ୍‌ଥେଟିକ୍ ଟ୍ୟାଙ୍କ ସଂଯୁକ୍ତ ଅତିରିକ୍ତ ୩୫ଟି ଯାନ/ଟ୍ରାକ୍ଟର ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ହୋଇଛି। ଏପର୍ଯ୍ୟନ୍ତ ୧,୯୨,୨୩୫ଟି ପାନୀୟ ଜଳ ବୋତଲ/ପାଉଚ୍ ବଣ୍ଟନ କରାଯାଇଛି। ଆବଶ୍ୟକତା ଅନୁଯାୟୀ ତୁରନ୍ତ ଯୋଗାଣ ପାଇଁ ଆଉ ୪,୬୫,୦୦୦ଟି ପାଣି ବୋତଲ ମହଜୁଦ ରହିଛି। ପାନୀୟ ଜଳ ଉତ୍ସର ବିଶୋଧନ ଓ ଆନୁଷଙ୍ଗିକ ପରିମଳ ବ୍ୟବସ୍ଥା ପାଇଁ ଜିଲ୍ଲାଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ବିଶୋଧକ ମହଜୁଦ କରାଯାଇଛି। ବର୍ତ୍ତମାନ ୪,୪୨୦ ବସ୍ତା ବ୍ଲିଚିଂ ପାଉଡର୍ ଉପଲବ୍ଧ ରହିଛି। ମୌସୁମୀ ଓ ବନ୍ୟା ପରିସ୍ଥିତି ସମୟରେ ତଦାରଖ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ବିଭାଗ ପକ୍ଷରୁ ସୁଦୃଢ଼ କରାଯାଇଛି। ଭୁବନେଶ୍ୱରସ୍ଥିତ ଇଞ୍ଜିନିୟର-ଇନ୍-ଚିଫ୍, ଜଡଝଝଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ରହିଛି। ପାନୀୟ ଜଳ ପରିସ୍ଥିତିର ନିରନ୍ତର ତଦାରଖ ପାଇଁ ଅଧିକାରୀ ଓ କର୍ମଚାରୀମାନେ ପାଳି ଭିତ୍ତିରେ ନିୟୋଜିତ ହୋଇଛନ୍ତି।

# ଜାନୁଆରୀ-ଜୁନ୍ ମଧ୍ୟରେ ୧୭,୫୯୦ ନିଖୋଜ ମହିଳା ଓ ଶିଶୁ ଉଦ୍ଧାର

**ଭୁବନେଶ୍ୱର(ବ୍ୟୁରୋ):** ଓଡ଼ିଶା ପୁଲିସର ବଡ଼ ସଫଳତା । ୬ ମାସ ମଧ୍ୟରେ ଉଦ୍ଧାର ହେଲେଣି ୧୭ ହଜାର ୫୯୦ ନିଖୋଜ ମହିଳା ଏବଂ ଶିଶୁ । ସ୍ପେଶାଲ୍ ଡ୍ରାଇଭ୍ ମାଧ୍ୟମରେ ନିଖୋଜ ହୋଇ ଯାଇଥିବା ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରିବାରେ ସଫଳ ହେଉଛି ଓଡ଼ିଶା ପୁଲିସ । ଏହି ଅପରେସନ୍ ଆଗକୁ ମଧ୍ୟ ଜାରି ରହିବ । ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇଛି ଓଡ଼ିଶା ପୁଲିସ । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନ ଏବଂ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ( ଉଇଡ ଝବଙ୍କକ୍ସ;ଉଡ) ର ତଦନ୍ତ, ଆନ୍ତଃରାଜ୍ୟ ସମନ୍ୱୟ ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି । ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ରାଜ୍ୟରେ ମୋଟ ୪,୮୭୩ ଜଣ ଶିଶୁ (୫୩୮ ନାବାଳକ, ୪,୩୩୪ ନାବାଳିକା ଏବଂ ୧ ଜଣ ଟ୍ରାନ୍ସଜେଣ୍ଡର) ନିଖୋଜ ହୋଇଥିବା ନେଇ ରିପୋର୍ଟ ହୋଇଥିବାବେଳେ, ଓଡ଼ିଶା ପୁଲିସ ତତ୍ପରତା ପ୍ରକାଶ କରି ଏହି ସମୟ ମଧ୍ୟରେ ମୋଟ ୫,୪୧୩ ଜଣ ଶିଶୁଙ୍କୁ ସୁରକ୍ଷିତ



ଭାବେ ଉଦ୍ଧାର କରିଛି । ଶିଶୁ ଉଦ୍ଧାର କ୍ଷେତ୍ରରେ ପୁରୀ ଜିଲ୍ଲା (୧୧୬୧), ୟୁପିଡି ଭୁବନେଶ୍ୱର (୩୯୯) ଏବଂ ମୟୂରଭଞ୍ଜ (୨୭୮) ଜିଲ୍ଲା ଶ୍ରେଷ୍ଠ ପ୍ରଦର୍ଶନ କରିଛି । ସେହିପରି ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ରାଜ୍ୟରେ ୧୦,୬୦୫ ଜଣ ମହିଳା ନିଖୋଜ ହୋଇଥିବାବେଳେ, ଓଡ଼ିଶା ପୁଲିସ ଦକ୍ଷତାର ସହ ୧୨,୧୭୭ ଜଣ ନିଖୋଜ ମହିଳାଙ୍କୁ ଉଦ୍ଧାର କରିଛି । ମହିଳା ଉଦ୍ଧାର କ୍ଷେତ୍ରରେ ପୁରୀ ଜିଲ୍ଲା (୩୭୧୩), ଯାଜପୁର (୮୨୦) ଏବଂ ଗଞ୍ଜାମ (୫୮୧) ଜିଲ୍ଲା ସର୍ବାଧିକ ସଫଳତା ହାସଲ କରିଛି । ସମୁଦାୟ ୧୧୬୧ ଜଣ ଶିଶୁ ଏବଂ ୩୭୧୩ ଜଣ ମହିଳାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ରାଜ୍ୟରେ ସର୍ବଶ୍ରେଷ୍ଠ ଜିଲ୍ଲା ଭାବେ ପରିଗଣିତ ହୋଇଛି । ନିଖୋଜ ମହିଳା ଓ ଶିଶୁଙ୍କୁ ଖୋଜି ବାହାର କରିବା ମହିଳା ଓ ଶିଶୁ ସୁରକ୍ଷା ଶାଖା ପକ୍ଷରୁ ନିୟମିତ ଭାବେ "ଅପରେସନ୍ ଅନ୍ୱେଷଣ" ସ୍ୱତନ୍ତ୍ର ଅଭିଯାନ କରା ଯାଉଛି । ଚଳିତ ବର୍ଷ ଏପର୍ଯ୍ୟନ୍ତ ୨ଟି ସ୍ୱତନ୍ତ୍ର ଅଭିଯାନ କରାଯାଇଥିବା ବେଳେ ଗତ ୧୮.୦୭.୨୦୨୬ ରୁ ୨୨.୦୭.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ଅପରେସନରେ ୩୨୧ ଜଣ ନିଖୋଜ ଶିଶୁ (୩୫ ନାବାଳକ, ୨୮୬ ନାବାଳିକା) ଏବଂ ୨,୪୩୪ ଜଣ ନିଖୋଜ ମହିଳାଙ୍କୁ ପୁଲିସ ସଫଳତାର ସହ ଉଦ୍ଧାର କରାଯାଇଛି । ମହିଳା ଓ ଶିଶୁମାନଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଆଗାମୀ ଦିନରେ ମଧ୍ୟ ଏହିପରି ସ୍ୱତନ୍ତ୍ର ଅଭିଯାନକୁ ଆହୁରି ବ୍ୟାପକ ଓ ଜୋରଦାର କରାଯିବ ।

# ବଦଳିଲା ନିଟ୍-ପିଜି ପରୀକ୍ଷା ନିୟମ

- ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ହେବ କଡ଼ାକଡ଼ି
- ବାୟୋମେଟ୍ରିକ୍ ଯାଞ୍ଚ ପରେ ପରୀକ୍ଷା କେନ୍ଦ୍ରକୁ ଯିବେ ପରୀକ୍ଷାର୍ଥୀ




**ନୂଆଦିଲ୍ଲୀ,୨।୮:** ଆସନ୍ତା ଅଗଷ୍ଟ ୩୦ ତାରିଖରେ ନିଟ୍-ପିଜି ୨୦୨୬ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି । ଏହା ପୂର୍ବରୁ ଛାତ୍ରୀଛାତ୍ରଙ୍କ ପାଇଁ ବଡ଼ ଖବର ସାମ୍ନାକୁ ଆସିଛି । ନିଟ୍-ପିଜି ୨୦୨୬ ପରୀକ୍ଷାକୁ ନେଇ ଦେଖାଯାଇଥିବା ବିବାଦ ମଧ୍ୟରେ 'ନ୍ୟାସନାଲ ବୋର୍ଡ ଅଫ୍ ଏକ୍ସାମିନେସନ୍ସ ଇନ୍ ମେଡିକାଲ ସାଇନ୍ସେସ୍' ପକ୍ଷରୁ ନିଟ୍-ପିଜି ୨୦୨୬ ପରୀକ୍ଷା ପାଇଁ କିଛି ପରିବର୍ତ୍ତନ କରାଯାଇଛି। ଏହି ପରିବର୍ତ୍ତନଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରୀକ୍ଷାକୁ ସୁରକ୍ଷିତ, ପ୍ରଶ୍ନପତ୍ରଲିକ୍ ମୁକ୍ତ ଏବଂ ନକଲ ରହିତ କରାଇବା। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ନିଟ୍-ପିଜି ୨୦୨୬ ପରୀକ୍ଷା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏଥିସହ କୌଣସି ପ୍ରକାର ଅସୁବିଧା କିମ୍ବା ଗଣ୍ଡଗୋଳ ବିନା ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସୁବିଧାଜନକ ପରୀକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ନିଟ୍-ପିଜି ୨୦୨୬ ପାଇଁ ୨,୭୩,୮୭୩ ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି । ଏହି ସଂଖ୍ୟା ଗତବର୍ଷର ପରୀକ୍ଷାର୍ଥୀଙ୍କ ସଂଖ୍ୟା ତୁଳନାରେ ୧୨.୫ ପ୍ରତିଶତ ଅଧିକ ଅଛି। ଏଥର ପରୀକ୍ଷା ଦେଶବ୍ୟାପୀ ୩୪୦ଟି ସହରର ୧୩୦୦ରୁ ଅଧିକ କେନ୍ଦ୍ରରେ ଅନୁଷ୍ଠିତ ହେବ। ପରୀକ୍ଷା ପାଇଁ ପ୍ରାୟ ୬୦,୦୦୦ରୁ ଅଧିକ କର୍ମଚାରୀ ନିୟୋଜିତ ହେବେ। ପରୀକ୍ଷା କେନ୍ଦ୍ର ଆଖପାଖରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ପରୀକ୍ଷା କେନ୍ଦ୍ରଗୁଡ଼ିକରେ କଡ଼ା ଯାଞ୍ଚ କରାଯିବା ସହ ସିସିଟିଭି ଜରିଆରେ ନଜର ରଖାଯିବ। ବାୟୋମେଟ୍ରିକ୍ ଯାଞ୍ଚ ପରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ଅନୁମତି ମିଳିବ ଏବଂ ଭିତରକୁ ଯିବା ପୂର୍ବରୁ ପ୍ରାର୍ଥୀମାନଙ୍କର ତଲାସୀ ନିଆଯିବ। ପରୀକ୍ଷା କେନ୍ଦ୍ରରେ ଜାମର୍ ଲଗାଯିବ ଏବଂ ଲାଇଭ୍ ମନିଟରିଂ କରାଯିବ।

ଗତ କିଛି ବର୍ଷ ହେବ ବିଭିନ୍ନ ପରିସ୍ଥିତି ଯୋଗୁଁ ନିଟ୍-ପିଜି ପରୀକ୍ଷା ଦୁଇଟି ସିଫ୍ଟରେ ଅନୁଷ୍ଠିତ ହୋଇଥିଲା, କିନ୍ତୁ ବର୍ତ୍ତମାନ ନିଟ୍-ପିଜି ୨୦୨୬ ପରୀକ୍ଷା କେବଳ ଗୋଟିଏ ସିଫ୍ଟରେ କରାଯିବ। କିନ୍ତୁ ପରୀକ୍ଷାର ସମୟ ପୂର୍ବ ଭଳି ୨୧୦ ମିନିଟ୍ ଅର୍ଥାତ୍ ୩ ଘଣ୍ଟା ୩୦ ମିନିଟ୍ ହିଁ ରହିବ। ଏଥର ପରୀକ୍ଷାରେ ପଚରାଯାଉଥିବା ପ୍ରଶ୍ନ ସଂଖ୍ୟା ମଧ୍ୟ ହ୍ରାସ କରି ୧୮୦କୁ କରାଯାଇଛି। ପୂର୍ବରୁ ୨୦୦ଟି ପ୍ରଶ୍ନ ରହୁଥିଲା ଏବଂ ସମ୍ପୂର୍ଣ୍ଣ ପରୀକ୍ଷା ୮୦୦ ନମ୍ବରର ହେଉଥିଲା, କିନ୍ତୁ ପ୍ରଶ୍ନ କମିବା ଏବଂ ସମୟ ସାଢ଼େ ୩ ଘଣ୍ଟା ରହିବା ଦ୍ୱାରା ଛାତ୍ରୀଛାତ୍ରମାନେ ପେପର ଶେଷ କରିବା ପାଇଁ ଅଧିକ ସମୟ ପାଇପାରିବେ।

## ନିଶା ସେବନ ବିରୋଧରେ ପ୍ରଧାନମନ୍ତ୍ରୀଙ୍କ ଅଭିଯାନ ଆରମ୍ଭ

# ଯୁବପିଢ଼ି ନିଶା ଅପବ୍ୟବହାରରୁ ଦୂରେଇ ରୁହନ୍ତୁ

- ୨୮,୦୦୦ରୁ ଅଧିକ ସ୍ଥାନରେ ଅଭିଯାନ କାର୍ଯ୍ୟକ୍ରମ
- ୧ କୋଟିରୁ ଅଧିକ ଯୁବପିଢ଼ିଙ୍କୁ ଯୋଡ଼ିବା ଲକ୍ଷ୍ୟ






**ନୂଆଦିଲ୍ଲୀ,୨।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ପୂର୍ବାହ୍ନ ୧୧ଟାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନ' ଆରମ୍ଭ କରିଛନ୍ତି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଦେଶର ଯୁବପିଢ଼ିଙ୍କୁ ନିଶାଠାରୁ ଦୂରରେ ରଖିବା ଏବଂ ଏକ ବିକଶିତ ଭାରତ ନିର୍ମାଣ ସହିତ ଯୋଡ଼ିବା। ଏହି କାର୍ଯ୍ୟକ୍ରମ ପାଇଁ ସାରା ଦେଶରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨୮,୦୦୦ ରୁ ଅଧିକ ସ୍ଥାନରେ ଅଭିଯାନ-ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ଏବଂ ୧ କୋଟିରୁ ଅଧିକ ଯୁବପିଢ଼ିଙ୍କୁ ଯୋଡ଼ିବା ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ଦେଶବ୍ୟାପୀ ପ୍ରକୃତି। ପ୍ରଧାନମନ୍ତ୍ରୀ ମୋଦୀ ଯୁବପିଢ଼ିଙ୍କୁ ନିଜ ନିଜ କ୍ଷେତ୍ରରେ ସକାରାତ୍ମକ ସାମାଜିକ ପରିବର୍ତ୍ତନର ଦୂତ ହେବାକୁ ଆହ୍ୱାନ କରିଛନ୍ତି। ନିଶା ଯୁବବର୍ଗଙ୍କ ସ୍ୱପ୍ନକୁ ଭାଙ୍ଗିଦେଇଥାଏ। ବହୁ ପରିବାର ଉଜୁଡ଼ି ଯାଇଥାଏ। ନିଶାଠାରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ଅପିଲ୍ କରିଛନ୍ତି। ଏହି ଅଭିଯାନର ନେତୃତ୍ୱ 'ମାଇଁ ଭାରତ'ର ଯୁବ ସ୍ୱେଚ୍ଛାସେବକମାନେ ନେବେ। ସରକାରଙ୍କ ଲକ୍ଷ୍ୟ ନିଶା ସେବନର କୁପ୍ରଭାବ ବିଷୟରେ ସଚେତନତା ପ୍ରସାର କରି ଯୁବପିଢ଼ିଙ୍କୁ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ସହିତ ଯୋଡ଼ିବ। ଏହି ଅଭିଯାନରେ ଆଧ୍ୟାତ୍ମିକ ଅନୁଷ୍ଠାନ, ସ୍କୁଲ, କଲେଜ, ସାମାଜିକ ସଂଗଠନ ଏବଂ ଶିକ୍ଷକୁ ସାମିଲ କରାଯାଇଛି। ୧୨୫ ରୁ ଅଧିକ ସଂଗଠନ ସହଯୋଗ କରୁଛନ୍ତି। ବ୍ରହ୍ମା କୁମାରୀ, ଇସ୍କନ, ଚିନ୍ମୟ ମିଶନ ଏବଂ ଅରୋଭିଲ ଭଳି ସଂଗଠନର ବରିଷ୍ଠ ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। ଏହି ଅଭିଯାନ ଆରମ୍ଭ ହେବା ସହିତ, ସାରା ଦେଶରେ ଯୁବପିଢ଼ିଙ୍କୁ ନିଶା ଅପବ୍ୟବହାର ବିରୁଦ୍ଧରେ ଏକତ୍ରିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ୧ କୋଟିରୁ ଅଧିକ ଯୁବପିଢ଼ିଙ୍କୁ ଜାତୀୟ ପ୍ରତିଜ୍ଞାରେ ସାମିଲ କରିବା। ସରକାର ବିଶ୍ୱାସ କରନ୍ତି ଯେ ଯୁବପିଢ଼ିଙ୍କୁ ନିଶା ଅପବ୍ୟବହାରରୁ ଦୂରେଇ ରଖିବା ଦ୍ୱାରା କେବଳ ୨୦୪୭ମସିହା ପାଇଁ ଏକ ବିକଶିତ ଭାରତ ଲକ୍ଷ୍ୟରେ ସେମାନଙ୍କର ଅଂଶଗ୍ରହଣକୁ ସୁଦୃଢ଼ କରାଯାଇପାରିବ। ଦେଶବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ, ଯୁବବର୍ଗମାନେ 'ନିଶାମୁକ୍ତ ଭାରତ' ପାଇଁ ପ୍ରତିଜ୍ଞା ନେଇଥିଲେ। ଉଦ୍ଦେଶ୍ୟ ହେଉଛି ନିଶା ଅପବ୍ୟବହାର ବିରୋଧରେ ବ୍ୟକ୍ତିଗତ ସଂକଳ୍ପକୁ ସାମାଜିକ ଦାୟିତ୍ୱ ସହିତ ଯୋଡ଼ିବା। ଏହି ଅଭିଯାନ କେବଳ ଗୋଟିଏ ଦିନ ପାଇଁ ସୀମିତ ରହିବ ନାହିଁ। ୧୦୦ ସପ୍ତାହ ପର୍ଯ୍ୟନ୍ତ ପ୍ରତି ରବିବାର ସାରା ଦେଶରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ଚୁଟ୍କୀରେ...

### ଦିଲ୍ଲୀରେ ଭୂମିକମ୍ପ ଝଟ୍କା

**ନୂଆଦିଲ୍ଲୀ,୨।୮:** ଆଜି ସକାଳୁ ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ମୃଦୁ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ଜାତୀୟ ଭୂମିକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଭୋର ୪ଟା ୧୪ ମିନିଟ୍ ସମୟରେ ଏହି ଭୂମିକମ୍ପ ହୋଇଛି । ରିକ୍ଟର ସ୍କେଲ୍ ରେ ଏହାର ତୀବ୍ରତା ୨.୯ ରେକର୍ଡ କରାଯାଇଛି । ଭୂମିକମ୍ପର କେନ୍ଦ୍ରବିନ୍ଦୁ ଦିଲ୍ଲୀର ଉତ୍ତର ଜିଲ୍ଲାରେ ଥିଲା । ଭୂପୃଷ୍ଠରୁ ମାତ୍ର ୮ କିଲୋମିଟର ଗଭୀରତାରେ ଏହାର କେନ୍ଦ୍ର ରହିଥିଲା । ଭୂମିକମ୍ପର ତୀବ୍ରତା ଯଥେଷ୍ଟ କମ୍ ଥିବାରୁ ଏହାଦ୍ୱାରା କୌଣସି ପ୍ରକାର ଧନଜୀବନ କ୍ଷତି କିମ୍ବା କୋଠାବାଡ଼ି କ୍ଷତିଗ୍ରସ୍ତ ହେବାର ସୂଚନା ମିଳିନାହିଁ । ୨.୯ ତୀବ୍ରତାର ଭୂମିକମ୍ପ ସାଧାରଣତଃ ବିପଦମୁକ୍ତ ଏବଂ ହାଲୁକା ଶ୍ରେଣୀର ଅନ୍ତର୍ଭୁକ୍ତ । ଭୂମିକମ୍ପରେ କୌଣସି କ୍ଷୟକ୍ଷତି ହୋଇନଥିଲେ ବି ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସେମାନଙ୍କ ମନରେ ଆତଙ୍କ ଖେଳିଯାଇଛି ।

### କାବେରୀ ବିବାଦ : ପାଣି ଛାଡିଲା କର୍ଣ୍ଣାଟକ

**ଚେନ୍ନାଇ,୨।୮:** କାବେରୀ ଜଳ ବିବାଦ ମଧ୍ୟରେ କର୍ଣ୍ଣାଟକ କାବିନି ଜଳଭଣ୍ଡାରରୁ ପ୍ରାୟ ୧୨,୦୦୦ କ୍ୟୁସେକ ଜଳ ଛାଡିଛି। ଜଳଭଣ୍ଡାରରୁ ଛଡାଯାଇଥିବା ପାଣି ସୋମବାର ସୁଦ୍ଧା ତାମିଲନାଡୁ ସୀମାରେ ଥିବା ବିଲିଗୁଣ୍ଡଲୁ ଗଜିଂ ଷ୍ଟେସନରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଜଳଭଣ୍ଡାରର କ୍ୟାଚମେଣ୍ଟ ଏରିଆରେ ପ୍ରବଳ ବର୍ଷା ପରେ ଏହି ପଦକ୍ଷେପ ନିଆଯାଇଛି। ଦୁଇ ରାଜ୍ୟ ମଧ୍ୟରେ କାବେରୀ ଜଳ ବଣ୍ଟନ ବିବାଦ ଏବେ ବି ଜାରି ରହିଛି। ଅଧିକାରୀଙ୍କ ଅନୁଯାୟୀ, ସୋମବାର ସୁଦ୍ଧା କର୍ଣ୍ଣାଟକ-ତାମିଲନାଡୁ ସୀମାରେ ଏବଂ ମଙ୍ଗଳବାର କିମ୍ବା ବୁଧବାର ସୁଦ୍ଧା ମେଟୁର ଜଳଭଣ୍ଡାରରେ ପାଣି ପହଞ୍ଚିବ ବୋଲି ଆଶା କରାଯାଉଛି ।ଜଳ ସମ୍ପଦ ବିଭାଗର ଅଧିକାରୀମାନେ କହିଛନ୍ତି, ଛଡାଯାଇଥିବା ଜଳ ସୋମବାର ସୁଦ୍ଧା କର୍ଣ୍ଣାଟକ-ତାମିଲନାଡୁ ସୀମାରେ ଥିବା ବିଲିଗୁଣ୍ଡଲୁ ଗଜିଂ ଷ୍ଟେସନରେ ପହଞ୍ଚିବ ବୋଲି ଆଶା କରାଯାଉଛି। ପାଣି ତା'ପରେ ମେଟୁର ଜଳଭଣ୍ଡାର ଆଡକୁ ଗତି କରିବ। ସେଠାରେ ଏହା ମଙ୍ଗଳବାର କିମ୍ବା ବୁଧବାର ସୁଦ୍ଧା ପହଞ୍ଚିପାରେ। ଅଧିକାରୀମାନେ ସତର୍କ କରାଇ ଦେଇଛନ୍ତି ଯେ ଜଳ ଆସିବାର ସଠିକ୍ ସମୟ ନଦୀର ପରିସ୍ଥିତି ଉପରେ ନିର୍ଭର କରିବ।

### ଶିବମୋଗାରେ ଭୂସ୍ଖଳନ: ୩ ମୃତ

**ବେଙ୍ଗାଲୁରୁ,୨।୮:** କର୍ଣ୍ଣାଟକର ଶିବମୋଗା ଜିଲ୍ଲାର ଥୀର୍ଥହାଲ୍ଲି ତାଲୁକରେ ଲଗାତାର ପ୍ରବଳ ବର୍ଷା ଯୋଗୁଁ ରବିବାର ପ୍ରତ୍ୟୁଷରେ ହୋଇଥିବା ଭୂସ୍ଖଳନରେ ଏକ କୁଡ଼ିଆ ମାଟି ତଳେ ଚାପି ହୋଇଯାଇଛି। ଫଳରେ ଗୋଟିଏ ପରିବାରର ତିନି ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କରେ ଜଣେ ତିନି ବର୍ଷର ଶିଶୁ ମଧ୍ୟ ଅଛନ୍ତି। ରିପୋର୍ଟ ଅନୁସାରେ, ଘଟଣା ରବିବାର ରାତି ପ୍ରାୟ ସାଢ଼େ ୨ଟା ସମୟରେ ତୀର୍ଥହଲ୍ଲୀର ଇନ୍ଦିରା ନଗରରେ ଘଟିଥିଲା। ମାଲନାଡ ଅଞ୍ଚଳରେ ନିରନ୍ତର ପ୍ରବଳ ବର୍ଷା ଯୋଗୁଁ ପାହାଡର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ବହୁ ପରିମାଣର କାଦୁଅ ଏବଂ ମାଟି ପଥର, କାମରୁ ଫେରି କୁଡ଼ିଆରେ ଶୋଇଥିବା ଶ୍ରମିକ ପରିବାରର ସଦସ୍ୟଙ୍କ ଉପରେ ପଡ଼ିଥିଲା। ମୃତକମାନେ ହେଲେ ମଲ୍ଲିକାର୍ଜୁନ (୩୦), ନାଗାବେଣୀ (୨୭) ଏବଂ ସେମାନଙ୍କର ତିନି ବର୍ଷର ପୁଅ ସନ୍ତୋଷ। ପରିବାର କୋପ୍ପାଲ ଜିଲ୍ଲାର ଗଙ୍ଗାବତୀ ତାଲୁକର କକ୍କାରଗୋଲ ଗାଁରୁ ଶ୍ରମିକ ଭାବରେ କାମ କରିବାକୁ ଆସିଥିଲେ। ଘଟଣା ପରେ ପୋଲିସ, ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ଦଳ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ଘଣ୍ଟାର ପ୍ରୟାସ ପରେ, ଭଗ୍ନାବଶେଷ ତଳେ ଚାପି ହୋଇଥିବା ତିନି ଜଣଙ୍କ ମୃତଦେହ ବାହାର କରାଯାଇଥିଲା।

### ଓଭର ଗ୍ରାଉଣ୍ଡ ୱାର୍କର ଇଜାଜ୍ ଅହମ୍ମଦ ଗିରଫ

**ଜମ୍ମୁ-କଶ୍ମୀର,୨।୮:** ଜମ୍ମୁ-କଶ୍ମୀରର କୁଲଗାଁଓରେ ହୋଇଥିବା ହତ୍ୟା ପରେ ସୁରକ୍ଷାବଳ ନୂଆ ଭାବରେ ଆଣ୍ଟି ଟେରର ଅପରେସନ୍ ଆରମ୍ଭ କରିଛନ୍ତି। ଏହା ଅନୁସାରେ, ସୁରକ୍ଷାବଳ ବାରାମୁଲା ଜିଲ୍ଲାର ଶିରି ଅଞ୍ଚଳରେ ଏକ 'ଓଭର ଗ୍ରାଉଣ୍ଡ ୱାର୍କର'କୁ ଧରିଛନ୍ତି ଓ ତା ପାଖରୁ ଭାରି ପରିମାଣରେ ବେଆଇନ୍ ଅସ୍ତ୍ରଶସ୍ତ୍ର ଓ ଗୋଳା-ବାରୁଦ ଜବତ କରିଛନ୍ତି। ପୋଲିସର ବରିଷ୍ଠ ଅଧିକାରୀମାନେ କହିଛନ୍ତି ଯେ,ନାରଭାବରେ ଜାଣ୍ଡଫାରାନ ଗୋରିଭାନ କ୍ରସିଂରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ଏକ ଜଏଣ୍ଟ ନାକା କରାଯାଇଥିଲା। ଚେକିଂ ବେଳେ ଗୋରିଭାନ୍ ପଟୁ ଆସୁଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତି ନାକାରେ ଥିବା ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ପଳାଇବାକୁ ଚେଷ୍ଟା କରିଥିଲା। ଅଧିକାରୀଙ୍କ କହିବା ଅନୁସାରେ, ଜବାନମାନେ ସେହି ବ୍ୟକ୍ତିକୁ ପିଛା କରିଥିଲେ ଓ ତାକୁ ଘଟଣାସ୍ଥଳରୁ ଗିରଫ ବି କରିଥିଲେ। ଅଭିଯୁକ୍ତକୁ ତଲାସୀ ନେବା ସମୟରେ ତା ପାଖରୁ ସୁରକ୍ଷା ବଳ ଏକ କେମୋଫ୍ଲାଇଜଡ୍ ଏମ୍-୫ ଟାଇପ ପିସ୍ତଲ, ୧୦ଟି ଜୀବନ୍ତ ୯ଏମ୍ଏମ୍ ରାଉଣ୍ଡ ବିଶିଷ୍ଟ ଏକ ମାଗାଜିନ୍, ଗୋଟିଏ ମୋବାଇଲ ଫୋନ୍ ଓ ଏକ କଳା ବ୍ୟାକପ୍ୟାକ୍ ଜବତ କରାଯାଇଛି।

# ଭୟଙ୍କର ବିମାନ ଦୁର୍ଘଟଣା : ୧୩ ପର୍ଯ୍ୟଟକ ମୃତ



**ନୂଆଦିଲ୍ଲୀ,୨।୮:** ଭୟଙ୍କର ବିମାନ ଦୁର୍ଘଟଣା । ମଝି ଆକାଶରୁ ଖସି ପଡିଲା ପ୍ଲେନ୍ । ହୁତୁ ହୁତ ହୋଇ ଜଳିଲା । ଚାଲିଗଲା ୧୩ ଜୀବନ । ପେରୁର ଦକ୍ଷିଣ ଅଞ୍ଚଳ ନାଜକା ସହରରେ ଏକ ଭୟଙ୍କର ବିମାନ ଦୁର୍ଘଟଣା ହୋଇଛି । ପାଇଲଟଙ୍କ ସମେତ ୧୩ ଜଣଙ୍କର ମୃତ୍ୟୁ ହୋଇଛନ୍ତି । ବିମାନରେ ଥିବା ସମସ୍ତ ଯାତ୍ରୀଙ୍କର ମୃତ୍ୟୁ ଘଟିଛି । ଭୂମିରେ ପଡ଼ିବା ମାତ୍ରେ ବିମାନଟି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ନିଆଁ ଲାଗି ଯାଇଥିଲା । ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ, କିନ୍ତୁ କାହାକୁ ସୁରକ୍ଷିତ ରକ୍ଷା କରାଯାଇ ପାରିନଥିଲା । ନାଜକା ସହର ପ୍ରଶାସନ ଏକ ବିବୃତ୍ତିରେ କହିଛି ଯେ, ପର୍ଯ୍ୟଟକମାନଙ୍କୁ ନାଜକା ଲାଇନ୍ସର ଆକାଶପଥ ପରିଦର୍ଶନ ପାଇଁ ବିମାନଟି ଉଡ଼ାଣ ଭରିଥିଲା। ନାଜକା ଲାଇନ୍ସ ହେଉଛି ଶହ ଶହ ବର୍ଷ ପୁରୁଣା ପେରୁ ମରୁଭୂମିରେ ଖୋଦିତ ବିଶାଳ ଭୌଗୋଳିକ । ବିମାନଟି ଇକା ସହରରୁ ଉଡ଼ାଣ ଭରିଥିଲା। ଅଧିକାରୀଙ୍କ ଅନୁଯାୟୀ, ଦୁର୍ଘଟଣାଗ୍ରସ୍ତ ବିମାନଟି ନିକଟସ୍ଥ ଇକା ସହରରୁ ଉଡ଼ାଣ କରିଥିଲା। ବିମାନଟି ପେରୁର ଏକ ଘରୋଇ ବିମାନ କମ୍ପାନୀ ଏରୋଡିଆନା ଦ୍ୱାରା ପରିଚାଳିତ ହେଉଥିଲା । ଏୟାରଲାଇନ୍ସର ୱେବସାଇଟ୍ ଅନୁଯାୟୀ, କମ୍ପାନୀ ଗତ ୧୪ ବର୍ଷ ଧରି ସେସ୍ନା ଗ୍ରାଣ୍ଡ କାରାଭାନ୍ ବିମାନ ବ୍ୟବହାର କରି ନାଜକା ଲାଇନ୍ସ ଉପରେ ପ୍ରାକୃତିକ ଉଡ଼ାଣ ପରିଚାଳନା କରିଆସୁଛି । ବିମାନରେ ୧୧ ଜଣ ବିଦେଶୀ ପର୍ଯ୍ୟଟକ ଥିଲେ- ପେରୁର ବାଣିଜ୍ୟ ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ, ଶନିବାର ଦୁର୍ଘଟଣାଗ୍ରସ୍ତ ବିମାନରେ ୧୧ ଜଣ ବିଦେଶୀ ପର୍ଯ୍ୟଟକ ଏବଂ ଦୁଇ ଜଣ କ୍ରୁ ସଦସ୍ୟଙ୍କୁ ନେଇଯାଉଥିଲା। ସରକାରୀ ସମ୍ବାଦ ସଂସ୍ଥା, ଏଜେନ୍ସିଆ ଆଣ୍ଡିନା ରିପୋର୍ଟ କରିଛି ଯେ, ଏଥିରେ ଦୁଇଜଣ ଜର୍ମାନ, ଦୁଇଜଣ ସ୍ପାନିସ୍ ଏବଂ ୭ ଜଣ ଇଟାଲୀୟ ପର୍ଯ୍ୟଟକ ଥିଲେ । ପେରୁ କର୍ତ୍ତୃପକ୍ଷ କହିଛନ୍ତି ଯେ, ଦୁର୍ଘଟଣାର ତଦନ୍ତ ଚାଲିଛି ।

# ଫେରୀରେ ଲାଗିଲା ନିଆଁ: ୫ ମୃତ, ୪୧ ନିଖୋଜ

## ୨୭୧ ଯାତ୍ରୀଙ୍କୁ ନେଇ ଯାଉଥିଲା



**ନୂଆଦିଲ୍ଲୀ,୨।୮:** ଇଣ୍ଡୋନେସିଆର ମଦୁରା ଦ୍ୱୀପ ନିକଟରେ ରବିବାର ଘଟିଛି ବଡ଼ ଧରଣର ଅଘଟଣ। ୨୭୧ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଫେରୀ(ବୋଟ୍) କଗଚ ମୁଟିଆରା ସେଣ୍ଟୋସା ୨ରେ ହଠାତ୍ ନିଆଁ ଲାଗିଯାଇଥିଲା। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୫ ଜଣଙ୍କର ମୃତ୍ୟୁ ହୋଇଛି। ସେଭଳି ୪୧ ଜଣ ନିଖୋଜ ଅଛନ୍ତି। ଘଟଣା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ସନ୍ଧାନ ଏବଂ ଉଦ୍ଧାର ସଂସ୍ଥା ଅନୁଯାୟୀ, ଫେରୀରେ ମୋଟ ୨୭୧ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଥିଲେ। ଏମାନଙ୍କ ମଧ୍ୟରୁ ୨୨୫ ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ନିଖୋଜ ଲୋକଙ୍କ ସନ୍ଧାନ ଅଭିଯାନ ଜାରି ରହିଛି। ଫେରୀଟି ପୂର୍ବ ଜାଭା ପ୍ରଦେଶର ସୁରାବାୟା ସହରରୁ ଦକ୍ଷିଣ ସୁଲାୱେସିର ମାକାସାର ସହର ଅଭିମୁଖେ ଯାତ୍ରା ସମୟରେ ବାହାରିଥିଲା। ମାଦୁରା ଦ୍ୱୀପ ନିକଟ ସମୁଦ୍ର ଅଞ୍ଚଳରେ ଯାତ୍ରା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଅଧିକାରୀଙ୍କ କହିବା ଅନୁସାରେ, ନିଆଁ ଲାଗିବା ଘଟଣା ରବିବାର ସକାଳେ ହୋଇଥିଲା। କିନ୍ତୁ ଏହା ସ୍ପଷ୍ଟ ହୋଇପାରିନି ଯେ ଫେରୀରେ କିଭଳି ନିଆଁ ଲାଗିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ ଯାଞ୍ଚ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ଅନୁସନ୍ଧାନ ଏବଂ ଉଦ୍ଧାକାରୀ ଏଜେନ୍ସି କହିଛି ଯେ, ସମୁଦ୍ରରେ ନିଖୋଜ ଲୋକଙ୍କ ତଲାସୀ ପାଇଁ ସର୍ଚ୍ଚ ଆଣ୍ଡ ରେସକ୍ୟୁ ଅପରେସନ୍ ଲଗାତାର ଜାରି ରହିଛି। ଉଦ୍ଧାରକାରୀ ଦଳ ସମୁଦ୍ର କ୍ଷେତ୍ରରେ ବ୍ୟାପକ ସ୍ତରରେ ଅଭିଯାନ ଚଳାଇଛନ୍ତି। ଯାହାଫଳରେ ସବୁ ନିଖୋଜ ଲୋକଙ୍କ ତୁରନ୍ତ ପତ୍ତା ଲଗାଇ ହେବ।

# ରୁଷିଆର ସାମରିକ ଓ ଶିଳ୍ପକେନ୍ଦ୍ର ଉପରେ ୟୁକ୍ରେନର ଡ୍ରୋନ୍ ମାଡ଼ : ୨ ମୃତ



**ନୂଆଦିଲ୍ଲୀ,୨।୮:** ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଆହୁରି ଭୟଙ୍କର ମୋଡ଼ ନେଇଛି। ରବିବାର ୟୁକ୍ରେନ ସୈନ୍ୟ ରୁଷିଆ ଅଞ୍ଚଳ ଭିତରକୁ ପଶି ରଣନୈତିକ ସାମରିକ ଓ ଶିଳ୍ପ ଲକ୍ଷ୍ୟସ୍ଥଳଗୁଡ଼ିକ ଉପରେ ଏକ ବଡ଼ ଡ୍ରୋନ୍ ଆକ୍ରମଣ କରିବା ଫଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି । ୟୁକ୍ରେନର ଜେନେରାଲ ଷ୍ଟାଫଙ୍କ ସୂଚନା ମୁତାବକ, ସାରାଟୋଭ୍ ପ୍ରଦେଶର ଏକ ପ୍ରମୁଖ ତୈଳ ବିଶୋଧନାଗାର ଏବଂ ପ୍ରସିଦ୍ଧ ଏଙ୍ଗେଲ୍ସ ଏୟାରବେସକୁ ସଫଳତାର ସହ ଟାର୍ଗେଟ କରାଯାଇଛି । ଫଳରେ ଏଙ୍ଗେଲ୍ସ ଏୟାରବେସରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଏୟାରବେସରେ ରୁଷର ବୋମାବର୍ଷୀ ବିମାନ ଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଏୟାରବେସ ମାଧ୍ୟମରେ ୟୁକ୍ରେନ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥାଏ ରୁଷ । ଏହା ସହିତ ସାରାଟୋଭ୍ ତୈଳ ବିଶୋଧନାଗାରରେ ନିଆଁ ଲାଗିଯିବା ଯୋଗୁଁ ୨ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। କାଲୁଗା ପ୍ରଦେଶର ଲୁଡିନୋଭସ୍କାୟ ତୈଳ ଡିପୋ ଏବଂ ସମାରାର ନୋଭୋସେମ୍ୟାକିନୋସ୍ଥିତ ୱାଇଲ୍ଡବେରିଜର ବିଶାଳ ଗୋଦାମ ଉପରେ ମଧ୍ୟ ଆକ୍ରମଣ କରାଯାଇଛି। ୱାଇଲ୍ଡବେରିଜ୍ ପ୍ଲାଟଫର୍ମ ଦ୍ୱାରା ଡ୍ରୋନ୍ ପାର୍ଟସ୍ ଓ ସାମରିକ ଉପକରଣ ଯୋଗାଣ ହେଉଥିବା ଅଭିଯୋଗ ରହିଛି ।

## ଇପିଏଫଓ ଟଙ୍କା ହେରଫେର ଅଭିଯୋଗ

# ଅନିଲ ଅମ୍ବାନୀଙ୍କ ନାଁରେ ସିବିଆଇ ମାମଲା



**ନୂଆଦିଲ୍ଲୀ,୨।୮:** ରିଲାଏନ୍ସ କ୍ୟାପିଟାଲ୍ ଲିମିଟେଡ୍ ଏବଂ ଏହାର ପୂର୍ବତନ ଅଧକ୍ଷ ଅନିଲ ଅମ୍ବାନୀଙ୍କ ବିରୋଧରେ ସିବିଆଇ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। କର୍ମଚାରୀ ଭବିଷ୍ୟନିଧି ସଂଗଠନ / ଇପିଏଫଓର ପ୍ରାୟ ୧୮୧୬.୨୨ କୋଟି ଟଙ୍କାର ଆର୍ଥିକ କ୍ଷତି ପାଇଁ କମ୍ପାନି ଏବଂ ଏହାର ପରିଚାଳନା ପରିଷଦକୁ ଦାୟୀ କରି ସିବିଆଇ ଏକ ଏଫଆଇଆର ରୁଜୁ କରିଛି। ସାଧାରଣ ଶ୍ରମିକ ଓ କର୍ମଚାରୀଙ୍କ କଷ୍ଟଲବ୍ଧ ପାଣ୍ଠିକୁ ନେଇ ହୋଇଥିବା ଏହି ବଡ଼ ଧରଣର ଅନିୟମିତତା ଏବେ କର୍ପୋରେଟ୍ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।ଅଭିଯୋଗ ଅନୁଯାୟୀ, ୨୦୧୩ ଏବଂ ୨୦୧୪ ମସିହାରେ ରିଲାଏନ୍ସ କ୍ୟାପିଟାଲ୍ 'ସୁରକ୍ଷିତ ନନ୍-କନଭର୍ଟିବଲ୍ ଡିବେଞ୍ଚ'ର ଜାରି କରିଥିଲା। ପୋର୍ଟଫୋଲିଓ ମ୍ୟାନେଜରମାନେ ଇପିଏଫଓ ପାଣ୍ଠିରୁ ପ୍ରାୟ ୨,୫୦୦ କୋଟି ଟଙ୍କା ଏହି ଡିବେଞ୍ଚରରେ ବିନିଯୋଗ କରିଥିଲେ । ଏହି ନିବେଶ ଗୁଡ଼ିକ ଯଥାକ୍ରମେ ୨୦୨୩ ଏବଂ ୨୦୨୪ ମସିହାରେ ମ୍ୟାଚୁର ହେବାର ଥିଲା । କିନ୍ତୁ କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ଅଭିଯୋଗ ଅନୁଯାୟୀ, ଏହି ନିବେଶରେ ଇପିଏଫଓକୁ ୧,୮୧୬.୨୨ କୋଟି ଟଙ୍କାର ପ୍ରକାଣ୍ଡ କ୍ଷତି ସହିବାକୁ ପଡ଼ିଛି । ଠକେଇ, ଅପରାଧିକ ଷଡ଼ଯନ୍ତ୍ର ଏବଂ ପାଣ୍ଠିର ଅପବ୍ୟବହାର ମାଧ୍ୟମରେ ଏହି କ୍ଷତି ଘଟାଯାଇଥିବା ମନ୍ତ୍ରଣାଳୟ ଦର୍ଶାଇଛି । ସିବିଆଇ ପକ୍ଷରୁ ରୁଜୁ ହୋଇଥିବା ଏଫଆଇଆର ପଛରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ରହିଛି । ବିଡିଓ ଇଣ୍ଡିଆ ଏଲଏଲପି ଦ୍ୱାରା କରାଯାଇଥିବା ଆଡିଟ୍ ଏବଂ ଦସ୍ତାବେଜରୁ ଜଣାପଡ଼ିଛି ଯେ, ୭ ଡିସେମ୍ବର ୨୦୧୯ ରୁ ୬ ଡିସେମ୍ବର ୨୦୨୧ ମଧ୍ୟରେ ରିଲାଏନ୍ସ କ୍ୟାପିଟାଲରେ ବ୍ୟାପକ ଆର୍ଥିକ ହେରଫେର ହୋଇଛି । କମ୍ପାନୀର ପାଣ୍ଠିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ନିୟମ ବିରୁଦ୍ଧରେ ଋଣ ପ୍ରଦାନ କରିବା ଏବଂ ସୁରକ୍ଷିତ ସମ୍ପତ୍ତିର ଅଭାବ ଯୋଗୁଁ ରିଲାଏନ୍ସ କ୍ୟାପିଟାଲର ଆର୍ଥିକ ଅବସ୍ଥା ବିଗିଡ଼ି ଯାଇଥିଲା। ଏହାର ସିଧାସଳଖ ପ୍ରଭାବ ଇପିଏଫଓର ନିବେଶ ଉପରେ ପଡ଼ିଲା ଏବଂ କମ୍ପାନୀ ନିବେଶକାରୀଙ୍କୁ ଟଙ୍କା ଫେରସ୍ତ କରିବାରେ ବିଫଳ ହେଲା ।

## ବଢୁଛି ବିବାଦ

# ହର୍ମୁଜ ସର୍ବଦା ଖୋଲା ରହିବ : ଟ୍ରମ୍ପ

## ଯୁଦ୍ଧ ଥମିବ, ଇରାନ୍ ସହ ଆମେରିକାର ବଡ଼ ଡିଲ୍ ଫାଇନାଲ



**ନୂଆଦିଲ୍ଲୀ,୨।୮:** ଘଡି ଘଡିକେ ବଦଳୁଛି ଆମେରିକା ରାଷ୍ଟ୍ରପତିଙ୍କ ମୁଡ୍ । କେତେବେଳେ ସେ ଇରାନ ଉପରେ ଆକ୍ରମଣର ଚେତାବନୀ ଦେଉଛନ୍ତି ତ ପୁଣି କେତେବେଳେ ଡିଲ୍ ହୋଇଥିବା ଘୋଷଣା କରୁଛନ୍ତି । ଗୋଟିଏ ପଟେ ଖବର ଆସୁଛି ଇରାନ ଉପରେ ଆମେରିକା ଆକ୍ରମଣ କରିବାକୁ ଇସ୍ରାଇଲ ସହ ବଡ଼ ଯୋଜନା କରୁଛି । ଆଉ ଗୋଟିଏ ପଟେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଆଶ୍ଚର୍ଯ୍ୟଜନକ ଦାବି କରିଛନ୍ତି । ସେ କହିଛନ୍ତି ଯେ, ଆମେରିକା ଏବଂ ଇରାନ ମଧ୍ୟରେ ଏକ ଐତିହାସିକ ଚୁକ୍ତିର ଏକ ଡ୍ରାଫ୍ଟ ଉପରେ ସହମତି ହୋଇଛି । ଯଦି ଏହି ଚୁକ୍ତି ହୁଏ, ତେବେ ସାରା ବିଶ୍ୱରେ ଯୁଦ୍ଧର ବିପଦ ଟଳିଯିବ । ଆମେରିକା ଇରାନ ଉପରେ ଏକ ବଡ଼ ଆକ୍ରମଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା, କିନ୍ତୁ ଚୁକ୍ତି ଶେଷ ମୁହୂର୍ତ୍ତରେ ଆକ୍ରମଣକୁ ରୋକିଥିଲା । ସେ କହିଛନ୍ତି ଯେ, ମଧ୍ୟପ୍ରାଚ୍ୟ ସହଯୋଗୀମାନେ ଇରାନ ସହିତ ପାଞ୍ଚ ମାସ ଧରି ଚାଲିଥିବା ଯୁଦ୍ଧ ସମାପ୍ତ କରିବାକୁ ରାଜି ହୋଇଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ ସେ ବର୍ତ୍ତମାନ ପାଇଁ ଇରାନ ଉପରେ ନୂତନ ଆକ୍ରମଣ ନିର୍ଦ୍ଦେଶ ଦେବେ ନାହିଁ । ଆମେରିକା ଇରାନ ବିରୁଦ୍ଧରେ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ପ୍ରସ୍ତୁତ, କିନ୍ତୁ ସଂଘର୍ଷ ସମାପ୍ତ କରିବା ପାଇଁ ଚୁକ୍ତିର ସର୍ତ୍ତାବଳୀ ଉପରେ ସହମତି ହୋଇଥିବା ସୂଚନା ପାଇବା ପରେ, ସେ କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିଷ୍ପତ୍ତି ନେଇଥିଲେ । 'ହୋର୍ମୁଜ ସର୍ବଦା ଖୋଲା ରହିବ'- ଟ୍ରମ୍ପ ଦାବି କରିଛନ୍ତି ଯେ, ଡ୍ରାଫ୍ଟ ଚୁକ୍ତିରେ ଇରାନ୍ ହର୍ମୁଜ୍ ପ୍ରଣାଳୀକୁ ସବୁଦିନ ପାଇଁ ଖୋଲା ରଖିବାକୁ ରାଜି ହୋଇଛି । ଏହା ବିଶ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଥ। ପୂର୍ବରୁ, ଇରାନ୍ ଏହାକୁ ବନ୍ଦ କରିବାକୁ ବାରମ୍ବାର ଧମକ ଦେଇଥିଲା । ଏହି ନୂଆ ଚୁକ୍ତି ପରେ, ଇରାନ୍ କେବେବି ପରମାଣୁ ବୋମା ନିର୍ମାଣ କରିପାରିବ ନାହିଁ । ଏହା ପରମାଣୁ ଯୁଦ୍ଧର ବିପଦକୁ ସ୍ଥାୟୀ ଭାବରେ ଦୂର କରିବ। ଆକ୍ରମଣ ଉପରେ ଆଲୋଚନାର ପଥ ବାଛିଥିଲେ କାରଣ ସେ ବିଶ୍ୱର ଏକ ସୁରକ୍ଷିତ ଭବିଷ୍ୟତ ବିଷୟରେ ଚିନ୍ତିତ ଥିଲେ । ସେ କହିଥିଲେ ଯେ ଏହା ଦୁର୍ବଳତାର ସଙ୍କେତ ନୁହେଁ, ବରଂ ବିଶ୍ୱର ଭବିଷ୍ୟତର ଲାଭ ପାଇଁ ଏକ ନିଷ୍ପତ୍ତି । ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ, ଟ୍ରମ୍ପ କହିଛନ୍ତି, 'ଯୁକ୍ତରାଷ୍ଟ୍ର ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଅଦୃଶ୍ୟ ସାମରିକ ଶକ୍ତି ଏବଂ ଶକ୍ତି ସହିତ ଇସଲାମିକ୍ ଗଣରାଜ୍ୟ ଇରାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ପ୍ରସ୍ତୁତ।

## ଟ୍ରମ୍ପଙ୍କ ଦାବି ସମ୍ପୂର୍ଣ୍ଣ ମିଥ୍ୟା

### ଖୋଲିବନି ହର୍ମୁଜ୍ : ଇରାନ

ଇରାନ ସହ ଆଲୋଚନା ଏବଂ ହର୍ମୁଜ ଖୋଲିବାକୁ ନେଇ ଟ୍ରମ୍ପଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କଲା ଇରାନ। ଇରାନର ଆଲୋଚନା ଦଳର ଏକ ସୂତ୍ରକୁ ଉଦ୍ଧୃତ କରି, ଫାର୍ସ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି ଯେ, ଇରାନ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବାକୁ ଅନୁମତି ଦେବ ନାହିଁ। ଏହା ବ୍ୟତୀତ ଜଳପଥ ପୁନଃ ଖୋଲିବା ପାଇଁ କାତାର ମଧ୍ୟସ୍ଥତା ପ୍ରସ୍ତାବକୁ ତେହେରାନ ଗ୍ରହଣ କରିଥିବା ରିପୋର୍ଟ ମିଛ । ନ୍ୟୁଜ ଏଜେନ୍ସି କହିଛି ଯେ, ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପୁନଃ ଆରମ୍ଭ କରିବା ପାଇଁ କୌଣସି ଚୁକ୍ତି ହୋଇନାହିଁ ଏବଂ ଏହି ରିପୋର୍ଟ ଗୁଡ଼ିକ ମିଥ୍ୟା। ସୂତ୍ର ଜୋର ଦେଇ କହିଛି ଯେ, ଯେପର୍ଯ୍ୟନ୍ତ 'ଆମେରିକା ତାର ଶତ୍ରୁତାପୂର୍ଣ୍ଣ କାର୍ଯ୍ୟ ଜାରି ରଖେ' ସେପର୍ଯ୍ୟନ୍ତ ଜଳପଥ ବନ୍ଦ ରହିବ। ଫାର୍ସ ନ୍ୟୁଜ୍ ଏଜେନ୍ସି ଟ୍ୱିଟ୍ କରିଛି,'ସୂତ୍ର ଅନୁଯାୟୀ, ହରମୁଜ୍ ପ୍ରଣାଳୀ ପୁନଃଖୋଲିବା ସମ୍ପର୍କରେ ରିପୋର୍ଟ ମିଥ୍ୟା। କିଛି ବିରୋଧୀ ଗଣମାଧ୍ୟମ ଦାବି କରିଛନ୍ତି ଯେ, ଇସଲାମିକ୍ ଗଣରାଜ୍ୟ ଇରାନ ହରମୁଜ୍ ପ୍ରଣାଳୀ ପୁନଃଖୋଲିବା ଯୋଜନାରେ ରାଜି ହୋଇଛି; ତଥାପି, ଜଣାଶୁଣା ସୂତ୍ର ଏହି ଦାବିକୁ ଅସ୍ୱୀକାର କରିଛନ୍ତି ଏବଂ ଜୋର ଦେଇଛନ୍ତି ଯେ ଏହି ରଣନୈତିକ ଜଳପଥ ସମ୍ପର୍କରେ ଇରାନର ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ।





# ଜଳଘେରରେ ମଳିଗାଁ ଗ୍ରାମବାସୀ

## ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

**ଡେଲାଙ୍ଗ(ଅମୃତ ମିଡିଆ):** ଦୟା ନଦୀ ବାମ ପାର୍ଶ୍ୱ କଣ୍ଟିକାଜ ଦେଇ ନିଷ୍କାସିତ ବନ୍ୟାଜଳ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ୍‌ର ସିଂହବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ମିଳିଗାଁ ଗ୍ରାମବାସୀଙ୍କୁ ଜଳବନ୍ଦୀ କରିଛି। ଗାଁ ଚାରିପଟେ ବନ୍ୟାଜଳ ପ୍ରବାହ ହେଉଥିବାରୁ ଏହା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଖବର ପାଇ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମଳିଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାସ୍ତା ଉପରେ ୩ ଫୁଟର ପାଣି ସୁଅ ଚାଲୁଛି। ବିଧାୟକଙ୍କ ସହ ବ୍ଲକ ଉନ୍ନୟନ ଅଧିକାରୀ ସମୀର ବେହେରା, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣା, ଅପର୍ଣ୍ଣା ପଣ୍ଡା, ସରପଞ୍ଚ ରଶ୍ମିତା ବେହେରା, ସମିତିସଭ୍ୟ



ନରେନ୍ଦ୍ର ପ୍ରଧାନ, ପ୍ରାକ୍ତନ ମଣ୍ଡଳ ସଭାପତି ଶ୍ୱେତକୁମାର ନାୟକ, ସାମାଜିକ କର୍ମୀ ଶଶାଙ୍କ ଶେଖର ମିଶ୍ର, ପ୍ରଦୀପ ସାହୁ, ଲିଳେନ୍ଦ୍ର ଜେନା ପ୍ରମୁଖ ପ୍ରଭାବିତ ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ମଳିଗାଁର ୨୪୦ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନାନୁଯାୟୀ, ଦୟାନଦୀର ବନ୍ୟାଜଳ କଣ୍ଟିକାଜଦେଇ ମଳିଗାଁ ଗହୀରରେ ପଡ଼ି ଲୁଣାନଦୀରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ଭାଜପା ବିଧାୟକ ଆଶ୍ରିତ ପଟ୍ଟନାୟକ। ପହଞ୍ଚିଥାଏ। ରବିବାର ପଥରଡିହି, ସିଂହବ୍ରହ୍ମପୁର, ସୁଜନପୁର, ଡେଲାଙ୍ଗ କୋଠବାଡ, ମୁନିନ୍ଦା, କଲ୍ୟାଣପୁର ଆଦି ପଞ୍ଚାୟତର ଚାଷ କ୍ଷେତ ଜଳମଗ୍ନ ହେବା ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ରହିବାକୁ ବିଧାୟକ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଦୟାନଦୀର ଘୋରଡ଼ିଆଠାରୁ ନୂଆହାଟ ଯାଏ ନଦୀବନ୍ଧ ସ୍ଥିତି ଅନୁଧ୍ୟାନ କରି ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳେଇ, ଅଧକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ, ସହକାରୀ ନିର୍ବାହୀ ଯନ୍ତ୍ରୀ କରୁଣାକର ଲେଙ୍କା, ସହକାରୀ ଯନ୍ତ୍ରୀ ଶିଶିରକାନ୍ତ ସାହୁ ଓ ସହକାରୀ ଯନ୍ତ୍ରୀ ଶିଶିରକାନ୍ତ ସାହୁ ଓ ଜ୍ଞାନ ରଞ୍ଜନ ଗୁରୁଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ଶନିବାର ସନ୍ଧ୍ୟା ସୁଦ୍ଧା ଘୋରଡ଼ିଆରେ ବନ୍ୟାଜଳ ସ୍ତର ୭ ସେ.ମି. ହ୍ରାସ ପାଇଛି। ବିପଦସଙ୍କେତ ସ୍ତରଠାରୁ ୫ ଫୁଟରୁ ଅଧିକ ଉଚ୍ଚରେ ଥିବାରୁ ରାତିପ୍ରହରା ଜାରି ରଖିବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଜଳବନ୍ଦୀରେ ଥିବା ଗ୍ରାମବାସୀଙ୍କୁ ରନ୍ଧା ଖାଦ୍ୟ ଦେବାକୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଆଦେଶ ଦେଇଥିବା ସୂଚନା ମିଳିଛି। ବିଭିନ୍ନ ସ୍ଥାନରେ ଛୋଟ ବଡ ଘଳିଆକୁ ଦୃଷ୍ଟିରେ ରଖି ୪ ହଜାରରୁ ଊର୍ଦ୍ଧ୍ୱ ବାଲିବସ୍ତା ମହଜୁଦ ଥିବା ଜଣାପଡିଛି। ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଜଳବନ୍ଦୀରେ ଥିବା ମଳିଗାଁ ବାସିନ୍ଦାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଶୁଖିଲା ଖାଦ୍ୟ ବିତରଣ କରିଥିଲେ। ଉପାଧକ୍ଷ ଦୁର୍ବଶା ନିଶଙ୍କ, ଜିଲ୍ଲା ପରିଷଦ ଧରଣୀଧର ସାହୁ ଓ ରୋହିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଘଣ୍ଟା ଘଣ୍ଟା ଲଢ଼େଇ

# ମଇଁଷିଙ୍କୁ ବନ୍ୟାପାଣିରୁ ଉଦ୍ଧାର କରି ପ୍ରଶଂସା ସାଉଣ୍ଟିଲେ ଅଗ୍ନିକ

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଗୁରୁବାର ରାତି। ଦେବୀ ନଦୀ ମା' ଆଜି ରାଗି ଯାଇଥିଲେ। ପୁରୀ ଜିଲ୍ଲା ଅସ୍ତରଙ୍ଗର ତାଳଦା ନିକଟ ଗୋଟେ ନିର୍ଜନ ଟାପୁ। ସେଠାରେ ୨ଶହରୁ ଊର୍ଦ୍ଧ୍ୱ ମଇଁଷି। ସେମାନେ କେବଳ ମଇଁଷି ନୁହଁନ୍ତି। ସେମାନେ ହେଲେ ଗୋଟେ ଚାଷୀ ର ସ୍ୱପ୍ନ, ଗୋଟେ ପିଲାର ପାଠ ପଢା, ଗୋଟେ ଘରର ଚୁଲି। ହଠାତ୍ ଜଳସ୍ତର ବଢିଲା। ଚାରି ପାଖୁ କେବଳ ପ୍ରଖର ସ୍ରୋତ। ମଇଁଷି ମାନେ ପାଣିରେ ଛଟପଟ ହେଉଥିଲେ। କଣ୍ଠରୁ ଶବ୍ଦ ବାହାରୁନଥିଲା। କେବଳ ଆଖିରୁ ଭୟ ବାହାରୁଥିଲା। କୂଳରେ ଠିଆ ହୋଇ ମାଲିକ ମାନେ କାନ୍ଦୁଥିଲେ। ଜଣେ ବୃଦ୍ଧ କହୁଥିଲେ, ବାବୁ ମୋ ଝିଅର ବାହା ପାଇଁ ଏହି ମଇଁଷିକୁ ପାଳିଥିଲି। ଆଜି ସେ ବି ଯଦି ଯାଏ, ମୁଁ କୁଆଡେ ଯିବି ? ସରକାରୀ ବୋଟ ଅସ୍ତରଙ୍ଗ ବ୍ଲକ ଅଫିସରେ ଶିକୁଳି ପଡିଥିଲା। ନେତାଙ୍କ ଫୋନ୍ ସୁଇଚ ଅଫ ତ କାହାର ରିଙ୍ଗ ଧରୁନଥିଲେ । ରାତି ଆହୁରି କଳା ଲାଗୁଥିଲା। ସେତେବେଳେ ଖବର ପାଇଁ ଶୁକ୍ରବାର ସକାଳୁ ଆଲୁଅ ପରି ଆସିଲେ ଅସ୍ତରଙ୍ଗ ଓ କୋଣାର୍କ ଅଗ୍ନିଶମ ବାହିନୀ। ପିଠିରେ FIRE ଏମ୍ରଜେନସି ଲେଖା ହୋଇଥିବା ହଳଦିଆ ପୋଷାକ। ଆଖିରେ ନିଦ୍ରା ନାହିଁ, ହାତରେ



ଭୟ ନାହିଁ। ଶୁକ୍ରବାର ସକାଳୁ ସେମାନେ ଇନଫ୍ଲେଟେବଲ ବୋଟ ନେଇ ପାଣିରେ ଓହ୍ଲାଇ ପଡିଲେ। ନିଜ ଜୀବନକୁ ବାଜି ଲଗାଇ ପ୍ରଖର ସ୍ରୋତରେ ଓହ୍ଲାଇ ପଡିଲେ ଅଗ୍ନିକ। କୂଳରେ ଅସ୍ତରଙ୍ଗ ତହସିଲଦାର ମଇଁଷି ଉଦ୍ଧାର ପ୍ରେରଣା ଦେଉଥାନ୍ତି। ଜଣେ ଯୁବକ ଓ ଜଣେ ଅଗ୍ନିକ ପାଣି ରେ ଅଧା ବୁଡିଯାଇ ଗୋଟେ ମଇଁଷିର ବେକ ଧରିଛନ୍ତି। ସ୍ରୋତ ତାଙ୍କୁ ଟାଣି ନେଉଛି। ତଥାପି ସେ ଛାଡୁନାହାଁନ୍ତି। କାରଣ ସେ ଜାଣିଛନ୍ତି -ଏହି ହାତ ଛାଡିଲେ ଗୋଟେ ପରିବାର ଭାଙ୍ଗିଯିବ। ଆଉ ଜଣେ ସାଥି ବୋଟରୁ ଚିତ୍କାର କରି କହୁଛନ୍ତି, ଭାଇ ଧରି ରୁହ, ଆମେ ଅଛୁ।ଘଣ୍ଟା ଘଣ୍ଟା ଧରି ଲଢେଇ। ଶେଷ ରେ ଜୟ। ୨ଶହ ରୁ ଅଧିକ ମଇଁଷି କୂଳକୁ ଫେରିଲେ। ପ୍ରଶଂସା ଦେଲେ ସ୍ଥାନୀୟ ଲୋକ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ଓ ଅଗ୍ନିଶମ ବିଭାଗକୁ। ଯେଉଁ ମାଲିକ ଆଶା ଛାଡି ଦେଇଥିଲେ, ସେ ଅଗ୍ନୀକ ଙ୍କ ଗୋଡ ଧରି ମୂର୍ଚ୍ଛା ଗଲେ। କହିଲେ, ବେଟା ତୁମେ ମୋ ଭଗବାନ। ଅଗ୍ନୀକ ଜଣକ ତାଙ୍କୁ ଉଠାଇ ଛାତିକୁ ଟାଣି କହିଲେ, କାକା କାନ୍ଦନି। ଆମେ ଥିବା ପର୍ଯ୍ୟନ୍ତ ଆପଣଙ୍କ ଘରକୁ ଆଞ୍ଚ ଆସିବାକୁ ଦେବୁ ନାହିଁ। ସେଦିନ ସେମାନେ କେବଳ ଡ୍ୟୁଟି କରୁନଥିଲେ। ସେମାନେ ମାନବତା ର ପାଠ ପଢାଉଥିଲେ। ବନ୍ୟା ଆସିଥିଲା ସବୁ ଛଡେଇ ନେବାକୁ। କିନ୍ତୁ ଖାକି ପୋଷାକ ରେ ଥିବା ଏହି ଦେବଦୂତ ମାନେ ଆସି ସବୁ ଫେରାଇ ଦେଲେ। ଆଜି ପୁରା ଅସ୍ତରଙ୍ଗ କହୁଛି - ପାଣି ଥିଲା ବନ୍ୟା, କିନ୍ତୁ ଅଗ୍ନିକ ଥିଲେ ଜୀବନ।WE SERVE... WE SAVE - ଏହା କେବଳ ସେମାନଙ୍କ ମୋଟୋ ନୁହେଁ। ଏହା ଆଜି ପ୍ରତି ମାଲିକର ପ୍ରାର୍ଥନା। ସାଲ୍ୟୁଟ ଆମ ଅଗ୍ନିଶମ ବୀରମାନଙ୍କୁ। ଆପଣ ଅଛନ୍ତି ବୋଲି ଆଜି ବି ମଣିଷ ଉପରେ ଭରସା ଅଛି।

# ଅସ୍ତରଙ୍ଗ ବଜାରରେ ଲାଇଟ୍ ବାହୁଙ୍ଗୀର ଧୂମ୍

- ଶ୍ରାବଣ ପ୍ରଥମ ସୋମବାର ପାଇଁ କାଉଡ଼ିଆଙ୍କ ଭିଡ
- ନୂଆ ଷ୍ଟାଇଲର ବୋଲବମ୍ ସାମଗ୍ରୀ କିଣିବାକୁ ଶ୍ରଦ୍ଧାଳୁ ଉତ୍ସୁକ

**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** 'ହର ହର ମହାଦେବ ! ବୋଲ ବମ୍ !'ଶ୍ରାବଣ ଆସିଲା ମାନେ ଭକ୍ତିର ଜୁଆର ଆସିଲା। ଆଉ ଅଗଷ୍ଟ ୦୩.ଶ୍ରାବଣ ପ୍ରଥମ ସୋମବାର। ସେଥିପାଇଁ ଶୁକ୍ରବାର ଠାରୁ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ହିଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ସାଜି ଉଠିଛି ବୋଲ ବମ୍ ର ରଙ୍ଗରେ। ବ୍ୟବସାୟୀଙ୍କ ପସରା ଖୋଲି ଯାଇଛି। ମନ ପସନ୍ଦର ବାହୁଙ୍ଗୀ ଆଉ ମନ ପସନ୍ଦର ପୂଜା ସାମଗ୍ରୀ କିଣିବା ପାଇଁ କାଉଡିଆଙ୍କ ଭିଡ ଜମିଛି। ଏଥର ବଜାରରେ ଦେଖିବାକୁ ମିଳୁଛି ସମ୍ପୂର୍ଣ୍ଣ ନୂଆ ଷ୍ଟାଇଲ। ଅସ୍ତରଙ୍ଗ ମାର୍କେଟର ବ୍ୟବସାୟୀ ମାନେ ରାଜ୍ୟ ବାହାରୁ ଭଳିକି ଭଳି ସାମଗ୍ରୀ ଆଣି ପସରା ସଜାଇଛନ୍ତି। ଛୋଟ ଶିବ ଲିଙ୍ଗରୁ ଆରମ୍ଭ କରି ଘଣ୍ଟି, ତ୍ରିଶୂଳ, ହାତୀ, ଘୋଡା, ବିଭିନ୍ନ ପ୍ଲାଷ୍ଟିକ ଫୁଲ ସବୁ ଗୋଟେ ଜାଗାରେ ମିଳୁଛି। ଚଳିତ ବର୍ଷର ସବୁଠୁ ବଡ ଆକର୍ଷଣ ହେଉଛି ଲାଇଟି ଡମ୍ବୁର। ରାତି ହେଲେ ଜଳୁଥିବା ଏହି ଡମ୍ବୁରକୁ ନେଇ ଯୁବ କାଉଡିଆଙ୍କ ମଧ୍ୟରେ ଖୁବ କ୍ରେଜ। ମୂଲ୍ୟ ମଧ୍ୟ ହାତ ମୁଠାରେ - ମାତ୍ର ୪୦ ରୁ ୫୦ ଟଙ୍କା। ଏହା ବ୍ୟତୀତ ବେତ ବାହୁଙ୍ଗୀ, ଗୋଲଡେନ ସାପ, ଶିବ ଲିଙ୍ଗ ହାତୀ ଶୁଣ୍ଢ, ଦୀପ ଷ୍ଟାଣ୍ଡ, ଘୁଙ୍ଗୁର ଆଦି ପ୍ରାୟ ୪୦ ରୁ ଅଧିକ ପ୍ରକାର ବୋଲ ବମ୍ ସାମଗ୍ରୀ ବିକ୍ରି ହେଉଛି। କେବଳ ପୂଜା ସାମଗ୍ରୀ ନୁହେଁ, ଭକ୍ତିର ପୋଷାକ ମଧ ବଜାରକୁ ଆସିଛି। ଭଳିକି ଭଳି ରୁଦ୍ରାକ୍ଷ ମାଳି, ଗେରୁଆ କପଡା, ଆକର୍ଷଣୀୟ ଟି-ସାର୍ଟ ଉପରେ 'ବୋଲ ବମ୍' ଲେଖା ଥିବା ପୋଷାକ ଦେଖିବାକୁ ମିଳୁଛି। ଯୁବକ ମାନେ ନିଜ ଷ୍ଟାଇଲରେ ବାହୁଙ୍ଗୀ ସଜାଇ



ପାଦରେ ଘୁଙ୍ଗୁର ବାନ୍ଧି ବାହାରି ପଡୁଛନ୍ତି। ଜଣେ ବ୍ୟବସାୟୀ କହିଛନ୍ତି 'ଗତ ବର୍ଷ ତୁଳନାରେ ଏଥର ବିକ୍ରି ଦୁଇ ଗୁଣା ବଢିଛି। ଲାଇଟି ଡମ୍ବୁର ଆଉ ଗୋଲଡେନ ସାପ ସବୁଠୁ ଅଧିକ ବିକ୍ରି ହେଉଛି। ଲୋକେ ଏବେ ପାରମ୍ପରିକ ସହିତ ନୂଆ ଜିନିଷ ମଧ ଖୋଜୁଛନ୍ତି।' ଅନ୍ୟ ଜଣେ କାଉଡିଆ କହିଛନ୍ତି , 'ଆମେ ଭଗବାନଙ୍କ ପାଇଁ ଜଳ ଢାଳିବାକୁ ଯାଉଛୁ। ସେଥିପାଇଁ ସବୁଠୁ ଭଲ ବାହୁଙ୍ଗୀ ଟା ନେବାକୁ ଚାହୁଁଛୁ। ଏହି ଲାଇଟି ଡମ୍ବୁର ବାଜିଲେ ରାସ୍ତାରେ ଯିବା ବେଳେ ଅଲଗା ମଜା ଆସିବ ।' ଶ୍ରାବଣ ମାସ ମାନେ କେବଳ ଉପବାସ ନୁହେଁ, ଏହା ହେଉଛି ଭକ୍ତି ଆଉ ବ୍ୟବସାୟର ମଧୁର ମାସ। ଅସ୍ତରଙ୍ଗ ବଜାରରେ ଏବେ ସକାଳୁ ରାତି ପର୍ଯ୍ୟନ୍ତ ଭିଡ। ପ୍ରତି ଦୋକାନରେ 'ହର ହର ମହାଦେବ' ର ଧ୍ୱନି। ଆସନ୍ତା କାଲି ପ୍ରଥମ ସୋମବାରରେ ଅନେକ କାଉଡିଆ ଅସ୍ତରଙ୍ଗର ବିଭିନ୍ନ ଶିବ ମନ୍ଦିରକୁ ଜଳାଭିଷେକ କରିବେ ବୋଲି ଆଶା।

# ସାପ କାମୁଡ଼ାରେ ଚାଷୀ ମୃତ

**ସତ୍ୟବାଦୀ/ସୁଆଣ୍ଡୋ(ଅମୃତ ମିଡିଆ):** ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାଣ୍ଡରା ପଞ୍ଚାୟତ ହିରଣ୍ୟପଡ଼ା ଗ୍ରାମର ଉପନ ଭୋଇ(୬୫)ଙ୍କ ସାପ କାମୁଡ଼ାରେ ଶନିବାର ମୃତ୍ୟୁ ହୋଇଛି। ସେ ଜମିରେ ସାରଦ ଧାନ ଫସଲ ପାଇଁ ଧାନ ତଳିରୁ ଘାସ ବାଛିବା ବେଳେ ବିଷାକ୍ତ ନାଗସାପ ତାଙ୍କୁ କାମୁଡିଥିଲା। ଗ୍ରାମବାସୀଙ୍କ ସହଯୋଗରେ ସ୍ଥାନୀୟ ଅଞ୍ଚଳର ସାପ ଧରାଳି ସୁବାସ ଜେନା ସାପକୁ ଉଦ୍ଧାର କରିଥିଲେ। ପରିବାର ଲୋକେ ଉପନଙ୍କୁ ସତ୍ୟବାଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ଓ ପରେ ଅବସ୍ଥା ଗୁରୁତର ହେବାରୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ପୂର୍ବାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଘରକୁ ଅଣାଯାଇଥିଲା। ଉପନ ପରିବାରର ଏକମାତ୍ର ରୋଜଗାରକ୍ଷମ। ଉପନଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଓ ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଘ ସଦସ୍ୟ ସୁବାଷ ବେହେରା ପରିବାର ଦାବି କରିଛନ୍ତି।

# ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ ପାଇଁ ବିସ୍ତୃତ ଆଲୋଚନା

**ଅସ୍ତରଙ୍ଗ(ଅମୃତ ମିଡିଆ):** ଅସ୍ତରଙ୍ଗ ପ୍ରେସ କ୍ଲବର ରାଜ୍ୟସ୍ତରୀୟ ୧୦ମ ବାର୍ଷିକ ଉତ୍ସବକୁ ସଫଳ ଓ ସ୍ମରଣୀୟ କରିବା ଲକ୍ଷ୍ୟରେ ଗତକାଲି ଶେଷ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ, ଅତିଥି ଅଭ୍ୟର୍ଥନା, ସମ୍ମାନ ପ୍ରଦାନ, ସାଂସ୍କୃତିକ ପରିବେଷଣ



ଏବଂ ସାମଗ୍ରିକ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି ବୈଠକରେ ଅସ୍ତରଙ୍ଗ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡ଼ାଙ୍କ ସମେତ ଉପସଭାନେତ୍ରୀ ମମତା ଜେନା, ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ଅନିଲ କୁମାର ବାରିକ, ସହ ସମ୍ପାଦକ ତ୍ରିଲୋଚନ ବେହେରା, କୋଷାଧକ୍ଷ ପ୍ରିୟବ୍ରତ ମୁଦୁଲି, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ଜେନା, ଦେବବ୍ରତ ବିଶ୍ୱାଳ ଓ କ୍ଲବର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ କ୍ଷେତ୍ରରୁ ସାମାଜିକ ସେବା, ଶିକ୍ଷା, ସାହିତ୍ୟ, ସାମ୍ବାଦିକତା, କଳା, ସଂସ୍କୃତି, ଚିକିତ୍ସା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୫୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତିଙ୍କୁ 'କଳିଙ୍ଗ ରତ୍ନ ସମ୍ମାନ ୨୦୨୬' ରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି। ଅସ୍ତରଙ୍ଗ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡା କହିଛନ୍ତି ଯେ, ଏହି ରାଜ୍ୟସ୍ତରୀୟ ଉତ୍ସବରେ ଓଡ଼ିଶାର ବହୁ ମନଗଣ୍ୟ ତଥା ବିଶିଷ୍ଟ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗଦେବେ। ଉତ୍ସବକୁ ଭବ୍ୟ ଓ ସଫଳ କରିବା ପାଇଁ କ୍ଲବର ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଛନ୍ତି।

# ମା' ସୁଭଦ୍ରାଙ୍କ ଦାରୁପୀଠ ମାଳଦା

- ସମ୍ମାନତୋରଣ ପାଇଁ ଭକ୍ତଙ୍କ ଆରତି ପହଞ୍ଚିଲା ସଚିବାଳୟରେ
- 'କୋଟି ତୀର୍ଥ ଫଳ ଲଭଇ, ମା' ସୁଭଦ୍ରାଙ୍କ ଦରଶନେ'

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପବିତ୍ର ମାଳଦା ଗାଁ। ଏଠି ୧୯୯୬ ମସିହାରେ ଘଟିଥିଲା ଅଲୌକିକ ଘଟଣା। ଆକାଶମାର୍ଗରୁ ଦିବ୍ୟ ଜ୍ୟୋତି ଖସି ଆସି ପ୍ରକଟ ହୋଇଥିଲେ ଜଗନ୍ନାଥ ପ୍ରିୟ ଭଉଣୀ ମା' ସୁଭଦ୍ରାଙ୍କ ଦାରୁ। ସେଦିନ ଠାରୁ ମାଳଦା ଆଉ ଗାଁ ରହିଲା ନାହିଁ, ଏହା ପାଲଟିଗଲା କୋଟି କୋଟି ଓଡିଆଙ୍କ ଆସ୍ଥା ଓ ବିଶ୍ୱାସର ପୀଠ।କିନ୍ତୁ ଦୁର୍ଭାଗ୍ୟ ! ଏତେ ବର୍ଷ ବିତିଯାଇଥିଲେ ମଧ ମା'ଙ୍କ ଏହି ପବିତ୍ର ପୀଠ ମୁହାଁଣୀରେ ଆଜି ପର୍ଯ୍ୟନ୍ତ ଉଡୁନି ଗର୍ବର ଧ୍ୱଜା, ନାହିଁ ସ୍ମାରକୀ ତୋରଣ। ଦୂରରୁ ଆସୁଥିବା ଶ୍ରଦ୍ଧାଳୁ ପ୍ରଶ୍ନ କରନ୍ତି 'ମା' ଙ୍କ ପୀଠ କେଉଁଠି ? ଉତ୍ତର ଦେବାକୁ ଯାଇ ମାଳଦାବାସୀଙ୍କ ଆଖି ଛଳଛଳ ହୋଇଯାଏ। ଏହି ଦୀର୍ଘ ଦିନର ବେଦନାକୁ ନେଇ ଏବେ ସରକାରଙ୍କ ଦ୍ୱାର କଡା ହୋଇଛି। ପୁରୀର ସୁଯୋଗ୍ୟ ସନ୍ତାନ ତଥା ମା' ଙ୍କ ଅନନ୍ୟ ଭକ୍ତ ଶ୍ରୀ ଅମିୟ ରଞ୍ଜନ ବାରିକ ଗତ ଜୁଲାଇ ୨୮ ତାରିଖରେ ରାଜ୍ୟ ସରକାରଙ୍କ ନିକଟରେ ଗୁହାରି କରିଛନ୍ତି। ତାଙ୍କର ଗୋଟିଏ ହିଁ ପ୍ରାର୍ଥନା - 'ମାଳଦା ଗାଁ ପ୍ରବେଶ ଦ୍ୱାର ରେ ମା' ସୁଭଦ୍ରାଙ୍କ ପବିତ୍ର 'ଦାରୁ ପୀଠ'ର ଏକ ଭବ୍ୟ ସ୍ମାରକୀ ତୋରଣ ନିର୍ମାଣ କରାଯାଉ।' ସେ ତାଙ୍କ ଆବେଦନରେ ଆହୁରି ଲେଖିଛନ୍ତି, 'ଏହି ପୀଠର ଐତିହାସିକ ଓ ଆଧାତ୍ମିକ ଗୁରୁତ୍ୱକୁ ସୁରକ୍ଷିତ ରଖିବା ଏବଂ ଆଗାମୀ ପିଢିକୁ ଏହାର ମହିମା ବିଷୟରେ ଜଣାଇବା ପାଇଁ ଏହି ତୋରଣ ନିର୍ମାଣ ଅତ୍ୟାବଶ୍ୟକ।' ଭକ୍ତଙ୍କ ଏହି ଆର୍ତ୍ତନାଦକୁ ସରକାର



ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗରୁ ଏହି ଆବେଦନ ପର୍ଯ୍ୟଟନ ବିଭାଗକୁ ସ୍ଥାନାନ୍ତରିତ ହୋଇଥିଲା। ପର୍ଯ୍ୟଟନ ବିଭାଗର ଉପସଚିବ ଶ୍ରୀ କାହ୍ନୁ ଚରଣ ଦାସ ଜୁଲାଇ ୩୧ ତାରିଖରେ ଚିଠି ନମ୍ବର ୧୦୬୬୭/ଟିଏସଏମ ଜରିଆରେ ପୁରୀ ଜିଲ୍ଲାପାଳଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ କୁହାଯାଇଛି, 'ମାଳଦା ଗାଁରେ ପର୍ଯ୍ୟଟନ ଦୃଷ୍ଟିକୋଣରୁ ପ୍ରସ୍ତାବିତ ତୋରଣ ନିର୍ମାଣର ସମ୍ଭାବନା ଯାଞ୍ଚ କରି, ଉପଯୁକ୍ତ ମନେ ହେଲେ ଡିପିଆର ଓ ଡିଟେଲ୍ଡ ଏଷ୍ଟିମେଟ ଏହି ବିଭାଗକୁ ତୁରନ୍ତ ପଠାନ୍ତୁ।' ଏହାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସାପ୍ତାହିକ ସମୀକ୍ଷା ପାଇଁ ଗ୍ରୀଭାନ୍ସ ଭାବେ ମଧ ଚିହ୍ନିତ କରାଯାଇଛି। ଏହି ଖବର ପାଇଁ ମାଳଦା ସହିତ ସମଗ୍ର ଅସ୍ତରଙ୍ଗରେ ଆନନ୍ଦର ଜୁଆର ଉଠିଛି। ଗ୍ରାମର ବୃଦ୍ଧ ଜଣେ କହିଥିଲେ , 'ତିରିଶ ବର୍ଷ ହେଲା ଆମେ ଅପେକ୍ଷା କରିଥିଲୁ। ମା' ନିଶ୍ଚୟ ଆମ ଡାକ ଶୁଣିଲେ।' ମାଳଦା ବାସୀଙ୍କ ଦାବି ଗୋଟିଏ - ଜଲଦି ହେଉ ତୋରଣ ନିର୍ମାଣ। ଯାହା ଫଳରେ ମା' ଙ୍କ ପୀଠର ଗୌରବ ବଢିବା ସହିତ ଏହି ଅଂଚଳର ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶ ମଧ ହୋଇପାରିବ।ଏବେ ସମସ୍ତଙ୍କ ନଜର ପୁରୀ ଜିଲ୍ଲା ପ୍ରଶାସନ ଉପରେ। ମା' ଙ୍କ ଭକ୍ତଙ୍କ ଏହି ଭାବନାକୁ ପ୍ରଶାସନ କେତେ ଶୀଘ୍ର ବାସ୍ତବ ରୂପ ଦେଉଛି ତାହା ଉପରେ ନିର୍ଭର କରୁଛି ମାଳଦାର ଭବିଷ୍ୟତ।

# ଗାଁ ମଝିରେ ଖୋଲିବ ମଦ ଦୋକାନ !

## ବାତିଲ ଦାବିରେ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ

**ପିପିଲି(ଅମୃତ ମିଡିଆ):** ପିପିଲି ବ୍ଲକ ସାତଶଙ୍ଖ ଅଞ୍ଚଳର ଜସୁଆପୁର ସାମିଲି ଆଠବାଟିଆ ଗ୍ରାମରେ ଗାଁ ମଝିରେ ଏକ ନୂତନ ମଦଦୋକାନ ଖୋଲିବାକୁ ପୁରୀ ଜିଲ୍ଲା ଅବକାରୀ ବିଭାଗ ଅନୁମତି ଦେଇଥିବା ଅଭିଯୋଗକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଦଦୋକାନ ସ୍ଥାନାନ୍ତର ଦାବିରେ ଗ୍ରାମବାସୀମାନେ ପୁରୀ ଜିଲ୍ଲାପାଳ, ପୁରୀ ଅବକାରୀ ଅଧିକ୍ଷକ, ପିପିଲି ବ୍ଲକର ୨୪ ନମ୍ବର ଜିଲ୍ଲାପରିଷଦ ସଭ୍ୟ ଏବଂ ପିପିଲି ଥାନା ଆରକ୍ଷୀ ନିରୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରସ୍ତାବିତ ମଦଦୋକାନଟି ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲଠାରୁ ମାତ୍ର ୪୦ ମିଟର ଦୂରରେ ଖୋଲାଯିବାକୁ ଯାଉଛି। ଉକ୍ତ ବିଦ୍ୟାଳୟରେ ୫୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାୟ ୨୦ ଜଣ ଶିଶୁ ରହିଛନ୍ତି। ପ୍ରତିଦିନ ଅଭିଭାବକ, ବିଶେଷକରି ମାଆମାନେ ପିଲାମାନଙ୍କୁ ସ୍କୁଲ ଓ ଅଙ୍ଗନବାଡ଼ିକୁ ନେବା-ଆଣିବା କରୁଥିବାରୁ ସେମାନଙ୍କ ସୁରକ୍ଷା ଓ ସାମାଜିକ ପରିବେଶ ପ୍ରତି ଗଭୀର ଆଶଙ୍କା ପ୍ରକାଶ କରାଯାଇଛି। ଏହାଛଡ଼ା ଗ୍ରାମ ମୁଣ୍ଡରେ ଠାକୁରଙ୍କ ମନ୍ଦିର ଓ ଏକ ଭାଗବତ ଟୁଙ୍ଗି ରହିଛି। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଯାତାୟାତ କରୁଥିବାବେଳେ ଭାଗବତ ଟୁଙ୍ଗିରେ ୩୦ରୁ ଅଧିକ ବୟସ୍କ ବ୍ୟକ୍ତି ପୁରାଣ ଶ୍ରବଣ କରନ୍ତି। ଏଭଳି ଆଧାତ୍ମିକ ପରିବେଶ ମଧ୍ୟରେ ମଦଦୋକାନ ଖୋଲିଲେ ଗ୍ରାମର ସାମାଜିକ ଓ ସାଂସ୍କୃତିକ ପରିବେଶ ନଷ୍ଟ ହେବା ସହ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ମଦଦୋକାନକୁ ଆସୁଥିବା ମଦ୍ୟପ ବ୍ୟକ୍ତିମାନଙ୍କ ଦ୍ୱାରା ମହିଳାଙ୍କ ପ୍ରତି ଅସଦାଚରଣ, ଗ୍ରାମରେ ଅଶାନ୍ତି, ଚୋରି, ଡକାୟତି ଓ ବିଭିନ୍ନ ସମାଜବିରୋଧୀ କାର୍ଯ୍ୟକଳାପ ବଢ଼ିବାର ଆଶଙ୍କା ରହିଛି। ଏହାଦ୍ୱାରା ଗ୍ରାମର ମାନ-ସମ୍ମାନ ସହ ଲୋକଙ୍କ ଜୀବନ ଓ ସୁରକ୍ଷା ପ୍ରତି ମଧ ବିପଦ ସୃଷ୍ଟି ହୋଇପାରେ ବୋଲି ସେମାନେ କହିଛନ୍ତି। ପିପିଲି ବ୍ଲକର ୨୪ ନମ୍ବର ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ କହିଛନ୍ତି, ଗାଁ ମଧ୍ୟରେ ମଦଦୋକାନ ଖୋଲିଲେ ଗରିବ ପରିବାରର ଅର୍ଥନୈତିକ ମେରୁଦଣ୍ଡ ଭୁଶୁଡ଼ି ପଡ଼ିବ। ଏହାସହ ପାରିବାରିକ ବିଶୃଙ୍ଖଳା, ସମାଜବିରୋଧୀ କାର୍ଯ୍ୟକଳାପ, ଚୋରି, ଡକାୟତି ଭଳି ଅପରାଧ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଏହି ମଦଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେ ଦାବି କରିଛନ୍ତି।

# ବନ୍ୟା ଛାଡ଼ିଲା, ଦୁର୍ଦ୍ଦଶା ବଢିଲା

- ଭେଣ୍ଡି, କଲରା, କଞ୍ଚା ଲଙ୍କା ସବୁ ପଚିଗଲା, ଚାଷୀ ଆଖିରେ ଲୁହ
- ହୀରାକୁଦ ପାଣିରେ ଭାସିଗଲା ଅସ୍ତରଙ୍ଗ ଚାଷୀଙ୍କ ଆଶା
- ଋଣବୋଝ ତଳେ ଚାପି ହେଲେ କୃଷକ

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ବନ୍ୟା ଛାଡିଗଲା ସତ। କିନ୍ତୁ ପଛରେ ଛାଡିଗଲା ଦୁର୍ଦ୍ଦଶାର ଦୀର୍ଘ କାହାଣୀ ଆଉ ଚାଷୀର ଆଖିରୁ ନଶୁଖିଲା ଲୁହ।ହୀରାକୁଦର ଗେଟ ଖୋଲିବା ପରେ ମହାନଦୀ ଫୁଲି ଉଠିଥିଲା। ସେହି ପାଣିର ପ୍ରଭାବ ଶାଖା ଦେବୀ ନଦୀ ଦେଇ ପ୍ରବାହିତ ଦେବୀ ନଦୀ ପର୍ଯ୍ୟନ୍ତ ପହଞ୍ଚିଥିଲା। ଫଳରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଖଣ୍ଡାସାହି, ଓସ୍ତପୁର ଆଉ ଓସିଆ ନଦୀ ବନ୍ଧ ନିକଟରେ ଅନେକ ଚାଷୀଙ୍କ ନଦୀ ବନ୍ଧ ନିକଟରେ କରିଥିବା ଚାଷ ଗୋଟିଏ ରାତିରେ ପାଣିରେ ବୁଡି ଯାଇଥିଲା। ହେକ୍ଟର ହେକ୍ଟର ପନିପରିବା ଚାଷ ଜମି ଥିଲା ଚାଷୀଙ୍କ



ଆଶାର ଠିକଣା। ଭେଣ୍ଡି, କଲରା, ପୋଟଳ, ବାଇଗଣ, କଞ୍ଚା ଲଙ୍କା ଆଉ କଖାରୁ ଚାଷରେ ଲକ୍ଷ ଲକ୍ଷ ଟଙ୍କା ଲଗାଇଥିଲେ ଚାଷୀ। ଦିନ ରାତି ପରିଶ୍ରମ କରି ଫସଲ ବଡ କରିଥିଲେ। ଆଉ କିଛି ଦିନ ପରେ ବଜାରକୁ ଯିବ, ଋଣ ସୁଝିବ, ଘରେ ଦୁଇ ପଇସା ଆସିବ ବୋଲି ସ୍ୱପ୍ନ ଦେଖୁଥିଲେ। କିନ୍ତୁ ଗୋଟେ ରାତିର ବନ୍ୟା ସବୁ ସପନ ଭସାଇ ନେଲା। ପାଣି ଛାଡିବା ପରେ ଏବେ ଯାହା ଦେଖାଯାଉଛି ତାହା କେବଳ କାଦୁଅ ଆଉ ପଚା ପନିପରିବାର ସମାଧି। କ୍ଷେତ ସାରା କାଦୁଅରେ ପଚି ଯାଇଛି ପନିପରିବା ଚାଷ। ଗଛ ଗୁଡିକ ମୁଣ୍ଡ ତଳକୁ ଝୁଲି ପଡିଛି। ଦୂରରୁ ଦେଖିଲେ ଲାଗୁଛି ଯେମିତି ସବୁଜ କ୍ଷେତ ଉପରେ ମୃତ୍ୟୁର ଚାଦର ପଡିଛି। ଚାଷୀ ଏବେ ଦୁଇ ପାଖରୁ ମରୁଛି। ଗୋଟେ ପଟେ ଫସଲ ନଷ୍ଟ, ଅନ୍ୟ ପଟେ ମହାଜନ ଆଉ ବ୍ୟାଙ୍କର ଋଣ ବୋଝ। ବିହନ, ସାର, ଔଷଧ ଆଉ ଶ୍ରମିକ ଖର୍ଚ୍ଚ ପାଇଁ ନେଇଥିବା ଋଣ ସୁଝିବ କେମିତି ସେହି ଚିନ୍ତା ଏବେ ତାଙ୍କୁ ରାତିରେ ଶୋଇବାକୁ ଦେଉନି। ଚାଷୀ ଶଶୀଭୂଷଣ ଜେନା କହିଛନ୍ତି 'ଋଣ କରି ଚାଷ କରିଥିଲୁ। ୨ ଏକର ଭେଣ୍ଡି ଆଉ କଲରା ସବୁ ପଚି ଗଲା। ଏବେ ମହାଜନକୁ କିପରି ସୁଝିବୁ ? ଘରେ ଖାଇବାକୁ ଚାଉଳ ନାହିଁ। ସରକାର ଯଦି ସାହାଯ୍ୟ ନକରନ୍ତି ଆମେ ଆତ୍ମହତ୍ୟା ବିନା ଅନ୍ୟ ରାସ୍ତା ଦେଖୁନୁ।'ଚାଷୀ ବନମାଳୀ ସେଠୀ ଙ୍କ ଆଖିରୁ ଲୁହ ସୁଖୁନି। ସେ କହିଛନ୍ତି ଅସ୍ତରଙ୍ଗ ବ୍ଲକ ଅଂଚଳରେ ସାର ମିଳିବା କଷ୍ଟକର। କଳାବଜାରରୁ ଅଧିକ ଦାମରେ ସାର କିଣି ପକାଇଥିଲୁ। ଭାବିଥିଲୁ ଭଲ ଫସଲ ହେବ। କିନ୍ତୁ ସବୁ ପରିବା ନଷ୍ଟ। ପ୍ରଶାସନ କି କୃଷି ବିଭାଗ ଏ ପର୍ଯ୍ୟନ୍ତ ଆସି ନାହାନ୍ତି, କ୍ଷୟକ୍ଷତି ଆକଳନ କରିବାକୁ। ଆମକୁ କିଏ ପଚାରୁଛି ?' ସେମାନଙ୍କ ଦାବି - ତୁରନ୍ତ ସର୍ଭେ କରାଯାଉ ଆଉ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସ୍ପେସିଆଲ ପ୍ୟାକେଜ ଦିଆଯାଉ। ନହେଲେ ଅସ୍ତରଙ୍ଗର ଏହି ସବୁଜ ଅଂଚଳ ଆଉ କେବେ ଉଠି ପାରିବ ନାହିଁ।କୃଷି ବିଭାଗ ପକ୍ଷରୁ କୁହାଯାଇଛି ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ ହେବ। କିନ୍ତୁ ଚାଷୀ ପଚାରୁଛନ୍ତି, 'ରିପୋର୍ଟ ହେବ, କିନ୍ତୁ ଆମ ପେଟର ଜ୍ୱାଳା କେବେ ଲିଭିବ ?'ନାଁ ଅଫିସ ରେ ବସି ରିପୋର୍ଟ ହେବ। ବନ୍ୟା ଛାଡିଛି, କିନ୍ତୁ ଚାଷୀର ଆଖିରୁ ଲୁହ ଛାଡୁନି। ଅସ୍ତରଙ୍ଗର ଏହି ମାଟି ଏବେ କାଦୁଅ ନୁହେଁ, ଏହା ହଜାର ହଜାର ଚାଷୀଙ୍କ ଭାଙ୍ଗିଯାଇଥିବା ସ୍ୱପ୍ନର ସମାଧି।





# ମା' ରାମାୟାଣାମ୍ମା ଠାକୁରାଣୀ ଯାତ୍ରା କମିଟି ପକ୍ଷରୁ ମନ୍ଦିରକୁ ୨ଲକ୍ଷ ୫୪ ହଜାର ଟଙ୍କା ପ୍ରଦାନ



**ଛତ୍ରପୁର (ଅମୃତ ମିଡିଆ):** ଛତ୍ରପୁର ସହର ର ଆରାଧ୍ୟ ଦେବୀ ମା ରାମାୟାଣାମ୍ମା ଠାକୁରାଣୀ ଯାତ୍ରା କମିଟି, ମନ୍ଦିର ପରିଚାଳନା କମିଟି ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ପରିଚାଳନା କମିଟିର ସଭାପତି ଏସ. ରାମମୋହନ ରାଓ ଏବଂ ସମ୍ପାଦକ ବି. ଶ୍ରୀନିବାସଙ୍କ ସଂଯୋଜନାରେ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନ୍ଦିର ର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସହିତ ଚଳିତ ବର୍ଷ ମାଙ୍କ ଠାକୁରାଣୀ ଯାତ୍ରା ଶେଷ ହୋଇଥିବା କାର୍ଯ୍ୟ ସମ୍ପର୍କ ରେ ବିସ୍ତୃତ ଆଲୋଚନା ହୋଇଥିଲା । ଯାତ୍ରା କମିଟି ର ମ୍ୟାନଜର ସିଏଚ. ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନଜର ଏମ. ସମରେନ୍ଦ୍ର ସେନାପତି, ସେକ୍ରେଟାରୀ ପି. ରାଜୁ, ସିଏଚ. ଚିନ୍ନାବାବୁ, ଏସ.ଶ୍ରୀନିବାସ ଓ ଦିଲ୍ଲୀପ କୁମାର ପାଳ ଏବଂ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ମାଙ୍କ ଯାତ୍ରା ଚଳିତବର୍ଷ ଶାନ୍ତି ଶୃଙ୍ଖଳା ଏବଂ ବହୁ ଯାକଜକମ ଶେଷ ହୋଇଥିବା ରୁ ମନ୍ଦିର ପରିଚାଳନା କମିଟି, ଛତ୍ରପୁର ଓ ଆଖ ପାଖ ଅଂଚଳ ର ସମସ୍ତ ଜନସାଧାରଣ, ଶ୍ରଦ୍ଧାଳୁ, ପୋଲିସ ଓ ପ୍ରଶାସନ, ଛତ୍ରପୁର ବିଧାୟକ ଏବଂ ଜନ ପ୍ରତିନିଧି ଓ ଗଣ ମାଧମ ପ୍ରତିନିଧି ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସର ରେ ଯାତ୍ରା କମିଟି ମ୍ୟାନଜର ସିଏଚ. ଦୟାନନ୍ଦ ରେଡ୍ଡୀ ମନ୍ଦିର ପରିଚାଳନା କମିଟି କୁ ୨ ଲକ୍ଷ ୫୪ ହଜାର ଟଙ୍କା ସହିତ ଏକ ଏସି (ଶୀତ ତାପ ଯନ୍ତ୍ର) ପ୍ରଦାନ କରିଥିଲେ । ଏହା ସହିତ ନୀଳକଣ୍ଠେଶ୍ୱର ମନ୍ଦିର କମିଟି କୁ ମଧ ସେ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଏହି ମଙ୍ଗଳ କାର୍ଯ୍ୟ ନିମନ୍ତେ ଯାତ୍ରା କମିଟି ମ୍ୟାନଜର ଏବଂ ତାଙ୍କ ଟିମକୁ ସମସ୍ତେ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ଏହି ବୈଠକ ରେ ଅନ୍ୟମାନଙ୍କ ମଧ ରେ କୋଷାଧକ୍ଷ ଏନ. ପ୍ରଭାକର ରାଓ, ଉପଦେଷ୍ଟା ଏ. ରାବଣା ରାଓ, ରବୀନ୍ଦ୍ର ନାଥ ସାହୁ, ଏମ. ସତ୍ୟ ନାରାୟଣ, ଲିଙ୍ଗରାଜ ରେଡ୍ଡୀ, ଏସ. ଦାଲେୟା ରେଡ୍ଡୀ, କେ. ରାମବାବୁ, ଏସ. ରମେଶ ରେଡ୍ଡୀ ଓ ବୁଲୁ ରେଡ୍ଡୀ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ବି. ଶ୍ରୀନିବାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଦୀର୍ଘ ୭ ଦିନ ହେଲା ନଳକୂପ ଅଚଳ

## ପିଇବାପାଣି ପାଇଁ ହନ୍ତସନ୍ତ ରାଇଗୁଡ଼ା ଗ୍ରାମବାସୀ

**ବାଲିଗୁଡା (ଅମୃତ ମିଡିଆ):** ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି । କିନ୍ତୁ ବର୍ଷା ଦିନେ ମଧ ପିଇବା ପାଣି ଟୋପେ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରାଇଗୁଡା ଗ୍ରାମବାସୀ । ଆଜି ପର୍ଯ୍ୟନ୍ତ ଏହି ଗ୍ରାମରେ ପାନୀୟ ଜଳ ସମସ୍ୟା ସ୍ଥାୟୀ ସମାଧାନ ହୋଇ ପାରୁନାହିଁ । କାରଣ ଏଠି ଯାହା ପ୍ରଶ୍ନବାଚୀ ସୃଷ୍ଟି ହେଉଛି ସ୍ଥାନୀୟ ପ୍ରତିନିଧି ଓ ପ୍ରଶାସନର ଇଚ୍ଛା ଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇ ପାରୁନାହିଁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ପାଦେରିପଡ଼ା ସାହିରେ । ଦୀର୍ଘ ସାତ ଦିନ ହେବ ନଳକୂପ ଅଚଳ ଅବସ୍ଥାରେ ପଡିରହିଛି । ନଳକୂପ ରୁ ଯେଉଁ ପାଣି ବାହାରୁଛି ସେ ପାଣି ଦୁର୍ଗନ୍ଧ ହେଉଥିବାରୁ ପିଇବାକୁ ଉପଯୁକ୍ତ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ଯାହା ଫଳରେ ଜନସାଧାରଣ ବିଶୁଦ୍ଧ ପାନୀୟଜଳ ପାଇ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀ ଙ୍କ କହିବା ଅନୁଯାୟୀ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ପ୍ରଶାସନ କର୍ଣ୍ଣପାତ କରୁନଥିବା କହିଛନ୍ତି । ତେଣୁ ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ନଳକୂପ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ପ୍ରଶାସନ କେବେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରୁଛନ୍ତି ।

# ୨ ବାଇକ୍ ମୁହାଁମୁହିଁ ଧକ୍କା

## ସ୍ପେଶାଲ ବ୍ରାଞ୍ଚ ଏଏସ୍ଆଇ ମନୋଜ ପାଢ଼ୀଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ଗଜପତି ଜିଲା ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ ଏଏସ୍ ?ଆଇ ମନୋଜ କୁମାର ପାଢ଼ୀଙ୍କର ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଏହି ଦୁଃଖଦ ଖବର ପୋଲିସ ବିଭାଗ ସମେତ ସମଗ୍ର ଜିଲାରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଦିନ ପ୍ରାୟ ସାଢ଼େ ଗୋଟାଏ ସମୟରେ ମନୋଜ କୁମାର ପାଢ଼ୀ ପାରଳାଖେମୁଣ୍ଡିରୁ ନିଜ ଜନ୍ମମାଟି ଗୁଣୁପୁର ଅଭିମୁଖେ ବାଇକ୍‌ରେ ଯାଉଥିଲେ । ସେହି ସମୟରେ କେ. ସୀତାପୁର–ହାତୁଭାଙ୍ଗି ମଧ୍ୟବର୍ତ୍ତୀ ରାଜ୍ୟ ରାଜପଥରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ତାଙ୍କ ଗାଡ଼ିର ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଭୟଙ୍କର ଦୁର୍ଘଟଣାରେ ମନୋଜ ଗୁରୁତର ଭାବେ ଆହତ ହୋଇ ପଡ଼ିଥିଲେ । ସେହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ପାରଳାଖେମୁଣ୍ଡି ଉପଜିଲାପାଳ ଅନୁପ ପଣ୍ଡା ଓ କାଶୀନଗର ତହସିଲଦାର ସୁଧୀର କୁମାର ନନ୍ଦ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ କାଶୀନଗର ପୋଲିସକୁ ଅବଗତ କରାଇଥିଲେ । ଥାନା ଅଧିକାରୀ ତ୍ରିନାଥ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କୁ ଥାନା ଗାଡ଼ିରେ ଏବଂ ଅନ୍ୟ ଦୁଇ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ଡାକ୍ତର ମନୋଜ କୁମାର ପାଢ଼ୀଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣାରେ ସଂପୃକ୍ତ ଅନ୍ୟ ବାଇକ୍‌ର ଦୁଇ ଆରୋହୀଙ୍କ ସଠିକ୍ ପରିଚୟ ମିଳି ନ ଥିଲେ ମଧ ସେମାନେ ଗୁଣୁପୁରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ମୃତ ମନୋଜ କୁମାର ପାଢ଼ୀ ଗୁଣୁପୁରର ବାସିନ୍ଦା ହୋଇଥିବାବେଳେ ଦୀର୍ଘଦିନ ଧରି ପାରଳାଖେମୁଣ୍ଡିରେ ରହି କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ଜଣେ ସଚ୍ଚୋଟ, କର୍ତ୍ତବ୍ୟନିଷ୍ଠ ଓ ମିଷ୍ଟଭାଷୀ ପୋଲିସ ଅଧିକାରୀ ଭାବେ ସେ ବେଶ୍ ପରିଚିତ ଥିଲେ । ତାଙ୍କର ଏଭଳି ଅକାଳ ବିୟୋଗରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତିଙ୍କ ସମେତ ପୋଲିସ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶବବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ଛତ୍ରପୁର (ଅମୃତ ମିଡିଆ):** ଛତ୍ରପୁର ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଅଛି । ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦୁର୍ଗା ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ପ୍ରଧାନାଚାର୍ଯ୍ୟ ଟି.ସୁରେଶ କୁମାର ଆଚାରୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଭାଗବତ ଭାସ୍କର ଶ୍ରୀଜଗନ୍ନାଥ ପଣ୍ଡା, ପରିଚାଳନା ସମିତିର ସଭାପତି ପଦ୍ମଚରଣ ସାହୁ , ସମ୍ପାଦକ ସନ୍ତୋଷ କୁମାର ସାହୁ,ଉପସଭାପତି ଗୀତା ପାଢୀ, ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ, ସମତେ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି ଜ୍ଞାନବିଜ୍ଞାନ ମେଳାରେ ଗଣିତ, ବିଜ୍ଞାନର ପ୍ରକଳ୍ପ ଓ ପ୍ରୟୋଗ, ସଂସ୍କୃତିଜ୍ଞାନ ର ସମସ୍ତ ବିଷୟ ସହିତ ମୂର୍ତ୍ତୀକଳା , ପତ୍ରବାଚନ , ପ୍ରଶ୍ନମଞ୍ଚ ଓ



କଥାକଥନ ଇତ୍ୟାଦିରେ ୨୯୨ଜଣ ଶିଶୁ ପ୍ରତିଭାଗୀ ଯୋଗ ଦେଇଥିଲେ । ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ଆଦାନୀ ଫାଉଣ୍ଡେସନର ସିଏସଆର ମୁଖ୍ୟ ଦେବବ୍ରତ ମିଶ୍ର ଶିଶୁମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ଏହି ବିଜ୍ଞାନ ମେଳାରେ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଗଣିତ ଓ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରାପ୍ତ ସୂଚନା ଅନୁସାରେ ବିଜ୍ଞାନ ମେଳାରେ ଶିଶୁମାନଙ୍କୁ ୩ଟି ବର୍ଗରେ ଯଥା ୩ର୍ଥ ଓ ୫ମ ଶିଶୁମାନଙ୍କୁ ଶିଶୁ ବର୍ଗ , ଷଷ୍ଠ , ସପ୍ତମ ଓ ଅଷ୍ଟମ ଶ୍ରେଣୀର ଶିଶୁମାନଙ୍କୁ ବାଳବର୍ଗ, ୯ମ ଓ ୧୦ମ ଶିଶୁମାନଙ୍କୁ କିଶୋର ବର୍ଗରେ ବିଭକ୍ତ କରାଯାଇଥିଲା । ଏଥିରେ ପ୍ରଥମ ହୋଇଥିବା ଶିଶୁ ମାନେ ରମ୍ଭା ଶିଶୁ ମନ୍ଦିରେରେ ଅନୁଷ୍ଠିତ ହେବାକୁ ଥିବା ସଂକୁଳ ସ୍ତରୀୟ ବିଜ୍ଞାନମେଳାରେ ଯୋଗ ଦେବେ ।

# ରାଷ୍ଟ୍ରପତିଙ୍କ ତପ୍ତପାଣି ଗସ୍ତକୁ ଐତିହାସିକ କରିବା ପାଇଁ ଓଡ଼ିଆ ସ୍ୱାଭିମାନ ଜାଗରଣ ଫେଡେରେସନର ୪-ଦଫା ଦାବି

## ସୈନିକ ସ୍କୁଲ, ଏନଡିଏ ଶାଖା, ପ୍ରତିରକ୍ଷା କରିଡର୍, କଳିଙ୍ଗ ରେଜିମେଣ୍ଟ ଗଠନ

**ବ୍ରହ୍ମପୁର (ଅମୃତ ମିଡିଆ):** ଭାରତର ମାନ୍ୟବର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ତପ୍ତପାଣି ଗସ୍ତକୁ ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ଏକ ମାଇଲଖୁଣ୍ଟ ଓ ଅବିସ୍ମରଣୀୟ କରିବା ନିମନ୍ତେ ଓଡ଼ିଆ ସ୍ୱାଭିମାନ ଜାଗରଣ ଫେଡେରେସନ ତରଫରୁ ୪-ଦଫା ଦାବି ଉପସ୍ଥାପନ କରାଯାଇଛି । ଫେଡେରେସନର ଆବାହକ ସଞ୍ଜୀବ କୁମାର ପଟ୍ଟନାୟକ ମହାମହିମ ରାଷ୍ଟ୍ରପତିଙ୍କ ପ୍ରଥମ କରି ଗଞ୍ଜାମ ଜିଲ୍ଲା ଗସ୍ତକୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି । ଏହା ବ୍ରହ୍ମପୁର ତଥା ଗଞ୍ଜାମ ଜିଲ୍ଲା ପାଇଁ ଖୁସି ଓ ଗର୍ବର ବିଷୟ ବୋଲି ଆବାହକ ଶ୍ରୀ ପଟ୍ଟନାୟକ କହିଛନ୍ତି ।

ସଂଗଠନର ଆବାହକ ସଞ୍ଜୀବ କୁମାର ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ 'ଓଡ଼ିଶାର ମାଟିରୁ ଉଠି ଆସିଥିବା ଜଣେ ଆଦିବାସୀ କନ୍ୟା ଆଜି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ଅଳଙ୍କୃତ କରିଛନ୍ତି । ଏହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗର୍ବର ବିଷୟ । ତେଣୁ ତାଙ୍କ ଗସ୍ତକୁ ଆମେ କେବଳ ସ୍ୱାଗତ ନୁହେଁ, ଏହାକୁ ଦକ୍ଷିଣ ଓଡ଼ିଶାର ଭାଗ୍ୟ ବଦଳାଇବାର ସୁଯୋଗ ଭାବେ ବ୍ୟବହାର କରିବାକୁ ଚାହୁଁଛୁ । ଏ ନେଇ ଚାରୋଟି ପ୍ରସଙ୍ଗ ସମ୍ବଳିତ ଦାବୀ ପତ୍ର ମାନନୀୟ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୱରେ ଓଡ଼ିଆ ସ୍ୱାଭିମାନ ଜାଗରଣ ଫେଡେରେସନ ତରଫରୁ ଇ ମେଲ ମାଧ୍ୟମରେ ପ୍ରେରଣ କରାଯାଇଚି । ଏହାର ଏକକୀତା ନକଲ ମାନ୍ୟବର ରାଜ୍ୟପାଳ ଓଡ଼ିଶା ମହୋଦୟ , ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ଆୟୁକ୍ତ ଓ ଗଞ୍ଜାମ ଜିଲ୍ଲାପାଳଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଯାଇଚି । ସ୍ମାରକପତ୍ରରେ ଦର୍ଶାଯାଇଥିବା ଦାବି ଗୁଡ଼ିକ ହେଲା -ବ୍ରହ୍ମପୁରଠାରେ ସୈନିକ ସ୍କୁଲ ସ୍ଥାପନ: ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ ଓ କୋରାପୁଟ ଆଦି ୧୦ରୁ ଅଧିକ ଜିଲ୍ଲାର ଲକ୍ଷ ଲକ୍ଷ ଛାତ୍ର ସେନାରେ ଯୋଗ ଦେବାକୁ ଇଚ୍ଛୁକ । କିନ୍ତୁ ନିକଟତମ ସୈନିକ ସ୍କୁଲ ଭୁବନେଶ୍ୱରରେ ଥିବାରୁ ସେମାନେ ଆର୍ଥିକ ଓ ଭୌଗୋଳିକ କାରଣରୁ ବଞ୍ଚିତ ହେଉଛନ୍ତି । ବ୍ରହ୍ମପୁରରେ ସୈନିକ ସ୍କୁଲ ହେଲେ ଗ୍ରାମାଞ୍ଚଳର ମେଧାବୀ ଛାତ୍ରମାନେ ଉପକୃତ ହେବେ । ଏନଡିଏର ଆଞ୍ଚଳିକ ଶାଖା ଓ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିବର୍ଷ ଏନଡିଏ ପରୀକ୍ଷାରେ ଓଡ଼ିଶାରୁ କମ୍ ସଂଖ୍ୟକ ଛାତ୍ର ସଫଳ ହେଉଛନ୍ତି । ମୁଖ୍ୟ କାରଣ ଉପଯୁକ୍ତ କୋଚିଂର ଅଭାବ । ବ୍ରହ୍ମପୁର ଶିକ୍ଷାର ହବ୍ ହୋଇଥିବାରୁ ଏଠାରେ ଏନଡିଏ ଶାଖା ହେଲେ ଦକ୍ଷିଣ ଓଡ଼ିଶା ସମେତ ଆନ୍ଧ୍ର ଓ ଛତିଶଗଡ଼ ସୀମାନ୍ତ ଅଞ୍ଚଳର ଛାତ୍ରମାନେ ମଧ ଲାଭବାନ ହେବେ । ବ୍ରହ୍ମପୁର-ଗଞ୍ଜାମରେ ପ୍ରତିରକ୍ଷା ଶିଳ୍ପ କରିଡର୍ ବ୍ରହ୍ମପୁର ଏନ୍‌ଏଚ-୧୬ ଓ ପୂର୍ବ ତଟ ରେଳପଥ ଉପରେ ଅବସ୍ଥିତ । ପାରାଦୀପ ଓ ଗୋପାଳପୁର ବନ୍ଦର ନିକଟତମ । ଏଠାରେ ପ୍ରତିରକ୍ଷା ଶିଳ୍ପ କରିଡର୍ ହେଲେ ଲକ୍ଷ ଲକ୍ଷ ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ ଏବଂ 'ମେକ୍ ଇନ୍ ଇଣ୍ଡିଆ' ଓ 'ଆତ୍ମନିର୍ଭର ଭାରତ' ଅଭିଯାନ ସଫଳ ହେବ । ବର୍ତ୍ତମାନର ମୋଦି ସରକାର ପ୍ରତିରକ୍ଷା ଶିଳ୍ପରେ ଘରୋଇ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରୁଥିବାରୁ ଏଠାରେ ତାକୁ ଭିତ୍ତି କରି ଅନେକ ଆନୁଷଙ୍ଗିକ ଶିଳ୍ପ ଗଢି ଉଠିଥାନ୍ତା ଏବଂ ବ୍ରହ୍ମପୁରକୁ ଏକ ମ୍ୟାନୁଫ୍ୟାକ୍ଚରିଂ ହବ୍ ରେ ପରିଣତ କରିବା ପାଇଁ ହୋଇ ଆସୁଥିବା ଦାବୀ ସାକାର ରୂପ ନେଇ ପାରିଥାନ୍ତା । ଭାରତୀୟ ସେନାରେ 'କଳିଙ୍ଗ ରେଜିମେଣ୍ଟ' ଗଠନଞ୍ଚ

କଳିଙ୍ଗ ଯୁଦ୍ଧରୁ ଆରମ୍ଭ କରି କାର୍ଗିଲ ଯୁଦ୍ଧ ପର୍ଯ୍ୟନ୍ତ ଓଡ଼ିଆ ଯବାନମାନେ ଦେଶ ପାଇଁ ପ୍ରାଣ ଦେଇଛନ୍ତି । କିନ୍ତୁ ଦୁଃଖର ବିଷୟ ହେଉଛି ବିହାର, ପଞ୍ଜାବ, ରାଜସ୍ଥାନ ଆଦି ରାଜ୍ୟର ନାମରେ ରେଜିମେଣ୍ଟ ଥିଲେ ମଧ ଓଡ଼ିଶାର ନାମରେ ଆଜି ପର୍ଯ୍ୟନ୍ତ ଗୋଟିଏ ମଧ ନାହିଁ । ଓଡ଼ିଆ ଅସ୍ମିତା ଓ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ପାଇଁ 'କଳିଙ୍ଗ ରେଜିମେଣ୍ଟ' ଗଠନ ନିତାନ୍ତ ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଫେଡେରେସନର ଆବାହକ ଶ୍ରୀ ପଟ୍ଟନାୟକ ଦୃଢ଼ ବିଶ୍ୱାସ ସହ ଆଶା ପୋଷଣ କରିଛନ୍ତି ଯେ, ମାନନୀୟା ମହାମହିମ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁ ଜଣେ ଓଡ଼ିଆ ଝିଅ ହୋଇଥିବାରୁ ସେ ନିଶ୍ଚୟ ଏହି ଦାବି ଉପରେ ସକରାତ୍ମକ ପଦକ୍ଷେପ ନେବେ ।

# ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଦକ୍ଷତା ବିକାଶ କର୍ମଶାଳା

## ସଂପ୍ରେଷଣ ଦକ୍ଷତା ସଫଳ ଜୀବନର ଚାବିକାଠି : ସ୍ୱାଧୀନ ଶକ୍ତି ପ୍ରସାଦ







**ଆସିକା (ଅମୃତ ମିଡିଆ):** ଆସିକା ବିଜ୍ଞାନ ମହାବିଦ୍ୟାଳୟର ବୃତ୍ତି ପରାମର୍ଶ ପରିଷଦ ପକ୍ଷରୁ ଶନିବାର ମହାବିଦ୍ୟାଳୟର ଅଡିଓ-ଭିଜୁଆଲ ହଲ୍‌ରେ ଏକ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ହରପ୍ରସାଦ ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ସୂଚନା ସେବା (ଓଓଝ) ଅଧିକାରୀ ତଥା ପ୍ରେସ୍ ଇନଫରମେସନ୍ ବ୍ୟୁରୋ, ଭାରତ ସରକାରଙ୍କ ସ୍ୱାଧୀନ ଶକ୍ତି ପ୍ରସାଦ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସଂପ୍ରେଷଣ ଦକ୍ଷତାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ, "ସଂପ୍ରେଷଣ ଦକ୍ଷତା ହିଁ ଜୀବନ ବଞ୍ଚିବାର ଏକ ମାଧମ । ଭଲ ସଂପ୍ରେଷଣ କୌଶଳ ବ୍ୟକ୍ତିତ୍ୱ ବିକାଶ ସହ ସଫଳ କ୍ୟାରିୟର ଗଠନରେ ମଧ ସହାୟକ ହୋଇଥାଏ ।" ପିପିଟି ଓ ପ୍ରୋଜେକ୍ଟର ମାଧମରେ ସେ ଛାତ୍ରଛାତ୍ରୀଙ୍କୁ ସଂପ୍ରେଷଣର ବିଭିନ୍ନ କୌଶଳ ସମ୍ପର୍କରେ ବିସ୍ତୃତ ଅବଗତ କରାଇଥିଲେ । ପ୍ରଶାସନିକ ବର୍ସର ଡ଼. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଶୈକ୍ଷିକ ବର୍ସର ଡ଼. ନନ୍ଦିତା ଦାଶ, ଆଇକ୍ୟୁଏସି ସଂଯୋଜକ ଏଲ୍. ଭାନୁ ପ୍ରସାଦ ରାଓ ଏବଂ ବୃତ୍ତି ପରାମର୍ଶ ପରିଷଦର ସଂଯୋଜକ ଶୁଭେନ୍ଦୁ କୁମାର ରଥ ମଞ୍ଚାସୀନ ଥିଲେ । ପ୍ରଫେସର ହରପ୍ରସାଦ ଶତପଥୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଶୁଭେନ୍ଦୁ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଡ଼. ଅଜିତ୍ କୁମାର ମୁନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନବାଗତ ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଉପସ୍ଥିତି କାର୍ଯ୍ୟକ୍ରମକୁ ସଫଳ କରିଥିଲା । ବୃତ୍ତି ପରାମର୍ଶ ପରିଷଦର ସଦସ୍ୟ ଚନ୍ଦନ ମାରାଣ୍ଡି, ରଶ୍ମିପ୍ରିୟା କାଲୋ, ରାଜେଶ କୁମାର ସାହୁ, ଗୌତମ ମାଝୀ, ଓମ୍ ପ୍ରକାଶ ଶରାଫ, ଯୋଗେଶ୍ୱରୀ ଧାରୁଆ, ଚୁନ୍ନୁନ୍ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧାପକ, ଅଧାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ଶେଷରେ ଅଧାପକ ଏସ୍ ?. କୁମାର ସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାନ୍ଦବାଲିରୁ ଭିତରକନିକା ଜଳଯାତ୍ରାର ଶୁଭାରମ୍ଭ, ଏଣ୍ଟ୍ରି ପଏଣ୍ଟ ଉଦ୍‌ଘାଟିତ

**ଛତ୍ରପୁର (ଅମୃତ ମିଡିଆ):** କୁମ୍ଭୀର ପ୍ରଜନନ ଋତୁ ପାଇଁ ମେ' ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ଥିବା ଚାନ୍ଦବାଲି–ଭିତରକନିକା ଜଳଯାତ୍ରା ଆଜିଠାରୁ ପୁଣି ଆରମ୍ଭ ହୋଇଛି । ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ପକ୍ଷରୁ ଚାନ୍ଦବାଲିରେ ନବନିର୍ମିତ ଏଣ୍ଟ୍ରି ପଏଣ୍ଟକୁ ଡିଏଫଓ ଅରୁଣ କୁମାର ବିଶ୍ୱାଳ ଉଦ୍ ?ଘାଟନ କରିବା ସହ ଜଳଯାତ୍ରା ସେବାର ଶୁଭାରମ୍ଭ କରିଛନ୍ତି । ଏହାପରେ ପର୍ଯ୍ୟଟକମାନେ ଚାନ୍ଦବାଲିରୁ ପ୍ରାୟ ୧୭ କିଲୋମିଟର ଜଳପଥ ଦେଇ ଭିତରକନିକା ଜାତୀୟ ଉଦ୍ୟାନକୁ ଯାତ୍ରା



ଆରମ୍ଭ କରିଛନ୍ତି । ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଶେଷ ହେବା ପରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଉଦ୍‌ଘାଟନ ଅବସରରେ ଡିଏଫଓ ଅରୁଣ କୁମାର ବିଶ୍ୱାଳ ଏବଂ ଫରେଷ୍ଟର ସୂର୍ଯ୍ୟକାନ୍ତ ପଣ୍ଡା ପତାକା ଦେଖାଇ ଜଳଯାତ୍ରା ସେବାର ଶୁଭାରମ୍ଭ କରିଥିଲେ । ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ଏହା ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

# ଖୋଲିବ ଭିତରକନିକା, ଭ୍ରମଣର ମଜା ନେଇପାରିବେ ପର୍ଯ୍ୟଟକ

**କେନ୍ଦ୍ରାପଡା (ଅମୃତ ମିଡିଆ):** ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର । ଶନିବାର ଖୋଲିବ କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ । ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକମାନେ ପୁଣି ଥରେ ଭିତରକନିକା ଅଭୟାରଣ୍ୟ ପରିଭ୍ରମଣ କରି ଏହାର ବେଶ୍ ମଜା ନେଇପାରିବେ । ସୂଚନା ଥାଉକି, କୁମ୍ଭୀର ପ୍ରଜନନ ପାଇଁ ୩ ମାସ ଧରି ବନ୍ଦ ଥିଲା ଭିତରକନିକା । କୁମ୍ଭୀରମାନଙ୍କର ସୁରକ୍ଷା ଏବଂ ନିରାପଦ ପ୍ରଜନନ ପାଇଁ ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ମେ'ରୁ ଜୁଲାଇ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଥାଏ । କାରଣ କୁମ୍ଭୀରଙ୍କ ପ୍ରଜନନରେ ଯେପରି ବାଧା ସୃଷ୍ଟି ନ ହୁଏ । ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି । ନୌକା ଚାଳକ, ଗାଇଡ୍ ଏବଂ ରିସର୍ଟଗୁଡ଼ିକୁ ମଧ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଆର୍ଯ୍ୟପଲ୍ଲୀରେ ପୁଣି କୂଳ ଲଙ୍ଘିଲା ସମୁଦ୍ର

## ସମୁଦ୍ର ଗର୍ଭରେ ରାସ୍ତା, ଗଙ୍ଗାଦେବୀ ମନ୍ଦିର ଲୀନ ହେବା ପରେ ଚିନ୍ତାରେ ମତ୍ସ୍ୟଜୀବୀ

**ଛତ୍ରପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ରେ ଦିନକୁ ଦିନ ସମୁଦ୍ର କୂଳ କ୍ଷୟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି । ଅଞ୍ଚଳବାସୀ ଭୟ ଭିତ ଅବସ୍ଥାରେ ରହିଛନ୍ତି । ଏବେ ଆର୍ଯ୍ୟପଲ୍ଲୀ ଗ୍ରାମକୁ ସଂଲଗ୍ନ ହୋଇଥିବା ରାସ୍ତା ଓ ଗଙ୍ଗାଦେବୀ ମନ୍ଦିରଟି ଏବେ ସମୁଦ୍ର କୂଳ ମଧ୍ୟରେ ଲୀନ ହେବା ପରେ ଅଞ୍ଚଳବାସି ଙ୍କ ଭୟ ଦ୍ୱିଗୁଣିତ ହୋଇଯାଇଛି । ସ୍ଥାୟୀ ପ୍ରତିକାର ନିମନ୍ତେ ବିଭିନ୍ନ ଫୋରମ ରେ କହି ଆସୁଥିଲେ ମଧ ଏହାର ସ୍ଥାୟୀ ସମାଧାନ ହୋଇପାରୁନି । ଗଞ୍ଜାମ ଜିଲ୍ଲା ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ସମୁଦ୍ର ଦିନକୁ ଦିନ କୂଳ ଲଙ୍ଘି ଗ୍ରାମ ଆଡକୁ ଅଗ୍ରସର ହେଉଥିବାରୁ ଆର୍ଯ୍ୟପଲ୍ଲୀ ଗ୍ରାମଟି ଦିନେ ନା ଦିନେ ସମୁଦ୍ର ର ଆଁ ଭିତରକୁ ଚାଲିଯିବ ବୋଲି ଭୟଭିତ ହୋଇପଡିଛନ୍ତି ଗ୍ରାମବାସୀ



ମାନେ । ପୂର୍ବରୁ ସମୁଦ୍ର ଗ୍ରାମର ୨ କିଲୋମିଟର ଦୂରରେ ଥିବା ବେଳେ ଏବେ ଆଉ ମାତ୍ର ୫୦ ମିଟର ଦୂରରେ ରହିଛି ଗ୍ରାମର ଶେଷ ଭାଗରେ ଥିବା କୋଠ ଘର, ମନ୍ଦିର ଆଦି ସମୁଦ୍ର ଗର୍ଭରେ ମିଶି ଯାଇଥିବାରୁ ଗ୍ରାମବାସୀ ମାନେ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରି ଆସୁଥିଲେ । ଗତ କିଛି ଦିନ ତଳେ ଗଞ୍ଜାମ ଜିଲ୍ଲାପ୍ରଶାସନ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିଲେ । ଏବେ ଗାର୍ଡ ୱାଲ ନିର୍ମାଣ ପାଇଁ ଗ୍ରାମବାସୀ ମାନେ ଦାବି କରୁଛନ୍ତି । ଜଳସେଚନ ବିଭାଗର ଅଧିକ୍ଷକ ଯନ୍ତ୍ରୀଙ୍କୁ ବୈଷୟିକ ବିଶ୍ଳେଷଣ କରି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଥାଉ କି, ପୂର୍ବରୁ ଚେନ୍ନାଇ ସ୍ଥିତ ଜାତୀୟ ସମୁଦ୍ର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ପକ୍ଷରୁ ଚିକିଟି

### ସ୍ଥାୟୀ ପ୍ରତିକାର ଦାବି

ବ୍ଲକର ରାମୟାପାଟଣା ଓ ଆର୍ଯ୍ୟପଲ୍ଲୀ ବେଳାଭୂମି କ୍ଷୟ ଉପରେ ବିଶ୍ଳେଷଣ କରି ତାହାର ଡିପିଆର୍ ଅତି ନିକଟରେ ପ୍ରସ୍ତୁତ ହେବାକୁ ଯାଉଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ । ଏବେ ସମୁଦ୍ର କୂଳ ଲଙ୍ଘିବା ପରେ ଗାର୍ଡ ୱେଲ କାର୍ଯ୍ୟ ଶୀଘ୍ର ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମହୁତି ଦେବେ ବୋଲି ସେମାନେ ଚେତାବନି ଦେଇଛନ୍ତି ।

# ରାସ୍ତାର ଦୁରବସ୍ଥାକୁ ନେଇ ଅସନ୍ତୁଷ୍ଟ କାଉଡିଆ

## ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡିଆ ରାସ୍ତାରେ ବସ୍ ଚଳାଚଳ ବନ୍ଦ



**ନୀଳଗିରି (ଅମୃତ ମିଡିଆ) :** ଶ୍ରାବଣମାସର ତୃତୀୟପାଳି ଅବସରରେ ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଜଳାଭିଷେକ ପାଇଁ ରାଜ୍ୟ ଏବଂ ରାଜ୍ୟବାହାରୁ ହଜାର ହଜାର କାଉଡିଆ ଜଳାଭିଷେକ ପାଇଁ ଆସୁଥିବା ବେଳେ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ବଉଳଗଡିଆ ରାସ୍ତାରେ ଅହେତୁକ ଭିଡ଼ ଦେଖିବାକୁ ମିଳିଥିଲା। ମାତ୍ର ଏହାରି ଭିତରେ ସବୁଠି କାଉଡିଆଙ୍କ ମଧ୍ୟରେ ଅଶାନ୍ତି ଦେଖିବାକୁ ମିଳିଥିଲା। ପଞ୍ଚଲିଙ୍ଗେଶ୍ୱର ପୀଠକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ଏଭଳି ଦୂରାବସ୍ଥାପାଇଁ ବୋଲବମ୍ ଭକ୍ତଙ୍କ ଗୋଡରୁ ରକ୍ତଝରିବା, ଚାଲିବାରେ ଅସୁବିଧା ହେବା, ଏପରିକି ମହିଳା ଭକ୍ତମାନେ ରାସ୍ତାଖରାପ ଯୋଗୁଁ ପଡ଼ିଯିବା ଘଟଣା ଦେଖିବାକୁ ମିଳିଛି। ଉକ୍ତ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ବଉଳଗଡ଼ିଆ ରାସ୍ତାରେ ଏବେ ଆଣ୍ଠୁଏ ଆଣ୍ଠୁଏ ଖାଲ ହୋଇଥିବାରୁ ଏହି ରାସ୍ତାରେ ବସଚଳାଚଳ ବନ୍ଦଥିବା କଥାଶୁଣି ସୋମବାର ବସରେ ଫେରିବାକୁ ଆଶାବାନ୍ଧଥିବା ଭକ୍ତମାନେ ଏବେ ଚିନ୍ତାରେ। ଉକ୍ତ ରସ୍ତା ମରଣଯନ୍ତା ହୋଇଥିବାରୁ ବସ୍ ଚଳାଚଳ କରିବା ଯୋଗୁ ଗାଡ଼ିଗୁଡ଼ିକ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହି ରାସ୍ତାରେ କ୍ଷତିରେ ବସ୍ ଚଳାଇବା କଷ୍ଟକର ବ୍ୟାପର ଯୋଗୁ ଉକ୍ତ ରାସ୍ତାରେ ଯାଉଥିବା ୮ଟି ବସ୍ ଅନିର୍ଦ୍ଧିଷ୍ଟ କାଳ ପାଇଁ ଚଳାଚଳ ବନ୍ଦ ରଖିଛନ୍ତି।ରାସ୍ତା ପାଇଁ ପୂର୍ବରୁ ୨୫ ଥର ଧାରଣା ଦିଆଯାଇଥିଲା ବେଳେ, ଏବେ ବସ୍ ମାଲିକମାନେ ବି ଧାରଣା ଦେଇଛନ୍ତି। ବସ୍ ଚଳାଚଳ ବନ୍ଦଯୋଗୁଁ ଲୋକେ ଏବଂ କାଉଡିଆ ହୀନସ୍ତା ହେଉଛନ୍ତି। ତେବେ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ବାବା ପଞ୍ଚଲିଙ୍ଗେଶ୍ୱରଙ୍କୁ ଏହି ପାଳିରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ୱର୍ଶ ବାରଣ କରାଯାଇଛି। ଶ୍ରଦ୍ଧାଳୁ କାଉଡ଼ିଆ ଭକ୍ତମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ କରାଯାଇ ଜଳଲାଗି କରିବାକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ଆଗାମୀ ସୋମବାର ଚର୍ତୁଥପାଳି ଅବସରରେ ପ୍ରଶାସନ ଉକ୍ତ ସମସ୍ୟାପ୍ରତି ତତ୍ପରତାର ସହିତ ପଦକ୍ଷେପ ନେଲେ ସମସ୍ୟାର ସମାଧାନ ସହିତ ପଞ୍ଚଲିଙ୍ଗେଶ୍ୱର ପୀଠର ସୁନାମରେ ଆଞ୍ଚ ଆସିବନାହିଁ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି।

# ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ପଶୁ ସମ୍ପଦ ସୁରକ୍ଷା



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ପ୍ରଭାବିତ ଲୋକମାନଙ୍କ ନିକଟରେ ଆବଶ୍ୟକୀୟ ସହାୟତା ପହଞ୍ଚାଇବା ପାଇଁ ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛି। ବରାକାନ୍ଧ ଗ୍ରାମ ପଞ୍ଚାୟତରେ ବନ୍ୟା ଘେରରେ ବିଚ୍ଛିନ୍ନ ହୋଇ ରହିଥିବା ୩ଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ବୋତଲ ବଣ୍ଟନ କରାଯାଇଛି। ଗଡରୋମିତ ଗ୍ରାମ ପଞ୍ଚାୟତରେ ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇ ସେମାନଙ୍କର ତତ୍କାଳୀନ ଖାଦ୍ୟ ଆବଶ୍ୟକତା ପୂରଣ କରାଯାଇଛି। ଗ୍ରାମାଞ୍ଚଳରେ ପଶୁସମ୍ପଦର ସୁରକ୍ଷାକୁ ଗୁରୁତ୍ୱ ଦେଇ ଗରଦପୁର ବ୍ଲକର ସାନନୟନପୁର ଗ୍ରାମରେ ପଶୁମାନଙ୍କ ପାଇଁ ସବୁଜ ପଶୁଖାଦ୍ୟ (ଗ୍ରୀନ୍ ଫୁଡ୍) ବଣ୍ଟନ କରାଯାଇଛି। ସେହିପରି ମହାକାଳପଡ଼ା ବ୍ଲକର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ପଶୁ ଚିକିତ୍ସା ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଓ ଗଣ ଟିକାକରଣ କାର୍ଯ୍ୟକ୍ରମ ଚାଲୁ ରହିଛି। ପଶୁମାନଙ୍କୁ ବନ୍ୟା ପରବର୍ତ୍ତୀ ସଂକ୍ରାମକ ରୋଗରୁ ସୁରକ୍ଷା ଦେବା ସହିତ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଲୋକମାନଙ୍କୁ ନିୟମିତ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ବାଟିରା ଗ୍ରାମ ପଞ୍ଚାୟତ ଏବଂ ମାର୍ଶାଘାଇ ବ୍ଲକ ସମେତ ବିଭିନ୍ନ ସ୍ଥାନରେ ମାଗଣା ରୋଷେଇ କେନ୍ଦ୍ର (ଫ୍ରି କିଚେନ୍) ନିରନ୍ତର ଚାଲୁ ରହିଛି। ଜିଲ୍ଲା ପ୍ରଶାସନ ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କୁ ପାନୀୟ ଜଳ, ଖାଦ୍ୟ, ପଶୁସମ୍ପଦ ସୁରକ୍ଷା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ସମୟୋପଯୋଗୀ ଭାବେ ପହଞ୍ଚାଇବା ପାଇଁ ସମ୍ପୂର୍ଣ୍ଣ ତତ୍ପରତାର ସହ କାର୍ଯ୍ୟ କରୁଛି।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ରାଜ୍ୟରେ...

ମୋଦି, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଅଗ୍ରୀମ ୫୦୦ କୋଟି ଟଙ୍କା ବନ୍ୟା ସହାୟତା ରାଶି ପ୍ରଦାନ କରିଛନ୍ତି । ଚଳିତ ବନ୍ୟାରେ ୨୩ ଜିଲ୍ଲା ପ୍ରଭାବିତ ହୋଇଛି। କ୍ଷୟକ୍ଷତି ଆକଳନ ପାଇଁ କୃଷି ଓ ରାଜସ୍ୱ ବିଭାଗ କାମ ଆରମ୍ଭ କରିଛି। ରାଜସ୍ୱ ଅଧିକାରୀ ଗାଁକୁ ଗାଁ ଯାଇ ରିପୋର୍ଟ ପ୍ରସ୍ତୁତ କରିବେ। ଏହାକୁ ସମ୍ବେଦନଶୀଳ ଓ ମାନବୀୟ ଦୃଷ୍ଟିରୁ ଆକଳନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପାଣି ଛାଡିବାର ୭୨ଘଣ୍ଟା ଭିତରେ କ୍ଷୟକ୍ଷତି ଆକାଳନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ନଳକୂଅ, କୂଅ ସମେତ ସମସ୍ତ ଜଳ ଉତ୍ସ ବିଶୋଧନ ହେଉଛି। ବିଶୋଧନ ନ ହେବା ଯାଏଁ ପିଇବା ପାଣି ଲୋକଙ୍କ ପାଖରେ ପହଞ୍ଚିବ। ସାପ କାମୁଡା ଇଞ୍ଜେକେଶନ ମହଜୁଦ ଅଛି। ତୁରନ୍ତ କ୍ଷୟକ୍ଷତି ଆକଳନ ସହ ଅଙ୍ଗନବାଡି ଓ ସ୍କୁଲର କ୍ଷତି ରିପୋର୍ଟ ବି ମଗାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।କଟକ ସଦର ଥାନା ଅଧୀନ ଶ୍ରୀକୋରୁଆଁ ଅଞ୍ଚଳରେ ଦୁଃଖଦ ଅଘଟଣ ଘଟିଛି । କାଠଯୋଡ଼ି ନଦୀରେ ଗାଧୋଉଥିବା ବେଳେ ୨ ନାବାଳକ ଭାସିଗଲେ । ଏଥିରେ ଜଣେ ନାବାଳକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇଛି। କାଠଯୋଡିକୁ ୩ ଜଣ ନାବାଳକ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ହଠାତ ୨ ଜଣ ନାବାଳକ ବୁଡିଯାଇଥିଲେ ।ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣେ ନାବାଳକଙ୍କୁ ତୁରନ୍ତ ଜୀବିତ ଉଦ୍ଧାର କରାଯାଇଥିଲା। ତେବେ ଅନ୍ୟ ଜଣେ ନାବାଳକର ମୃତ୍ୟୁ ଘଟିଛି ।ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

### ଆଜିଠାରୁ ...

କାରକେଡ ରିହର୍ସାଲ୍ କରିଛି କମିସନରେଟ ପୁଲିସ। ଏୟାରପୋର୍ଟଠୁ ରେଳ ଷ୍ଟେସନ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଅଗଷ୍ଟ ୩ରୁ ୫ ତାରିଖ ଯାଏଁ ୩ ଦିନିଆ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୁରକ୍ଷା ଦାୟିତ୍ୱରେ ରହିବେ ପ୍ରାୟ ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ । ସୋମବାର ମଧ୍ୟାହ୍ନ୨ଟା ୨୦ ମିନିଟ୍‌ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ ।

### ମନ୍ତ୍ରୀଙ୍କ...

ସେମାନଙ୍କୁ ସର୍ବସାଧାରଣରେ ଅପମାନିତ କରିବା ମନ୍ତ୍ରୀଙ୍କ କ୍ଷମତାପ୍ରିୟ ମନୋଭାବକୁ ଦର୍ଶାଉଛି। ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନଗତ ପ୍ରକ୍ରିୟା ରହିଥିବା ବେଳେ ନିଜେ ବିଚାରପତି ସାଜି ଗାଳିକରିବା ପ୍ରାଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଯୋଜନାଗୁଡ଼ିକରେ ସ୍ୱଚ୍ଛତା ଆଣିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ, ହେଲେ ସମୀକ୍ଷା ନାଁରେ କର୍ତ୍ତବ୍ୟରତ ଅଧିକାରୀ, ବିଶେଷ କରି ମହିଳା କର୍ମଚାରୀଙ୍କ ପ୍ରତି ଏଭଳି ଆଚରଣ ସରକାରୀ କର୍ମଚାରୀ ମହଲରେ ଚିନ୍ତା ବଢ଼ାଇଦେଇଛି। ଜଣେ ଜନପ୍ରତିନିଧି ହୋଇ ସାଧାରଣରେ ମହିଳା ଅଧିକାରୀଙ୍କ ପ୍ରତି ଏପରି ବ୍ୟବହାର କରିବା ଫଳରେ ଗ୍ରାଉଣ୍ଡ ଜିରୋରେ କାମ କରୁଥିବା କର୍ମଚାରୀଙ୍କ ମନୋବଳ ଭାଙ୍ଗିବାର ଆଶଙ୍କା ଦେଖାଦେଇଛି। ମନ୍ତ୍ରୀଙ୍କ ଏହି ଅସୌଜନ୍ୟମୂଳକ ବ୍ୟବହାରକୁ ନେଇ ଏବେ ସବୁଠି ତୀବ୍ର ଚର୍ଚ୍ଚା ଓ ନିନ୍ଦା କରାଯାଉଛି।

### ଶବ ବ୍ୟବଚ୍ଛେଦ...

ରହିଛି। ସେମାନେ କାହିଁକି ଜୟପାଟଣାକୁ ପଠାଇଲେ, ତାହା ମୁଁ କହିପାରିବି ନାହିଁ। ଆମ ପାଖକୁ ମୃତଦେହ ଆସିଥିବାରୁ ଆମେ ସମ୍ପୂର୍ଣ୍ଣ ସମ୍ମାନର ସହ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛୁ।"ତେବେ ଏ ସମ୍ପର୍କରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ କିମ୍ବା ସମ୍ପୃକ୍ତ ଡାକ୍ତରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଗୋଟିଏ ଶବ ବ୍ୟବଚ୍ଛେଦ ପାଇଁ ଦୀର୍ଘ ୩୬ ଘଣ୍ଟା ଧରି ୩ଟି ମେଡିକାଲ ବୁଲିବାକୁ ପଡ଼ିବା ଏବଂ ସ୍ୱାସ୍ଥ୍ୟ ବିଭାଗର ଏଭଳି ଅବହେଳାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

### ସାମିଲ...

ପୋଲିସକୁ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସୂଚନା ଯୋଗ୍ୟଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭାସୀ ଉପସ୍ଥିତିରେ ଦେଶର ୧୦,୦୦୦ ରୁ ଅଧିକ ସ୍ଥାନରେ ୧ କୋଟିରୁ ଊର୍ଦ୍ଧ୍ୱ ଯୁବକଯୁବତୀ ଏକତ୍ରିତ ହୋଇ ଏକ ସୁସ୍ଥ, ଶୃଙ୍ଖଳିତ, ସଂସ୍କାରପୂର୍ଣ୍ଣ ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି। ଏହି ଐତିହାସିକ ଅଭିଯାନକୁ ସମଗ୍ର ଓଡ଼ିଶାରେ ଅପୂର୍ବ ପ୍ରତିକ୍ରିୟା ମିଳିଛି। ରାଜ୍ୟର ୪୫୩ଟି ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଏହାର ସିଧାପ୍ରସାରଣ କରାଯାଇଥିବା ବେଳେ ୧.୬ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଓ ଯୁବପିଢ଼ି ଏକତ୍ରିତ ହୋଇ ଏହି ମହତ୍ ଆନ୍ଦୋଳନରେ ସାମିଲ ହୋଇଥିଲେ ।ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ: ତିନି ଜିଲ୍ଲାର ଏସ୍ପିଙ୍କ ଉପସ୍ଥିତିରେ ନଷ୍ଟ ହେଲା ୧୧ କୋଟିର ଡ୍ରଗ୍ସ ଓ ୧୩ କ୍ୱିଣ୍ଟାଲ ଗଞ୍ଜେଇ ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡା ବିଭାଗ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ଧନ୍ୟବାଦ ଦେଇଥିଲେ।

### ୩ଟି ହାଇୱା...

ହାଇୱା ସହ ବାଡେଇ ହୋଇଥିଲା। ଏଥିରେ ହାଇୱାର କ୍ୟାବିନରେ ଚାପି ହୋଇ ୨ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେପଟେ, ଅନ୍ୟ ହାଇୱା ଟି ରାସ୍ତା ତଳକୁ ଖସି ଯାଇଥିବା ବେଳେ ତାହାର ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତାହତଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଯାଇଥିବା ବେଳେ ସେଠାରେ ୨ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଆହତ ଡ୍ରାଇଭରଙ୍କ ଚିକିତ୍ସା ଚାଲିଛି। ତେବେ, ବର୍ତ୍ତମାନ ସୁଦ୍ଧା ୨ ମୃତକ ଏବଂ ଅନ୍ୟ ଆହତଙ୍କ ପରିଚୟ ମିଳିପାରିନାହିଁ।

# ଜନସେବାରେ ବ୍ରତୀ ପୂର୍ବତନ ପ୍ରଶାସନିକ ଅଧିକାରୀ ସରୋଜ ସେଠୀ



**ନୀଳଗିରି (ଅମୃତ ମିଡିଆ) :** ଓଡିଶା ସରକାରଙ୍କ ବିଭିନ୍ନ ବିଭାଗରେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବରେ କାର୍ଯ୍ୟକରି ଗତମାସ ଇଡକୋର ଚେୟାରମେନ୍ ପଦରୁ ଅବସରଗ୍ରହଣ କରିଛନ୍ତି ନୀଳଗିରି ମାଟିର ପୁଅ ସରୋଜ କୁମାର ସେଠୀ। ଅବସରପରେ ଅବଶିଷ୍ଟ ଜୀବନ ଜନ୍ମମାଟିର ଗରୀବ, ଖଟିଖିଆ, ସାଧାରଣଜନତାଙ୍କ ସେବାରେ ନିଜର ପ୍ରଶାସନିକ ଜୀବନର ଅଭିଜ୍ଞତାକୁ ଭିତ୍ତିକରି କାର୍ଯ୍ୟକରିବା ଲକ୍ଷ୍ୟରେ ଆଗକୁ ପାଦ ବଢାଇଛନ୍ତି। ତେବେ ପ୍ରଶାସନିକ ସେବାରେ ଥାଇମଧ୍ୟ ସମୟ ମିଳିଲେ ଅଧିକାଂଶ ସମୟରେ ନୀଳଗିରି ଅଞ୍ଚଳରେ ପହଞ୍ଚି ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ଦେଖିବାକୁ ମିଳିଥିଲା। ତେବେ ଚଳିତ ଲଘୁଚାପଜନିତ ଲଗାଣବର୍ଷାରେ ସମଗ୍ର ଓଡ଼ିଶା ଜଳାର୍ଣ୍ଣବ ହୋଇ ମହାବିପତ୍ତି ଦେଖାଦେଇଥିବା ବେଳେ ନୀଳଗିରି ଉପଖଣ୍ଡର ଶତାଧିକ ଅଞ୍ଚଳର ଲୋକମାନଙ୍କର ବହୁ ଧନଜୀବନ ନଷ୍ଟହେବା ସହିତ କ୍ଷୟକ୍ଷତି ହୋଇଥିଲା। ଏପରି ସ୍ଥିତିରେ ପୂର୍ବତନ ଜିଲ୍ଲାପାଳ ତଥା ଇଡକୋର ପୂର୍ବତନ ଚେୟାରମେନ୍ ସରୋଜ ସେଠୀ ଗାଁ କୁ ଗାଁ ବୁଲି ଲୋକଙ୍କ ଦୁଃଖରେ ସମଭାଗି ହେବାସହିତ କିପରି ତୁରନ୍ତ ସରକାରୀ ସାହାଯ୍ୟ ମିଳିପାରିବ ସେଥିପ୍ରତି ଦୃଷ୍ଟିଦେବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟତଃ ବ୍ଲକର ଅଯୋଧ୍ୟା, ବାଲିପାଳ , ତିନିଦେଶ, ନରସିଂହପୁର ପ୍ରଭୃତି ଅଞ୍ଚଳବୁଲି ଲୋକଙ୍କ ସମସ୍ୟା ବୁଝିଥିଲେ। ଏତଭିନ୍ନ ବ୍ଲକର ଭଉଁରିଆବାଡ ପଞ୍ଚାୟତ ତୁଳସୀଡିହା ଗ୍ରାମର ୪ଥରର ସରପଞ୍ଚ ଆଦିବାସୀନେତା ରଘୁନାଥ ସିଂଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ କିଛି ଆର୍ଥିକ ସାହାଯ୍ୟ କରିଥିବା ଜଣାଯାଇଛି। ସରୋଜ ସେଠୀଙ୍କ ଏହି ଗସ୍ତକାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ଭୁଗୁଡ଼ି, କମଳକିଶୋର ପଣ୍ଡା, ରତିକାନ୍ତ ବେହେରା, ରାଜୀବ ସିଂ, ମନୋଜ କୁମାର ସିଂ ପ୍ରମୁଖ ବହୁ ଶୁଭେଚ୍ଛୁ ସହଯୋଗ କରିଥିବା ଦେଖାଯାଇଥିଲା। ଶ୍ରୀଯୁକ୍ତ ସେଠୀଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଓଲାଶୁଣୀ ପାରାସଂଘର ପାରାଉଡ଼ା ପ୍ରତିଯୋଗିତା




**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡ଼ଚଣା ବ୍ଲକ ବାଲିପଡିଆ ଠାରେ ଓଲାଶୁଣୀ ପାରା ସଂଘ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ପାରା ଉଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗସିଂହପୁର ପ୍ରଭୃତି ଜିଲ୍ଲାରୁ ୨୦ରୁ ଉର୍ଦ୍ଧ୍ୱ ପାରା ଉଡାଳି ଯୋଗଦେଇଥିଲେ। ବାଲିପଡିଆ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାଲେପୁର ପାରା ସଙ୍ଗର ସଭାପତି ନାରାୟଣ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତାଭାବେ ଆଦର୍ଶ ଶିକ୍ଷକ ବିନୋଦ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଅଜିତ କୁମାର ପ୍ରଧାନ ଯୋଗଦେଇ ପାରା ରଖିବାର ପରମ୍ପରା ଓ ଆଭିମୁଖ୍ୟ ଉପରେ ମତପୋଷଣ କରିଥିଲେ, ଅନ୍ୟତମ ଅତିଥି ଭାବେ ଉପେନ୍ଦ୍ର କୁମାର ତ୍ରିପାଠୀ, ନୂର ଖାଁ, ଉପେନ୍ଦ୍ର ମଲିକ, ଶିବପ୍ରସାଦ ସିଂହ ପ୍ରମୁଖ ଯୋଗ ଦେଇ ଏହି ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଅଞ୍ଚଳ ସହ ଭାଇଚାରାର ସମ୍ପର୍କ ଦୃଢୀଭୂତ ହୁଏ ବୋଲି ମତ ରଖିଥିଲେ। ପ୍ରତିଯୋଗିତାରେ ଯାଜପୁର ଜିଲ୍ଲା ବାଲିପଡିଆ ଗ୍ରାମର ଆକାଶ କୁମାର ମଲିକ ତାଙ୍କର ୪ଗୋଟି ପାରା ୨୨ଘଣ୍ଟା ଧରି ଅକାଶରେ ଉଡାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ପଞ୍ଚୁପାଣ୍ଡବ ଗ୍ରାମର ନୂରଖାଁ ୧୩ଘଣ୍ଟା ୨୩ମିନିଟ ପାରା ଉଡାଇ ଦ୍ୱିତୀୟ ସ୍ଥାନ ଅଧିକାର, କେନ୍ଦ୍ରାପଡା ଜିଲ୍ଲା ଘଣ୍ଟପଦା ଗ୍ରାମର ଟୁଟୁନି ଦାସ ୯ଘଣ୍ଟା ୧୯ମିନିଟ୍ ପାରା ଉଡାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପ୍ରତିଯୋଗୀତା ରେ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ମଞ୍ଚାସୀନ ଅତିଥି ମାନେ ମାନପତ୍ର ଉତ୍ତରୀୟ, ଫୁଲତୋଡ଼ା, ସିଲ୍ କପ ଓ ନଗଦ ଅର୍ଥରାଶି ଦେଇ ସମ୍ମାନିତ କରିଥିଲେ। ଗଗନ ବିହାରୀ ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିଥିଲା ବେଳେ ହରପ୍ରସାଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦିଲୀପ କୁମାର ସେଠୀ, ଭଜହରି ମଲିକ, ବିବେକ ଭୋଇ, ରାଜା ମଲିକ ପ୍ରମୁଖ ସହଯୋଗ କରିଥିଲେ।

# ବନ୍ୟା ପ୍ରପୀଡ଼ିତଙ୍କୁ ଭେଟିଲେ ସାଂସଦ, ଜିଲ୍ଲାପାଳ



**ରଘୁନାଥପୁର (ଅମୃତ ମିଡିଆ) :** ମହାନଦୀରେ ବନ୍ୟା ଆସି ଜଳସ୍ତର ବୃଦ୍ଧି ପାଉଥିବାରୁ କୌଣସି ଅଘଟଣକୁ ଦୃଷ୍ଟିରେ ରଖି ରଘୁନାଥପୁର ବ୍ଲକ ଅଞ୍ଚଳର ଶତାଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ପୂରଣ ଆଦିବାସୀ ସାହିରେ ବନ୍ୟାଜଳ ଚତୁର୍ପାର୍ଶ୍ୱରେ ଘେରି ରହିଥିବା ସ୍ଥଳେ ଲୋକମାନେ ଘରୁ ଯିବାକୁ ଅମଙ୍ଗ ହୋଇଥିଲେ। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଏଡିଏମ ଜ୍ୟୋତିଶଙ୍କର ରାୟ, ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ଆଇଆଇସି ପ୍ରେମଜିତ ଦାସ ଗତକାଲି ପୋଲିସ ଫୋର୍ସ ସହ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାସୁଝାକରି ସ୍ଥାନାନ୍ତରିତ କରିଥିଲେ। ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କୁ ନିକଟସ୍ଥ ବାଙ୍କଲ ଅଙ୍ଗନୱାଡ଼ି କେନ୍ଦ୍ରରେ ରଖାଯାଇଥିଲା। ସମସ୍ତଙ୍କ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଆଜି ଏହି ସ୍ଥାନରେ ସାଂସଦ ବିଭୂପ୍ରସାଦ ତରେଇ, ଜିଲ୍ଲାପାଳ ଜେ ସୋନାଲ, ଏସପି ଅଙ୍କିତ କୁମାର ବର୍ମା, ବିଡିଓ ବିରେଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ସମେତ ବ୍ଲକ ପ୍ରଶାସନ ପହଞ୍ଚି ବନ୍ୟା ପ୍ରପୀଡ଼ିତଙ୍କୁ ଭେଟିବା ସହ ଦିଆ ଯାଉଥିବା ଖାଦ୍ୟ ଯାଞ୍ଚ କରିଥିଲେ। ଏଥିସହ ପ୍ରପିଡିତଙ୍କ ଦାବି ଅନୁଯାୟୀ ବର୍ଷା ଋତୁ ପରେ ଏହି ସ୍ଥାନକୁ ଯିବା ଆସିବା ରାସ୍ତାକୁ ତୁରନ୍ତ ନିର୍ମାଣ କରିବା ପାଇଁ ଜିଲ୍ଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗୃହପାଳିତ ପଶୁଙ୍କ ପାଇଁ ପାଲ ଯୋଗାଇ ଦିଆଯାଇଥିବାର ତହସିଲଦାର ନାୟକ ପ୍ରକାଶ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ସିଡିପିଓ ତୃପ୍ତିଲତା ମହାନ୍ତି, ଜିପିଓ ବିଶ୍ୱଜିତ ମହାପାତ୍ର, ଯନ୍ତ୍ରୀ ସୁବାଷ ଚନ୍ଦ୍ର ପୃଷ୍ଟି, ଏମାଇ ସନ୍ଦିପା ଦାସ, ପିଇଓ ପ୍ରଣତି ନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା




**ଫୁଲବାଣୀ (ଅମୃତ ମିଡିଆ) :** କନ୍ଧମାଳ ଜିଲ୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀ ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ ଦେବୀ ପ୍ରସାଦ ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ଶୈକ୍ଷିକ ସଦସ୍ୟ ଶିବାଜୀ ଅଧିକାରୀ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଶତପଥୀ, ଶିଶୁଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ମାର୍ଗ ଦର୍ଶନ କରିଥିଲେ। ଦିବା ୧୧:୩୦ ରୁ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା କ୍ଷ ଏଥିରେ ଶିଶୁ ବାଟିକା ବିଭାଗରେ ୫୭ ଜଣ, ପ୍ରାକ ଶିଶୁ ବିଭାଗ ୩୮ଜଣ, ଶିଶୁ ବିଭାଗ ୩୮ଜଣ ,ବାଲ୍ ବିଭାଗ ୩୦ ଜଣ, କିଶୋର ବିଭାଗ ୩୫ ଜଣ ଏହିପରି ମେଳାରେ ମୋଟ ୧୯୮ ଶିଶୁ ଭାଇ ଭଉଣୀମାନଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମେଳାରେ ବିଚାରକ ଭାବରେ ଅଭିଜ୍ଞ ସ୍ଥାନୀୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଯଥା ଦେବୀ ପ୍ରସାଦ ଶତପଥୀ, ଅଭୟ, ନିହାର, ଷଡ଼ଙ୍ଗୀ, ବିଶି, ଅନିମେଷ, ସୂର୍ଯ୍ୟମାଣି ନିରଞ୍ଜନ, ଶିବାଜୀ ଅଧିକାରୀ, ପ୍ରତ୍ୟୁଷ ସାରଙ୍କ ସମେତ ତନୁଜା ମାଡାମ ସେମାନଙ୍କର ବହୁମୂଲ୍ୟ ସମୟ ଦେଇ କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ। ସେହିପରି ସମାରୋପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିଦ୍ୟାଳୟର ସଭାପତି ବ୍ରଜବନ୍ଧୁ ମଲ୍ଲିକ, କୋଷାଧକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ ଓ ଶୈକ୍ଷିକ କମିଟି ଉପସଭାପତି ବାସୁଦେବ ପ୍ରହରାଜ ଯୋଗ ଦେଇଥିବା ବେଳେ ରାଜେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ବିଜ୍ଞାନ ପ୍ରମୁଖ ନିରୂପମା ପଣ୍ଡା ବୃତ୍ତ ପଠନ କରିଥିଲେ। ସମସ୍ତ ବିଜ୍ଞାନ ଆଚାର୍ଯ୍ୟ, ଆଚାର୍ଯ୍ୟା ଏବଂ ଅନ୍ୟାନ୍ୟ ଆଚାର୍ଯ୍ୟ, ଆଚାର୍ଯ୍ୟ, ସହଯୋଗୀ, ସେବିକା ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପାଢୀ ଅତିଥି ପରିଚୟ। ପ୍ରଦାନ କରିଥିବା ବେଳେ ସହ-ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତୀ ସାମନ୍ତରା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ସମ୍ବନ୍ଧୀୟ ସ୍ୱାଗତ ଓ ସମାରୋପ ସଙ୍ଗୀତ ଦେବେନ୍ଦ୍ର ପଟ୍ଟନାୟକ ରଚନା ଆଉ ଦୁର୍ଯ୍ୟୋଧନ ସିଂ ସଂଯୋଜନା କରିଥିଲେ। ଶେଷରେ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**ଜଗତସିଂହପୁର (ଅମୃତ ମିଡ଼ିଆ) :** ସହଯୋଗୀ ଅଧକ୍ଷଙ୍କ ପଲ୍ଲୀ ସ୍ୱାସ୍ଥ୍ୟ କେନ୍ଦ୍ର ଆରଏଚଟିସି, ଜଗତସିଂହପୁର କର୍ମଚାରୀ ଅରୁଣ କୁମାର ରଥ ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ଅବସରର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସହଯୋଗୀ ଅଧାପକ ଡା ମଦନ ମୋହନ ମାଝୀ, ବିଭାଗୀୟ ମୁଖ୍ୟ ପ୍ରଫେସର ଡା ମହୁଆ ବିଶ୍ୱାସ ପ୍ରମୁଖ ଯୋଗଦେଇ କର୍ମଚାରୀ ଶ୍ରୀ ରଥଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କର୍ମଚାରୀ ଅରୁଣ କୁମାର ରଥ ଜଣେ ସମୟାନୁବର୍ତ୍ତୀ,ମେଳାପୀ, ନିଷ୍ଠାପର ଓ ମିଷ୍ଟଭାଷୀ ବ୍ୟକ୍ତି। ଶ୍ରୀ ରଥ ରେଡ଼ିଓର ଜଣେ ନିୟମିତ ଶ୍ରୋତା, ପ୍ରତ୍ୟେକ ପରିବାରରେ ଯେପରି ରେଡ଼ିଓ ବାଜିବ ସେଥିପାଇଁ ସେ ଅନବରତ ଉଦ୍ୟମ ଜାରି ରଖିଥାନ୍ତି। ଏଥିସହିତ ବୃକ୍ଷରୋପଣ, ରକ୍ତଦାନ ଭଳି ସାମାଜିକ କାର୍ଯ୍ୟରେ ସେ ନିଜକୁ ସାମିଲ କରିଥାନ୍ତି। ଏହି କାର୍ଯ୍ୟକ୍ରମରେ ତାଲିମ କେନ୍ଦ୍ରର ବରିଷ୍ଠ ସହାୟକ ଶିବଦତ୍ତ ଖୁଣ୍ଟିଆ, କଇମ ଉଦ୍ଦୀନ, ଭେନସ ନାୟକ, ଅଶ୍ୱନୀ ରଥ, ସୁଶ୍ରୀ ସଂଗୀତା ଓଝା, ସୁଜାତା ବସ୍ତିଆ, ପରମାନନ୍ଦ ସାହୁ, କ୍ଷୀରୋଦ ସ୍ୱାଇଁ, ଜ୍ଞାନ ରଞ୍ଜନ ଜେନା, ପ୍ରକାଶ ମହାନ୍ତି, ସ୍ୱାଧୀନ ବେହେରା, କୋମଳ ଭାଇ, ସଂଗ୍ରାମ ବେହେରା, ଅଭିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





# ରାଜ୍ୟଗୋଷ୍ଠୀ କ୍ରୀଡ଼ା: ଗୋଟିଏ ଦିନରେ ଆସିଲା ୧୬ ପଦକ

**ନୂଆଦିଲ୍ଲୀ :** ଗ୍ଲାସଗୋରେ ଚାଲିଥିବା 'ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬'ର ୧୦ମ ଦିନରେ ଅର୍ଥାତ୍ ଶନିବାର ଭାରତକୁ ମିଳିଛି ବଡ଼ ସଫଳତା। ଏହି ଗୋଟିଏ ଦିନରେ ଦେଶ ଜିତିଛି ୧୬ଟି ପଦକ। ଆଉ ଏଥିରେ ସର୍ବାଧିକ ଯୋଗଦାନ ରହିଛି ବକ୍ସରମାନଙ୍କର। ଗତକାଲି ଭାରତୀୟ ବକ୍ସରମାନେ ରେକର୍ଡ ବ୍ରେକିଂ ପ୍ରଦର୍ଶନ କରିଥିଲେ। କେବଳ ବକ୍ସରମାନେ ୧୦ଟି ପଦକ ଜିତିଥିଲେ, ଯେଉଁଥିରେ ୭ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ଥିଲା। ବକ୍ସର ପ୍ରୀତି ପାୱାର, ଜସ୍ମିନ ଲାମ୍ବୋରିଆ, ସାକ୍ଷୀ ଚୌଧୁରୀ, ପ୍ରିୟା ଘାଙ୍ଘାସ, ଅରୁନ୍ଧତୀ ଚୌଧୁରୀ, ସଚିନ ସିୱାଚ୍ ଏବଂ ଅଙ୍କୁଶ ପଙ୍ଘାଲ୍ ନିଜ ନିଜ ଓଜନ ବର୍ଗରେ ଶୀର୍ଷ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଯଦୁମଣି ସିଂହ, ଲଭଲିନା ବୋର୍ଗୋହେନ୍ ଏବଂ ନରେନ୍ଦ୍ର ବେରୱାଲ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଦୂରଗାମୀ



ଧାବକ ଗୁଲବୀର ସିଂହ ପୁରୁଷ ୫୦୦୦ ମିଟର ଫାଇନାଲରେ ବ୍ରୋଞ୍ଜ ବା କାଂସ୍ୟ ପଦକ ଜିତିଛନ୍ତି। ଏହା ହେଉଛି ଉଡଏ ୨୦୨୬ରେ ତାଙ୍କର ଦ୍ୱିତୀୟ ପଦକ। ଅନ୍ୟପଟେ, ପୁରୁଷ ଋ୫୭ ସଟପୁଟ୍ ଇଭେଣ୍ଟରେ ଭାରତ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଦଖଲ କରିଥିଲା। ସୋମନ ରାଣା ସ୍ୱର୍ଣ୍ଣ ଏବଂ ଶୁଭମ ଜୁୟାଲ ରୌପ୍ୟ ପଦକ ଜିତିଥିଲେ। ପୁରୁଷ ଟ୍ରିପଲ ଜମ୍ପ ଇଭେଣ୍ଟରେ ପ୍ରବୀଣ ଚିତ୍ରଭେଲ ରୌପ୍ୟ ପଦକ ଜିତିଥିବା ବେଳେ ସେଲଭା ପ୍ରଭୁ ତିରୁମାରନ ବ୍ରୋଞ୍ଜ ବା କାଂସ୍ୟ ପଦକ ହାସଲ କରିଛନ୍ତି। ଜୁଡୋକା ଉନ୍ନତି ଶର୍ମା ମଧ୍ୟ ଏକ କାଂସ୍ୟ ପଦକ ଜିତିଛନ୍ତି। ଏହି ସଫଳତା ସହ ଭାରତର ମୋଟ ପଦକ ସଂଖ୍ୟା ୩୯ରେ ପହଞ୍ଚି ଯାଇଛି। ଏଥିରେ ରହିଛି ୧୩ଟି ସ୍ୱର୍ଣ୍ଣ, ୧୭ଟି ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ। ଏହା ସହିତ ପଦକ ତାଲିକାର ଚତୁର୍ଥ ସ୍ଥାନରେ ପହଞ୍ଚି ଯାଇଛି ଭାରତ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୨୦୧୮ରେ ବକ୍ସିଂରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା ଭାରତ। ସେହିବର୍ଷ ଗୋଲ୍ଡ କୋଷ୍ଟରେ ଏହି କ୍ରୀଡ଼ା ଅନୁଷ୍ଠିତ ହୋଇଥିବା ବେଳେ ଭାରତୀୟ ବକ୍ସରମାନେ ୭ଟି ପଦକ ଜିତିଥିଲେ, ଯେଉଁଥିରେ ଥିଲା ୩ଟି ସ୍ୱର୍ଣ୍ଣ। ଆଜି ହେଉଛି ଗ୍ଲାସଗୋ 'ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬'ର ଶେଷ ଦିବସ। ଅନ୍ତିମ ଦିନରେ ପଦକ ସଂଖ୍ୟାକୁ ୪୦ରୁ ଅଧିକ କରିବା ପାଇଁ ଭାରତ ପାଖରେ ସୁଯୋଗ ଅଛି। କାରଣ ଆଜି ମଧ୍ୟ କିଛି ଇଭେଣ୍ଟରେ ଭାରତର ଖେଳାଳିମାନେ ଭାଗ ନେବେ। ସେମାନଙ୍କ ମଧ୍ୟରୁ ଜୁଡୋକା (ଜୁଡୋ ଖେଳାଳି) ଈଶରୂପ ନାରଙ୍ଗ, ଅବତାର ସିଂହ ଓ ଯଶ ଘାଙ୍ଗସଙ୍କ ଉପରେ ଅଧିକ ନଜର ରହିବ। ଜୁଡୋରୁ ଏଯାବତ୍ ଭାରତକୁ ୪ଟି ପଦକ ମିଳିଥିବା ବେଳେ ଆଜି ଆହୁରି ତିନିଟି ପଦକ ପାଇବାକୁ ଆଶା ରଖିଛି ଦେଶ।

# ଦୁଲୀପ ଟ୍ରଫି : ତିଳକଙ୍କୁ ସାଉଥ୍ ଜୋନ୍ ଦାୟିତ୍ୱ

**ନୂଆଦିଲ୍ଲୀ :** ୨୦୨୬ ଦୁଲୀପ ଟ୍ରଫି ଫାଷ୍ଟ କ୍ଲାସ ଟୁର୍ନାମେଣ୍ଟ ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ଟୁର୍ନାମେଣ୍ଟରେ ଛଅଟି ଦଳ ଅଂଶଗ୍ରହଣ କରିବେ। ପଶ୍ଚିମ ଜୋନ୍, ପୂର୍ବ ଜୋନ୍, ଦକ୍ଷିଣ ଜୋନ୍, ଉତ୍ତର ଜୋନ୍, ଉତ୍ତର-ପୂର୍ବ ଜୋନ୍ ଏବଂ କେନ୍ଦ୍ରୀୟ ଜୋନ୍। ଦକ୍ଷିଣ ଜୋନ୍ ଦଳ ଏବେ ଘୋଷଣା କରାଯାଇଛି, ତିଳକ ବର୍ମାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ଆନ୍ଧ୍ର ବ୍ୟାଟର ରିକି ଭୁଇ ଉପ-ଅଧିନାୟକ ଭାବରେ ଦାୟିତ୍ୱ ସମ୍ଭାଳିବେ। କୌଣସି ଦଳ ପାଇଁ ଅଧିନାୟକ ହେବାର ଦାୟିତ୍ୱ ତିଳକ ବର୍ମାଙ୍କ ପାଇଁ ଏହା ପ୍ରଥମ ନୁହେଁ ବରଂ ସେ ପୂର୍ବରୁ ହାଇଦ୍ରାବାଦ ଦଳ ଏବଂ ଭାରତ ଏ ଦଳର ନେତୃତ୍ୱ ନେଇଥିଲେ। ଦକ୍ଷିଣ ଜୋନ୍ ଦଳରେ କରୁଣ ନାୟାର, ଶ୍ରେୟସ ଗୋପାଳ ଏବଂ ଏନ. ଜଗଦୀସନଙ୍କ ଭଳି ପ୍ରମୁଖ କ୍ରିକେଟର ମଧ୍ୟ ଅଛନ୍ତି। ତିଳକ ବର୍ମା ଭାରତୀୟ ଟି-୨୦ ଦଳର ଜଣେ ନିୟମିତ ସଦସ୍ୟ ଅଛନ୍ତି ଏବଂ ଏହାର ଉପ-ଅଧିନାୟକ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେ ଗତ ବର୍ଷ ଦୁଲୀପ ଟ୍ରଫିରେ ଖେଳି ନଥିଲେ। ଦଳର ଅଧିନାୟକ ଥିଲେ ମହମ୍ମଦ ଆଝାରୁଦ୍ଦିନ, ଯିଏକି ଏଥର ଦଳରେ ସାମିଲ ନାହାଁନ୍ତି। ଏପର୍ଯ୍ୟନ୍ତ ୨୩ଟି ମ୍ୟାଚ୍ ବିଶିଷ୍ଟ ତାଙ୍କର ପ୍ରଥମ ଶ୍ରେଣୀ କ୍ୟାରିୟରରେ, ତିଳକ ସାତଟି ଶତକ ସହିତ ୧,୫୬୨ ରନ କରିଛନ୍ତି। ଦୁଲିପ୍ ଟ୍ରଫି ପାଇଁ ସାଉଥ୍ ଜୋନ୍ ଦଳ: ତିଳକ ବର୍ମା (କ୍ୟାପଟେନ୍), ରିକି ଭୁଇ (ଉପ-



ଅଧିନାୟକ), ଏସ୍.କେ ରସିଦ, ଅଭିନବ ତେଜରାନା, ଆର. ସ୍ମରଣ, ଏନ ଜଗଦିସନ, କେ ହିମତେଜା, କରୁଣ ନାୟାର, ଟି ତ୍ୟାଗରାଜନ, ଶ୍ରେୟସ ଗୋପାଳ, କେ ସାଇ ତେଜା, ଟି ବିଜୟ, ଅମନ ଖାନ, ବି. କୱରପ୍ପା। ଦୁଲୀପ ଟ୍ରଫି ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହେବ ଏବଂ ଫାଇନାଲ୍ ସେପଟ୍ଟେମ୍ବର ୬ ତାରିଖରେ ଖେଳାଯିବ । ଗତବର୍ଷର ଫାଇନାଲିଷ୍ଟ ଦକ୍ଷିଣ ଜୋନ୍ ଏବଂ କେନ୍ଦ୍ରୀୟ ଜୋନ୍ ସିଧାସଳଖ ସେମିଫାଇନାଲରେ ପ୍ରବେଶ ମିଳିଛି। ଏହି ସମୟରେ, କ୍ୱାର୍ଟର ଫାଇନାଲରେ, ପୂର୍ବ ଜୋନ୍, ଉତ୍ତର-ପୂର୍ବ ଜୋନ୍ ସହିତ ଏବଂ ଉତ୍ତର ଜୋନ୍, ପଶ୍ଚିମ ଜୋନ୍ ସହିତ ମୁକାବିଲା କରିବ।

## ୧୪ ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚାମ୍ପିୟନସିପ୍

# ବାଳିକା ଦଳର ଫାଇନାଲ ମ୍ୟାଚରେ ଭୁବନେଶ୍ୱର କିସ୍ ୟୁନିଭରସିଟ୍ ୨୦ ପଏଣ୍ଟ ଲିଡରେ ଚମ୍ପିୟାନ

## ଜଗତସିଂହପୁର ରନର୍ସ ଅପ

## ବାଳକ ଦଳର ଉଦଘାଟନ ଉତ୍ସବ







**ପୁରୀ(ବ୍ୟୁରୋ):** ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ଓ ଯୁବ କ୍ରୀଡା ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୪ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚମ୍ପିୟନସିପ ରବିବାର ତାଳବଣିଆ ସ୍ଥିତ ଇଣ୍ଡୋର ଷ୍ଟାଡିୟମ ଖୋ ଖୋ ଏକାଡେମୀ ହଲ ଠାରେ ଦ୍ୱିତୀୟ ଦିନରେ ବାଳିକା ବର୍ଗର ଖୋ ଖୋ ଫାଇନାଲ ମ୍ୟାଚ ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ,ସମ୍ମାନିତ ଅତିଥ ଜିଏସଟି ଆସିଷ୍ଟାଣ୍ଟ କମିଶନର ପ୍ରିତିରଞ୍ଜନ ନାଥ , ସମାଜସେବୀ ଜ୍ୟୋସ୍ନାରାଣୀ ନାଥ,ଅନୁଗୁଳ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସେଠ, ଭାରତୀୟ ଖୋ ଖୋ ମହାସଂଘ ଫେଡେରେସନ ର ଉପସଭାପତି ତଥା ଓଡ଼ିଶା ଖୋ ଖୋ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର , ଓଡ଼ିଶା ଖୋ ଖୋ ସଙ୍ଘ କୋଷାଧକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ,ଖୋ ଖୋ ଯୁଗ୍ମ ସଂପାଦକ ଲକ୍ଷଣନାଥ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପ୍ରଶଂସା କରିଥିଲେ । ଭଲ ଖେଳ ପ୍ରଦର୍ଶନ କରିଲେ ସେମାନଙ୍କ କ୍ୟାରିୟର ନିଶ୍ଚିତ ଉଜ୍ଜଳମୟ ହେବାସହ ଓଡିଶାର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ । କୋଣ ଅନୁକୋଣରେ ଲୁଚି ରହିଥିବା ଲୁକାୟିତ କ୍ରୀଡାବିତ ପ୍ରତିଭାକୁ ସର୍ବସାଧାରଣରେ ପରି ପ୍ରକାଶ ସହ ତାଙ୍କୁ ଦେଶର ଏକ ଶ୍ରେଷ୍ଠ କ୍ରୀଡାବିତ ଭାବେ ଗଢି ତୋଳାବା ଏହି ପ୍ରତିଯୋଗିତାର ଲକ୍ଷ ଓ ଉଦ୍ଦେଶ୍ୟ । ଏଠାରେ ଯେଉଁମାନେ ଭଲ ଖେଳିଲେ ସେମାନେ ତିନିମାସ ପରେ ହିମାଚଳ ପ୍ରଦେଶର ଜାତୀୟସ୍ତରରେ ଖେଳିବେ । ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ ଆଣି ଆମମାନଙ୍କୁ ଗୌରବାନ୍ୱିତ କରିବା ଲକ୍ଷ ବୋଲି ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ଶ୍ରୀ ମିଶ୍ର କହିଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା । ଫାଇନାଲ ମ୍ୟାଚରେ ବାଳିକା ଦଳ ଭୁବନେଶ୍ୱର କିସ୍ ୟୁନିଭରସିଟି ୩୯ ପଏଣ୍ଟ ପାଇ ଚାମ୍ପିୟନ ହୋଇ ଥିବାବେଳ ଜଗତସିଂହପୁର ଦଳ ୧୯ ପଏଣ୍ଟ ପାଇ ରନର୍ସ ଅପ ହୋଇଥିଲା ।

ଅପ କମିଙ୍ଗ ପ୍ଲେୟାର ଝାରସୁଗୁଡ଼ା ଶ୍ରୁତି ସିଂହ, ଗଞ୍ଜାମର ମହେଶ୍ୱରୀ ନାୟକ, ଅନୁଗୁଳର ରୋଜାଲିନ ପ୍ରଧାନ, ଗଜପତିର ମାଝି ଲିଖିତା,ଢେଙ୍କାନାଳର ସୋନାଲି ଦେହୁରୀ ଓ ବେଷ୍ଟ ଡିଫେଣ୍ଡର ଜଗତସିଂହପୁର ର ସ୍ୱାସିନୀ ନାଥ, ଏସ ନାଥ, ବେଷ୍ଟ ଆଟାକର ଭାବେ ଲିସାରାଣୀ, ଯୁ ରାଇତା, ବେଷ୍ଟ ଅଲରାଉଣ୍ଡର କରିସ୍ମା ପ୍ରଧାନଙ୍କୁ ଅତିଥିମାନଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା । ତୃଣମୂଳ ସ୍ତରରୁ ନିଷ୍ଠାର ଭାବେ ଖୋ ଖୋ ଖେଳରେ ଭରତ କୁମାର ପ୍ରଧାନ, ମଳୟ ରଞ୍ଜନ ବେହେରା, ଧର୍ମେନ୍ଦ୍ର ପଣ୍ଡା,ବାସୁଦେବ ପରିଡା ଓ ପ୍ରକାଶ ବେଜଙ୍କୁ ଖୋ ଖୋ କୋଚ ଭାବେ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଶାରିରୀକ ଶିକ୍ଷା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ୧୮ ବର୍ଷରୁ କମ ବୟସର ବାଳକ ଓ ବାଳିକା ଦଳ ଖେଳ ପ୍ରଦର୍ଶନରେ ଅଂଶ ଗ୍ରହଣ କରିଛନ୍ତି । ଶନିବାର ପ୍ରତିଯୋଗିତାରେ ବାଳିକା ଦଳ ଲିଗ ମ୍ୟାଚରେ ୩୬ ଗୋଟି ଖେଳ ପ୍ରଦର୍ଶନ ହୋଇଥିଲା । ୪ଟି ଗ୍ରୁପରେ ୧୯ ଦଳ ଅଂଶଗ୍ରହଣ କରି ଖେଳ ପ୍ରଦର୍ଶନ କରିଥିଲେ । ବାଳିକା ଦଳ କିସ ୟୁନିଭରସିଟ, ବୌଦ୍ଧ, କଟକ, ଅନୁଗୁଳ, ଗଜପତି, ଜଗତସିଂହପୁର, ଗଞ୍ଜାମ, ସମ୍ବଲପୁର, ମୟୁରଭଞ୍ଜ, ଝାରସୁଗୁଡ଼ା,ପୁରୀ, ବଲାଙ୍ଗୀର, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡା, ବାଲେଶ୍ୱର, କେନ୍ଦୁଝର ସୁନ୍ଦରଗଡ, ଖୋର୍ଦ୍ଧା ଜିଲ୍ଲାରୁ ଅଂଶଗ୍ରହଣ କରିଥିଲେ । ସମୁଦାୟ ୨୨୮ ଜଣ ବାଳିକା କ୍ରୀଡାବିତ ଥିବାବେଳେ ସେମାନଙ୍କ ଟିମର ମ୍ୟାନେଜର ଓ କୋଚ ୩୮ ଜଣ ଯୋଗ ଦେଇଥିଲେ । ବାଳକ ଓ ବାଳିକା ବର୍ଗର ସମୁଦାୟ ୫୬୪ ଅଂଶଗ୍ରହଣ କରିଥିବାବେଳେ ଟେକ୍ନିକାଲ ଅଫିସର ୬୦ ଜଣ ଯୋଗ ଦେଇଛନ୍ତି । ଫାଇନାଲ ମ୍ୟାଚରେ ବାଳିକା ଦଳ ଉତ୍ସାହ ଓ ଜୋଶର ସହ ଖେଳ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା । ଏଚପିସି ର ମୁଖ୍ୟ ସଞ୍ଜୀବ ଶର୍ମା ପୋଗ୍ରାମ ମ୍ୟାନେଜର ବାପି କୁମାର ରାୟ,ରବିନାରାୟଣ ପ୍ରଧାନ, ଦେବେଶ ଅଧିକାରୀ, ଅନ୍ନପୂର୍ଣ୍ଣା ରାଉତ, ରଚିତ ନାୟକ ଧର୍ମେନ୍ଦ୍ର ପଣ୍ଡା,ଭୁବନ ମୋହନ ଦାସ,ଧିରେନ୍ଦ୍ର ଦାସ, ଉମେଶ ପାଣିଗ୍ରାହୀ, ସନ୍ତୋଷ କୁମାର ପ୍ରଧାନ, ଚିନ୍ତାମଣି ପ୍ରଧାନ, ନିରଞ୍ଜନ ସାହୁ

ସୁନାକର ରାଉତ,ହିମାଂଶୁ ଶେଖର ମହନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଅମିତ ଚାଟାର୍ଜୀଙ୍କ ନିର୍ଦ୍ଦେଶନାରେ ମନିଷା କଳାନିକେତନର କଳାକାର ମାନଙ୍କ ସମ୍ବଲପୁରୀ ଓ ଭଜନନୃତ୍ୟରେ ବିମୋହିତ ହୋଇଥିଲେ କ୍ରୀଡାପ୍ରେମୀ ଦର୍ଶକ । ଫାଇନାଲ ମ୍ୟାଚରେ ଖେଳାଳୀମାନେ ପ୍ରତିଯୋଗିତାରେ ସଫଳତା ହାସଲ କରିବା ପାଇଁ ଶୃଙ୍ଖଳିତ ଭାବେ ଉତ୍ସାହର ସହ ଭଲ ଖେଳୁଥିବା ଦେଖିବାକୁ ମିଳିଥିଲା ।

## ଶ୍ରୀଲଙ୍କା ଟେଷ୍ଟରେ ଖେଳିବେନି ବୁମ୍ରା



**ନୂଆଦିଲ୍ଲୀ:** ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଆଗାମୀ ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିପାରିବେନି। ସଂପ୍ରତି ବେଙ୍ଗାଲୁରୁସ୍ଥିତ ବିସିସିଆଇ ଉର୍କର୍ଷ କେନ୍ଦ୍ର (ସିଓଇ)ରେ ପୁନଃଥଇଥାନରେ ଥିବା ବୁମ୍ରାଙ୍କୁ ଫିଟ୍‌ନେସ୍ ସର୍ତ୍ତରେ ଶ୍ରୀଲଙ୍କା ଗସ୍ତ ଲାଗି ଘୋଷିତ ଦଳରେ ସ୍ଥାନ ମିଳିଥିଲା। ହେଲେ ବୁମ୍ରାଙ୍କ ପ୍ରାରମ୍ଭିକ ଫିଟ୍‌ନେସ୍ ମୂଲ୍ୟାଙ୍କନ ବେଳେ ତାଙ୍କ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରୁଥିବା ଜଣାପଡ଼ିଥିଲା। ଫଳରେ ଦଳ ସହ ଶ୍ରୀଲଙ୍କା ଗସ୍ତ କରିବା ବିପଦ ହୋଇପାରେ ଏବଂ ସମ୍ପୂର୍ଣ୍ଣ ସୁସ୍ଥ ପର୍ଯ୍ୟନ୍ତ ସିଓଇରେ ରହିବାକୁ ବିସିସିଆଇ ଅଧିକାରୀମାନେ ତାଙ୍କୁ ପରାମର୍ଶ ଦେଇଛନ୍ତି। ବିସିସିଆଇ ଡାକ୍ତରୀ ଦଳ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପରେ ଆଣ୍ଠୁ ଯନ୍ତ୍ରଣା ପାଇଁ ଇଞ୍ଜେକ୍ସନ୍ ନେବାକୁ ବୁମ୍ରାଙ୍କୁ କହିଥିଲେ। ସେହି ଅନୁଯାୟୀ ଗତ ମାସରେ ୩୨ ବର୍ଷୀୟ ଇଞ୍ଜେକସନ୍ ନେଇଥିଲେ। ଏହି ସମସ୍ୟାରୁ ମୁକୁଳିବାକୁ ତାଙ୍କୁ ଆଉ କିଛିଦିନ ଲାଗିଯିବ। ଗଲ୍‌ରେ ଖେଳାଯିବାକୁ ପ୍ରଥମ ଟେଷ୍ଟ ନ ଖେଳାଇ କଲମ୍ବୋରେ ଖେଳାଇବା ନେଇ ଆଲୋଚନା ହୋଇଥିଲା। ହେଲେ ସିଓଇ ଡାକ୍ତରୀ ଦଳ କେଉଁଣସି ରିକ୍ସ ନେବାକୁ ଚାହୁ ନାହାନ୍ତି। ଫଳରେ ଶ୍ରୀଲଙ୍କା ଗସ୍ତ ଦଳରୁ ସେ ବାଦ୍ ପଡ଼ିବା ପ୍ରାୟ ନିଶ୍ଚିତ ହୋଇଛି। ମୁମ୍ବାଇରେ ଶୁଭମନ ଗିଲ୍‌ଙ୍କ ଦଳ ଅଗଷ୍ଟ ୩ରେ ଏକାଠି ହେବା ପରେ ୪ ତାରିଖରେ ଶ୍ରୀଲଙ୍କା ଗସ୍ତ କରିବ। ଏହା ପୂର୍ବରୁ ବୁମ୍ରାଙ୍କ ବଦଳ ଖେଳାଳିଙ୍କ ନାମ ବିସିସିଆଇ ଘୋଷଣା କରିପାରେ।

# ପଞ୍ଜାବ କିଙ୍ଗ୍ସର ଷ୍ଟାର୍ ଶଶାଙ୍କ ଅଚାନକ ଛାଡ଼ିଲେ ନିଜ ଟିମ୍

**ମୁମ୍ବାଇ :** ଇଣ୍ଡିଆନ ପ୍ରିମିୟର ଲିଗରେ ପଞ୍ଜାବ କିଙ୍ଗ୍ସର ଷ୍ଟାର ବ୍ୟାଟର ଶଶାଙ୍କ ସିଂହ ନିଜ ଘରୋଇ କ୍ରିକେଟ ଟିମ୍ ଛତିଶଗଡ଼ର ହାତ ଛାଡ଼ିଛନ୍ତି । ଶଶାଙ୍କ ୨୦୧୯ରୁ ହିଁ ଘରୋଇ କ୍ରିକେଟରେ ଛତିଶଗଡ଼ ଲାଗି ଖେଳୁଥିଲେ । କିନ୍ତୁ ଏବେ ସେ ପଣ୍ଡିଚେରୀରେ ଯୋଗ ଦେଇଛନ୍ତି ।



ସୂଚନା ଅନୁସାରେ ଶଶାଙ୍କ ନିଜେ କହିଛନ୍ତି କି ସେ ଆଗାମୀ ସିଜନରୁ ପଣ୍ଡିଚେରୀ ଲାଗି ଖେଳିବେ । ଶଶାଙ୍କ ସିଂହଙ୍କ ବ୍ୟତୀତ ମୁମ୍ବାଇର ୱିକେଟକିପର ବ୍ୟାଟର ପ୍ରସାଦ ପାୱାର ବି ପଣ୍ଡିଚେରୀରେ ଯିବାକୁ ନିର୍ଣ୍ଣୟ କରିଛନ୍ତି । କ୍ରିକେଟ ଆସୋସିଏଶନ ଅଫ ପଣ୍ଡିଚେରୀର ପୂର୍ବତନ ଅଧକ୍ଷ ପି ଦାମେରନ କହିଛନ୍ତି କି, ସେ ଖୁବଶୀଘ୍ର ତୃତୀୟ ଗେଷ୍ଟ ପ୍ଲେୟାର ନାମରେ ମୋହର ଲଗାଇବେ । ଶଶାଙ୍କ ସିଂହ କହିଛନ୍ତି କି, ସେ ଛତିଶଗଡ଼ ଟିମର ହାତ ଛାଡ଼ି ଦେଇଛନ୍ତି । ଏଥିଲାଗି ସେ ଛତିଶଗଡ଼ ଷ୍ଟେଟ କ୍ରିକେଟ ସଂଘରୁ ଏନଓସି ବି ନେଇ ସାରିଛନ୍ତି । ସେ ୨୦୨୬-୨୭ଘରୋଇ ସିଜନରୁ ପଣ୍ଡିଚେରି ଲାଗି ଖେଳିବେ । ପଞ୍ଜାବ କିଙ୍ଗ୍ସର ଏହି ଷ୍ଟାର ବ୍ୟାଟର ନୂଆ CSCS ଉପରେ ଅଭିଯୋଗ ଲଗାଇ କହିଛନ୍ତି କି ପୂର୍ବ ସିଜନରେ ତାଙ୍କୁ ଗମ୍ଭୀର ଭାବେ ଆଘାତ ଲାଗିଥିଲା । କିନ୍ତୁ ଛତିଶଗଡ଼ ଷ୍ଟେଟ୍ କ୍ରିକେଟ ସଂଘ ତାଙ୍କ ସାଥ୍ ଦେଇନଥିଲା । ଶଶାଙ୍କ ବଡ଼ ଖୁଲାସା କରି କହିଛନ୍ତି କି, ତାଙ୍କର ଟିମରେ ଚୟନ ପର୍ଯ୍ୟନ୍ତ କରାଯାଇନଥିଲା ଏବଂ ତାଙ୍କୁ କୌଣସି ସପୋର୍ଟ ମିଳିନଥିଲା । ସେ କହିଛନ୍ତି, ମୋ ନାମ ଛତିଶଗଡ଼ ପ୍ରିମିୟର ଲିଗର ପ୍ଲେୟର୍ସ ଲିଷ୍ଟରେ ରଖାଯାଇନଥିଲା ଏବଂ ନା ବେଙ୍ଗାଲୁରୁରେ ହେବାକୁ ଥିବା ଏକ ପ୍ରି-ସିଜନ କ୍ୟାମ୍ପ ଲାଗି ତାଙ୍କୁ ସ୍କ୍ୱାର୍ଡ଼ରେ ସାମିଲ କରାଯାଇଥିଲା । ମୁଁ ଯେତେବେଳେ ଏହାର କାରଣ ପଚାରିଲି ତ ମୋତେ କୌଣସି ଉତ୍ତର ମିଳିନଥିଲା । ଗତ ଘରୋଇ ସିଜନର କଥା କହିଲେ ଶଶାଙ୍କ ସିଂହ ବିଜୟ ହଜାରେ ଟ୍ରଫିରେ ୭ମ୍ୟାଚ୍ ଖେଳି ୪୫୦ରନ୍ କରିଥିଲେ ଏବଂ ୭ ୱିକେଟ ବି ନେଇଥିଲେ । ଏହା ବ୍ୟତୀତ ସେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ୭ମ୍ୟାଚ ଖେଳି ୧୮୮ରନ୍ କରିଥିଲେ ।

# ଅଲ୍ ଓଡ଼ିଶା ଜିମ୍ ଆସୋସିଏସନର କୋର୍ ବଡି ବୈଠକ

## ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି

**ପୁରୀ(ବ୍ୟୁରୋ):** ଅଲ୍ ଓଡ଼ିଶା ଜିମ୍ ଆସୋସିଏସନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ କୋର୍ ବଡି ବୈଠକ ସ୍ୱର୍ଗଦ୍ୱାର ସ୍ଥିତ ଅତିଥି ହୋଟେଲ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସନ୍ତୋଷ ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ଆଗାମୀ ଦିନରେ ଓଡ଼ିଶାରେ ଆୟୋଜିତ ହେବାକୁ ଥିବା ବିଭିନ୍ନ ରାଜ୍ୟସ୍ତରୀୟ ଓ ଜାତୀୟ ସ୍ତରର ଫିଟନେସ୍ ଏବଂ ବଡିବିଲ୍ଡିଂ ଇଭେଣ୍ଟଗୁଡ଼ିକର ରୂପରେଖ ଓ ପ୍ରସ୍ତୁତି ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଆସୋସିଏସନର ସାଧାରଣ ସମ୍ପାଦକ ଦ୍ୱିତୀକୃଷ୍ଣ ବେହେରା, ବରିଷ୍ଠ ଉପସଭାପତି ଅନିଲ ଗୋଚ୍ଛିକାର ଏବଂ କୋଷାଧକ୍ଷ ଭବାନୀ ଶଙ୍କର ସାହୁଙ୍କ ସମେତ ସମସ୍ତ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଇଭେଣ୍ଟର ଆୟୋଜନ ପାଇଁ ଓଡ଼ିଶାର ଯୁବପିଢ଼ିଙ୍କ ମଧ୍ୟରେ ଫିଟନେସ୍ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ନୂତନ



ପ୍ରତିଭାମାନଙ୍କୁ ଏକ ବଡ଼ ମଞ୍ଚ ପ୍ରଦାନ କରିବା ପାଇଁ ଆଗାମୀ ମାସଗୁଡ଼ିକରେ ବୃହତ୍ ଫିଟନେସ୍ ଚାମ୍ପିୟନସିପ୍ ଆୟୋଜନ କରାଯିବ। ଆଥଲେଟ୍‌ମାନଙ୍କୁ ସହଯୋଗ କରିବା ପାଇଁ ରାଜ୍ୟର ବଡିବିଲ୍ଡର ଓ ଫିଟନେସ୍ ଆଥଲେଟ୍‌ମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ତାଲିମ ଓ ସୁବିଧା ଯୋଗାଇଦେବା ପ୍ରସ୍ତାବ ଗୃହୀତ ହୋଇଛି। ଜିମ୍ ମାଲିକ ଓ ଟ୍ରେନରଙ୍କ କଲ୍ୟାଣ ପାଇଁ ରାଜ୍ୟର ସମସ୍ତ ଜିମ୍‌ର ପରିଚାଳନା, ସୁରକ୍ଷା ନିୟମାବଳୀ ଏବଂ ଟ୍ରେନରମାନଙ୍କ ବ୍ୟବସାୟିକ ଉନ୍ନତି ପାଇଁ ଆସୋସିଏସନ୍ ସଦାସର୍ବଦା କାର୍ଯ୍ୟ କରିବ। ଓଡ଼ିଶାରେ ଫିଟନେସ୍ କ୍ରେଜ୍ ଦିନକୁ ଦିନ ବୃଦ୍ଧି ପାଉଛି। ଆମର ଲକ୍ଷ୍ୟ ହେଉଛି ଓଡ଼ିଶାର ଯୁବପ୍ରତିଭାମାନଙ୍କୁ ଆଗକୁ ଆଣି ଜାତୀୟ ସ୍ତରରେ ରାଜ୍ୟ ପାଇଁ ସୁନାମ ଆଣିବା ପାଇଁ ସଭାପତି ଶ୍ରୀ ମହାନ୍ତି କହିଥିଲେ । ଆଗାମୀ ଇଭେଣ୍ଟଗୁଡ଼ିକୁ ଅତି ଆକର୍ଷଣୀୟ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ ଆମର ପୂରା ଟିମ୍ ପ୍ରସ୍ତୁତ। ଖୁବ୍‌ଶୀଘ୍ର ଇଭେଣ୍ଟର ତାରିଖ ଓ ସ୍ଥାନ ଘୋଷଣା କରାଯିବ ବୋଲି ସାଧାରଣ ସମ୍ପାଦକ ଦ୍ୱିତୀକୃଷ୍ଣ ବେହେରା ମତବ୍ୟକ୍ତ କରିଥିଲେ । ବରିଷ୍ଠ ଉପସଭାପତି ଅନିଲ ଗୋଚ୍ଛିକାର କହିଲେ ଖେଳାଳିମାନଙ୍କର ସଠିକ୍ ଗାଇଡାନ୍ସ ଓ ମାନସିକ ପ୍ରସ୍ତୁତି ଉପରେ ଆମେ ବିଶେଷ ଧ୍ୟାନ ଦେଉଛୁ। ଆଗାମୀ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ପାଇଁ ଆବଶ୍ୟକୀୟ ବଜେଟ୍ ଓ ଆର୍ଥିକ ଯୋଜନା ଚୂଡ଼ାନ୍ତ କରାଯାଇଛି ବୋଲି କୋଷାଧକ୍ଷ ଭବାନୀ ଶଙ୍କର ସାହୁ ମତବ୍ୟକ୍ତ କରିଥିଲେ। ବୈଠକରେ ଆସୋସିଏସନର ଅନ୍ୟାନ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ରହି ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)
ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

# ଜାତୀୟ ଓ ରାଜ୍ୟସ୍ତରରେ ଯୋଗାସନ ପ୍ରତିଯୋଗିତାରେ ଜିଲ୍ଲାର କୃତିତ୍ୱ



**ବାରିପଦା (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଲକାନଗିରି ଠାରେ ଅନୁଷ୍ଠିତ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୪ ବର୍ଷରୁ କମ ବାଳକ ବିଭାଗ ରିଦିମିକ ଯୋଗାସନ ପ୍ରତିଯୋଗିତାରେ ଉଦଳା ସ୍ଥିତ ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସାତାରୀ ଗୋଇପାଇ ଓ ହେମ୍ବ୍ରଦ୍ର ଟୁଡୁ ପ୍ରଥମ ସ୍ଥାନ ଅଧିକାରୀ କରି ଜାନୁୟାରୀ ମାସରେ ଅନୁଷ୍ଠିତ ଜାତୀୟ ବିଦ୍ୟାଳୟ ସମୂହ ଯୋଗାସନ ପ୍ରତିଯୋଗିତା ଅଂଶ ଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଥିଲେ। ସେହିପରି ଏପ୍ରିଲ ୮ ତାରିଖରେ ଅଲ ଓଡିଶା ଟ୍ରେଡିସନାଲ ଯୋଗାସନ ଚାମ୍ପିୟନସିପ, ୨୦୨୬ ପୁରୀ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ବିଦ୍ୟାଳୟରେ ୧୪ରୁ ୧୬ ବର୍ଷ ବାଳକ ବିଭାଗ ରେ ବିଶ୍ୱଜିତ ମହାନ୍ତି, ବିଷ୍ଣୁଶିବରାଜ ସୋରେନ, ବିଷ୍ଣୁପ୍ରସାଦ ସାସମଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ସେହିପରି ୧୪ରୁ ୧୬ ବର୍ଷ ବାଳିକା ବିଭାଗ ରେ ସସ୍ମିତା ଖଣ୍ଡେଇ, ପ୍ରୀତିପ୍ରଜ୍ଞା ମୁର୍ମୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ସେହିପରି ୧୨ରୁ ୧୪ ବର୍ଷ ବାଳକ ବିଭାଗରେ ସତାରୀ ଗୋଇପାଇ, ଅଜିତ କୁମାର ହେମ୍ବ୍ରମ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ହୋଇଛନ୍ତି। ସେହିପରି ୧୨ରୁ ୧୪ବର୍ଷ ବାଳିକା ବିଭାଗରେ ସବିତା ବାସ୍କେ ଦ୍ୱିତୀୟ ହୋଇ ମାନପତ୍ର ଓ ଟ୍ରଫି ଅତିଥିମାନଙ୍କ ଠାରୁ ଗ୍ରହଣ କରିଥିଲେ। ଆସନ୍ତା ନଭେମ୍ବର ମାସ ରେ ମଧ୍ୟପ୍ରଦେଶ ମହାକାଳେଶ୍ୱର ଠରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉକ୍ତ ଛାତ୍ରମାନେ ସୌଭାଗ୍ୟ ଲାଭ କରିଛନ୍ତି। ସେହିପରି ଚଳିତ ଜୁଲାଇ ମାସ ୧୮ ରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ଠାରେ ଅନୁଷ୍ଠିତ ୩୨ତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ଉଦଳା ସ୍ଥିତ ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବିଦ୍ୟାଳୟ ର ୧୪ରୁ ୧୬ ବର୍ଷ ବାଳକ ଯୋଗାସନ ପ୍ରତିଯୋଗିତା ରେ ବିଶ୍ୱଜିତ ମହାନ୍ତି ଦ୍ୱିତୀୟ ସ୍ଥାନ ଏବଂ ୧୨ ରୁ ୧୪ ବର୍ଷ ବାଳକ ଯୋଗାସନ ପ୍ରତିଯୋଗିତା ରେ ବିଷ୍ଣୁପ୍ରସାଦ ସାସମଲ ଦ୍ୱିତୀୟ ସ୍ଥାନ ଅଧିକାର କରି ଆସନ୍ତା ସେପ୍ଟେମ୍ବର ମାସ ୧ରୁ ୪ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ର ଜୟପୁର ଠାରେ ୫୧ ତମ ଜାତୀୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଉପରୋକ୍ତ ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗାସନରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭବିଷ୍ୟତରେ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଉଦଳାର ସଭାପତି ସୌମ୍ୟ ସୁମନ ଦାସ, ଉପସଭାପତି ପ୍ରଜ୍ଞା ପରିମିତା ମହାଳିକ, ଯୋଗ ପ୍ରଶିକ୍ଷକ ଜ୍ୟୋତିରଞ୍ଜନ ଦାସ, ଶିକ୍ଷୟିତ୍ରୀ କ୍ରିଷ୍ଣା ଦାସ,କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତ ଅଧୀନ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜନୈତିକ ନେତାଙ୍କ ବନ୍ୟାଞ୍ଚଳ ପରିଦର୍ଶନ

## ଶୁଖିଲା ଖାଦ୍ୟ ଓ ଗୋଖାଦ୍ୟ ବଣ୍ଟନ



**ଧୂଷୁରୀ (ଅମୃତ ମିଡିଆ) :** ଭଦ୍ରକ ଜିଲାର ଭଣ୍ଡାରୀପୋଖରୀ ଓ ଧାମନଗର ବ୍ଲକରେ ବନ୍ୟା ପରିସ୍ଥିତିରେ ସୁଧାର ଆସୁଥିବାବେଳେ ଚାନ୍ଦବାଲି ବ୍ଲକର ସୁନ୍ଦରପୁର, ଆରଡ଼ି, ନାନ୍ଦପୁର ଓ ଓଳଗ ପଞ୍ଚାୟତରେ ଏବେ ବି ବନ୍ୟା ସ୍ଥିତି ଗମ୍ଭୀର ରହିଛି। ସାଳନ୍ଦୀ ନଦୀରେ ଜଳସ୍ତର ଉଚ୍ଚ ରହିଥିବାରୁ ବନ୍ୟାଜଳ ନିଷ୍କାସନ ହୋଇପାରୁନାହିଁ। ଶନିବାର ବିଭିନ୍ନ ରାଜନୈତିକ ଦଳର ନେତାମାନେ ବନ୍ୟାପ୍ରଭାବିତ ଅଞ୍ଚଳ ଗସ୍ତ କରି ଫ୍ରି କିଚେନ୍ କେନ୍ଦ୍ର ପରିଦର୍ଶନ ସହ ପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଭାଜପା ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲଙ୍କ ନେତୃତ୍ୱରେ ଭଦ୍ରକ ଜିଲା ଭାଜପା ସଭାପତି ଭଗବାନ ପଣ୍ଡା, ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଭଦ୍ରକ ବିଧାୟକ ଶିତାଂଶୁ ଶେଖର ମହାପାତ୍ର, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଜୟ ନାୟକ, ସନ୍ଦୀପ କୁମାର ନାୟକ, ସୁବ୍ରତ କୁମାର ବିଶ୍ୱାଳ, କମଳାକାନ୍ତ ସୁତାର, ଅଶୋକ ରାଉଳ, ଜଗନ୍ନାଥ ରାଉତ ପ୍ରମୁଖ ବୋଡକ ଫ୍ରି କିଚେନ୍ କେନ୍ଦ୍ର ବୁଲି ଦେଖିଥିଲେ। ପରେ ନାନ୍ଦପୁର, କୋଇଲଖୀ, ଭୂଇଁପୁର, ପାରଡ଼ିଆ, ଚମ୍ପାସାହି ଓ କୁଳେଇପଦା ଆଦି ଗ୍ରାମରେ ଶୁଖିଲା ଖାଦ୍ୟ ବଣ୍ଟନ ସହ ପୀଡ଼ିତଙ୍କ ସମସ୍ୟା ବୁଝିଥିଲେ। ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟ ପହଞ୍ଚାଇବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସେହିପରି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ସହ ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ପୂର୍ବତନ ସରପଞ୍ଚ ସରୋଜ ଦାସ, ଅରବିନ୍ଦ ପାଢ଼ୀ, ଗୟାଧର ବିଶ୍ୱାଳ ଓ ଭଗବାନ ମାଝୀ ଆରଡ଼ି, ସୁନ୍ଦରପୁର ଓ ଓଳଗ ପଞ୍ଚାୟତର ବନ୍ୟାଞ୍ଚଳ ପରିଦର୍ଶନ କରି ପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

# ଟାଟାଷ୍ଟିଲର ୫ଦିନିଆ ଆଦିବାସୀ ସାଂସ୍କୃତିକ କର୍ମଶାଳା ଉଦ୍‌ଯାପିତ



**ଯାଜପୁର (ଅମୃତ ମିଡିଆ) :** ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଜାମସେଦପୁରର 'ଆଦିବାସୀ ରୋମୋଜ ଅଖଡ଼ା'ର ସହଯୋଗରେ, ନଡ଼ିଆଭଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାରଙ୍ଗପୁର ଗ୍ରାମରେ ଆୟୋଜିତ ପାଞ୍ଚଦିନିଆ 'ଆଦିବାସୀ ପାରମ୍ପରିକ ନୃତ୍ୟ ଓ ବାଦ୍ୟଯନ୍ତ୍ର ପ୍ରଶିକ୍ଷଣ କର୍ମଶାଳା' ସଫଳତାର ସହ ଉଦ୍‌?ଯାପିତ ହୋଇଯାଇଛି। ଜୁଲାଇ ୨୭ ରୁ ୩୧ ପର୍ଯ୍ୟନ୍ତ ଆୟୋଜିତ ଏହି ସାଂସ୍କୃତିକ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଜନଜାତି କଳା ସଂସ୍କୃତିର ପ୍ରଚାର, ପ୍ରସାର, ସଂରକ୍ଷଣ ଓ ଏହାର ପୁନରୁଦ୍ଧାର। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମର ଯୁବକ, ଯୁବତୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ମିଶାଇ ମୋଟ ୬୧ ଜଣ ପ୍ରତିଯୋଗୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ, ଏବଂ ନିଜର ମୂଳ ସଂସ୍କୃତି ସହ ଯୋଡ଼ିହେବାର ସୁଯୋଗ ପାଇଥିଲେ। ଏହି ପାଞ୍ଚ ଦିନ ଧରି ଅଂଶଗ୍ରହଣକାରୀମାନଙ୍କୁ ପାରମ୍ପରିକ ଆଦିବାସୀ ନୃତ୍ୟଶୈଳୀ ଏବଂ ବିଲୁପ୍ତପ୍ରାୟ ଦେଶୀୟ ବାଦ୍ୟଯନ୍ତ୍ର ବଜାଇବାର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନୂତନ ପିଢ଼ିକୁ ଏହି ପ୍ରାଚୀନ କଳା ଓ କୌଶଳ ସିଧାସଳଖ ହସ୍ତାନ୍ତର କରିବା ଦ୍ୱାରା, ଏହି କର୍ମଶାଳା ଯୁବପିଢ଼ିମାନଙ୍କ ମଧରେ ସାଂସ୍କୃତିକ ସ୍ୱାଭିମାନ ଜାଗ୍ରତ କରିବା ସହ ଆଗାମୀ ଭବିଷ୍ୟତ ପାଇଁ ସମୃଦ୍ଧ ଜନଜାତି ଐତିହ୍ୟକୁ ସୁରକ୍ଷିତ ରଖିବାରେ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି।

# ଜିଲ୍ଲା କଂଗ୍ରେସ ପକ୍ଷରୁ ବନ୍ୟା ପ୍ରପୀଡିତଙ୍କୁ ରିଲିଫ ପ୍ରଦାନ



**ରଘୁନାଥପୁର (ଅମୃତ ମିଡିଆ) :** ଗତ ତିନିଦିନ ତଳୁ ରଘୁନାଥପୁର ବ୍ଲକ ପୂରଣ ସ୍ଥିତ ଆଦିବାସୀ ସାହିର ଲୋକଙ୍କୁ ବ୍ଲକ ପ୍ରଶାସନ ପାଣି ଘେରରୁ ଉଦ୍ଧାର କରି ଆଶ୍ରୟ ସ୍ଥଳୀରେ ରଖିଛି ଏବଂ ସେମାନଙ୍କ ଭଲମନ୍ଦ ବୁଝିବା ପାଇଁ ବ୍ଲକ ପ୍ରଶାସନ ସେମାନଙ୍କୁ ୨୪ଘଣ୍ଟା ଜଗି ରହିଛି। ରବିବାର ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, କର୍ମକର୍ତ୍ତା ବ୍ରଜ ମଲ୍ଲିକ, ବସନ୍ତ ଦାଶ ଓ ଦଳୀୟ କର୍ମୀମାନେ ବନ୍ୟା ପ୍ରପୀଡିତଙ୍କ ପାଖରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି।ସଭାପତି ନାୟକ ତଳ ବାଙ୍କଳ ଓ ଉପର ବାଙ୍କଳରେ ରହୁଥିବା ପ୍ରତ୍ୟେକ ପରିବାର ସଦସ୍ୟଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ। ଏହାଛଡା ସେମାନଙ୍କୁ ଚୂଡ଼ା, ବିସ୍କୁଟ, ମେଡିସିନ, ପିଇବା ପାଣି ଓ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ଦଳୀୟ କର୍ମୀ ବସନ୍ତ ସ୍ୱାଇଁ, ତ୍ରିଲୋଚନ ରାଉତ, ଯୋଗେନ୍ଦ୍ର ସାହୁ, ଶ୍ୟାମା ସିଂ, ଶିବପ୍ରସାଦ ସାହୁ, ଦିଲୀପ ବାରିକ ପ୍ରମୁଖ ସାମିଲ ଥିଲେ।

# ସରକାରୀ ରାସ୍ତା ଜବରଦଖଲ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଏକ ସରକାରୀ ରାସ୍ତାକୁ ଜବରଦଖଲ କରାଯାଇ ସେହି ରାସ୍ତା ଉପରେ ଘର ଓ ପାଚେରୀ ନିର୍ମାଣ କରାଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ତହସିଲର ଛୋଟୀ ରାଜସ୍ୱ ସର୍କଲ ଅଧିନ ପଲ୍ଲୀରଘୁନାଥପୁର ଗ୍ରାମରେ ହାଲ ଖାତା - ୭୧୪, ହାଲପ୍ଲଟ ନମ୍ବର-୧୩୫୬ ଏରିଆ ଏ୦. ୨୮ଡିସିମିଲ ସରକାରୀ ଜମି ଏକ ସର୍ବସାଧାରଣ ରାସ୍ତା ରହିଛି। ଏହାକୁ ଗ୍ରାମବାସୀମାନେ କେଉଁ ଆବାହମାନ କାଳରୁ ରାସ୍ତା ଭାବରେ ବ୍ୟବହାର କରିଆସୁଛନ୍ତି। ସେହି ରାସ୍ତାକୁ ଜବରଦଖଲ କରାଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଡେରାବିଶ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତହସିଲଦାର ସେହି ରାସ୍ତାର ସୀମା ନିର୍ଦ୍ଧାରଣ କରିବା ନିମନ୍ତେ ନୋଟିସ ଜାରି କରିବା ପରେ ତହସିଲର ଅମୀନଙ୍କ ଦ୍ୱାରା ଗତ ଜୁଲାଇମାସ ୨୧ତାରିଖରେ ମାପ କରାଯାଇ ରାସ୍ତାର ସୀମା ନିର୍ଦ୍ଧାରଣ କରାଯାଇଥିଲା। ସେହି ସର୍ବସାଧାରଣ ରାସ୍ତା ଥିବା ପ୍ଲଟର କେତେକ ଅଂଶ ଗ୍ରାମର ମନୋରଞ୍ଜନ ଜେନାଙ୍କ ଦ୍ୱାରା ଜବରଦଖଲ ହୋଇ ରହିଥିବା ଯୋଗୁଁ ଗ୍ରାମବାସୀମାନେ ଦୈନିକ ଯାତାୟତରେ ଘୋର ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ତେଣୁ ସୀମା ନିର୍ଦ୍ଧାରଣ କରାଯାଇଥିବା ସେହି ରାସ୍ତାକୁ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଜବରଦଖଲ ମୁକ୍ତ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ମନୋରଞ୍ଜନ ବଳ, ସୁବାସ ଜେନା, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ଦାବି କରିଛନ୍ତି।

# ଭଣ୍ଡନ ଆଶ୍ରମ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର

**ବାରିପଦା (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା କୁସୁମୀବ୍ଲକ, ତଲକପୋଖରୀ ପଞ୍ଚାୟତସ୍ଥିତ ଭଣ୍ଡନ ଆଶ୍ରମ ବିଦ୍ୟାଳୟ ପରିସରରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଜତ କୁମାର ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ବିଶାଖା ହେମ୍ବ୍ରମ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସୁସ୍ଥ ଓ ନିରୋଗ ରହିବା ପାଇଁ ଯୋଗାଭ୍ୟାସ କରିବା ନିତ୍ୟାନ୍ତ ଆବଶ୍ୟକବୋଲି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ କୃଷକ ମୋର୍ଚ୍ଚା ଜିଲ୍ଲା ସହ-ସଂଯୋଜିକା କବିତା ରାଣୀ ଗିରି, ଶିକ୍ଷୟିତ୍ରୀ ପ୍ରମିଳା ଟୁଡୁ, ଶିକ୍ଷୟିତ୍ରୀ ମୁର୍ମୁ, ବାସନ୍ତୀ କିସ୍କୁ ପ୍ରମୁଖ ଯୋଗଦେଇ ଯୋଗଯୁକ୍ତ ଜୀବନ ନିତ୍ୟାନ୍ତ ଉପଯୋଗୀ ବୋଲି ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ଆନନ୍ଦମାର୍ଗ ସଂଗଠନର ଧର୍ମପ୍ରଚାରକ ତଥା ସମାଜସେବୀ ଶରତ ଚନ୍ଦ୍ର ମହାନ୍ତ ଯୋଗ ଦେଇ ଶାରୀରିକ, ମାନସିକ ଏବଂ ଆଧାତ୍ମିକ ସୁସ୍ଥତା ନିମନ୍ତେ ଯୋଗ ହିଁ ଏକମାତ୍ର ବିକଳ୍ପ ବୋଲି ମତବ୍ୟକ୍ତ କରିଥିଲେ। ଏହାବ୍ୟତୀତ ମାନବ ଶରୀରର ଅନ୍ତସ୍ରାବୀ ଗ୍ରନ୍ଥିରୁ କ୍ଷରିତ ହେଉଥିବା ହରମୋନକୁ କିପରି ଯୋଗାସନ ମାଧ୍ୟମରେ ଆୟତ୍ତ ଏବଂ ଅଧିକ ସକ୍ରିୟ କରାଯାଇ ପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଶ୍ରୀ ମହାନ୍ତ ଛାତ୍ରଛାତ୍ରୀଙ୍କୁ ଶଶାଙ୍ଗାସନ, ଦୀର୍ଘ ପ୍ରଣାମ, ଜାନୁ ଶିରାସନ, ବଜ୍ରାସନ, କୌଶିକୀନୃତ୍ୟ, ଗୋମୁଖାସନ ଆଦି ଉପାଦେୟ ଆସନ ଅଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମକୁ ଇନ୍ଦୁମତୀ ସୋରେନ୍, ରାଇମାତ୍ ବେଶ୍ରା, ଦୀପାଳି ମାର୍ଣ୍ଡି, ସାବିତ୍ରୀ ମୁର୍ମୁ, ସସ୍ମିତା ହେମ୍ବ୍ରମ, ମାନକ ଟୁଡୁ, ସୁମିତ୍ରା ଚାତାର, ସୁକାନ୍ତି ଚାତାର, ଚମ୍ପା ସୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଧାନଶିକ୍ଷକଙ୍କ ସେବାନିବୃତ ସମ୍ବର୍ଦ୍ଧନା ସଭା



**ବେତନଟୀ (ଅମୃତ ମିଡିଆ) :** ବେତନଟୀ ବ୍ଲକ ଅଧିନ ସନ୍ତରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପବନ୍ଧୁ ଶିକ୍ଷାନିକେତନ, ମଛପଦାର ପୂର୍ବତନ ପ୍ରଧାନ ଶିକ୍ଷକ ହରିହର ପ୍ରଧାନଙ୍କ ପାଇଁ ଏକ ସେବା ନିବୃତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚତୁର୍ଭୁଜ ପୃଷ୍ଟିଙ୍କ ସଭାପତିତ୍ୱରେ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ସଭାପତି ତଥା ଶିକ୍ଷାବିତ ବଳରାମ ସାହୁ, ମୁଖ୍ୟବକ୍ତା ଭାବରେ ଗୌରହରି ଦତ୍ତ,ସମ୍ମାନନୀୟ ଅତିଥି ଭାବରେ ଓଷ୍ଟାର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସମ୍ପାଦକ ଶିଶିର କୁମାର ନାୟକ, ସନ୍ତରା ସରପଞ୍ଚ ଲକ୍ଷ୍ମୀପ୍ରିୟା ହାଁସଦା, ସମିତି ସଭ୍ୟା ସୁମତି ପୃଷ୍ଟି, ସନ୍ତରା ହାଇସ୍କୁଲ୍‌ର ପୂର୍ବତନ ପ୍ରଧାନ ଶିକ୍ଷକ ଅଚ୍ୟୁତ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ରତିକାନ୍ତ ମହାନ୍ତ, ଗଡଦେଉଳିଆ ହାଇସ୍କୁଲ ର ପୂର୍ବତନ ଶିକ୍ଷକ ଉମାକାନ୍ତ ବେହେରା, ପୂର୍ବତନ ସିଆରସିସି ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟ। ନନ୍ଦ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀଯୁକ୍ତ ପ୍ରଧାନ ଉକ୍ତ ବିଦ୍ୟାଳୟରେ ୧୯୯୨ରୁ କାର୍ଯ୍ୟ ଆରମ୍ଭ କରି ଅହି ବର୍ଷ ମେ ମାସରେ ଅବସର ଗ୍ରହଣ କରୁଛନ୍ତି।ଅନ୍ୟ ମାନଙ୍କ ମଧରେ ଓଷ୍ଟାର ସହ ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ, ବିଦ୍ୟାଳୟର ଶିକ୍ଷକ କାର୍ତ୍ତିକ କୁମାର ଧଳ, ଅରୁଣ କୁମାର ସାହୁ, ଅମୀୟ କୁମାର ପରିଡ଼ା ପରିଡ଼ା, ଅନନ୍ତ ମହାପାତ୍ର ଓ କର୍ମଚାରୀ ମନୋଜ ପ୍ରଧାନ, ରବୀନ୍ଦ୍ର ବସନ୍ତିଆ, ପ୍ରଫୁଲ୍ଲ ରାଉଳ ଏଥିରେ ସହଯୋଗ କରିଥିଲେ। ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଗ୍ରାମବାସୀ, ପୂର୍ବତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସର୍ବଶେଷରେ ଶିକ୍ଷକ ଜଗନ୍ନାଥ ବିନ୍ଧାଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସମବାୟ ବ୍ୟାଙ୍କ କୋଷାଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବେତନଟୀ (ଅମୃତ ମିଡିଆ) :** ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ବେତନଟୀ ଶାଖାର କୋଷାଧ୍ୟକ୍ଷ ଅଭିରାମ ପାଣି ଦୀର୍ଘ ଓ ନିଷ୍ଠାପୂର୍ଣ୍ଣ କର୍ମଜୀବନ ସମାପ୍ତ କରି ୩୧ ଜୁଲାଇ ୨୦୨୬ ତାରିଖରେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବେତନଟୀ ଶାଖା ପକ୍ଷରୁ ତାଙ୍କୁ ଏକ ଆନ୍ତରିକ ଓ ସମ୍ମାନଜନକ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶାଖା ପରିଚାଳକ ସ୍ୱସ୍ତିକ ଜେନା, ସହକାରୀ ଶାଖା ପରିଚାଳକ ସାଗରିକା ପଣ୍ଡା, ବେତନଟୀ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶିକା ମାନସୀ ବେହେରା, ବ୍ୟାଙ୍କ ଆସିଷ୍ଟାଣ୍ଟ ରଜତ ରାଉତ, ବ୍ୟାଙ୍କର ଜମା ସଂଗ୍ରହକାରୀ ଏଜେଣ୍ଟ ଯାମିନୀକାନ୍ତ ନାୟକ, ସଞ୍ଜୀବ କୁମାର ବେହେରା, ସତ୍ୟବ୍ରତ ବେହେରା, ସୁମନ୍ତ କୁମାର ବେହେରା, ପ୍ରଭାକର ପୁହାଣ ଏବଂ ଅଫିସ୍ ଆଟେଣ୍ଡାଣ୍ଟ ସତ୍ୟଜିତ ରାଉତ ଉପସ୍ଥିତ ରହି ଶ୍ରୀ ପାଣିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ୍ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବକ୍ତାମାନେ ଶ୍ରୀ ପାଣିଙ୍କ ସଚ୍ଚୋଟତା, କର୍ମନିଷ୍ଠା, ଦାୟିତ୍ୱବୋଧ ଏବଂ ଗ୍ରାହକସେବା ପ୍ରତି ତାଙ୍କର ଆନ୍ତରିକତାର ଭୂୟସୀ ପ୍ରଶଂସା କରିଥିଲେ। ସେମାନେ କହିଥିଲେ ଯେ, ଶ୍ରୀ ପାଣିଙ୍କ ଦୀର୍ଘଦିନର ନିଷ୍ଠାପୂର୍ଣ୍ଣ ସେବା ବ୍ୟାଙ୍କର ଗର୍ବ ଏବଂ ନୂତନ ପିଢ଼ିର କର୍ମଚାରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ନିଜର ପ୍ରତିକ୍ରିୟାରେ ଶ୍ରୀ ଅଭିରାମ ପାଣି ଦୀର୍ଘ କର୍ମମୟ ଜୀବନରେ ସହଯୋଗ କରିଥିବା ବ୍ୟାଙ୍କ କର୍ତ୍ତୃପକ୍ଷ, ସହକର୍ମୀ ଏବଂ ଗ୍ରାହକମାନଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ଶେଷରେ ଉପସ୍ଥିତ ସମସ୍ତେ ତାଙ୍କର ସୁସ୍ଥ, ସୁଖମୟ ଓ ଶାନ୍ତିପୂର୍ଣ୍ଣ ଅବସର ଜୀବନ କାମନା କରିଥିଲେ।

# ପ୍ରଶାସନର ତ୍ୱରିତ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଜିଲ୍ଲାର ୯ଟି ବ୍ଲକ୍- ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡା, ମାର୍ଶାଘାଇ, ମହାକାଳପଡା ଓ ଡେରାବିଶର ୮୫ଟି ଗ୍ରାମ ପଞ୍ଚାୟତର ୧୭୦ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ ବନ୍ୟା ପ୍ରଭାବରେ ରହିଛି।ଜିଲ୍ଲାରେ ମୋଟ ୮୮,୭୯୩ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧,୧୬୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାରେ ୭ଟି ଆଶ୍ରୟ କେନ୍ଦ୍ର ଓ ରିଲିଫ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ସମୁଦାୟ ୧,୨୪୯ ଜଣ ଉପକୃତ ହୋଇଥିବା ବେଳେ ଆଜି ୧,୧୬୪ ଜଣ ଏହି କେନ୍ଦ୍ରଗୁଡ଼ିକରେ ରହି ସମସ୍ତ ଆବଶ୍ୟକ ସୁବିଧା ପାଉଛନ୍ତି। ରିଲିଫ ବଣ୍ଟନ କାର୍ଯ୍ୟ ମଧ ଜୋରଦାର ଚାଲିଛି। ଆଜି ସୁଦ୍ଧା ୨୪୨.୩୯ କ୍ୟୁଣ୍ଟାଲ ଚାଉଳ, ୨୩.୭୮ କ୍ୱିଣ୍ଟାଲ ଚୁଡ଼ା, ୧୧ କ୍ୱିଣ୍ଟାଲ ଗୁଡ଼, ୧୨୬ କାର୍ଟୁନ ବିସ୍କୁଟ, ୬.୫ କାର୍ଟୁନ ମହମବତୀ, ୬ କାର୍ଟୁନ ଦିଆସିଲି ଏବଂ ୩୫,୦୦୦ ବୋତଲ ପାନୀୟ ଜଳ ବଣ୍ଟନ କରାଯାଇଛି। କେବଳ ଆଜି ୧୬୧.୬୪ କ୍ୱିଣ୍ଟାଲ ଚାଉଳ, ୧୫.୭୫ କ୍ୱିଣ୍ଟାଲ ଚୁଡ଼ା, ୮୪ କାର୍ଟୁନ ବିସ୍କୁଟ, ୧.୫ କାର୍ଟୁନ ମହମବତୀ, ୧ କାର୍ଟୁନ ଦିଆସିଲି ଓ ୮,୮୦୦ ବୋତଲ ପାନୀୟ ଜଳ ବଣ୍ଟନ କରାଯାଇଛି।ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୬ଟି ମେଡିକାଲ ଟିମ୍ ଏବଂ ୯ଟି ପ୍ରାଣୀ ଚିକିତ୍ସା ଦଳ ନିୟୋଜିତ ହୋଇ ଲୋକଙ୍କ ସ୍ୱାସ୍ଥ୍ୟ ସେବା ଓ ପଶୁଙ୍କ ସୁରକ୍ଷା ନିଶ୍ଚିତ କରୁଛନ୍ତି। ପ୍ରାୟ ୪୭,୬୩୧ଟି ପଶୁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ କୌଣସି ପଶୁଙ୍କ ଜୀବନହାନି ଘଟିନାହିଁ।ଜିଲ୍ଲାରେ କୌଣସି ଜୀବନହାନି ଘଟିନାହିଁ। ପ୍ରାୟ ୭୪ଟି ଗୁହାଳ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଫସଲ କ୍ଷୟକ୍ଷତିର ଆକଳନ ବନ୍ୟାଜଳ ହ୍ରାସ ପରେ କରାଯିବ। ବର୍ତ୍ତମାନ ୧୧୫ଟି ରାସ୍ତା ବନ୍ୟାଜଳରେ ବୁଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ ଯୋଗାଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିରେ କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ।ଉଦ୍ଧାର କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ୩ଟି ପାୱାର ବୋଟ୍, ୮୧ଟି ଦେଶୀ ଡଙ୍ଗା ଓ ୧୫ଟି ଯାନ୍ତ୍ରିକ ଡଙ୍ଗା ନିୟୋଜିତ ରହିଛି। ଜିଲ୍ଲା ପ୍ରଶାସନ ସମସ୍ତ ପରିସ୍ଥିତି ଉପରେ ସତର୍କ ନଜର ରଖିଥିବାବେଳେ ପ୍ରଭାବିତ ଲୋକଙ୍କୁ ଆବଶ୍ୟକୀୟ ସମସ୍ତ ସହାୟତା ଯୋଗାଇ ଦେବାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଛି।

# ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଭିତରକନିକା



**ରାଜନଗର (ଅମୃତ ମିଡିଆ) :** ପର୍ଯ୍ୟଟକ ମାନଙ୍କ ପାଇଁ ଖୋଲିଲା ଭିତରକନିକା। ପ୍ରଥମ ଦିନରେ ଆସିଥିବା ପର୍ଯ୍ୟଟକମାନଙ୍କୁ ଗୁପ୍ତି ଓ ଭିତରକନିକାର ପ୍ରବେଶ ଦ୍ୱାର ମୁଖ୍ୟ ଗେଟ ନିକଟରେ ଫୁଲ, ମିଠା ଦେଇ ସ୍ୱାଗତ କରିଥିଲେ। କୁମ୍ଭୀର ପ୍ରଜନନ ଋତୁ ପାଇଁ ଗତ ମେ ପହିଲାରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଭିତରକନିକା ପର୍ଯ୍ୟଟକ ମାନଙ୍କ ପାଇଁ ବନ୍ଦ ଥିଲା। ତିନି ମାସର ଅବଧି ପରେ ଆଜି ସ୍ୱର୍ଗୀୟ ଅପରୂପା ଭିତରକନିକା ଜାତୀୟ ଉଦ୍ୟାନ ନିଜକୁ ସଜେଇ ହୋଇ ପୁଣି ଥରେ ତାର ପର୍ଯ୍ୟଟକମାନଙ୍କୁ ସ୍ୱାଗତ ଜଣାଇଛି। ଭିତରକନିକାକୁ ୩ଟି ବାଟ ଦେଇ ପର୍ଯ୍ୟଟକ ମାନେ ଯାଇଥାନ୍ତି। ଭିତରକନିକା ସ୍ଥଳପଥରେ ମୁଖ୍ୟ ଗେଟ ବ୍ୟତୀତ ଖୋଳା ରୁ ବୋଟ ଯୋଗେ ଓ ଗୁପ୍ତିରୁ ବୋଟ ଯୋଗେ ଭିତରକନିକା ଯାଇଥାନ୍ତି। ଗୁପ୍ତି ପ୍ରବେଶ ପଥରେ ଭିତରକନିକାକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ବନ ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା,ଫରେଷ୍ଟର ବିଜୟ କୁମାର ପାତ୍ର ଓ ରଞ୍ଜନ କୁମାର ପାଣି, ଫରେଷ୍ଟ ଗାର୍ଡ ବିଭୁତି ତରାଇ ଓ କର୍ମଚାରୀମାନେ ପର୍ଯ୍ୟଟକଙ୍କୁ ଫୁଲ ଦେଇ ସ୍ୱାଗତ କରିଥିଲେ। ବଉଳା କୁମ୍ଭୀର ମାନଙ୍କ ପ୍ରଜନନ ଋତୁ ଭାବେ ମଇ, ଜୁନ, ଜୁଲାଇ ମାସରେ ଭିତରକନିକା ଜାତୀୟ ଉଦ୍ୟାନକୁ ପର୍ଯ୍ୟଟକ ମାନଙ୍କ ପାଇଁ ବନ୍ଦ କରାଯାଇଥିଲା। ଯାହାକି ଆଗଷ୍ଟ ମାସ ୧ ତାରିଖ ଆଜିର ଦିନରେ ଡାଙ୍ଗମାଳ ଓ ଖୋଳା ଠାରେ ବନ ବିଭାଗର କର୍ମଚାରୀମାନେ ପୁଷ୍ପଗୁଚ୍ଛ, ରସଗୋଲା ଇତ୍ୟାଦି ସହ ପର୍ଯ୍ୟଟକ ମାନଙ୍କୁ ସ୍ୱାଗତ କରିଛନ୍ତି। ଭିତରକନିକା ମୁଖ୍ୟ ପ୍ରବେଶ ପଥରେ କନିକା ବନାଞ୍ଚଳ ଅଧିକାରୀ କପିଳେନ୍ଦ୍ର ପ୍ରଧାନ, ବନପାଳ ପ୍ରଶାନ୍ତ କୁମାର ସିଂ, ବନପାଳ ନବୀନ କୁମାର ମଲ୍ଲିକ, ବନପାଳ ସଞ୍ଜୀବ କୁମାର ଦାସ, ବନରକ୍ଷୀ କଳ୍ପତରୁ ସେଠୀ, ବନରକ୍ଷୀ ପ୍ରଦୋଷ ମହାପାତ୍ର, ବନରକ୍ଷୀ ରଶ୍ମୀ ରଞ୍ଜନ ବେହେରା, ବନରକ୍ଷୀ ସୁଶ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ, ବନରକ୍ଷୀ ସୁଶ୍ରୀ ବନ୍ଦିତା ବିଶ୍ୱାଳ, ବନରକ୍ଷୀ ସୁଶ୍ରୀ ଗାୟତ୍ରୀ ତିର୍କୀ, ହେମନ୍ତ ପାଣିଗ୍ରାହୀ, ନିରାକାର ବେହେରା, ପ୍ରମୁଖ ଯୋଗଦାନ କରି ଭବ୍ୟ ସ୍ୱାଗତ କରିଥିଲେ। ପର୍ଯ୍ୟଟକ ମାନେ ବୋଟରେ ବୁଲି କୁମ୍ଭୀର, ବିଭିନ୍ନ ପ୍ରଜାତିର ପକ୍ଷୀ, ହରିଣ, ବାର୍ହା ପ୍ରଭୃତି ଦେଖିବା ସହ ସ୍କାଏ ଓ୍ୱାକରେ ଚାଲିବା, ବୋଟ ଲାଇବ୍ରେରୀ, ସେଲଫି ପଏଣ୍ଟରେ ଫଟୋ ଉଠାଇବାର ମଜା ନେଇ ପାରିବେ। ମେଟା ନର୍ସରୀରେ ଭିତରକନିକାର ଲୁଣାଜଙ୍ଗଲରେ ଦେଖାଯାଉଥିବା ବିଭିନ୍ନ ପ୍ରଜାତିର ଗଛର ଚାରା ଦେଖିପାରିବେ। ସଂଗ୍ରହାଳୟରେ କୁମ୍ଭୀର ବାର୍ହା, ଡଲଫିନର କଙ୍କାଳ ଦେଖିବା ସହ ବିଭିନ୍ନ ପ୍ରଜାତିର ସରୀସୃପଙ୍କ ମୃତ ଶରୀର ଓ ଫଟୋ ଦେଖି ମଜା ନେଇ ପାରିବେ। ପଲିଥିନରେ କୌଣସି ଖାଦ୍ୟ ନ ଆଣିବାକୁ ଓ ପ୍ଲାଷ୍ଟିକ ବୋତଲ ନ ଆଣିବାକୁ ବନବିଭାଗ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ଅନୁରୋଧ କରାଯାଇଛି।



# ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ବାରିପଦା (ଅମୃତ ମିଡିଆ) :** ବାରିପଦା ରୋଟାରୀ କ୍ଲବ, ବାରିପଦା ଇନର ହ୍ୱିଲ କ୍ଲବ ଓ ବାରିପଦା ମୟୁର ରୋଟ୍ରାକ୍ଟ କ୍ଲବର ମିଳିତ ସହଯୋଗରେ ଦ୍ୱିତୀୟ ପର୍ଯ୍ୟାୟ ବନ ମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିନୋଟି ଯାକ କ୍ଲବର ସଦସ୍ୟ ସଦସ୍ୟା ଗଣ ଏକତ୍ର ଡିଭାଇନ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି, ସରକାରୀ ପଲିଟେକନିକ ସ୍କୁଲ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରେ ପ୍ରାୟ ନବେ ଗୋଟି ଫଳ ଓ ଫୁଲ ଚାରା ରୋପଣ କରିଛନ୍ତି। ପ୍ରାରମ୍ଭରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ମନୁଷ୍ୟ ଜୀବନରେ ସବୁଜିମା ବଳୟର ଗୁରୁତ୍ୱ ଓ ଆବଶ୍ୟକତା ଶୀର୍ଷକରେ ଏକ ସଚେତନତା ସଭା ବିଦ୍ୟାଳୟରେ ପ୍ରଧାନ ଆଚାର୍ଯ୍ୟ ଡ. ଅମିତ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଉଦ୍ଘାଟନ କରି ଥିଲାବେଳେ, ସଭାକାର୍ଯ୍ୟ ପରିଚାଳନାକରି ଅଧ୍ୟାପିକା ସୁନନ୍ଦା ମୁଡ଼ି ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ପରେ କ୍ଲବର ପରିବେଶ ଓ ସବୁଜିମା ସୃଷ୍ଟି ପରିଷଦର ଅଧ୍ୟକ୍ଷ ରୋଟାରିଆନ ତଥା ପ୍ରାକ୍ତନ ସଭାପତି ରୋଟାରୀଆନ ଡ.ଶଶାଙ୍କ ଶେଖର ପାଣିଗ୍ରାହୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ରୋଟାରୀ କ୍ଲବର ସଭାପତି ରୋଟାରିଆନ ତିମିର କୁମାର ଘୋଷ, ସମ୍ପାଦକ ରୋଟାରିଆନ ସନ୍ଦୀପ କୁମାର ଚାନ୍ଦ, ଇନର ହ୍ୱିଲ୍ସ କ୍ଲବର ସଭାପତି ସୁପ୍ରିତୀ ଦଳ ବେହେରା, ସମ୍ପାଦିକା ସଂଯୁକ୍ତା ଚାନ୍ଦ, ମୟୁର ରୋଟ୍ରାକ୍ଟ କ୍ଲବର ସଭାପତି ସୂରଜ ମିଶ୍ର ଓ ଆବାହକ ପ୍ରତୀକ କୁମାର ରାଜଙ୍କୁ ବିଦ୍ୟାଳୟ ତରଫରୁ ଉପହାର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟାପକ ସାଇପ୍ରସାଦ ରାଉତ ଉଦବୋଧନ ଦେଇଥିଲେ। ଅଧ୍ୟାପକ ପ୍ରେମ ପ୍ରକାଶ ପାଠକ ଧନ୍ୟବାଦ ଅର୍ପଣ କରିଥିବା ବେଳେ କ୍ଲବ ସଦସ୍ୟ-ସଦସ୍ୟାମାନଙ୍କ ଦ୍ୱାରା ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ସହାୟତାରେ ପ୍ରାୟ ଦୁଇ ଘଣ୍ଟା ଧରି ଚାରାରୋପଣ କରାଯାଇଥିଲା।

# ଜମରା ପଞ୍ଚାୟତ ଗ୍ରସ୍ତ କରି ସମୀକ୍ଷା କଲେ ବିଧାୟକ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଜମରା ପଞ୍ଚାୟତକୁ ମାହାଙ୍ଗା ଯୁବ ବିଧାୟକ ଶାରଦାପ୍ରସାଦ ପ୍ରଧାନ ଗ୍ରସ୍ତ କରି ଆଙ୍କାପୁର ଗ୍ରାମରେ ପହଞ୍ଚି ଲଗାଣ ବର୍ଷା ଯୋଗୁଁ ଘରକାନ୍ଥ ପଡ଼ି କ୍ଷତିଗ୍ରସ୍ତ ହୋଇଥିବା ଉମାକାନ୍ତ ବେହେରାଙ୍କ ପରିବାର ଲୋକଙ୍କୁ ଭେଟି ସରକାରୀ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ସହ ଜମରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ଆବାସ ଗୃହ ଯୋଜନାର ତଦନ୍ତ କରି ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ଜମରା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ସହ ବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ପାଠପଢ଼ା ସମ୍ପର୍କରେ ଶିକ୍ଷକ ମାନଙ୍କ ସହ ଆଲୋଚନା କରିଥିଲେ । ବିଧାୟକଙ୍କ ସହିତ ପ୍ରାକ୍ତନ ସରପଞ୍ଚ ସୁରେନ୍ଦ୍ରନାଥ ଜେନା, ରବୀନ୍ଦ୍ରନାଥ ତ୍ରିପାଠୀ, ରମେଶଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ, ମିହିର କୁମାର ମିଶ୍ର, ବିନୋଦ କୁମାର ସାମଲ, ସୌମ୍ୟକାନ୍ତ ବିଶ୍ୱାଳ, କୈଳାଶ ବଳ, ହେଗେଡ଼ ସେଠୀ, ଅଶୋକ ସାହୁ, ନଟବର ଦାସ, ମନୋରଞ୍ଜନ ବଳ, ଦେବଦତ୍ତ କର, ହରମୋହନ ପଣ୍ଡାଙ୍କ ସମେତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ମୟୂରଭଞ୍ଜ ସାମ୍ବାଦିକ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

## ସାମ୍ବାଦିକ ପରିଚୟର ଅପବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଦାବି



**ବାରିପଦା (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ସଦସ୍ୟ ମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟି ନିଜର ସମସ୍ୟା ଜଣାଇବା ସହିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାରେ କିଛି ବ୍ୟକ୍ତି ସାମ୍ବାଦିକ କିମ୍ବା ଓ୍ୱେବ ଚ୍ୟାନେଲର ପ୍ରତିନିଧି, ସମ୍ପାଦକ ତଥା ମାଲିକର ପରିଚୟ ଦେଇ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଅବାଧରେ ପ୍ରବେଶ କରୁଥିବା ଏବଂ ସାମ୍ବାଦିକତା ନାମରେ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଦେଖାଯାଉଛି। ଅଭିଯୋଗ ଅନୁଯାୟୀ, କେତେକ ବ୍ୟକ୍ତି ନାମକୁମାତ୍ର ଖବରକାଗଜ ସହ ଜଡ଼ିତ ଥିଲେ ମଧ୍ୟ ସେମାନଙ୍କ ଖବର ପ୍ରକାଶ ପାଉନଥିବା ବା ସମ୍ବାଦପତ୍ର ପ୍ରକାଶନ ହୋଇ ଆସୁନଥିବା ସତ୍ତ୍ୱେ ସାମ୍ବାଦିକ ପରିଚୟକୁ ବ୍ୟବହାର କରି ବିଭିନ୍ନ ଅଧିକାରୀ ଓ ଜନପ୍ରତିନିଧିଙ୍କ ସହ ନିକଟତା ସୃଷ୍ଟି କରିବାର ପ୍ରୟାସ କରୁଛନ୍ତି। ଏପରିକି ନିଜସ୍ୱ ବୁମ ଓ ମାଇକ ବ୍ୟବହାର କରି ଓ୍ୱେବ ରିପୋର୍ଟର ପରିଚୟ ଦେଇ ବିଭିନ୍ନ କାର୍ଯ୍ୟାଳୟ ବୁଲି ବିଜ୍ଞାପନ ଆଳରେ ଅର୍ଥ ଦାବି କରିବା ଏବଂ ଅର୍ଥ ନମିଳିଲେ ସୋସିଆଲ ମିଡିଆରେ ମିଥ୍ୟା କିମ୍ବା ଅପମାନଜନକ ପ୍ରଚାର କରିବାର ଧମକ ଦେଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ସେହିପରି, ରାସ୍ତାଘାଟରେ ଯାନବାହନ ତଥା ପରିବହନ ଯାଞ୍ଚକରିବା, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପ୍ରବେଶ କରି ତ୍ରୁଟି ଖୋଜିବା ନାଁରେ ଅନୈତିକ ଭାବେ ଅର୍ଥ ଆଦାୟ କରିବାର ଉଦ୍ୟମ କରାଯାଉଥିବା ନେଇ ମଧ୍ୟ ବିଭିନ୍ନ ଅଭିଯୋଗ ସାମ୍ନାକୁ ଆସୁଛି। ଏହାବ୍ୟତୀତ, କିଛି ଅପରାଧିକ ପୃଷ୍ଠଭୂମି ଥିବା କିମ୍ବା ବିଭିନ୍ନ ଥାନାରେ ମାମଲା ରହିଥିବା ବ୍ୟକ୍ତିମାନେ ମଧ୍ୟ ସାମ୍ବାଦିକ, ଓ୍ୱେବ ଚ୍ୟାନେଲ ରିପୋର୍ଟର କିମ୍ବା କ୍ୟାମେରାମ୍ୟାନ ପରିଚୟ ଦେଇ ସରକାରୀ ଓ ବେସରକାରୀ ପ୍ରେସ ମିଟରେ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସାମ୍ବାଦିକ ନଥାଇ ନିଜ ଦୁଇ ବା ଚାରି ଚକିଆ ଯାନରେ ପ୍ରେସ ଲେଖି କିଛି ବ୍ୟକ୍ତି ବେଆଇନ କାର୍ଯ୍ୟର ଫାଇଦା ହାସଲ କରୁଛନ୍ତି। ଏପରି କାର୍ଯ୍ୟକଳାପ ଫଳରେ ଜିଲ୍ଲାର ପ୍ରକୃତ ଓ ମୁଖ୍ୟଧାରାର ସାମ୍ବାଦିକମାନଙ୍କର ସମ୍ମାନ କ୍ଷୁର୍ଣ୍ଣ ହେଉଥିବା ସହ ସାମ୍ବାଦିକତା ପେଶାର ବିଶ୍ୱସନୀୟତା ମଧ୍ୟ ପ୍ରଭାବିତ ହେଉଛି। ଏଣୁ ଉପରୋକ୍ତ ବିଷୟରେ ଏକ ନିରପେକ୍ଷ ତଦନ୍ତ ସହ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ମାଧ୍ୟମରେ ପ୍ରକୃତ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପରିଚୟ ଯାଞ୍ଚ କରାଯାଇ ଆବଶ୍ୟକ ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ଗ୍ରହଣ ପାଇଁ ଉପସ୍ଥିତ ସଦସ୍ୟ ଅନୁରୋଧ କରିଛନ୍ତି। ଏବାବଦରେ ଜିଲ୍ଲାପାଳ ବିଭାଗୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଆଇନଜୀବୀଙ୍କ ବିୟୋଗରେ ଶୋକସଭା



**ଜୟପୁର (ଅମୃତ ମିଡିଆ) :** ବରିଷ୍ଠ ଓକିଲ ସୁଧିର ଷଡ଼ଙ୍ଗିଙ୍କ ବିୟୋଗରେ ଜିଲ୍ଲା ଓକିଲ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗତକାଲି ଭୋର ସମୟରେ ତାଙ୍କ ଦେହାନ୍ତ ହୋଇଥିବା ବେଳେ ଅପରାହ୍ନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଆଜି ଜୟପୁରସ୍ଥ ଜିଲ୍ଲା କୋର୍ଟ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସମସ୍ତ ସଦସ୍ୟ ପୁଷ୍ପ ଅର୍ପଣ କରି ନୀରବ ପ୍ରାର୍ଥନା ସହ ଶୋକବ୍ୟକ୍ତ କରିଥିଲେ। ସେ ସଂଘର ବରିଷ୍ଠ ସଦସ୍ୟ ରହିଥିବା ବେଳେ ଲଗାତର ତିନି ଥର ସଭାପତି ରହିଥିବା କୁହାଯାଇଥିଲା। ବିଶେଷକରି ତାଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ନିକଟରେ ପ୍ରଭାବ ପକାଯାଇ ଜୟପୁର ଠାରେ ଭିଜିଲାନ୍ସ ଏସ୍ପିଙ୍କ କାର୍ଯ୍ୟାଳୟ ସାଙ୍ଗକୁ ଭିଜିଲାନ୍ସ କୋର୍ଟ ମଧ୍ୟ ଆରମ୍ଭ ହୋଇଥିବା ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ସେ କେବଳ ଯେ, ଓକିଲାତି କରୁଥିଲେ ତାହା ନୁହଁ ବିଭିନ୍ନ ଦଳରେ ମଧ୍ୟ ରହି ରାଜନୈତିକ ପ୍ରତିଷ୍ଠା ଲାଭ କରିଥିଲେ। ବିଶେଷ କରି କଂଗ୍ରେସ ଦଳରେ ସେ ଦୀର୍ଘ ବର୍ଷ ପିସିସି ସଭ୍ୟ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଜିଲ୍ଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ମଧ୍ୟ ରହିଥିଲେ। ବିଜେଡ଼ି ଦଳରେ କମ୍ ଦିନ ରହି ମାଲକାନଗିରି ଜିଲ୍ଲାର ସହ ପର୍ଯ୍ୟବେକ୍ଷକ ହୋଇପାରିଥିଲେ। ଏଭଳି ବ୍ୟକ୍ତିତ୍ୱଙ୍କୁ ହରାଇ ଜିଲ୍ଲା ଓକିଲ ସଂଘ ମର୍ମାହତ ବୋଲି ବହୁ ବକ୍ତା ନିଜ ଶୋକବାର୍ତ୍ତାରେ ପ୍ରକାଶ କରିଥିଲେ। ଏହି ଶୋକସଭାରେ ସଭାପତି ବିଜି ରାୟ ଜେନାଦେଓ, ସଂପାଦକ ସହଦେବ ପଟ୍ଟନାୟକ, ରାଜ୍ୟ ପରିଷଦ ସଦସ୍ୟ ପି.ରମେଶ ପାତ୍ର, ବରିଷ୍ଠ ସଦସ୍ୟ ମଦନ ମୋହନ ନାୟକ, ପ୍ରମୋଦ ଦାସ, ସତ୍ୟଦାନ ମହାନନ୍ଦିଆ, ବିରେଶ ପଟ୍ଟନାୟକ, ତେଜେଶ୍ୱର ପଣ୍ଡା, ରାଜେନ୍ଦ୍ର କୁମାର ଗୌଡ଼, କୋଷାଧ୍ୟକ୍ଷ ବେଦ ରାମାନୁଜ ପ୍ରସାଦ, ଗିରିଧର ଖରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ପ୍ରକୃତିପ୍ରେମୀଙ୍କ ବଗିଚାରେ ପାରିଜାତ ଫୁଲ



**ରାଜନଗର (ଅମୃତ ମିଡିଆ) :** ରାଜନଗର ବ୍ଲକ ଗୁପ୍ତି ପଂଚାୟତ ଗୋପାଳପୁର ଗ୍ରାମର ବାସିନ୍ଦା ଧନେଶ୍ୱର ପ୍ରଧାନଙ୍କ ବଗିଚାରେ ପାରିଜାତ ଫୁଲ ଫୁଟିଛି। ଶନିବାର ଦିନ ଏହି ଫୁଲ ଫୁଟିଥିବା ଓ ପବନରେ ଦୋଳାୟମାନ ହେଉଥିବା ମନମୁଗ୍ଧକର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ପାରିଜାତ ଫୁଲକୁ ଧନେଶ୍ୱରଙ୍କ ପୁତ୍ର ବଷ୍ଟି ରାଜନଗର ସ୍ଥିତ ଦଧିବାମନଜୀୟୁଙ୍କୁ ସମର୍ପଣ କରିଥିଲେ।ଶିକ୍ଷା ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ କାର୍ଯ୍ୟ କରି ଅବସର ନେବା ପରେ ଧନେଶ୍ୱର ନିଜ ବାଡ଼ି ବଗିଚାର ଯତ୍ନ ନେଉଛନ୍ତି। ତାଙ୍କ ବଗିଚାରେ ବିଭିନ୍ନ ପ୍ରକାର ଫୁଲ, ଫଳ ଓ ବିଭିନ୍ନ କିସମର ବୃକ୍ଷ ରହିଛି।

# ଡାଇଭର୍ସନ ରାସ୍ତା ଶୀଘ୍ର ମରାମତି ଦାବି

**ରାଇଘର (ଅମୃତ ମିଡିଆ) :** ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରୁ ସୀମାନ୍ତ ରାଇଘର ବ୍ଲକକୁ ସଂଯୋଗ କରୁଥିବା ତେଲ ନଦୀ ପୋଲ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ତାରି ଉପରେ ଯାତାୟାତ ନିମନ୍ତେ କରାଯାଇଥିବା ଡ଼ାଇ ଭର୍ସନ ରାସ୍ତା ଗତ ବୁଧବାର ଦିନ ପ୍ରବଳ ବର୍ଷା ଫଳରେ ଧୋଇ ହୋଇ ପାଖାପାଖି ୫ ଫୁଟ୍‌ର ପାଣି ପ୍ରବାହିତ ହୋଇଥିଲା। ଯାହା ଫଳରେ ରାଇଘର ଠାରୁ ଉମରକୋଟ ନବରଙ୍ଗପୁର ଭୁବନେଶ୍ୱର, ରାଉରକେଲା, ପୁରୀ ବ୍ରହ୍ମପୁର ଶହ କୋରାପୁଟ,ଜୟପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା ଡ଼ାଇ ଭର୍ସନ ରାସ୍ତା ମରାମତି ହୋଇପାରିନଥିବାରୁ ଗମନା ଗମନର ବହୁ ଅସୁବିଧା ହେଉଥିବା ଅଭିଯୋଗ ହେଉଛି। ତାସହ କେତେକ ବସ୍ ଦହି ବରା କୁର୍ଶି ଦେଇ ରାଇଘର ଆସୁଥିବା ବେଳେ ରାଇଘର ଠାରୁ ବ୍ରହ୍ମପୁରକୁ ଯାତାୟାତ କରୁଥିବା ବାରାଳଦେବି ବସ୍ ରାସ୍ତା ର ଅବସ୍ଥା ଠିକ୍ ନ ଥିବାରୁ ସେ ଉମରକୋଟରେ ରହି ଯାଉଛି। ସେହିପରି ରାଇଘର ତୁରୁଡି ଠାରୁ ଭୁବନେଶ୍ୱରକୁ ଯାତାୟାତ କରୁଥିବା କିଙ୍ଗଫିସର ବସ୍ ଭାରତ ମାଳା ରାସ୍ତାଦେଇ ଆସିଥିବା ଜଣାଯାଇଛି। ସେହି ଦହି ବେଢ଼ା, କୁର୍ସି ଦେଇ ଆସୁଥିବା ରାସ୍ତାରେ ବି ବହୁତ୍ ସାରା ବସ୍, ଟ୍ରକ ଆଦି ଯିବା ଆସିବା କରିବା ଦ୍ୱାରା ସେହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇଗଲାଣି। ଏପଟେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ମନ୍ଥରଗତିରେ ଚାଲିଥିବା ଦେଖିବାକୁ ମିଳିଛି। ତେଣୁ ବିଭଗୀୟ ଅଧିକାରି ଏହା ଉପରେ ନଜର ଦେଇ ରାସ୍ତା ଶୀଘ୍ର ମରାମତି ନିମନ୍ତେ ଦାବି ହଉଛି।

# ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରେ ଦୁର୍ନୀତି

## ସିଏମ୍‌ଓ ହସ୍ତକ୍ଷେପକୁ ବି ଖାତିର ନାହିଁ ଇଣ୍ଟରନାଲ ଭିଜିଲାନ୍ସ ତଦନ୍ତ ଦାବି

ଜେନାପୁର (ଅମୃତ ମିଡିଆ) : ବିଭିନ୍ନ ସମୟରେ କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରେ ବହୁକୋଟି ଟଙ୍କା ଦୁର୍ନୀତି ରାଜ୍ୟରେ ବଡ଼ ପ୍ରସଙ୍ଗ ହୋଇଛି। ଏହି ପ୍ରକଳ୍ପରେ ଆଖିବୁଜା ଦୁର୍ନୀତି ନେଇ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ମଧ୍ୟ ବିଭାଗୀୟ ଅଧିକାରୀ ଏହାକୁ ଖାତିର ନକରି ଦୁର୍ନୀତିକୁ ଚାପି ଦେଇଛନ୍ତି। ଏଥିନେଇ ପୁନଶ୍ଚ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ, କଳାହାଣ୍ଡି ଜିଲ୍ଲାର ଜୟପାଟଣା ବ୍ଲକ ଅନ୍ତର୍ଗତ ମୁଖିଗୁଡା ଅଂଚଳରେ ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ଡିଷ୍ଟ୍ରିବୁଟାରୀ କେନାଲ ସର୍ଭିସ ରୋଡରେ ପିଚୁ କାମ ଗତ ମାର୍ଚ୍ଚ ମାସରେ ଚାଲିଥିଲା। ଏଠାରେ କାପେକ୍ସ ଫଣ୍ଡରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ବ୍ୟାପକ ନିମ୍ନମାନର କାର୍ଯ୍ୟ ପାଇଁ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାମ ମୁଖ୍ୟ କେନାଲ ଓ ଲିଫ୍ଟ କେନାଲ ପାଇଁ ୨୧ କୋଟି ଏବଂ ୧୯ କୋଟି ଟଙ୍କାର ଦୁଇଟି ପୃଥକ ପୃଥକ କାମ ଚାଲିଛି। ଏହି ଉଭୟ ରାସ୍ତା ବହୁ ପୁରୁଣା ହୋଇଥିବାରୁ ଏଥିରେ ୩୦୦ ଏମ ଏମ ମାନର ମୋରମ, ଉପଯୁକ୍ତ ରୋଲିଂ ଓ ୩୦୦ ଏମ ଏମ ଡବଲ୍ୟୁ ଏମ ଏମ ଦେଇ ୭୫ଏମ ଏମ ପିଚୁ ହେବାର ନିୟମ ଥିଲେ ହେଁ, ଏହା କରାଯାଇ ନାହିଁ। ଫଳରେ କାମ ଶେଷ ହେବାର କିଛିଦିନ ଭିତରେ ଗତ ମାର୍ଚ୍ଚ ମାସ ସୁଦ୍ଧା ନବନିର୍ମିତ ରାସ୍ତାରୁ ପିଚୁ ବିଭିନ୍ନ ସ୍ଥାନରୁ ଉଠିଯିବା ସହ ରାସ୍ତାରେ ବଡବଡ ଫାଟ ଦେଖା ଦେଇଛି। ଏହି ନିମ୍ନମାନର କାମ ନେଇ ଜଳସମ୍ପଦ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଫଳରେ ବିଭାଗର ସ୍ଥାନୀୟ ଉଚ୍ଚ ଅଧିକାରୀମାନେ ଏହି ଦୁର୍ନୀତିରେ ସଂପୃକ୍ତ ବୋଲି ପ୍ରମାଣିତ ହୋଇଛି। ଅପରନ୍ତୁ ଜଳସମ୍ପଦ ବିଭାଗ ଏହି ଦୁର୍ନୀତି ନେଇ ନିଜ ମୁଣ୍ଡରୁ ଦୋଷ ଖସାଇ ଦେବା ପାଇଁ ଓବିସି ଉପରକୁ ଦୋଷ ଲଦୁଛନ୍ତି। ଟେଣ୍ଡର ପ୍ରକ୍ରିୟାରେ ମୂଳ ଠିକାଦାର କାମ ନକରି ପେଟି ଠିକାଦାରମାନଙ୍କ ଦ୍ୱାରା କାମ କରାଯାଇଛି। ଏଥିପାଇଁ କାମର ମାନ ହ୍ରାସ ପାଇଛି। ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ଯଦି କାମ ଓବିସି କରୁଛି ତେବେ କାମର ତଦାରଖ ଦାୟିତ୍ୱ କାହାର ବୋଲି ପ୍ରଶ୍ନ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଗତ ତା୧୪.୦୩.୨୬ ରିଖରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିନେଇ ଗତ ୧୯ ମାର୍ଚ୍ଚରେ ମୁଖ୍ୟ ଶାସନ ସଚିବଙ୍କ ତରଫରୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା। ତେବେ ଦୀର୍ଘଦିନ ଧରି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟଭିତିକ ଅଭିଯୋଗକୁ ଚାପି ଦେବା ପାଇଁ ନିର୍ବାହୀଯନ୍ତ୍ରୀ ଉଠା କେନାଲ ଡିଭିଜନ କୁସୁମଖଣ୍ଡୀଙ୍କ ତରଫରୁ ପତ୍ର ନଂ-୪୨୨ ତା୦୯.୦୭.୨୬ ମୁଖ୍ୟ ନିର୍ମାଣଯନ୍ତ୍ରୀ, ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ମୁଖିଗୁଡା, କଳାହାଣ୍ଡିଙ୍କୁ ପ୍ରଦାନ କଲେ। ଏଥିରେ ସଂପୂର୍ଣ୍ଣ ଦୁର୍ନୀତିକୁ ଚାପି ଦେବା ପାଇଁ ଓଭରଲୋଡ ଗାଡି ଚଳାଚଳ ପାଇଁ ରାସ୍ତା ନିର୍ମାଣ ନସରୁଣୁ ରାସ୍ତା ଫାଟି ନଷ୍ଟ ହୋଇଗଲା ବୋଲି ଉଲ୍ଲେଖ କଲେ। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ସତ୍ତ୍ୱେ ଅଭିଯୋଗର ୫ ମାସ ପରେ ଏଭଳି ଉତର ଦିଆଗଲା। ତେବେ ଯେଉଁ ଅଧିକାରୀମାନେ ଏହି ଦୁର୍ନୀତିରେ ସଂପୃକ୍ତ ସେହି ଅଧିକାରୀ ମାନଙ୍କ ଦ୍ୱାରା ଏହାର ତଦନ୍ତ ବିଧି ସମ୍ମତ ନୁହେଁ। ଏଥିପାଇଁ ଏହି ଦୁର୍ନୀତି ନେଇ ଇଂଟର୍ଣ୍ଣାଲ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯିବାକୁ ଆଜି ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ସାହସପୁର ମହାବିଦ୍ୟାଳୟ, ବାଲିଚନ୍ଦ୍ରପୁର, ଯାଜପୁରର ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ହିମାଂଶୁ ଶେଖର ମହାନ୍ତିଙ୍କ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ସଂଗ୍ରାମ କିଶୋର ପରିଡ଼ା ସଂଯୋଜନା କରିଥିବା ବେଳେ, ଅଧ୍ୟାପକ ଡକ୍ଟର ଜୟଦେବ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା। ଅଧ୍ୟାପକ ପ୍ରଶାନ୍ତ କୁମାର ସାମଲ, ଅରକ୍ଷିତ ମଳିକ, ଆଦ୍ୟାମୌସୁମୀ ମହାନ୍ତି, ଡକ୍ଟର ଜୟଦେବ ଶତପଥୀ, ଡକ୍ଟର ଦିପୁନ ପୁହାଣ, ସୁନିଲ କୁମାର ପଣ୍ଡା, ଅଭିଜିତ ନାୟକ, ସମୀର ରଞ୍ଜନ ସ୍ୱାଇଁ, ମିନତି ମଞ୍ଜରୀ ନାୟକ, ସ୍ମୃତି ରଞ୍ଜନ ନାୟକ ପ୍ରମୁଖ ଶ୍ରୀଯୁକ୍ତ ମହାନ୍ତିଙ୍କ ସହ ଥିବା ଅମୂଲ୍ୟ ସ୍ମୃତି ବଖାଣି ଥିଲେ। ଶେଷରେ ଅଧ୍ୟକ୍ଷଙ୍କ ଦ୍ୱାରା ଶ୍ରୀଯୁକ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ରହିଥିଲେ।



# କେନ୍ଦ୍ରାପଡାରେ ବନ୍ୟାସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

## ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜୋରଦାର

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ରିଲିଫ ଓ ପୁନର୍ବାସ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନେତୃତ୍ୱରେ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ପ୍ରଭାବିତ ଲୋକଙ୍କ ସୁରକ୍ଷା ଓ ସହାୟତା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି। ଆଜି ଅପରାହ୍ନ ୪ଟା ସୁଦ୍ଧା, ଜିଲ୍ଲାର ୯ଟି ବ୍ଲକ୍-ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା ଓ ଡେରାବିଶର ୮୫ଟି ଗ୍ରାମପଞ୍ଚାୟତ ଏବଂ ୧୬୯ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି।ମୋଟ ୭୩,୧୬୩ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ୧,୨୪୯ ଜଣଙ୍କୁ ସୁରକ୍ଷିତ ଭାବେ ୬ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ୮୪୯ ଜଣ ଏହି ଆଶ୍ରୟସ୍ଥଳ ଗୁଡ଼ିକରେ ଅବସ୍ଥାନ କରୁଛନ୍ତି। ସମସ୍ତ ଆଶ୍ରୟସ୍ଥଳରେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯାଉଛି। ୬ଟି ମାଗଣା ରୋଷେଇ କେନ୍ଦ୍ର ନିରନ୍ତର କାର୍ଯ୍ୟକ୍ଷମ ରହିଛି।ପ୍ରଭାବିତ ଅଞ୍ଚଳରେ ରିଲିଫ ବଣ୍ଟନ କାର୍ଯ୍ୟ ଜୋରଦାର ଭାବେ ଚାଲିଛି। ଏପର୍ଯ୍ୟନ୍ତ ୮୦.୭୫ କ୍ୱିଣ୍ଟାଲ ଚାଉଳ, ୮.୦୩ କ୍ୟୁଣ୍ଟାଲ ଚୁଡ଼ା ଓ ୭ କ୍ୱିଣ୍ଟାଲ ଗୁଡ଼/ଚିନି ବଣ୍ଟନ କରାଯାଇଛି। ଏହା ସହିତ ବିସ୍କୁଟ, ମହମବତୀ, ଦିଆସିଲି ଏବଂ ୨,୦୦୦ ବୋତଲ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଆଜି ଗୋଟିଏ ଦିନରେ ୬୩ କ୍ୱିଣ୍ଟାଲ ଚାଉଳ, ୬.୫୩ କ୍ୱିଣ୍ଟାଲ ଚୁଡ଼ା ଓ ୨ କ୍ୱିଣ୍ଟାଲ ଗୁଡ଼/ଚିନି ବଣ୍ଟନ କରାଯାଇଛି। ସ୍ୱାସ୍ଥ୍ୟସେବାକୁ ସୁଚାରୁ ରଖିବା ପାଇଁ ୧୨ଟି ମେଡିକାଲ ଟିମ୍ ଏବଂ ପଶୁଧନର ଚିକିତ୍ସା ଓ ସୁରକ୍ଷା ପାଇଁ ୯ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ କରାଯାଇଛି। ୫୩,୫୫୪ଟି ପଶୁଧନ ପ୍ରଭାବିତ ହୋଇଥିଲେ ମଧ୍ୟ କୌଣସି ପଶୁହାନି ହୋଇନାହିଁ।ବନ୍ୟାରେ କୌଣସି ଜନହାନି ହୋଇନାହିଁ। ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ କିମ୍ବା ଅନ୍ୟ କୌଣସି ପ୍ରମୁଖ ଭିତ୍ତିଭୂମିର କ୍ଷତି ହୋଇନାହିଁ। ତେବେ ୬୬ଟି ରାସ୍ତା ବନ୍ୟାଜଳରେ ବୁଡ଼ି ଯାଇ ଯାତାୟାତ ବିଚ୍ଛିନ୍ନ ହୋଇଛି। ପ୍ରାଥମିକ ଆକଳନ ଅନୁଯାୟୀ ୯୪ଟି ଗୃହ ଓ ସଂରଚନା କ୍ଷତିଗ୍ରସ୍ତ ହୋଇଛି, ସେଥିମଧ୍ୟରୁ ୮୯ଟି ଗୁହାଳ ଏବଂ ୫ଟି କଚ୍ଚା ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ବନ୍ୟାଜଳ ହ୍ରାସ ପାଇବା ପରେ ଫସଲ କ୍ଷତିର ସଠିକ୍ ଆକଳନ କରାଯିବ।ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ୩ଟି ଏସ୍‌ଆରି ପାୱାର ବୋଟ୍, ୭୨ଟି ଦେଶୀ ଡଙ୍ଗା ଏବଂ ୧୫ଟି ଯନ୍ତ୍ରଚାଳିତ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ସହ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ସେମାନେ ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରି ରିଲିଫ ବ୍ୟବସ୍ଥା ତଦାରଖ କରିବା ସହିତ ପ୍ରତ୍ୟେକ ପ୍ରଭାବିତ ବ୍ୟକ୍ତିଙ୍କ ନିକଟରେ ଠିକ୍ ସମୟରେ ସହାୟତା ପହଞ୍ଚାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀକୂଳ ଓ ବନ୍ୟାପ୍ରବଣ ଅଞ୍ଚଳର ବାସିନ୍ଦାମାନଙ୍କୁ ସତର୍କ ରହିବା, ପ୍ରଶାସନର ପରାମର୍ଶ ପାଳନ କରିବା ଏବଂ ଅନାବଶ୍ୟକ ଭାବେ ବନ୍ୟାଜଳକୁ ପ୍ରବେଶ ନ କରିବାକୁ ଅନୁରୋଧ କରାଯାଇଛି। ସମଗ୍ର ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ନିରନ୍ତର ନଜର ରଖିଥିବାବେଳେ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗ ସଜାଗ ରହିଛନ୍ତି।

# ଚୋରି ଓ ଲୁଟ୍ ମାମଲାରେ ୫ ଅଭିଯୁକ୍ତ ଗିରଫ



**ଜୟପୁର (ଅମୃତ ମିଡିଆ) :** ଚୋରି ଓ ଲୁଟ ମାମଲାରେ ୫ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଲୁଟ ମାମଲାରେ ଗୋପବନ୍ଧୁ ନଗରର ହେମନ୍ତ ଘୋଷ (୧୯) ଚୋରି ମାମଲା ଢେପଗୁଡାର ଏସ ନବିନ (୨୪) ଓ ଦିପକ ମହାନନ୍ଦିଆ (୨୬) ସମ୍ବାରତୋଟା ରପି ରାଜୁ (୪୮) ସହ ଜଣେ ନାବାଳକ ରହିଛନ୍ତି। ଗିରଫ ଅଭିଯୁକ୍ତ ଠାରୁ ତମ୍ବାତାର ରଷ , ପିତ୍ତଳ ସାମଗ୍ରୀ, ମୋବାଇଲ ଜବତ କରିଛି। ପୋଲିସ ସୂଚନା ଚୋରି ୨୭ ତାରିଖ ବିକ୍ରମ ନଗରରେ ଚୋରି ହୋଇଥଲା। ଓ ଏନେଇ ୩୦ ତାରିଖରେ ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ପୋଲିସ ୩ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ନାବାଳକକୁ କାବୁ କରିଥିଲା। ଚୋରି ସାମଗ୍ରୀ ସବୁ ଜବତ କରି ୩ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ବେଳେ ନାବାଳକକୁ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରିଥିଲା। ସେହିପରି ଗତ ୨୯ ତାରିଖରେ ଜୟପୁର ଟ୍ରାଫିକ ଛକ ନିକଟରେ ମୋବାଇଲ ଓ ୨ହଜାର ଟଙ୍କା ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲ। ତଦନ୍ତରେ ଜାଣି ପୋଲିସ ଗୋପବନ୍ଧୁ ନଗରର ହେମନ୍ତ ଘୋଷକୁ ଗିରଫ କରି ମୋବାଇଲ ଜବତ କରିଛି। ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବିଷୟ ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ମହାବିନାୟକରେ ଶ୍ରାବଣ ମେଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା



**ଚଣ୍ଡିଖୋଲ (ଅମୃତ ମିଡ଼ିଆ ) :** ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡୀଖୋଲ ଠାରେ ଥିବା ପଞ୍ଚଲିଙ୍ଗ ଦେବତା ପୀଠ ପ୍ରଭୂ ମହାବିନାୟକଙ୍କୁ ବିଭିନ୍ନ କ୍ଷେତ୍ରର କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ଭକ୍ତ ମାନେ ଆସିଥାନ୍ତି। ବର୍ତ୍ତମାନ ଶ୍ରାବଣ ମାସ ଚାଲିଥିବା ବେଳେ ସୋମବାର ଦ୍ୱିତୀୟ ପାଳି। ଶ୍ରାବଣ ମାସର ଦ୍ୱିତୀୟ ପାଳି ୩ ତାରିଖରେ ପଡୁଥିବାରୁ ବୋଲବମ୍ ଶ୍ରଦ୍ଧାଳୁ ମାନେ ପଞ୍ଚଲିଙ୍ଗ ଉପରେ ପାଣି ଢାଳିବେ ଏବଂ ଭକ୍ତ ମାନେ ଆସି ପୂଜା ଅର୍ଚ୍ଚନା କରିବେ। ଏହାକୁ ସୁରକ୍ଷିତ ଭାବେ କିପରି ହେବ ବଡ଼ଚଣା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଥାନା ଅଧିକାରୀ ଜଗଦୀଶ କର ଓ ସାଥୀମାନଙ୍କ ସୂଚନା ଅନୁଯାୟୀ ମହାବିନାୟକରେ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବାର ଅଛି। ଏହାକୁ ଆଖି ଆଗରେ ରଖି ମନ୍ଦିର ସାମ୍ନାରେ ତଳକୁ ଧାଡ଼ିରେ ଆସିବା ପାଇଁ ବାରିକେଟ, ହନୁମାନ ମନ୍ଦିର ରୋଡ଼ ପାଖରେ ୪ ଚକିଆ ଯାନ ପାଇଁ ପାର୍କିଂ ଏବଂ ମୋଟର ସାଇକେଲ ପାଇଁ ମନ୍ଦିର ପାଖରେ ରହିବା ବ୍ୟବସ୍ଥା, ପୁଲିସର ବାଇକ୍ ଦ୍ୱାରା ପେଟ୍ରୋଲିଙ୍ଗ ପୂର୍ତ୍ତ ବିଭାଗ ବଙ୍ଗଳା ଠାରୁ ମହାବିନାୟକ ମନ୍ଦିର ଏବଂ ଦର୍ପଣ ରୋଡ଼ ପର୍ଯ୍ୟନ୍ତ, ମନ୍ଦିର ଆଖପାଖ ଏବଂ ରୋଡ଼ରେ ପୁଲିସ ଅଫିସର ଏବଂ ଫୋର୍ସ ମୁତୟନ କରାଯାଇଛି.ଆସୁଥିବା ଶ୍ରଦ୍ଧାଳୁମାନେ କେହି ଅସୁବିଧା ନହେବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ ବୋଲି ଥାନା ଅଧିକାରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି।

# ଆଇନଜୀବୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ବରିଷ୍ଠ ସଭ୍ୟ ଆଇନଜୀବୀ ମୋହନ କୁମାର ମହନ୍ତଙ୍କ ହୃଦଘାତ ଜନିତ ପରଲୋକରେ ବାର ଆସୋସିଏସନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ମହାନ୍ତି ୧୯୮୨ ମସିହାରୁ ଦର୍ପଣ ତହସିଲରେ ଓକିଲାତି ଜୀବନ ଆରମ୍ଭ କରି ବିଭିନ୍ନ ଅଦାଲତରେ ନିଜର ଓକିଲାତି ସୂଚାରୁ ରୂପେ ସଂପାଦନ କରିଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ ଚଣ୍ଡିଖୋଲ କୋର୍ଟ ଓ ଦର୍ପଣ ତହସିଲ ବିଭିନ୍ନ ଅଦାଲତରେ ଦେୱାନି, ଫୌଜଦାରୀ ଓ ରାଜସ୍ୱ ମାମଲା ପରିଚାଳନା କରୁଥିଲେ। ବାର ଆସୋସିଏସନ ହଲରେ ଆସୋସିଏସନର ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାର ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡନାୟକ, ସବଜଜ୍ ବିଶ୍ୱ ଦୀପକ ସାହୁ, ଜେଏମ୍.ଏଫ୍‌ସି ଶ୍ରୀମୟୀ ନନ୍ଦ, ଅତିରିକ୍ତ ଜେଏମ୍‌ଏଫ୍‌ସି, ଶ୍ରୁତି ଅଭିଲାଷାଙ୍କ ସମେତ ବାର ଆସୋସିଏସନର ପୂର୍ବତନ ସଭାପତି ପ୍ରତାପ କୁମାର ଦାସ, ଶରତ କୁମାର ଷଡଙ୍ଗୀ, ରେଣୁବାଳା ମହାନ୍ତି, ସୁରେଶ ଚନ୍ଦ୍ର ପଣ୍ଡା, ଜନ ବେହେରା, ଉପସଭାପତି ଜ୍ଞାନେଶ୍ ମହାନ୍ତି, ପୂର୍ବତନ ଉପସଭାପତି ଶ୍ରୀକାନ୍ତ ବଳ ଓ ନିରଞ୍ଜନ ସାମଲ, ଯୁଗ୍ମସଂପାଦକ ସୁବଳ କବି, ପୂର୍ବତନ ଯୁଗ୍ମସଂପାଦକ କିଶୋର ନାୟକ ଓ ଶିରିଷ ସାମଲ, କୋଷାଧ୍ୟକ୍ଷ ବେବିନା ଓଝା, ପ୍ରିୟ ଗୋବିନ୍ଦ ଦାସ, ଲକ୍ଷ୍ମୀ ପ୍ରିୟା ବେହେରା, ପୂର୍ବତନ ସାଂସ୍କୃତିକ ସମ୍ପାଦକ ବିରେନ୍ ବିଶ୍ୱାଳ, ସରକାରୀ ଓକିଲ ନଳିନୀକାନ୍ତ ମିଶ୍ର ଓ ଅଶୋକ ଜେନା, କୈଳାଶ ଚନ୍ଦ୍ର ସାମଲ, ମନୋଜ ଦାଶ, ଜ୍ୟୋତି ଶଙ୍କର ମହାପାତ୍ର, ଶ୍ୟାମ ପ୍ରସାଦ ଦାଶ, ଲୋମାରାଣୀ ନାୟକ, ସତ୍ୟବ୍ରତ ସିଂହ, ସରୋଜ ସାହୁ, ବିଜୟ ରାଉଳ, ସାଗରିକା ମଲିକ୍, ସମେତ ବହୁ ଆଇନଜୀବୀ ଯୋଗଦେଇ ସ୍ୱର୍ଗତଃ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# 'ନିଶାମୁକ୍ତ ଯୁବ ଓ ବିକଶିତ ଭାରତ ସଙ୍କଳ୍ପ ଅଭିଯାନ' ସମାରୋହ



**ଜୟପୁର (ଅମୃତ ମିଡିଆ) :** ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ପକ୍ଷରୁ ଆଜି ବିଶ୍ୱବିଦ୍ୟାଳୟର କକ୍ଷ ସଂଖ୍ୟା ଖ-୨ ଠାରେ 'ନଶାମୁକ୍ତ ଯୁବ ଓ ବିକଶିତ ଭାରତ ସଙ୍କଳ୍ପ ଅଭିଯାନ' ଅନ୍ତର୍ଗତ ଏକ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ଏବଂ ଡ. ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ରହି ନଶାମୁକ୍ତ ସମାଜ ଗଠନ ଓ ବିକଶିତ ଭାରତ ନିର୍ମାଣରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ଉଦ୍ବୋଧନ ଦେଇଥିଲେ। କୁଳପତି ପ୍ରଫେସର ହୃଷୀକେଶ ସେନାପତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନିଶାମୁକ୍ତ ଯୁବସମାଜ ହିଁ ଏକ ସଶକ୍ତ ଓ ବିକଶିତ ଭାରତର ମୂଳ ଆଧାର। ସେ ଛାତ୍ରଛାତ୍ରୀଙ୍କୁ ନିଜେ ନିଶାମୁକ୍ତ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ପ୍ରଶାନ୍ତ କୁମାର ପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନିଶାମୁକ୍ତି କେବଳ ବ୍ୟକ୍ତିଗତ ସଙ୍କଳ୍ପ ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ। ଯୁବପିଢ଼ି ଯଦି ଏହି ଅଭିଯାନରେ ସକ୍ରିୟ ଭାବେ ସାମିଲ ହୁଅନ୍ତି, ତେବେ ବିକଶିତ ଭାରତର ସ୍ୱପ୍ନ ନିଶ୍ଚିତ ଭାବେ ସାକାର ହେବ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ନଶାମୁକ୍ତ ଭାରତ ଗଠନ ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ ଏବଂ ସମାଜରେ ଏହି ବାର୍ତ୍ତା ପହଞ୍ଚାଇବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ।

# ସ୍ନେହମୟୀଙ୍କ ହସ୍ତକ୍ଷେପ ଯୋଗୁଁ ଘରକୁ ଫେରିଲେ ବୃଦ୍ଧ ବାପା ମାଆ



**ପାରାଦୀପ/ଝଙ୍କଡ଼ (ଅମୃତ ମିଡିଆ) :** ପାରିବାରିକ ମନମନାନ୍ତର ଓ ବାଦବିବାଦ ଯୋଗୁଁ ଘରଛାଡି ପଡୋଶୀଙ୍କ ଘରେ ଆଶ୍ରୟ ନେଇଥିବା ବୃଦ୍ଧ ପିତାମାତାଙ୍କୁ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ବରିଷ୍ଠ ନାଗରିକ ସ୍ୱତନ୍ତ୍ର ସଭ୍ୟା ସ୍ନେହମୟୀ ଆଚାର୍ଯ୍ୟଙ୍କ ହସ୍ତକ୍ଷେପ ଯୋଗୁଁ ଦୀର୍ଘ ପଚିଶଦିନ ପରେ ନିଜ ଘରକୁ ଫେରି ଆସିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଖବର ଅନୁଯାଇ, ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅଧିନ ପିପଳମାଧବ ପଞ୍ଚାୟତର ଅଇରୀଗ୍ରାମର ବରିଷ୍ଠନାଗରିକ ବସନ୍ତ କୁମାର ସ୍ୱାଇଁ ଓ ତାଙ୍କର ସହଧର୍ମିଣୀ ନୟନବାଳା ସ୍ୱାଇଁଙ୍କ ସହିତ ତାଙ୍କର ପୁଅ ଶିବପ୍ରସାଦ ସ୍ୱାଇଁ ଓ ବୋହୁ ଅଞ୍ଜଳି ସ୍ୱାଇଁଙ୍କ ମଧ୍ୟରେ ମନମନାନ୍ତର ଓ ବାଦବିବାଦ ଉପୁଜିବା କାରଣକୁ କେନ୍ଦ୍ରକରି, ବୃଦ୍ଧ ପିତାଙ୍କ ପକ୍ଷରୁ ନ୍ୟାୟ ପାଇବା ପାଇଁ ତିର୍ତ୍ତୋଲ ଥାନା ଓ ମାନ୍ୟବର ଅଦାଲତର ମଧ୍ୟ ଆଶ୍ରୟ ନେଇଥିଲେ। ତେବେ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ବ୍ୟାସଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ତାଙ୍କ ଅନୁଷ୍ଠାନର କିଛିସଦସ୍ୟ, ସମାଜସେବୀ ଓ ଗ୍ରାମବାସୀ ମାନଙ୍କୁ ନେଇ ସେଠାରେ ପହଞ୍ଚି ଆଲୋଚନା କରି ଆପୋଷ ସମାଧାନ କରିବାପରେ ବୃଦ୍ଧ ପିତାମାତା ନିଜର ଭିଟାମାଟିକୁ ଫେରିଆସିଥିଲେ। ତେବେ ଆଲୋଚନାରେ ସ୍ଥାନୀୟ ମୁରବି ନୀଳମଣି ଶତପଥୀ, ଦେବେନ୍ଦ୍ର ସେଣ, ସମାଜସ୍ୱେବୀ ଶରତ କୁମାର ଦାଶ, ସାମ୍ବାଦିକ ଶ୍ରୀକାନ୍ତ ଦାଶ, ଫାଉଣ୍ଡେସନର ଉପଦେଷ୍ଟା ରମାକାନ୍ତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ପାରିବାରିକ କଳହରୁ ଭାଙ୍ଗିଯାଇଥିବା ସମ୍ପର୍କକୁ ଫେରାଇ ଆଣିଥିବା, ଦରଦୀହୃଦୟା ସ୍ନେହମୟୀଙ୍କ ଏହି ମହତ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳରେ ତାଙ୍କର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରାଯାଇଛି।

# ଭୂତଳସ୍ଥ କେବୁଲ ବିଛା ପାଇଁ ୫ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଟିପିସିଓଡିଏଲ ପକ୍ଷରୁ ଭୂତଳସ୍ଥ (ୟୁଜି) କେବୁଲ ବିଛାଇବା କାର୍ଯ୍ୟ ଚାଲିଥିବା ପରିପ୍ରେକ୍ଷୀରେ ଆସନ୍ତାକାଲି ଅର୍ଥାତ୍ ୨ ଅଗଷ୍ଟ ୨୦୨୬ (ରବିବାର) ସକାଳ ୯.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ପୌରାଞ୍ଚଳର ୪ ନମ୍ବରରୁ ୨୧ ନମ୍ବର ୱାର୍ଡ ଏବଂ କପାଳେଶ୍ୱର ଓ ଗୁଲନଗର ପଞ୍ଚାୟତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସାମୟିକ ଭାବେ ବନ୍ଦ ରହିବ। ଟିପିସିଓଡିଏଲ ପକ୍ଷରୁ ଜଣାଯାଇଛି ଯେ ଭୂତଳସ୍ଥ କେବୁଲ ବିଛାଇବା କାର୍ଯ୍ୟକୁ ସୁରକ୍ଷିତ ଓ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ଏହି ଅସ୍ଥାୟୀ ବିଦ୍ୟୁତ୍ ବନ୍ଦ ବ୍ୟବସ୍ଥା କରାଯାଇଛି। ଏହି ସମୟ ମଧ୍ୟରେ ପ୍ରଭାବିତ ଅଞ୍ଚଳର ଗ୍ରାହକମାନଙ୍କୁ ସମ୍ଭାବ୍ୟ ଅସୁବିଧାକୁ ଏଡ଼ାଇବା ପାଇଁ ଆବଶ୍ୟକୀୟ ପୂର୍ବ ପ୍ରସ୍ତୁତି ଗ୍ରହଣ କରିବା ସହ ବିଦ୍ୟୁତ୍ ବ୍ୟବହାର ସମ୍ବନ୍ଧୀୟ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରାଯାଇଛି।କାର୍ଯ୍ୟ ସମାପ୍ତ ହେବା ପରେ ଯଥାଶୀଘ୍ର ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରାଯିବ ବୋଲି ଟିପିସିଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମୟିକ ଅସୁବିଧା ପାଇଁ ଟିପିସିଓଡିଏଲ ଦୁଃଖ ପ୍ରକାଶ କରିବା ସହ ସମସ୍ତ ଗ୍ରାହକଙ୍କ ସହଯୋଗ କାମନା କରିଛି।

# ନୂତନ ମେଡିକାଲ କଲେଜରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମ ହଟାଇବାକୁ ଦାବିପତ୍ର

**ଫୁଲବାଣୀ (ଅମୃତ ମିଡିଆ) :** କନ୍ଧମାଳ ମିଳିତ ମଞ୍ଚ ପକ୍ଷରୁ ସଭାପତି ସମୀର ଘଟାଳ ନେତୃତ୍ୱରେ ଫୁଲବାଣୀ ନୂତନ ମେଡିକାଲ କଲେଜ ରୁ ସ୍ୱାମୀ ଲକ୍ଷ୍ମଣା ନନ୍ଦଙ୍କ ନାମ ହଟାଇ କନ୍ଧମାଳ ମେଡିକାଲ୍ କଲେଜ ନାମରେ ନାମିତ କରିବା ପାଇଁ ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରୁ ଏକ ରାଲି ସଭାଯାତ୍ରା ରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମିଳିତ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟପାଳ ଉଦ୍ଦେଶ୍ୟରେ ଜିଲ୍ଲାପାଳ ବେଦ ଭୂଷଣଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ମିଳିତ ମଞ୍ଚରେ ଆଦିବାସୀ, ହରିଜନ, ଭୀମ ଆର୍ମି ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକେ ସଦସ୍ୟ ଅଛନ୍ତି। ଦୁଇଶହ ରୁ ଊର୍ଦ୍ଧ୍ୱ ଲୋକେ ପ୍ରତିବାଦ ରାଲି ଓ ସଭାରେ ଯୋଗ ଦେଇଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଚାଲିଥିବା ବେଳେ କାର୍ଯ୍ୟାଳୟ ସଦଭାବନା ଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ କାର୍ଯ୍ୟକ୍ରମ ଚାଲିଥିଲା। କାର୍ଯ୍ୟ କ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଓ ଫୁଲବାଣୀ ବିଧାୟକ ଶ୍ରୀ ଉମା ଚରଣ ମଲ୍ଲିକ, ଜିଲ୍ଲାପାଳ ବେଦଭୂଷଣ, ଏସପି ରାମେନ୍ଦ୍ର ପ୍ରସାଦ ଓ ଜିଲ୍ଲାର ବରିଷ୍ଠ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଜନ ଶୁଣାଣି କାର୍ଯ୍ୟକ୍ରମ ରେ ବ୍ୟାଘାତ ସୃଷ୍ଟି ହେବା ନିମନ୍ତେ ପୋଲିସ ପ୍ରଶାସନ ଅଧିକାରୀଙ୍କ ନିର୍ଦ୍ଦେଶରେ ଫାଟକ ବନ୍ଦ କରିଥିବାରୁ ଆନ୍ଦୋଳନ କାରୀ ମାନେ ଦାବିପତ୍ର ଦେବାକୁ ଯାଇପାରି ନ ଥିବା ଯୋଗୁଁ ପୋଲିସ ସହ ଯୁକ୍ତିତର୍କ ସହ ଆନ୍ଦୋଳନ କାରି ଧସ୍ତାଧସ୍ତି ହୋଇଥିଲେ। ଫୁଲବାଣୀ କୁଇ ସମାଜ ସମନ୍ୱୟ ସମିତି ସମ୍ପାଦକ ତଥା ବରିଷ୍ଠ ଆଇନଜିବୀ ସର୍ଦ୍ଦାର ଲମ୍ୱୋଦର କହଁର ସ୍ୱାମୀ ଲକ୍ଷ୍ମଣା ସରସ୍ୱତୀଙ୍କ ନାମରେ ଫୁଲବାଣୀ ସ୍ଥିତ ମେଡ଼ିକାଲ କଲେଜ ନାମିତ କରାଯାଇଥିବା ସରକାର ପରିବର୍ତ୍ତନ କରି କନ୍ଧମାଳ ମେଡିକାଲ୍ କଲେଜ ନାମରେ



ନାମିତ କରନ୍ତୁ। ୧୫ ଦିନ ମଧ୍ୟରେ ଆମର ଏହି ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର ହେବ। ମେଡିକାଲ୍ କଲେଜର ନାମ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିବା ବେଳେ ପ୍ରଶାସନ ଆମର ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଆମକୁ ଜନଶୁଣାଣି କାର୍ଯ୍ୟ ରେ ଅଭିଯୋଗ ଦେବାକୁ ଛାଡୁ ନାହିଁ। ପ୍ରତିବନ୍ଧକ ସାଜୁଛି। ପରିସ୍ଥିତି ଭୟାବହ ହେବ। ଏହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଗେଟ୍‌ରେ ଜଗିଥିବା କେତେକ ପୋଲିସ୍ କର୍ମଚାରି ଆମକୁ ଅଟକେଇ ପାରିବେ ନାହିଁ। ଆମେ ଧସେଇ ପଶିବୁ ବୋଲି କଡ଼ା ବକ୍ତବ୍ୟ ଦେଇଥିଲେ। ଆଦିବାସୀ ଅନ୍ୟତମ ନେତା ଘନ କୁମାର ଶବର ଅଗ୍ନିବର୍ଷି ଭାଷଣ ଦେଇ କହିଲେ ଲକ୍ଷ୍ମଣା ନନ୍ଦ ସରସ୍ୱତୀ ନାମରେ ନାମିତ କରାଯାଇଥିବା ଫୁଲବାଣୀ ମେଡ଼ିକାଲ କଲେଜକୁ କନ୍ଧମାଳ ମେଡିକାଲ୍ କଲେଜ ନାମରେ ନାମିତ ନକଲେ କନ୍ଧମାଳ ଜିଲ୍ଲା ଶାନ୍ତ ରହିଛି ଏହି ବିଜେପି ସରକାର ଯୋଗୁଁ ଅଶାନ୍ତ ହେବ। ଦିଲ୍ଲୀରେ ଜନ୍ତର୍ ମନ୍ତର୍‌ଠାରେ ଯେଉଁ ଭଳି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା ସେଭଳି ହେବ ବୋଲି କହି ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଶେଷରେ ପରିସ୍ଥିତି ଅଣାୟତ୍ତ ଆଡ଼କୁ ଗତି କରିବ ଅନୁଧ୍ୟାନ କରି ଜନଶୁଣାଣି ଶିବିର ଉଠି ଆସି ଜିଲ୍ଲାପାଳ ବେଦଭୂଷଣ ଓ ଏସପି ରାମେନ୍ଦ୍ର ପ୍ରସାଦ ଆନ୍ଦୋଳନକାରୀ ମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। କିଛି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କା କରି କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶ ରେ ଫୁଲବାଣୀ ଟାଉନ୍ ଥାନା ଅଧିକାରିଣୀ ପ୍ରଜ୍ଞା ରୁତୁମ୍ବରା କର କଡା ନିରାପତ୍ତା ପାଇଁ ବ୍ୟାପକ ପୋଲିସ ମୁତୟନ କରିଥିଲେ। ତେବେ ଗତ ୨୮ତାରିଖରେ ରାଜ୍ୟସରକାର କନ୍ଧମାଳ ଭେଷଜ ମହାବିଦ୍ୟାଳୟକୁ ସ୍ୱର୍ଗତ ସ୍ୱାମୀ ଲକ୍ଷ୍ମଣା ନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରିବା ପାଇଁ ଆଦେଶ ଜାରି କରିଥିଲେ। ଫଳରେ କୁଇ ସମାଜର ନେତା ଲମ୍ୱୋଦର କଂହରଙ୍କ ନେତୃତ୍ୱରେ ମିଳିତ ମଞ୍ଚର ଓ ସଦସ୍ୟ ମାନେ ପ୍ରତିକ୍ରିୟା ପ୍ରକାଶ କରି ଲକ୍ଷ୍ମଣା ନନ୍ଦ ସରସ୍ୱତୀ କନ୍ଧମାଳ ଜିଲ୍ଲାର ନୁହନ୍ତି ବୋଲି ଅଭିଯୋଗ କରିଥିଲେ। ୧୫ ଦିନ ମଧ୍ୟରେ ନାମ ନ ହଟାଇଲେ ଆନ୍ଦୋଳନ କରିବେ ବୋଲି ମିଳିତ ମଞ୍ଚର ଅନ୍ୟ କର୍ମକର୍ତ୍ତା କହିଥିଲେ। ଖ୍ରୀଷ୍ଟିଆନ ମୋର୍ଚ୍ଚା ମଧ୍ୟ ପ୍ରତିବାଦ କରିଥିଲେ। ଅପର ପକ୍ଷରେ ଫୁଲବାଣୀ ସର୍କିଟ ହାଉସ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ମନ୍ତ୍ରୀ କନ୍ଧମାଳ ଜିଲ୍ଲାବାସୀଙ୍କର ସ୍ୱାସ୍ଥ୍ୟ ସେବାର ଉନ୍ନତି ନିମନ୍ତେ ଏକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ସ୍ଥାପନ କରିଥିବା ବେଳେ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣା ନନ୍ଦଙ୍କ ନାମରେ ଯେଉଁ ମେଡିକାଲ୍ କଲେଜକୁ ନାମିତ କରିଛନ୍ତି ସେଥିଯୋଗୁଁ କନ୍ଧମାଳ ଜିଲ୍ଲା ବାସୀ ଜନ ସାଧାରଣଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସାଂସଦ କହିଥିଲେ। ତା ସହିତ ଯେଉଁମାନେ ସ୍ୱାମୀଜୀଙ୍କର ବିଷୟରେ ଅବଗତ ନାହାନ୍ତି ସେହିମାନେ କେତେଜଣ ସ୍ୱାମୀଜୀଙ୍କ ନାମ ପରିବର୍ତ୍ତନ କରିବା ପାଇଁ ପ୍ରତିବାଦ କରି ବିରୋଧ କରୁଛନ୍ତି। ଯେଉଁମାନେ ସରକାରଙ୍କ ଆଦେଶକୁ ବିରୋଧ କରି ଆନ୍ଦୋଳନ କରିବେ ସରକାର ସେମାନଙ୍କ କଥା ବୁଝିବ ବୋଲି ଗଣମାଧ୍ୟମ ସାଂସଦ ଓ ବିଧାୟକ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶି ମାଝୀ, ଏସଡିସି ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ସାଂସଦ ପ୍ରତିନିଧି ବରିଷ୍ଠ ଆଇନଜୀବୀ ଅଜିତ୍ କୁମାର ପଟ୍ଟନାୟକ ଓ ବହୁ ବିଜେପି ସ୍ଥାନୀୟ ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝିଙ୍କୁ ସ୍ୱାମୀ ଲକ୍ଷ୍ମଣା ନନ୍ଦ ସରସ୍ୱତୀଙ୍କ ନାମରେ ନୂତନ ଭେଷଜ ମହା ବିଦ୍ୟାଳୟକୁ ନାମିତ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଫଳରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏକ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ମହନ ଚରଣମାଝୀ କନ୍ଧମାଳ ଭେଷଜ ମହାବିଦ୍ୟାଳୟକୁ ଉଦ୍ଘାଟନ କରିଥିଲେ।





# 'ଗୁରୁ' ସମାଜର ଆଲୋକବର୍ତ୍ତିକା : ସାଇଶକ୍ତି ମହିଳା ଟ୍ରଷ୍ଟ



**ଭୁବନେଶ୍ୱର (ବ୍ୟୁରୋ) :** ସାଇଶକ୍ତି ମହିଳା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଗୁରୁପୂର୍ଣ୍ଣିମାର ଅନ୍ତିମ ଦିବସ ବଡଗଡ଼ କଲ୍ୟାଣି ମଣ୍ଡପଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସାଇଶକ୍ତି ମହିଳା ଟ୍ରଷ୍ଟର ସଭାପତି ସସ୍ମିତା ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗୁରୁବନ୍ଦନା କାର୍ଯ୍ୟକ୍ରମରେ ପ୍ରଥମେ ଶହିଦ ପଦ୍ମନାଭ ଛୋଟରାୟଙ୍କ ପ୍ରତିମୂର୍ତ୍ତିରେ ସାମଗ୍ରିକ ଗୁରୁ ଭାବରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରାରମ୍ଭରେ ଓଡ଼ିଶୀ ନୃତ୍ୟାଙ୍ଗନାମାନଙ୍କ ଦ୍ୱାରା ପ୍ରାରମ୍ଭିକ ଗୁରୁବନ୍ଦନା କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଗୁରୁବନ୍ଦନା କାର୍ଯ୍ୟକ୍ରମରେ ଅତିଥି ଭାବରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ଖଦି ନିଗମର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ପାଇକରାୟ, ରୋଟାରିଆନ ଯଜ୍ଞାଶିଷ ମହାପାତ୍ର, ସାମାଜିକ କର୍ମୀ ତଥା ବିଜେପି ନେତା ଡଃ ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସାମର୍ଥା, ମଳୟ ମହାପାତ୍ର, ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରଦୀପ ଚନ୍ଦ୍ର ମହାନ୍ତି, ଚଣ୍ଡି ପ୍ରସାଦ ପରିଜା ପ୍ରମୁଖ ଯୋଗଦାନ କରିଥିଲେ। ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସାଇଶକ୍ତି ମହିଳା ଟ୍ରଷ୍ଟର ସଭାପତି ସସ୍ମିତା ମଙ୍ଗରାଜ ଅତିଥିମାନଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିଜ ଜୀବନର ସାଉଁଟା କାହାଣୀ ବର୍ଣ୍ଣନା କରିବା ସହ ମହିଳାମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ କରିଥିଲେ। ଗୁରୁ ପ୍ରଭାକର ମହାରଣା ଗୁରୁବନ୍ଦନା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସଂଗ୍ରାମ କେଶରୀ ପାଇକରାୟ ଗୁରୁମାନଙ୍କୁ ସମାଜର ଆଲୋକବର୍ତ୍ତିକା ଭାବରେ ଅଭିହିତ କରିଥିଲେ। ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ଗୁରୁବନ୍ଦନା କାର୍ଯ୍ୟକ୍ରମ ଓ ଗୁରୁପୂର୍ଣ୍ଣିମା ଉପରେ ଆଲୋକପାତ କରିଥିଲେ। ଡଃ ପ୍ରକାଶ ଶ୍ରୀଚନ୍ଦନ ଏହା ଆଗାମୀ ପିଢି ପାଇଁ ଏକ ବାର୍ତ୍ତା ପ୍ରଦାନ କରିବ ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିବାର ପରମ୍ପରା ସୃଷ୍ଟି କରିଥିବାରୁ ସାଇଶକ୍ତି ମହିଳା ଟ୍ରଷ୍ଟକୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ବିଶିଷ୍ଟ ଲେଖକ, ଶିକ୍ଷାବିତ୍ ପାଇକଗୁରୁ କେଦାର ନାଥ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦୁଇଶହ ମହିଳା ସଂଗଠନକୁ ଶ୍ରଦ୍ଧା ସବୁରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜରେ ପ୍ରତିଷ୍ଠିତ ୧୯ଜଣ ଗୁରୁମାନଙ୍କୁ ଗୁରୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଗୁରୁ ସସମ୍ମାନ ସାମାଜିକ, ରାଜନୈତିକ, କଳା, ସଂସ୍କୃତି, ପାଇକ ଆଖଡ଼ା ବା ସମର କଳା, ଓଡ଼ିଶୀ, ଆଧ୍ୟାତ୍ମିକ, ଶିକ୍ଷା ଓ ଗଣମାଧ୍ୟମ ଗୁରୁ ଭାବରେ ସମ୍ମାନିତ କରାଯାଇଥିଲା। ଗୁରୁ କେଦାର ଦାସ, ପାଇକଗୁରୁ ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣି, ଆଧ୍ୟାତ୍ମିକ ଗୁରୁ ରାଜଯୋଗିନୀ, ବି.କେ ଇନ୍ଦୁମତୀ, ସାମାଜିକ ଗୁରୁ ଡଃ ପ୍ରକାଶ ଶ୍ରୀଚନ୍ଦନ ଓ ଯଜ୍ଞାଶିଷ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

# ବିଦ୍ୟାଳୟରେ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ




**ଭୁବନେଶ୍ୱର (ବ୍ୟୁରୋ) :** ସାହିତ୍ୟ ପତ୍ରିକା କାୟାକଳ୍ପ ପକ୍ଷରୁ ଶିକ୍ଷାବିତ୍ ଗିରୀଶ ପଟ୍ଟନାୟକଙ୍କ ସ୍ମୃତିରେ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କଟକ ଗୋଡିସାହି ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା ସୁନାମଧନ୍ୟ କୁଇଜ୍ ମାଷ୍ଟର ତ୍ରିଲୋଚନ ଦାଶଙ୍କ ପରିଚାଳନାରେ ଏହି ଶିକ୍ଷଣୀୟ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ମୀନାକ୍ଷୀ ବିଶ୍ୱାଳ ଉଦଘାଟନ କରିଥିଲେ। ଅତିଥି ଭାବରେ ଲୋକଶିକ୍ଷକ ଡ.ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଆତ୍ମବିଶ୍ୱାସୀ ଓ ଉଚ୍ଚାଭିଳାଷୀ ହେବାପାଇଁ ନିଜର ନୈତିକ ବକ୍ତବ୍ୟ ରଖିଥିଲେ। ନିଲେନ୍ଦ୍ରି ସାହୁ ସ୍କୋରର ଥିଲେ। ଐଶ୍ୱରୀୟା ସିଂହ, ପ୍ରିୟା ଓଝା, ଶ୍ରିଜିତା ବେହେରା ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। କୃତି ପ୍ରତିଯୋଗୀଙ୍କୁ ଆଧ୍ୟାତ୍ମିକ ପତ୍ରିକା ବିଭୁବୈଭବ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଇ ଅବସରରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସ୍ନେହଲତା ପଲେଇ ଧନ୍ୟବାଦ ଦେଇଥିଲେ। ମଧୁସ୍ମିତା ବିଶ୍ୱାଳ, ଶାନ୍ତିଲତା ଖଟୁଆ, ଗଗନ ବେହେରା, ମାତା ରାଉତ, ଅନିଶା ଦାସ ସହଯୋଗ କରିଥିଲେ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ 'ଛାତ୍ର ସଂକଳ୍ପ ସମାବେଶ' ଆୟୋଜିତ

## ମୋଦୀ ସରକାର ଯୁବ ଓ ଛାତ୍ରସମାଜ ବିରୋଧୀ : ବିନୋଦ ଜାଖର



**ଭୁବନେଶ୍ୱର (ବ୍ୟୁରୋ) :** ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଂଟିନ ଛକ ଠାରେ 'ଛାତ୍ର ସଂକଳ୍ପ ସମାବେଶ' ଆୟୋଜିତ ହୋଇଥିଲା। ଏଠାରେ ନବନିଯୁକ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ବିଭୁତିଭୂଷଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବ ସହ ଛାତ୍ର କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ପାଇଁ ସଂକଳ୍ପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବାପାଇଁ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ବିନୋଦ ଜାଖରଙ୍କୁ ଏୟାରପୋର୍ଟ ଠାରୁ ଏକ ବିଶାଳ ମୋଟରସାଇକେଲ ରାଲିରେ ମାଷ୍ଟରକ୍ୟାଂଟିନ ଛକପର୍ଯ୍ୟନ୍ତ ଅଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଜାଖର ତାଙ୍କ ଉଦବୋଧନରେ କହିଥିଲେ ଯେ ମୋଦି ସରକାର ଯୁବ ଓ ଛାତ୍ର ସମାଜ ବିରୋଧି। ଯନ୍ତରମନ୍ତରରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପ୍ରତିବାଦରେ ଆନ୍ଦୋଳନ କରୁଥିବା ଛାତ୍ର ସମାଜକୁ ମୋଦି ସରକାର ଯେଉଁ ଆଚରଣ ପ୍ରଦର୍ଶନ କଲା ଏହା ଦୁର୍ଭାଗ୍ୟଜନକ। ସାରା ଦେଶର ବିଭିନ୍ନ ରାଜ୍ୟରେ ଛାତ୍ର ସମାଜ ଭୁଷୁଡ଼ି ଯାଇଥିବା ଶିକ୍ଷାବ୍ୟବସ୍ଥା ବିରୋଧରେ ଲଢ଼େଇ କରୁଛନ୍ତି। ଶିକ୍ଷା ନାମରେ ବ୍ୟବସାୟ ଚାଲିଛି। ନିଟ ପେପର ଲିକ ଘଟଣା ମୋଦି ସରକାରର ଅସଲ ଚେହେରାକୁ ପଦାରେ ପକାଇଛି। ମୋଦି ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛନ୍ତି। ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ଦେଶର ୨୨ ରୁ ଅଧିକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଯନ୍ତରମନ୍ତରରେ ଛାତ୍ରଙ୍କ ଉପରେ ଅମାନବୀୟ ଲାଠିଚାର୍ଜ, ଟିୟରଗ୍ୟାସ ପ୍ରୟୋଗ ଏବଂ ପଥରମାଡ଼ ଘଟଣା ଏ ଦେଶରେ ଚାଲିଥିବା ହିଟଲରୀ ରାଜକୁ ପଦାରେ ପକାଇଛି। ବିହାରରେ ନିର୍ଦ୍ଦୋଶ ଛାତ୍ରଙ୍କ ଉପରେ ଗୁଳିମାଡ ମୋଦି ସରକାରର ଫାଶୀବାଦୀ ମାନସିକତାକୁ ପଦାରେ ପକାଇଛି। ଦେଶର ଗୃହମନ୍ତ୍ରୀଙ୍କ ପ୍ରତି ଛାତ୍ର କଂଗ୍ରେସ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଯନ୍ତରମନ୍ତର ହେଉ, ବିହାର ଓ ଅନ୍ୟ ରାଜ୍ୟରେ ନ୍ୟାୟ ମାଗୁଥିବା ଛାତ୍ରମାନଙ୍କୁ ଅକଥନୀୟ ଅତ୍ୟାଚାର କରିବାକୁ ସରକାରଙ୍କର ଗୁପ୍ତ ନିର୍ଦ୍ଦେଶ ରହିଛି। ଛାତ୍ରମାନଙ୍କୁ ଏବଂ ଅଭିଭାବକମାନଙ୍କୁ ଏନକାଉଂଟର କରି ମାରିଦେବାକୁ ଧମକ ଦିଆଯାଉଛି। ଯେଉ ଅଭିଭାବକ ମାନେ କରଜ କରି, ଜମି ବିକି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି କିନ୍ତୁ ଶିକ୍ଷା ବ୍ୟବସ୍ଥା ପିଲାମାନଙ୍କ ପ୍ରତି ବିଶ୍ୱାସଘାତକତା କରୁଛି। ଏ ସରକାର ଶିକ୍ଷା ଦଲାଲମାନଙ୍କ କବଜାରେ ରହିଛି। ପେପରଲିକ ଘଟଣା ଏବଂ ଶିକ୍ଷାବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ମନ୍ତ୍ରୀ ପଦରୁ ଇସ୍ତଫା ପରେ ବିଜେପି ସାଂସଦମାନେ ଏବଂ ଓଡ଼ିଶାରେ ବିଜେପି ଏବଂ ଏହାର ଛାମୁଆ ସଂଗଠନ ଯେଉଁଭଳି ଭାବରେ ସମ୍ବୋର୍ଦ୍ଧିତ କରୁଛନ୍ତି ତାହା ବିଜେପି ଦଳ ଏବଂ ସାସଂଦମାନଙ୍କର ଘୃଣ୍ୟମାନସିକତାକୁ ପଦାରେ ପକାଉଛି। ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ଚରିତ୍ରକୁ ବିଜେପି ସାଂସଦମାନେ ସଂହାର କରିବା ଦୁର୍ଭାଗ୍ୟଜନକ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ କହିଲେ ଯେ ଓଡ଼ିଶାର ଛାତ୍ରଛାତ୍ରୀ ରାଜରାସ୍ତାରେ ଛିଡ଼ା ହେଉନଥିବାରୁ କଲେଜ ଓ ୟୁନିଭରସିଟିରେ ଛାତ୍ର ସଂସଦ ନିର୍ବାଚନ ହେଉନାହିଁ। ଛାତ୍ରମାନଙ୍କ ପ୍ରତି ବାରମ୍ବାର ଅନ୍ୟାୟ ହେଉଛି। ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ଶିକ୍ଷା ବ୍ୟବସ୍ଥାର ମା ବାପା କେହି ନାହାନ୍ତି। ସ୍କୁଲ କଲେଜ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ୫୦ ପ୍ରତିଶତ ଶିକ୍ଷକ, ଅଧ୍ୟାପକ ଏବଂ ଅନ୍ୟାନ୍ୟ ଷ୍ଟାଫ ନାହାନ୍ତି। ଛାତ୍ରଙ୍କ ଭବିଷ୍ୟତ ସହିତ ସରକାର ଖେଳୁଛନ୍ତି। ଦେଶରେ ପେପରଲିକ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ମୁଣ୍ଡ ନୁଆଇବା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ପରେ ମଧ୍ୟ ଓଡ଼ିଶାରେ ମେଡିକାଲ ପିଜି ପ୍ରଶ୍ନପତ୍ର ଲିକ ହୋଇଯିବା ଦୁର୍ଭାଗ୍ୟଜନକ। ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଓଡ଼ିଶାର ଗଣଶିକ୍ଷା ବିଭାଗ ଓଡ଼ିଶାର ଛାତ୍ରଛାତ୍ରୀ ମାନଙ୍କୁ ନିମୁଡ଼ା ନୃତ୍ୟ କରିବାପାଇଁ ବ୍ୟବସ୍ଥା କରିଦେଇଛନ୍ତି। ସରକାରୀ ପାଠ୍ୟପୁସ୍ତକରେ ୨୦୦୦ ରୁ ଊର୍ଦ୍ଧ୍ୱ ତ୍ରୁଟି। କର୍ଣ୍ଣଟକର ବିଧାନସଭାକୁ ଓଡ଼ିଶାର ବିଧାନସଭା ବୋଲି ଦର୍ଶାଯାଇଛି। ଗଞ୍ଜାମ ଜିଲ୍ଲାକୁ ବ୍ରହ୍ମପୁର ଜିଲ୍ଲା ବୋଲି ଲେଖାଯାଇଛି ସେହିଭଳି ନିୟମଗିରିକୁ ଝାଡ଼ଖଣ୍ଡରେ ଅଛି ବୋଲି ବର୍ଣ୍ଣନା କରାଯାଇଛି। ଏଗୁଡ଼ା ପଢ଼ି ଆମ ପିଲାମାନେ କ'ଣ ମଣିଷ ହେବେ? ନିତ୍ୟାନନ୍ଦ ଗଣ୍ଡଙ୍କର ଇସ୍ତଫା ବାରମ୍ବାର ମଗାଯାଉଥିଲେ ମଧ୍ୟ ତାଙ୍କୁ ସରକାର ଘଂଟ ଘୋଡ଼ାଇ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ। ଏମାନଙ୍କୁ ଶିକ୍ଷାଦେବାପାଇଁ ଦିଲ୍ଲୀର ଯନ୍ତରମନ୍ତର ଠାରୁ ଓଡ଼ିଶାରେ ଆହୁରି ପ୍ରଭାବି ଓ ବଡ଼ ଆନ୍ଦୋଳନର ଆବଶ୍ୟକତା ରହିଛି। ଛାତ୍ରଶକ୍ତି ଜାଗ୍ରତ ହେଲେ ଓଡ଼ିଶା ଜାଗିବ। ନବନିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ର କହିଲେ ଯେ ପ୍ରତି କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର କଂଗ୍ରେସ ସଂଗଠନକୁ ମଜବୁତ କରାଯିବ। ଛାତ୍ର କଂଗ୍ରେସ ଏ ସରକାରକୁ ହଟାଇବ। ଓଡ଼ିଶାର ଶିକ୍ଷାବ୍ୟବସ୍ଥାର ସୁଧାର ପାଇଁ ଏବଂ ଓଡ଼ିଶାର ଛାତ୍ର ସମାଜର ସ୍ୱାର୍ଥ ପାଇଁ ଛାତ୍ର କଂଗ୍ରେସ ଅବିଶ୍ରାନ୍ତ ଲଢ଼େଇ କରିବ। ଛାତ୍ର କଂଗ୍ରେସ ହେଉଛି ଓଡ଼ିଶାର ଛାତ୍ରମାନଙ୍କର ସ୍ୱର। ଛାତ୍ରବିରୋଧି ବିଜେପି ସରକାର ବିରୋଧରେ ଛାତ୍ର କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ। ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ ସଭାପରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଭାପତି, ପିସିସି ସଭାପତି ଓ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଏକ ବିଶାଳ ବିକ୍ଷୋଭ ରାଲି ମାଷ୍ଟରକ୍ୟାଂଟିନ ଛକରୁ ବାହାରି ଅଯୋଗ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ ପାଇଁ ଯାଇଥିଲା। ଲୋୟର ପିଏମଜି ଠାରେ ପୋଲିସ ସହ ଏକଘଣ୍ଟା କାଳ ଧସ୍ତାଧସ୍ତି ହୋଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତ୍ତା ତିନୋଟି ପୋଲିସ ବାରିକେଡ ଭାଙ୍ଗି ଅଗ୍ରସର ହେଉଥିବା ବେଳେ ସେମାନଙ୍କୁ ପୋଲିସ ଭ୍ୟାନଯୋଗେ ଉଠାଇ ନେଇଥିଲା। ଘଟଣାସ୍ଥଳରୁ ପିସିସି ସଭାପତିଙ୍କୁ ମଧ୍ୟ ପୋଲିସ ଗାଡ଼ି ଯୋଗେ ଉଠାଇ ନିଆଯାଇଥିଲା। ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ସଭାରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର କର୍ମକର୍ତ୍ତା କବୀର ଅହମ୍ମଦ, ନିରଜ ରାୟ, ପୂର୍ବତନ ଛାତ୍ର କଂଗ୍ରେସ ଦେବାଶିଷ ପଟ୍ଟନାୟକ, ମିଲନ ପଟ୍ଟନାୟକ, ଅଭିଲାଶ ମାଣିଆ, କୃଷ୍ଣ ମହାନ୍ତି, ଗଣେଶ ସାହୁ, ଜ୍ଞାନେନ୍ଦ୍ର ଦାସ, ହରିଶଙ୍କର ରାଉତ, ସ୍ପନ୍ଦନ ସ୍ୱାଇଁ, ଅଜୟ ସାହୁ, ସନ୍ଦୀପ ରାଉତରାୟ, ବଟକୃଷ୍ଣ ରାଉତରାୟ, ସାହାରୁଖ ଖାନ, ଚିତ୍ତରଞ୍ଜନ ନାୟକ, ରତିକାନ୍ତ କାନୁନଗୋ, ହଳଧର ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର



**ଭୁବନେଶ୍ୱର (ବ୍ୟୁରୋ) :** ୟୁନିଟ-୪ ସ୍ଥିତ ମସଜିଦ ହମଦ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ଭଉଣୀ ଦିବସ ଓ ବିଶ୍ୱ ସଙ୍ଗୀତ ଦ୍ୱିସ ଉପଲକ୍ଷେ ଅହମଦୀୟା ମୁସଲିମ ମହିଳା ସଙ୍ଗଠନ ଲଜନା ଇମାଉଲ୍ଲାଃ ବିଭାଗ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ଜିନତ୍ ବେଗମ ସଙ୍ଗଠନ ଓ ବାହାରୁ ଆସିଥିବା ସ୍ତ୍ରୀ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ବର୍ତ୍ତମାନ ସମୟରେ ଉପୁଜୁ ଥିବା ବିଭିନ୍ନ ରୋଗରୁ ଗୋଟିଏ ସ୍ତ୍ରୀ କିପରି ନିଜକୁ ସୁରକ୍ଷିତ ରଖିପାରିବ ତାହା ପ୍ରତି ସଚେତନ କରାଇଥିଲେ। ଭୁବନେଶ୍ୱର ଅହମଦୀୟା ମୁସଲିମ ମହିଳା ସଭାନେତ୍ରୀ ଅମତୁଲ୍ ଆଲାଙ୍କ ତତ୍ତ୍ୱାବଧାନରେ ଏହି ଶିବିରଟି ଉଦଯାପିତ ହୋଇଥିଲା। ଏଥିରେ ୭୦ରୁ ଊର୍ଦ୍ଧ୍ୱ ସ୍ତ୍ରୀଲୋକ ମାନେ ଏହି ଶିବିରରୁ ଉପକୃତ ଲାଭ କରିଥିଲେ। କାର୍ଯ୍ୟକ୍ରମଟିକୁ ସିରାଜୁମ୍ ମୁନିର, ଖୁଶବୁ ବାନୁ, ଶହଯାଦି ପରୱିନ, ତାହିରା ସିଦିକା ପରିଚାଳନା କରିଥିବା ବେଳେ ସଂଗଠନର ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ୧୦୦+ ଚାରାରୋପଣ ଗୋଟିଏ ସବୁଜ ସୁନ୍ଦର ଭବିଷ୍ୟତ




**ଭୁବନେଶ୍ୱର (ବ୍ୟୁରୋ) :** ଯୁବ ସମାଜସେବୀ ନୂତନ ଦାସଙ୍କ ନେତୃତ୍ୱରେ 'କଳିଙ୍ଗ ଯୁବ ସେନା ଟ୍ରଷ୍ଟ' ଦ୍ୱାରା ପଟିଆସ୍ଥିତ ରାଜା ମଧୁସୂଦନ ଦେବ ମହାବିଦ୍ୟାଳୟରେ ଏକ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ସବୁଜ ଅଭିଯାନରେ କଲେଜର ଛାତ୍ରଛାତ୍ରୀ ଏବଂ ଶୁଭେଚ୍ଛୁମାନେ ମିଳିମିଶି ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିବାରୁ କଲେଜର ଅଧ୍ୟକ୍ଷ ପ୍ରଶାନ୍ତ ରାଉତ ସା, ସି-ପର୍ଲ ହୋଟେଲର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଦାସ, ଏବଂ ଜଗଉ କଲେଜର ଉତ୍ସାହୀ ଛାତ୍ରଛାତ୍ରୀମାନଙ୍କୁ ଆମର ଆନ୍ତରିକ ଧନ୍ୟବାଦ।

# ନୂଆ ରେଞ୍ଜ ସହିତ ପାର୍ବଣ ଋତୁର ଆରମ୍ଭ କରିଛି ଜାୱା ୟେଜ୍‌ଦି ମୋଟରସାଇକେଲ



**ଭୁବନେଶ୍ୱର (ବ୍ୟୁରୋ) :** ଜାୱା ୟେଜ୍ ଦି ମୋଟରସାଇକେଲ୍ସ ପକ୍ଷରୁ ଭାରତର ଆଗାମୀ ପାର୍ବଣ ଋତୁ ପାଇଁ ଏହାର ୟେଜ୍‌ଦି ୨୦୨୬ ରେଞ୍ଜର ଉନ୍ମୋଚନ କରାଯାଇଛି। ଏହି ରେଞ୍ଜରେ 'ଅନ୍‌ଟେମ୍ ଟ୍ରିନିଟି' ଭାବେ ନାମିତ, ତିନୋଟି ମୋଟରସାଇକେଲ- ୟେଲୋ ଫାଲ୍‌କନ ଆଡ୍‌ଭେଂଚର, ଗ୍ରୀନ ମାମ୍ବା ରୋଡଷ୍ଟର ଓ ଗ୍ରେ ପାନ୍ଥର ସ୍କ୍ରାମ୍ବଲର୍ ରହିଛି। ନୂଆଦିଲ୍ଲୀ ଏକ୍ସଶୋ'ରୁମରେ ୟେଲୋ ଫାଲ୍‌କନ୍‌ର ପ୍ରାରମ୍ଭିକ ମୂଲ୍ୟ ୨୧୨,୯୬୯ ଟଙ୍କା, ଗ୍ରୀନ ମାମ୍ବା ରୋଡ୍‌ଷ୍ଟରର ମୂଲ୍ୟ ୨୦୫,୯୬୯ ଟଙ୍କା ଏବଂ ଗ୍ରେ ପାନ୍ଥର ସ୍କ୍ରାମ୍ବଲ?ର ମୂଲ୍ୟ ୨୦୫୯୬୯ ଟଙ୍କା ରହିଛି। ଓନମ୍ ପର୍ବ ସହିତ ଭାରତର ଏହାର ପାର୍ବଣ ଋତୁରେ ପ୍ରବେଶ କରୁଥିବାରୁ ଏହି ୩ଟି ମୋଟରସାଇକେଲ କେରଳରୁ ନିଜର ଜାତୀୟ ରୋଲ୍‌ଆଉଟ ଆରମ୍ଭ କରିଛନ୍ତି। କେରଳ ମଧ୍ୟ ଭାରତର ଅନ୍ୟତମ ସର୍ବବୃହତ ମିଡ୍-ସିସି ମୋଟରସାଇକେଲ ମାର୍କେଟ ଯେଉଁଠାରେ ୟେଜ୍‌ଦି ଦୀର୍ଘ ଦିନରୁ ସଂସ୍କୃତି, ଟୁରିଂ ପରମ୍ପରା, ବ୍ୟକ୍ତିଗତ କାହାଣୀ ଓ ସିନେମାର ଅଂଶ ରହିଆସିଛି। କମ୍ପାନୀ ପକ୍ଷରୁ କେରଳରେ ୨୦ରୁ ଅଧିକ ଟଚପଏଂଟ ସ୍ଥାପନ କରିବା ପାଇଁ ବିଶ୍ୱସନୀୟ ଓ ପ୍ରତିଷ୍ଠିତ ଡିଲରଙ୍କ ସହଭାଗିତା କରାଯାଇଛି। ଏହି ମୋଟରସାଇକେଲଗୁଡିକ ସହ ଜାୱା ୟେଜ୍‌ଦି ମୋଟରସାଇକେଲ ପକ୍ଷରୁ ଏହାର ଓନରସିପ ଆସ୍ୟୁରାନ୍ସ ପ୍ରୋଗ୍ରାମ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ କ୍ଲାସିକ ଲିଜେଣ୍ଡ୍‌ସର ସହପ୍ରତିଷ୍ଠାତା ବୋମନ ରୁସ୍ତମ ଇରାନି କହିଛନ୍ତି, "ୟେଜ୍‌ଦି ସବୁବେଳେ ଏଭଳି ଏକ ବ୍ରାଣ୍ଡ ରହିଆସିଛି ଯାହାକୁ ଆମ ସହିତ ଏହାର ଚାଳକମାନେ ମଧ୍ୟ ଗଢିଛନ୍ତି। ଚାଳକମାନେ ଏହାକୁ ପିଢି ପରେ ପିଢି ହସ୍ତାନ୍ତରନ୍ତି କରିଛନ୍ତି, ଏହାକୁ ପୁନରୁଦ୍ଧାର କରିଛନ୍ତି ଓ ଏହାକୁ ନେଇ ସମୁଦାୟ ଗଠନ କରିଛନ୍ତି। ୨୦୨୬ ଶୃଙ୍ଖଳା ୩ଟି ଉଦ୍ଦେଶ୍ୟ-ନିର୍ମିତ ମୋଟରସାଇକେଲ ସହ ସେହି ଉତ୍ସାହକୁ ଜୀବନ୍ତ କରିଛି। କ୍ଲାସନ ଲିଜେଣ୍ଡ୍‌ସର ସହପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, "ଓନମ ଭାରତର ପାର୍ବଣ ଋତୁ ଆରମ୍ଭକୁ ସୂଚିତ କରୁଥିବାରୁ, କେରଳ ଓ ଏହାର ଚାଳକଙ୍କ ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିବା ପାଇଁ ଏହାଠାରୁ ଭଲ ସ୍ଥାନ କିମ୍ବା ସମୟ ଆଉ କିଛି ହୋଇନପାରେ। ଜଣେ ଚାଳକ ଭାବେ କେରଳ ସବୁବେଳେ ମୋ ହୃଦୟର ନିକଟତର ରହିଆସିଛି ଏବଂ ଏହା ୟେଜ୍‌ଦିକୁ ମଧ୍ୟ ନିଜର କରିଛି। ଆମେ କେରଳରୁ ଭାରତ ପାଇଁ ୨୦୨୬ ରେଞ୍ଜର ଉନ୍ମୋଚନ କରିବ ଗର୍ବିତ କାରଣ ଆମେ ଆମର ବ୍ରାଣ୍ଡକୁ ଭାରତବ୍ୟାପୀ ଚାଳକମାନଙ୍କ ନିକଟତର କରିବା ଜାରି ରଖିଛୁ। ମୁଁ ନିଶ୍ଚିତ ଯେ, ଏହି ରାଇଡିଂ ପାରାଡାଇଜରେ ଆମ ଶ୍ରେଣୀରେ ଏକ ନମ୍ବର ମୋଟରସାଇକେଲ ବ୍ରାଣ୍ଡରେ ପରିଣତ ହେବୁ। ଏକ ଦୁଇଚକିଆ ବ୍ରାଣ୍ଡ ଭାବେ ସମ୍ଭବତଃ ଆମେ କେରଳରେ ଏକ ଜାତୀୟ ଲଂଚ୍ କରିଥିବା ପ୍ରଥମ କମ୍ପାନୀ। କମ୍ପାନୀର ଏହି ରେଞ୍ଜରେ ସବୁଠାରୁ ଆଗରେ ରହିଛି ୟେଲୋ ଫାଲକନ ଆଡ୍?ଭେଂଚର ଯେଉଁଥିରେ କ୍ରସ-ସ୍ପୋକ୍ ହ୍ୱିଲସର ବ୍ୟବହାର କରାଯାଇଛି। ଏହା ଏକ ସ୍ୱତନ୍ତ୍ର ଗ୍ରେ ଓ ୟେଲୋ କଲର ସହ ସିଗ୍ନେଚର ଡେକାଲର ଶୁଭାରମ୍ଭ କରିଛି। ଏହାର ନୂଆ ହ୍ୱିଲ ବିକଳ୍ପ ୟେଜ୍‌ଦି ଆଡ୍‌ଭେଂଚର ରେଞ୍ଜରେ ଉପଲବ୍ଧ ହେବ। ଗ୍ରୀନ ମାମ୍ବା ରୋଡଷ୍ଟର ଏକ ସ୍ୱତନ୍ତ୍ର ମ୍ୟାଟ ଗ୍ରୀନ ଫିନିଶ ରହିଛି ଯାହା ଏକ କ୍ୱିଲ୍‌ଟେଡ ଆରାବିକା-ବ୍ରାଉନ ସିଟ୍ ଓ ସିଗ୍ନେଚର କପର ଡେକାଲ୍‌ସ ଦ୍ୱାରା ପରିପୂର୍ଣ୍ଣ ହୋଇଛି। ଏହା ରୋଡ୍‌ଷ୍ଟରର ୩୩୪-ସିସି ଲିକ୍ୱିଡ-କୁଲ୍‌ଡ ଆଲ୍‌ଫା୨ ଇଞ୍ଜିନ, ୬-ସ୍ପିଡ ଗିୟରବକ୍ସ, ଆସିଷ୍ଟ-ଆଣ୍ଡ-ସ୍ଲିପର କ୍ଲଚ ଓ ମଡ୍ୟୁଲାର ସିଟିଂକୁ ବଜାୟ ରଖିଛି। ସେହିପରି ଗ୍ରେ ପାନ୍ଥର ସ୍କ୍ରାମ୍ବଲରରେ ରିବ୍‌ଡ ଆରାବିକା ବ୍ରାଉନ ସିଟ୍ ଓ ମ୍ୟାଚିଂ ଟ୍ୟାଙ୍କ ପ୍ୟାଡ୍ ସହିତ ଏକ ବିଳାସପୂର୍ଣ୍ଣ ମେଟାଲିକ ଗ୍ରେ ଫିନିଶ୍ ରହିଛି ଏବଂ ଏହା ୩୩୪-ସିସି ଲିକ୍ୱିଡ-କୁଲ୍‌ଡ କତାର ଇଞ୍ଜିନ ରହିଛି।





# ବନ୍ଧ ନିର୍ମାଣ ହେଲା ତଥାପି ବୈତରଣୀ, କାଣୀରେ ୨୦ ଘାଇ



**ଦଶରଥପୁର(ଅମୃତ ମିଡିଆ):** ବୈତରଣୀ ଓ ଶାଖା କାଣୀନଦୀ ଦଶରଥପୁର ବ୍ଲକ୍‌ବାସୀଙ୍କ ଦୁଃଖର କାରଣ ପାଲଟିଛି। ଗତ ୧୨ ବର୍ଷ ମଧ୍ୟରେ ଏହି ଦୁଇ ନଦୀରେ ୨୦ଟି ଘାଇ ହୋଇଛି। ବୈତରଣୀ ନଦୀରେ ୧୭ଟି ଘାଇ ହୋଇଥିବା ବେଳେ କାଣୀ ନଦୀରେ ୩ଟି ଘାଇ ସୃଷ୍ଟି ହୋଇଛି। ଶହ ଶହ ଲୋକଙ୍କ ଘର, ଚାଷବାସ ଉଜାଡ଼ିଛି। ବନ୍ୟାରେ ଭାସିଯାଇ ୧୪ ଜଣଙ୍କର ଜୀବନହାନି ଘଟିଛି। ପ୍ରତିବର୍ଷ ବନ୍ୟା କାରଣରୁ ହଜାର ହଜାର ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇଛି, ଯଦିଓ ବନ୍ୟା ନିରାକରଣ ପାଇଁ ସରକାର ଅର୍ଥର ଅଭାବ ରଖିନାହାନ୍ତି। ଏକ ଆକଳନ ଅନୁସାରେ କେବଳ ଦଶରଥପୁର ବ୍ଲକ୍ ଅଞ୍ଚଳରେ ଉଭୟ ନଦୀରେ ବନ୍ଧ ନିର୍ମାଣ, ବନ୍ଧ ସମ୍ପ୍ରସାରଣ, ବାଲିବସ୍ତା, ପଥର ପ୍ୟାକିଂ, ଗାର୍ଡୱାଲ୍, ବନ୍ଧ ମରାମତି ଆଦି କାର୍ଯ୍ୟରେ ପାଣି ଭଳି ଟଙ୍କା ବୁହାଯାଇଛି। ଏ ବାବଦରେ ଜଳସଂପଦ ବିଭାଗ ପାଖାପାଖି ୬୦୦ କୋଟି ଟଙ୍କା ଏହି ୧୨ ବର୍ଷ ଭିତରେ ଖର୍ଚ୍ଚ କରିଛି। ତେବେ ବିପୁଳ ଖର୍ଚ୍ଚ ସତ୍ତ୍ୱେ ସାମାନ୍ୟ ବର୍ଷାରେ ବନ୍ଧ ଧୋଇଯିବା ଏବଂ ବନ୍ୟାରେ ଏକାଧିକ ଜାଗାରେ ଘଳିଆ ସୃଷ୍ଟି ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ନିମ୍ନମାନର ନିର୍ମାଣ କାର୍ଯ୍ୟ କରି ସରକାରୀ ତହବିଲରୁ ଅର୍ଥ ହରିଲୁଟ କରିବା ଏଥିରୁ ସ୍ପଷ୍ଟ। ନିର୍ମାଣ କାମରେ ଠିକାଦାର, ଯନ୍ତ୍ରୀ ଲାଭବାନ ହେଉଥିବା ବେଳେ ସାଧାରଣ ଜନତା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟଜନିତ ସମସ୍ୟା ଭିତରେ ଛନ୍ଦି ହୋଇ ହନ୍ତସନ୍ତ ହେଉଛନ୍ତି। ସୂଚନା ଅନୁସାରେ, ୨୦୨୬ ଜୁଲାଇ ୨୯ରେ ତରପଦା ପଞ୍ଚାୟତ ଡୋଭାବିଲରେ ୧୦୦ ଫୁଟ, ପାଟଣାଠାରେ ୮୦ ଫୁଟର ୨ଟି ଘାଇ, ୨୦୨୬ ଜୁଲାଇ ୬ରେ କଣ୍ଟପଡ଼ାଠାରେ ୮୦ ଫୁଟ ଓ ୪୦ ଫୁଟର ଦୁଇଟି ଘାଇ ହୋଇଛି। ସେହିଭଳି ୨୦୨୫ ଅଗଷ୍ଟ ୨୪ରେ କସପା ପଞ୍ଚାୟତ ଅହିୟାସ ଦରଘା ନିକଟରେ ୧୭୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ୨୦୨୩ ଜୁଲାଇ ୧୭ରେ କଣ୍ଟପଡ଼ାଠାରେ ୫୦ ଫୁଟର ଘାଇ, କଷପା ପଞ୍ଚାୟତ ବ୍ରହ୍ମଚାରୀପାଟଣାରେ ୧୫ ଅଗଷ୍ଟ ୨୦୨୨ରେ ୧୫୦ ଫୁଟର ଘାଇ, ୨୦୨୧ରେ କଷପା ପଞ୍ଚାୟତ ପଲ୍ଲୀସାହିଠାରେ ୫୦ ଫୁଟ ଘାଇ, କଣ୍ଟପଡ଼ାଠାରେ ୩ଟି ଘାଇ, ୨୨ ଅଗଷ୍ଟ ୨୦୨୦ରେ ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡ଼ାଠାରେ ୫୦ ଫୁଟର ଘାଇ, ୮ ସେପ୍ଟେମ୍ବର ୨୦୧୯ରେ କଣ୍ଟପଡ଼ାରେ ୫୦ ଫୁଟର ଘାଇ, ୨୪ ଜୁଲାଇ ୨୦୧୮ରେ କଣ୍ଟପଡ଼ାରେ ଘାଇ, ୨୯ ଜୁଲାଇ ୨୦୧୫ରେ କଷପା ପଞ୍ଚାୟତ ପଞ୍ଚପଡ଼ାରେ ୮୦ ଫୁଟ ଓ କଣ୍ଟପଡ଼ାରେ ୪୦ ଫୁଟର ଘାଇ, ୨୦୧୪ରେ ମଧ କଣ୍ଟପଡ଼ାରେ ୪୦ ଫୁଟର ଘାଇ ଏବଂ ୨୦୧୧ରେ କଷାପା ପଞ୍ଚାୟତ ବ୍ରହ୍ମଚାରୀପାଟଣାରେ ୧୫୦ ଫୁଟର ଘାଇ ହୋଇଥିଲା। ସେହିପରି ବୈତରଣୀ ନଦୀର ଜୟନ୍ତରା ମହାପାତ୍ର ସାହି ଘେରିବନ୍ଧରେ ୧୦୦ ଫୁଟର ଘାଇ, ଦଉପୁରଠାରେ ୨୭ ଅଗଷ୍ଟ ୨୦୨୦ରେ ୩୦୦ ଫୁଟର ଘାଇ, ୨୨ ଜୁଲାଇ ୨୦୧୪ରେ ବୈତରଣୀ ନଦୀର ଦଶରଥପୁର ପଞ୍ଚାୟତ ପାଟପୁରଠାରେ ପ୍ରାୟ ୨ ହଜାର ଫୁଟର ଘାଇ ହୋଇଥିଲା। ବୈତରଣୀ ଓ କାଣୀନଦୀରେ ଘାଇ ହେବା ଫଳରେ ଜୟନ୍ତରା, କଟିକଟା, କଷପା, ତରପଦା, ମଲ୍ଲିକାପୁର, ଛଚିଣା, କନିକାପଡ଼ା, ଦୁଦୁରାଅନ୍ତା, ଦଉପୁର, ନିଜାମପୁର, ଶୁଶୁଆ, ମଙ୍ଗଳପୁର, ଖାନନଗର, କମାରଡିହି, କୟାଁ, ଥାଲକୁଡ଼ି, ବିରିପଟା, ପାଲଟପୁର, ଜାଫରପୁର ଆଦି ପଞ୍ଚାୟତ ବାରମ୍ବାର ପ୍ରଭାବିତ ହୋଇ ଚାଷବାସ, ଧନଜୀବନ ନଷ୍ଟ ହେଉଛି। ବନ୍ଧ ସୁରକ୍ଷା ନାଁରେ ଏତେ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଜଳସଂପଦ ବିଭାଗର ନିର୍ମାଣ କାମର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

## ମଣିଷ ଓ କଲରାପତରିଆ ମଧ୍ୟରେ ଲଢ଼େଇ

# ବାଘକୁ ମାରି ନିଜ ଜୀବନ ବଞ୍ଚାଇଲେ, ୨ ଜଣ ଗୁରୁତର



**ଉମରକୋଟ(ଅମୃତ ମିଡିଆ):** ବାଘ- ମଣିଷ ଲଢ଼େଇରେ ଆଖିବୁଜିଲା କଲରାପତରିଆ। ଏଭଳି ଚାଞ୍ଚଲ୍ୟକର ଘଟଣା ଛତିଶଗଡ଼ ଧମତରୀ ଜିଲ୍ଲାରେ ଘଟିଛି। ବିଳମ୍ବିତ ରାତିରେ ଘରେ କଲରାପତରିଆ ବାଘ ପଶି ଆକ୍ରମଣ କରିଥିଲା। ଘର ଭିତରେ ବାଘ ସହ ମଣିଷ ମଧ୍ୟ ଜୋରାଦାର ଲଢ଼େଇ ହୋଇଥିଲା। ଲଢ଼େଇରେ କଲରାପତରିଆ ବାଘର ମୃତ୍ୟୁ ଘଟିଛି। ବାଘ ଆକ୍ରମଣରେ ୨ଜଣ ଗ୍ରାମବାସୀ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବନ ବିଭାଗ ଟିମ୍ ପହଞ୍ଚି କଲରାପତରିଆର ମୃତଦେହ ଉଦ୍ଧାର କରିଛି। ମୃତଦେହ ଜବତ ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଧମତରୀ ଜିଲ୍ଲାର ନଗରୀ ଅଞ୍ଚଳ କର୍ରାଘାଟି ଗାଁରେ ଶନିବାର ରାତି ପ୍ରାୟ ଗୋଟାଏ ବେଳେ ଅଞ୍ଜୋର ସିଂହଙ୍କ ଘରେ ହଠାତ୍ ଏକ କଲରାପତରିଆ ପଶିଯାଇଥିଲା। ଘର ବାଘକୁ ଦେଖି ପରିବାର ଲୋକ ଭୟଭୀତ ହୋଇ ବାହାରକୁ ଦୌଡ଼ିଥିଲେ। ଏହି ସମୟରେ କଲରାପତରିଆ ଆକ୍ରମଣ କରିବାରୁ ଘର ଭିତରେ ଆତଙ୍କ ଖେଳିଯାଇଥିଲା। ପରିବାର ଲୋକଙ୍କ ଚିତ୍କାର ଶୁଣି ପଡ଼ୋଶୀ ଦୁଇ ଜଣ ସହାୟତା ପାଇଁ ପହଞ୍ଚିଯାଇଥିଲେ। ସେମାନେ କଲରାପତରିଆ ବାହାରିଯାଇଥିବା ଭାବି ଘର ଭିତରକୁ ପଶିଥିଲେ। କିନ୍ତୁ କଲରାପତରିଆ ସେଠାରେ ହିଁ ଲୁଚି ରହିଥିଲା। ହଠାତ୍ ସେ ଉଭୟଙ୍କ ଉପରେ ଆକ୍ରମଣ କରିଥିଲା। ଦୀର୍ଘ ସମୟ ଧରି ମଣିଷ ଓ ବାଘ ମଧ୍ୟରେ ଚାଲିଥିଲା ସଂଘର୍ଷ। ଏଥିରେ ଦୁଇ ଜଣ ଗ୍ରାମବାସୀ ଆହତ ହୋଇଛନ୍ତି। ସଂଘର୍ଷରେ ବାଘର ମୃତ୍ୟୁ ଘଟିଛି। ଆହତ ଦୁଇ ଜଣଙ୍କୁ ତୁରନ୍ତ ନଗରୀ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ରବିବାର ସକାଳେ ବନ ବିଭାଗର ଟିମ୍ ପହଞ୍ଚି କଲରାପତରିଆକୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ପ୍ରାଥମିକ ତଦନ୍ତରୁ ମଣିଷ ଓ କଲରାପତରିଆ ମଧ୍ୟରେ ହୋଇଥିବା ସଂଘର୍ଷରେ ବାଘର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ବନ ବିଭାଗ SDO ସଞ୍ଜୟ ରାଉତିଆ କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ଆହତମାନଙ୍କୁ ବିଭାଗ ପକ୍ଷରୁ ନିୟମ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କଲରାପତରିଆ ବାଘ ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ। ଜଙ୍ଗଲ ନିକଟବର୍ତ୍ତୀ ଗାଁ ଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ, ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ଜୁଆଆଡ୍ଡାରେ ପୋଲିସ ଚଢ଼ଉ ବେଳେ ପୋଲିସ ଅଧିକାରୀଙ୍କୁ ଆକ୍ରମଣ




**ଦିଗପହଣ୍ଡି(ଅମୃତ ମିଡିଆ):** ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଏସ.ଆଇ ରାଜ କିଶୋର ପାତ୍ର ସଦଳବଳେ ଲଙ୍ଗଳ ଦେଇ, ଅନନ୍ତେଇ ଇଲାକାରେ ଶୁକ୍ରବାର ସାନ୍ଧ୍ୟକାଳୀନ ପାଟ୍ରୋଲିଂ ସାରି ଫେରୁଥିବା ବେଳେ ରାତି ପ୍ରାୟ ୮ ଟାରେ ମା ' ମହୁରୀ କାଳୁଆ ମନ୍ଦିର ନିକଟ ରେ ଜୁଆ ଆଡ୍ଡା ଚାଲିଥିବା ଖବର ପାଇଥିଲେ। ଥାନା ଏସ.ଆଇ ଏନେଇ ଆଇଆଇସି କିଶୋର କୁମାର ସାମଲଙ୍କୁ ଘଟଣା ଜଣାଇଥିଲେ। ଜୁଆ ଆଡ୍ଡାରେ ଚଢାଉ ପାଇଁ ଅନୁମତି ମିଳିବା ପରେ ପୋଲିସ ଟିମ୍ ଉକ୍ତ ଜୁଆ ଆଡ୍ଡାରେ ଚଢାଉ କରିଥିଲେ। ସେଠାରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଜୁଆ ଖେଳୁଥିଲେ। ପୋଲିସ ଟିମ୍ ୬ ଜଣଙ୍କୁ ଧରି ଥିବା ବେଳେ ଅନ୍ୟମାନେ ଏସ.ଆଇ ଓ ଅନ୍ୟ ପୋଲିସ କର୍ମଚାରୀ ମାନଙ୍କୁ ହତ୍ୟା ଉଦ୍ୟମ କରି ଧକ୍କା ମାରି ଅନ୍ଧାର ରାତିର ସୁଯୋଗ ନେଇ ଦୌଡ଼ି ପଳାଇଥିଲେ। ପୋଲିସ ସେଠାରୁ ୪୭,୩୫୦ ଟଙ୍କା, ୧୧ ଟି ବାଇକ,ତାସ ମୁଠା, ଜରିପାଲ ଜବତ କରିଥିଲେ। ଏନେଇ ଥାନା ଏସ.ଆଇ ଥାନାରେ ଏତଲା ଦେବାପରେ ଆଇଆଇସି ମାମଲା ନଂ.୩୧୨/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଗିରଫ ୬ ଅଭିଯୁକ୍ତଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନଏସଏସ) ର ଧାରା – ୩୫(୩) ଅନୁଯାୟୀ ନୋଟିସ ଦେଇ କୋର୍ଟ ରେ ହାଜର ହେବାକୁ ସର୍ତ୍ତରେ ଛଡାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ମନୋଜ ସିଂ କହିଛନ୍ତି।

# ଲଗାଣ ବର୍ଷାରେ ଭୁଶୁଡିଲା କାନ୍ଥ, ବୃଦ୍ଧ-ବୃଦ୍ଧା ଗୁରୁତର

**ଉଲୁଣ୍ଡା(ଅମୃତ ମିଡିଆ):** ସୁବର୍ଣ୍ଣପୁରରେ ବର୍ଷା ବିପ୍ଳାତ। ଲଗାଣ ବର୍ଷାରେ କାନ୍ଥ ଭୁଶୁଡି ବୃଦ୍ଧ ଗୁରୁତର। ଆହତ ବୃଦ୍ଧ ଜଣଙ୍କ ହେଲେ ଉଲୁଣ୍ଡା ବ୍ଲକ ନାୟକପଡା ଗାଁର ସଦାନନ୍ଦ ନାୟକ । ସେ ଆଜି ଘରେ ଥିବା ବେଳେ ହଠାତ ଘର କାନ୍ଥ ତାଙ୍କ ଉପରେ ପଡିଯାଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି । ସୋନପୁର ଡାକ୍ତରଖାନରେ ଆହତ ଚିକିତ୍ସାଧିନ ଅଛନ୍ତି । ସେହିଭଳି ଉଲୁଣ୍ଡା ବ୍ଲକ ମୁଣ୍ଡଘାଟ ଗାଁରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଛି । କାନ୍ଥ ଭୁଶୁଡି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି । ଗୁରୁତର ଜଣଙ୍କ ହେଲେ ଶୈଳସୁତା ପାଢୀ । ଖବର ପାଇ ସୋନପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରିବା ସହ ସୋନପୁର ଡାକ୍ତରଖାନରେ ଭର୍ତ୍ତି କରିଛନ୍ତି । ବୃଦ୍ଧା ଜଣକ ସେଠାରେ ଚିକିତ୍ସାଧିନ ଅଛନ୍ତି ।



# ସାଳନ୍ଦୀ ବନ୍ୟା ଜଳରେ ରାନୁଆଲିବିନ୍ଧା ଗାଁ

**ଭଦ୍ରକ(ଅମୃତ ମିଡିଆ):**ସାଳନ୍ଦୀ ବନ୍ୟା ଜଳରେ ବୁଡ଼ିଛି ରାନୁଆଲିବିନ୍ଧା ଗାଁ। ବିପନ୍ନ ଗାଁ ଲୋକଙ୍କ ଘରେ ପଶିଛି ବନ୍ୟା ଜଳ। ସବୁ ଆଡେ ଜଳମୟ । ଆଜି ସକାଳେ ସମ୍ବାଦ ଟିମ ପହଞ୍ଚିଥିଲା ରାନୁଆଲିବିନ୍ଧା ଗାଁରେ । ଘରେ ବାହାରେ ସବୁଠି ଜଳମଗ୍ନ ହୋଇରହିଛି। ସାଳନ୍ଦୀର ଜଳସ୍ତର ଏବେ କମିଯାଇଛି। କିନ୍ତୁ ଲୋକଙ୍କୁ ଦେଇ ଯାଇଛି ଅସହ୍ୟ ଦୁଃଖ ଆଉ ଯନ୍ତ୍ରଣା। ଚାଷ ଗଲା, ବସଗୃହ ବି ଗଲା। ଏବେ ବେସାହାରା ହୋଇ ଗାଁରେ ପଡ଼ି ରହିଛନ୍ତି ଗ୍ରାମବାସୀ। ରନ୍ଧା ଖାଦ୍ୟ ସମୁଦ୍ରକୁ ଶଙ୍ଖେ। ଶୁଖିଲା ଖାଦ୍ୟ ସଠିକ୍ ଭାବରେ ମିଳୁନି। ଏଭଳି ଅସୁବିଧାରେ ଅଛନ୍ତି ରାନୁଆଲିବିନ୍ଧା ଗାଁର ବାସିନ୍ଦା। ପ୍ରଶାସନ ଠିକ୍ ଭାବରେ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ ।

# ଘାସ, ଲତାରେ ଲୁଚିଗଲାଣି ୨ ମହଲା ପାଠାଗାର

**ବଉଳା(ଅମୃତ ମିଡିଆ):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ପଞ୍ଚାୟତ ମଠଡାହିଠାରେ ନିର୍ମିତ ବ୍ଲକ୍‌ସ୍ତରୀୟ ପାଠାଗାର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଘାସ, ଲତାରେ ୨ ମହଲା କୋଠା ଲୁଚିଗଲାଣି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ପାଠାଗାର ନିର୍ମାଣ ହୋଇଥିଲା ତାହା ସାଧିତ ହେଉନାହିଁ। ଏଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପ୍ରକାଶ ଯେ, ପୂର୍ତ୍ତ ବିଭାଗ ପକ୍ଷରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପାଠାଗାର ନିର୍ମାଣ ହୋଇଥିଲା। ଏହା ଯୁବତୀଯୁବକଙ୍କ ଶିକ୍ଷାଦାନ ପାଇଁ ସହାୟକ ହେବା ସହିତ ବୃଦ୍ଧିଜୀବୀ ଓ ଶିକ୍ଷାବିତ୍ ମଧ୍ୟ ବିଭିନ୍ନ ପୁସ୍ତକ ପଢ଼ିବାର ସୁବିଧା ପାଇବେ



ବୋଲି ଆଶା କରାଯାଇଥିଲା। କିନ୍ତୁ ଘର କାର୍ଯ୍ୟ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ସରିଥିଲେ ହେଁ କାର୍ଯ୍ୟକ୍ଷମ ହେଉନାହିଁ। ଗୃହଟି ପାଠାଗାର ସହ ବହୁମୁଖୀ କାର୍ଯ୍ୟକ୍ରମରେ ସାମିଲହେବା ନେଇ ଆଶା କରାଯାଉଥିଲା। ଗୃହଟି ବ୍ୟବହାର କରାଯାଉ ନ ଥିବାରୁ ନଷ୍ଟହେବା ଆଶଙ୍କା ଦେଖାଦେଇଛି। ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଚାରିପାର୍ଶ୍ୱ ଓ ପରିସର ମଧ୍ୟରେ ଘାସ, ଲତା ଉଠି ଗୃହର ସୌନ୍ଦର୍ଯ୍ୟ ନଷ୍ଟ ହେବାକୁ ବସିଲାଣି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ନିର୍ମିତ ଗୃହକୁ କାର୍ଯ୍ୟକ୍ଷମ କରିବାକୁ ବୃଦ୍ଧିଜୀବୀ ମହଲରେ ଦାବି ହୋଇଛି। ହାଟଡ଼ିହୀ ବିଡିଓ ରଞ୍ଜନ ପରିଡ଼ାଙ୍କୁ ପଚାରିବାରୁ ଗୃହ ସମ୍ପର୍କରେ ଅବଗତ ଅଛନ୍ତି। ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ।

# ୪୫୩ ନିଶା ଇଞ୍ଜେକ୍ସନ୍ ଜବତ, ୪ ଗିରଫ



**କୋରାପୁଟ(ଅମୃତ ମିଡିଆ) :** କୋରାପୁଟରେ ନିଶା ରାକେଟ୍‌ର ନୂଆ ଠିକଣା। ୪୫୩ ନିଶା ଇଞ୍ଜେକ୍ସନ୍ ଜବତ, ୪ ଜଣ ଗିରଫ। ସେମିଳିଗୁଡ଼ା ପୋଲିସକୁ ମିଳିଛି ବଡ଼ ସଫଳତା। ଗେରୁଗୁଡ଼ା ସ୍ଥିତ ଭୈରବୀ ମନ୍ଦିର ନିକଟରେ ବେଆଇନ ଭାବେ ନିଶା ଇଞ୍ଜେକ୍ସନ୍ କାରବାର ଚାଲିଥିବା ସୂଚନା ପାଇ ଚଢ଼ାଉ କରିଥିଲା ପୋଲିସ। ଘଟଣାସ୍ଥଳରୁ ୪ ଜଣଙ୍କୁ କାବୁ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ୪୫୩ଟି ନିଶା ଇଞ୍ଜେକ୍ସନ୍ ଆମ୍ପୁଲ୍ ଜବତ କରାଯାଇଛି। ସେଥିରେ ୩୦୨ଟି ପେଣ୍ଟାଜୋସିନ୍ ଓ ୧୫୧ଟି ଟ୍ରାମାଡୋଲ୍ ଇଞ୍ଜେକ୍ସନ୍ ରହିଛି। ଏହାସହ ଏକ ଟ୍ରାଇବର୍ କାର୍, ୪ଟି ମୋବାଇଲ୍ ଫୋନ୍ ଓ ୭ ହଜାର ୫୦୦ ଟଙ୍କା ମଧ୍ୟ ଜବତ କରାଯାଇଛି। ଗିରଫ ହୋଇଥିବା ଚାରି ଅଭିଯୁକ୍ତଙ୍କ ବିରୋଧରେ ସେମିଳିଗୁଡ଼ା ଥାନାରେ ଏନ୍ ଡିପିଏସ୍ ଆଇନରେ ମାମଲା ରୁଜୁ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ନିଶା କାରବାରରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ତଦନ୍ତ ଜାରି ରଖିଛି।

# ପିକ୍‌ଅପ ଧକ୍କାରେ ସାଇକେଲ ଆରୋହୀ ମୃତ

**ଦିଗପହଣ୍ଡି(ଅମୃତ ମିଡିଆ):** ଗଞ୍ଜାମ ଜିଲା ଦିଗପହଣ୍ଡି – ବ୍ରହ୍ମପୁର ୧୭ ନଂ ରାଜ୍ୟ ରାଜପଥର ଗୋକର୍ଣ୍ଣପୁର ଗ୍ରାମ ଶିବାନନ୍ଦ ଆଶ୍ରମ ନିକଟରେ ଏକ ମହିନ୍ଦ୍ରା ପିକ୍‌ଅପ ଭ୍ୟାନ ନଂ.( ଓଡି୦୭ ବିଏଫ ୨୦୩୯) ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଦିଗପହଣ୍ଡି ବ୍ଲକ କୁଶପଡ଼ା ଗ୍ରାମର ବି . ବାଳକୃଷ୍ଣ ଦୋରା (୩୬) ସନ୍ଧ୍ୟା ପ୍ରାୟ ସାଢେ ୭ ଟାରେ ବାଳକୃଷ୍ଣ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଦିଗପହଣ୍ଡିରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ପିକ୍‌ଅପ ଭ୍ୟାନଟି ତାଙ୍କୁ ଧକ୍କା ଦେଇଥିଲା । ଖବର ପାଇ ଦିଗପହଣ୍ଡି ପୋଲିସ ଟିମ୍ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ବାଳକୃଷ୍ଣ କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଥିବା ବେଳେ ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ଜବତ କରିଛନ୍ତି ।ରାତି ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ କରାଯାଇନାହିଁ । ଶନିବାର ସକାଳେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ବାବା ଧବଳେଶ୍ୱରଙ୍କ ପୀଠରେ ଜଳଲାଗିକୁ ନେଇ ଦ୍ୱନ୍ଦ୍ୱ

**ଆଠଗଡ଼(ଅମୃତ ମିଡିଆ):** ଶ୍ରାବଣର ପ୍ରଥମ ସୋମବାରରେ ବାବା ଧବଳେଶ୍ୱରଙ୍କ ପୀଠରେ ଜଳ ଲାଗିକୁ ନେଇ ଦ୍ୱନ୍ଦ୍ୱ । ମହାନଦୀରେ ବନ୍ୟା ପାଇଁ ଦର୍ଶନ ଓ ଜଳଲାଗି ଉପରେ ଲାଗିଛି କଟକଣା।ଧବଳେଶ୍ୱର ପୀଠକୁ ନଯିବା ଲାଗି ଭକ୍ତଙ୍କୁ ବାରଣ । ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଏଭଳି କଟକଣା ବଳବତ୍ତର ରହିବ ବୋଲି କଟକ ଜିଲ୍ଲା ପ୍ରଶାସନ କଟକଣା ଜାରି ହୋଇଥିଲା। କଟକଣା ପାଇଁ ଦ୍ୱନ୍ଦ୍ୱ ହଜାର ହଜାର କାଉଡ଼ିଆ। କାଲି ବାବା ଧବଳେଶ୍ୱରଙ୍କୁ କେମିତି କରିବେ ଜଳଲାଗି। କାଉଡ଼ିଆଙ୍କ ସହ ଶ୍ରଦ୍ଧାଳୁ ଓ ମନ୍ଦିର ପୂଜକ ସମାଜ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଜଳଲାଗି ଓ ଦର୍ଶନ ସମ୍ପର୍କରେ ପ୍ରଶାସନର ପରବର୍ତ୍ତୀ ନିଷ୍ପତ୍ତିକୁ ସମସ୍ତେ ଅପେକ୍ଷା କରିଛନ୍ତି। ସୂଚନା ଅନୁଯାୟୀ, ମହାନଦୀରେ ବନ୍ୟା ସ୍ଥିତି ଯୋଗୁଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ୩ ତାରିଖ ଯାଏ କଟକଣା ଜାରି ହୋଇଥିଲା। ଫଳରେ ଆଠଗଡ଼ ବାବା ଧବଳେଶ୍ୱର ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାରର ଜଳଲାଗିକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ରାତି ପାହିଲେ ଶ୍ରାବଣର ପ୍ରଥମ ସୋମବାର ଥିବାରୁ ବନ୍ୟା ପରିସ୍ଥିତି ଓ ପ୍ରଶାସନିକ କଟକଣା କାରଣରୁ କାଉଡ଼ିଆ, ଶ୍ରଦ୍ଧାଳୁ ଓ ପୂଜକ ସମାଜ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଜଳଲାଗି ଓ ଦର୍ଶନ ସମ୍ପର୍କରେ ପ୍ରଶାସନର ପରବର୍ତ୍ତୀ ନିଷ୍ପତ୍ତିକୁ ସମସ୍ତେ ଅପେକ୍ଷା କରିଛନ୍ତି।



# ବନ୍ୟାଜଳ ଖସୁଛି, ହିଡ଼ମୁଣ୍ଡରେ ଚାଷୀ କାନ୍ଦୁଛି

**ବାଲେଶ୍ୱର(ଅମୃତ ମିଡିଆ):** 'ଲଗାଣ ବର୍ଷା ଓ ବନ୍ୟା ପାଇଁ ଦୁଇସପ୍ତାହ ଧରି ଧାନତଳି ପାଣିରେ ବୁଡ଼ି ରହିଲା। ଗତକାଲି ପାଣି ଛାଡ଼ିବା ପରେ ଆଜି ବିଲକୁ ଆସୁଛି। ବିଲରେ ଆଉ ତଳି ନାହିଁ। ଏବର୍ଷ ମୋ ଚାଷ ବୁଡ଼ିଲା। ଘରେ ବିହନ ବି ନାହିଁ। ଏବେ ବିହନ କେଉଁଠୁ ଆଣିବି। ମତେ କିଏ ସହାୟତା ଦେବ, ପିଲାଙ୍କ ମୁହଁରେ କିଏ ଆହାର ଦେବ।' ହିଡ଼ମୁଣ୍ଡରେ ବସି କୋହଭରା କଣ୍ଠରେ ଏମିତି କହିଛନ୍ତି ବାଲେଶ୍ୱର ଜିଲ୍ଲା ସଦର ବ୍ଲକ୍ ଗେଙ୍ଗୁଟି ପଞ୍ଚାୟତ ଅନ୍ତର୍ଗତ ପାଖରାସାଉଁର ପାଣୁଆ ସିଂ(୭୦)। ସେପଟେ, ପାଖଜମିରେ ପୁଣି ତଳି ପକାଇବାକୁ ପ୍ରସ୍ତୁତି କରୁଥିବା କହିଛନ୍ତି ସେହି ଗ୍ରାମର ଶ୍ୟାମସୁନ୍ଦର ସିଂ। ଚାଷକାର୍ଯ୍ୟ ଆରମ୍ଭରୁ ଅଚାନକ ବନ୍ୟା କାହା ମୁଣ୍ଡରେ ଚଢ଼କ ସଦୃଶ ହୋଇଥିବା ବେଳେ ଆଉ କିଏ ଏହି ବିପର୍ଯ୍ୟୟ ଭିତରୁ ମୁକୁଳି ପୁଣିଥରେ ଅଣ୍ଟା ସଳଖିବାକୁ ସଜବାଜ ହେଉଛି। 'ଗ୍ରାଉଣ୍ଡ ଜିରୋ'ରୁ ତଥ୍ୟ ସଂଗ୍ରହ ବେଳେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ବୁଢ଼ାବଳଙ୍ଗ, ଜଳକା ନଦୀ ବନ୍ୟାରେ ବାଲେଶ୍ୱର ଜିଲ୍ଲାର ସଦର ବ୍ଲକରେ ବ୍ୟାପକ



ଭାବେ ଧାନତଳି, ରୁଆଧାନ ନଷ୍ଟ ହୋଇଯାଇଛି। ବନ୍ୟାପାଣି କମୁଥିଲେ ମଧ୍ୟ ଚାଷୀମାନେ କେମିତି ଏହି ସମସ୍ୟାରୁ ମୁକୁଳିବେ, ବାଟ ପାଉନାହାନ୍ତି। କେବଳ ଗେଙ୍ଗୁଟି ନୁହେଁ, ପାଖ ଶାସଙ୍ଗ ପଞ୍ଚାୟତରେ ମଧ୍ୟ ସମାନ ଅବସ୍ଥା। ଏହି ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପାଟଣାର ବସନ୍ତ ବେହେରା କହିଛନ୍ତି, ତାଙ୍କର ଦୁଇଟି କିଆରି ତଳି ନଷ୍ଟ ହୋଇଥିବା ବେଳେ ଆଉଥରେ ତଳି ପକାଇବାକୁ ବିହନ ନାହିଁ। ପୂର୍ବରୁ ଯେଉଁ ବିହନ ହଜାରେ ଟଙ୍କାରେ ମିଳୁଥିଲା, ଏବେ ବନ୍ୟା କାରଣରୁ ବ୍ୟବସାୟୀ ତା'ର ଦର ୧୫୦୦ ରୁ ୨୦୦୦ ଟଙ୍କା ବଢ଼ାଇ ଦେଇଛନ୍ତି। ବନ୍ୟା କାରଣରୁ ଚାଷୀକୁ ଏବେ ଚାଷ ପାଇଁ ଦୁଇଗୁଣା ଖର୍ଚ୍ଚ କରିବାକୁ ପଡ଼ିବ। ହାତରେ ବି ସମ୍ବଳ ନାହିଁ, ଏବର୍ଷ କେମିତି ଚାଷ କରିବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାରୀ ସୂଚନା ମୁତାବକ, ବାଲେଶ୍ୱର ସଦରରେ ୩୮୦ ହେକ୍ଟର ଜମିର ତଳି, ୧୧୦୦୦ ହେକ୍ଟରର ଧାନ ପାଣିରେ ବୁଡ଼ି ରହିଛି। ବାସ୍ତବ ଚିତ୍ର କହୁଛି, ଏହାଠାରୁ ଢେର ଅଧିକ ଧାନଜମି ପାଣିରେ ବୁଡ଼ି ରହିଥିବା ବେଳେ କେଉଁଠି ପଚି ନଷ୍ଟ ହୋଇଯାଇଛି ତ ଆଉ କେଉଁଠି ସୁଅରେ ଭାସି ଯାଇଛି। ଏବେ ପୁଣିଥରେ ମୂଳରୁ ଚାଷ ଆରମ୍ଭ କରିବାକୁ ଥିବାରୁ ପାରମ୍ପରିକ ବିହନ ବଦଳରେ ଉନ୍ନତ କିସମର ବିହନର ଆବଶ୍ୟକତା ରହିଛି ବୋଲି ଶାସଙ୍ଗର ବଡ଼ଚାଷୀ କାର୍ତ୍ତିକଚନ୍ଦ୍ର ମଲ୍ଲିକ କହିଛନ୍ତି। ୫୦ କେଜିର ତଳି ସେ ପକାଇଥିବା ବେଳେ ବୁଢ଼ାବଳଙ୍ଗ ବନ୍ୟା ସବୁ ଧୋଇ ନେଇଛି। ସେହିପରି ରସାଳପୁରରେ ସ୍ଥିତି ଗମ୍ଭୀର ଥିବା ଏବଂ ଏବେ ବି ସେଠାରେ ଚାଷଜମି ପାଣିରେ ବୁଡ଼ି ରହିଥିବା ଦେଖିବାକୁ ମିଳିଥିଲା। କାଳେ ପାଣି ଛାଡ଼ିଥିବ ଆଶାରେ ଚାଷୀ ବାରମ୍ବାର ଆସି ରାସ୍ତାରୁ ନିଜ ଜମିକୁ ଦେଖି ଫେରିଯାଉଛି। ଉକ୍ତ ପଞ୍ଚାୟତ ଭୀମପୁରର ଚାଷୀ ଲକ୍ଷ୍ମୀଧର ବେହେରା କହିଛନ୍ତି, '୮୦ କେଜି ତଳି ପକାଇଥିଲି। ତଳି ବାହାରି ଆସୁଥିବା ବେଳେ ସପ୍ତାହେ ହେଲାଣି ଜମି ବୁଡ଼ି ରହିଛି। ଜମିକୁ ଦେଖିଲେ ଆଖିରୁ ଲୁହ ଆସିଯାଉଛି।' ଚାଷୀ ରମେଶ ଚନ୍ଦ୍ର ରଣା, ପଞ୍ଚୁଆ ଦଳେଇ ମଧ୍ୟ ସମାନ କଥା କହିଛନ୍ତି। ବିହନ ସମସ୍ୟା ପ୍ରତି ପ୍ରଶାସନ ଧ୍ୟାନ ଦେବାକୁ ଦାବି କରିଛନ୍ତି।

# ୧୪ ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚାମ୍ପିୟନସିପ୍



























# ୧୪ ତମ ଜୁନିୟର ଓଡ଼ିଶା ରାଜ୍ୟ ଖୋ ଖୋ ଚାମ୍ପିୟନସିପ୍


































# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.105, Monday, 3 August 2026, Puri, Pages - 26, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୫, ସୋମବାର, ୩ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



